# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ (୧୨ ପୃଷ୍ଠା) Bhubaneswar, Monday, November 10/2025 Page 12 ₹ 7.00

୫୧ଶ ଭାଗ ୩୪୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 344 ମୂଲ୍ୟ ₹୭/-




## ପ୍ରମୋଦ ଭଗତଙ୍କୁ ସ୍ୱର୍ଣ୍ଣିମ ସଫଳତା

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

୧୨

୦୨

## ‘ମୁଁ ପୁରୁଷଙ୍କୁ ଈର୍ଷା କରେ’: ଟ୍ୱିଙ୍କଲ ଖାନ୍ନା

ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ‘ମେନୋପଜ’ ଉପରେ ଲେଖିଲା ବେଳେ ପୁରୁଷମାନଙ୍କୁ ଈର୍ଷା କରୁଥିବା ମଜାଳିଆ ଢଙ୍ଗରେ କହିଛନ୍ତି।



## ବଢୁଛି ଶୀତ, ୧୫ ଡିଗ୍ରୀ ତଳେ ୮ ସହର

ଭୁବନେଶ୍ୱର,୯।୧୧(ବନ୍ଦନା ସେଠୀ)

ରାଜ୍ୟକୁ ବିଳମ୍ବରେ ଶୀତ ଆସିଥିଲେ ମଧ୍ୟ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୮ ସହରର ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡିଠାରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ଛୁଇଁଥିବାବେଳେ ଝାରସୁଗୁଡା ୧୧.୭ ଡିଗ୍ରୀ, ଫୁଲବାଣୀ ୧୨ଡିଗ୍ରୀ, ରାଉରକେଲା ୧୩.୨ଡିଗ୍ରୀ, ଭଦ୍ରକ ୧୪ଡିଗ୍ରୀ ଏବଂ କୋରାପୁଟ, କେନ୍ଦୁଝରଗଡ଼ ଓ ଅନୁଗୋଳରେ ୧୪.୬ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨୪ ଘଣ୍ଟା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବା ନେଇ ଆଞ୍ଚଳିକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଆଗ ଆମେରିକା



ଐତିହାସିକ କଟକ ବାଲିଯାତ୍ରା ପଡ଼ିଆରେ ରବିବାର ଅପରାହ୍ନରେ ଦେଖାଯାଇଥିବା ଗହଳି। (ଫଟୋ: ରାଜକିଶୋର ମହାନ୍ତି)

## ସରିଲା ପ୍ରଚାର, ଏବେ ଗାଁ ନେତା ଭରସା

ନୂଆପଡ଼ା,୯।୧୧(ସୁନିତ୍ ମିଶ୍ର)

- ନିର୍ବାଚନମଣ୍ଡଳୀ ଛାଡ଼ିଲେ ବାହାର ନେତା, ମନ୍ତ୍ରୀ, ବିଧାୟକ
- ଅନ୍ଧାରି ବିଜେ ଉପରେ ନଜର ରଖିବ ଜିଲା ପ୍ରଶାସନ
- ଅସନ୍ତୁଷ୍ଟଙ୍କ କାର୍ଯ୍ୟକଳାପକୁ ନେଇ ଭାଲେଣି

ନୂଆପଡ଼ା ଉପନିର୍ବାଚନ ଲାଗି ଚାଲିଥିବା ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଶେଷ ହୋଇଛି। ମଙ୍ଗଳବାର ସକାଳେ ମତଦାନ ଆରମ୍ଭ ହେବାକୁ ଥିବାରୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଲଗାଯାଇଥିବା କଟକଣା ମୁତାବକ ସବୁ ଦଳ ସେମାନଙ୍କ ପ୍ରଚାର ବନ୍ଦ କରିଛନ୍ତି। ଏହି ଆସନକୁ ନିଜ ଦଖଲରେ ନେବା ଲାଗି ରାଜ୍ୟର ୩ ପ୍ରମୁଖ ଦଳ ଭାଜପା,ବିଜେଡି ଓ କଂଗ୍ରେସର ମାଳମାଳ ନେତାକର୍ମୀ ୧ ମାସ ଧରି ପକାଇଥିବା ଡେରା ଶେଷରେ ଉଠାଇଛନ୍ତି। ଏଣିକି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯାଇଥିବା ନେତାମାନେ ଆଉ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ☞ପୃଷ୍ଠା-୪

### ବିଜେଡି, କଂଗ୍ରେସ ନେତାଙ୍କ ଘରେ ଆଇଟି ଚଢ଼ାଉ

ନୂଆପଡ଼ା,୯।୧୧(ମକାରୁ ବେମାଲ)





ମନୋଜ ମିଶ୍ର, ଅଙ୍କିତ ସିଂଘାଇ

ନୂଆପଡ଼ା ଉପନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବରେ ପରିଚାଳନା କରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ କଡାକଡ଼ି କରାଯାଇଛି। ରବିବାର ବିଜେଡି ନେତା ମନୋଜ ମିଶ୍ର ଓ କଂଗ୍ରେସ ନେତା ଅଙ୍କିତ ସିଂଘାଇଙ୍କ ଘର ଉପରେ ଆୟକର (ଆଇଟି) ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। କୋମନାର ପୂର୍ବତନ ବ୍ଲକ ଅଧ୍ୟକ୍ଷ, ବିଜେଡି ପୂର୍ବତନ ଜିଲା ସଭାପତି ☞ପୃଷ୍ଠା-୪

# ରାଜ୍ୟ ବାହାରେ ଅସୁରକ୍ଷିତ ଓଡ଼ିଆ ଯୁବତୀ

**ରାଜ୍ୟ ବାହାରେ ଓଡ଼ିଶାର ଯୁବତୀ ଏବଂ ମହିଳାମାନେ ଏବେ ଅସୁରକ୍ଷିତ ହୋଇପଡ଼ିଛନ୍ତି । କେଉଁଠି ଗଣବଳାତ୍କାର ତ ଆଉ କେଉଁଠି ହତ୍ୟାର ଶିକାର ହେଉଛନ୍ତି । ପଶ୍ଚିମବଙ୍ଗରେ ଗତ ମାସରେ ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ନିକଟରେ ଉତ୍ତରାଖଣ୍ଡରେ ରାୟଗଡ଼ାର ଜଣେ ଓଡ଼ିଆ ଯୁବତୀଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି । ଏପରି କି ଗତ ମାସରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମାସକ ମଧ୍ୟରେ ୩ଟି ବର୍ବରତା ପରେ ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବିଶେଷକରି ଝିଅପିଲାଙ୍କୁ ବାହାରକୁ ଛାଡ଼ିବାକୁ ମା'ବାପାମାନେ ଏବେ ଅନିଚ୍ଛା ପ୍ରକାଶ କଲେଣି । ବାହାର ରାଜ୍ୟରେ ଯୁବତୀ ଏବଂ ମହିଳାଙ୍କ କିଛି ହେଲେ, ସେଠାରେ ପୋଲିସ ପୀଡ଼ିତାଙ୍କୁ ସୁରକ୍ଷା ଦେବାକୁ ଯେଉଁଭଳି ସହଯୋଗ କରିବା କଥା ତାହା ନ କରି ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ କରୁଛି, ଯାହା ପଶ୍ଚିମବଙ୍ଗ ଘଟଣାରେ ଦେଖିବାକୁ ମିଳିଥିଲା ବୋଲି ପୀଡ଼ିତାଙ୍କ ବାପା ଅଭିଯୋଗ ଆଣିଥିଲେ।**

ଭୁବନେଶ୍ୱର,୯।୧୧(ତ୍ରିନାଥ ମହାନ୍ତି)

- ମାସକରେ ୩ଜଣ ବଳାତ୍କାର ସହ ହତ୍ୟାର ଶିକାର
- ନ୍ୟାୟ ପାଇବାରେ ସହଯୋଗ କରୁନି ବାହାର ପୋଲିସ

ରାୟଗଡ଼ା ଜିଲାର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ଗତ ୫ତାରିଖରେ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଯୁବତୀଙ୍କୁ ତଣ୍ଟିଚିପି ହତ୍ୟା କରିବା ପରେ ବାଇକ୍‌ରେ ନେଇ ଦେହରେ ପଥର ବାନ୍ଧି ନଦୀକୁ ଫିଙ୍ଗି ଦେଇଥିଲେ ଅଭିଯୁକ୍ତ। ୬ମାସ ହେଲା ଉକ୍ତ ଯୁବତୀଜଣଙ୍କ ଉତ୍ତରାଖଣ୍ଡ ଲାଲ୍‌ପୁରରେ ଏକ ଘରଭଡ଼ା ନେଇ ରହିବା ସହ ସେଠାକାର ଏକ କମ୍ପାନୀରେ ଇଣ୍ଟର୍ନସିପ୍ କରୁଥିଲେ। ଯୁବତୀଙ୍କୁ ଘର ମାଲିକଙ୍କ ପୁଅ ଏବଂ ତାଙ୍କ ସାଙ୍ଗମାନେ ଗଣବଳାତ୍କାର କରି ହତ୍ୟା କରିଥିଲେ। ସେହିପରି ଗତ ଅକ୍ଟୋବର ୧୭ରେ ହାଇଦ୍ରାବାଦରେ ଜଣେ ଓଡ଼ିଆ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ମହିଳା ଜଣଙ୍କ ଘର ଭରତପୁର ଥାନା ଅଞ୍ଚଳରେ ହୋଇଥିବାବେଳେ ପରିବାର ଋଣ ଶୁଝିବା ପାଇଁ ସ୍ୱାମୀ ଏବଂ ଛୋଟ ଛୁଆକୁ ଧରି ହାଇଦ୍ରାବାଦ ଯାଇଥିଲେ। ସେଠାରେ କମ୍ପାନୀରେ ରହି ଶ୍ରମିକଙ୍କ ଛୋଟ ପିଲାଙ୍କୁ ମହିଳା ପାଠ ପଢ଼ାଉଥିଲେ। ହେଲେ ସ୍ୱାମୀ ପାସ୍‌ପୋର୍ଟ କରିବା ପାଇଁ ଭୁବନେଶ୍ୱର ଆସିଥିବା ବେଳେ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ☞ପୃଷ୍ଠା-୪

## ଦିନକ ପରେ ୧୨୨ ଆସନରେ ଭୋଟ

ପାଟନା/ନୂଆଦିଲ୍ଲୀ,୯।୧୧

**ବିହାର ପ୍ରଚାର ଶେଷ**

ବିହାର ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରଚାର ରବିବାର ସନ୍ଧ୍ୟା ୬ଟାରେ ଥମିଯାଇଛି। ନଭେମ୍ବର ୬ରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନବେଳେ ୧୨୧ ଆସନରେ ରେକର୍ଡ ୬୫.୦୮% ମତଦାନ ହୋଇଥିଲା, ଯାହାକି ରାଜ୍ୟର ନିର୍ବାଚନୀ ଇତିହାସରେ ସର୍ବାଧିକ। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ଓ ନିର୍ବାଚନ କମିଶନଙ୍କ କଡ଼ା ବ୍ୟବସ୍ଥା ମଧ୍ୟରେ ଆସନ୍ତା ମଙ୍ଗଳବାର ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ହାତରେ କମ୍ ସମୟ ଥିବାରୁ ଉଭୟ ଶାସକ ଓ ବିରୋଧୀ ପକ୍ଷର ସବୁ ଦଳ ସୁଫଳ ଆଶାରେ ଶେଷ ଗୋଟି ଚଳାଇବାରେ ଲାଗିଛନ୍ତି। ୧୪ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ବିହାର ବିଧାନସଭାକୁ ପୁନଃ ଦଖଲ ପାଇଁ ଶାସକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ସର୍ବାଧିକ ପ୍ରଚାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଅନ୍ୟ କେନ୍ଦ୍ରୀୟ ମନ୍ତ୍ରୀମାନଙ୍କ ସହ ଏନ୍‌ଡିଏ ଶାସିତ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନେ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ବିଶେଷକରି ମୋଦି ଓ ଶାହାଙ୍କ ମାରାଥନ୍ ପ୍ରଚାର ବିହାରୀ ଭୋଟରଙ୍କୁ ଅଧିକ ଆକର୍ଷିତ କରିଥିବା ପରିଲକ୍ଷିତ ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ନୀତିଶ କୁମାର ନିଜ ଗାଦି ରକ୍ଷା ପାଇଁ ସଂଯୁକ୍ତ ଜନତା ଦଳ (ଜେଡିୟୁ) ପ୍ରାର୍ଥୀଙ୍କ ପାଇଁ ଧୂଆଁଧାର ପ୍ରଚାର କରିଥିଲେ। ଏନ୍‌ଡିଏର ଅନ୍ୟ ୨ ସହଯୋଗୀ ଏଲ୍‌ଜେପି ରାମବିଳାଶର ମୁଖ୍ୟ ଚିରାଗ ପାଶ୍ୱାନ ଏବଂ ହିନ୍ଦୁସ୍ତାନୀ ଆୱାମ ପାର୍ଟି (ଧର୍ମନିରପେକ୍ଷ)ର ଜିତନ୍‌ରାମ ମାଞ୍ଝି ମୋଦିଙ୍କ ଲୋକପ୍ରିୟତା ସାଙ୍ଗକୁ ବିହାରରେ ବିକାଶକୁ ପ୍ରସଙ୍ଗ କରି ବୈତରଣୀ ପାର ହେବାକୁ ଉଦ୍ୟମ କରିଛନ୍ତି। ଏଭଳି ସ୍ଥିତିରେ ବିରୋଧୀ ଇଣ୍ଡିଆ ବ୍ଲକ୍ ନୀତିଶଙ୍କଠାରୁ କ୍ଷମତା ଛଡ଼ାଇ ଆଣିବା ପାଇଁ ରଣନୀତି ପ୍ରୟୋଗ କରିଛି। ଗତ ନିର୍ବାଚନରେ ସବୁଠୁ ବଡ଼ ଦଳ ଭାବେ ☞ପୃଷ୍ଠା-୪





## ଆଣ୍ଡାମାନ ନିକୋବରରେ ଭୂକମ୍ପ

ପୋର୍ଟ ବ୍ଲେୟାର,୯।୧୧

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରବିବାର ଦିନ ୧୨ଟା ୬ ମିନିଟ୍ ସମୟରେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୫.୪ ଏବଂ କେନ୍ଦ୍ରସ୍ଥଳ ଆଣ୍ଡାମାନ ସାଗର ନିକଟରେ ୯୦ କିଲୋମିଟର ଗଭୀରରେ ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସିସ୍ମୋଲୋଜି ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଭୂକମ୍ପର ତୀବ୍ରତା ୬.୦୭ ବୋଲି ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର୍ ଜିଓସାଇନ୍ସ ପକ୍ଷରୁ ଆକଳନ କରାଯାଇଛି। ଏଥିରେ ଧନଜୀବନ ହାନିର କୌଣସି ଖବର ମିଳିନାହିଁ। ମାୟାବୁନ୍ଦର, ରଙ୍ଗାତ ଏବଂ ଉତ୍ତର ଓ ମଧ୍ୟ ଆଣ୍ଡମାନ୍‌ର ଆଖପାଖ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ମତ୍ସ୍ୟଜୀବୀ ଓ ପର୍ଯ୍ୟଟକମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି।

## ଆମେରିକାରେ ଓଡ଼ିଆ ପୋଷ୍ୟକନ୍ୟାଙ୍କୁ ନିର୍ଯାତନା

### ଓଡ଼ିଶା ଫେରାଇ ଆଣିବାକୁ ଆକୁଳ ନିବେଦନ

ଭୁବନେଶ୍ୱର,୯।୧୧(ସତ୍ୟଜିତ ରାଉତ)

- ୮ବର୍ଷ ତଳେ ସାଙ୍ଗରେ ନେଇଯାଇଥିଲେ ଆମେରିକା ଦମ୍ପତି
- ସାଙ୍ଗଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ଅନୁରୋଧ କଲେ

ଛୋଟବେଳେ ଟ୍ରେନ୍‌ରେ ମା’ ଓ ବାପାଙ୍କଠାରୁ ଅଲଗା ହୋଇଯାଇଥିଲେ। ଭୁବନେଶ୍ୱରର ଏକ ଅନାଥ ଆଶ୍ରମରେ ରହୁଥିବାବେଳେ ଆମେରିକାର ଜଣେ ମହିଳା ତାଙ୍କୁ ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ସାଙ୍ଗରେ ନେଇଯାଇଥିଲେ। ଆମେରିକୀୟ ମା’, ବାପାଙ୍କୁ ପାଇ ନୂଆ ଜୀବନ ଜିଇବାକୁ ସ୍ୱପ୍ନ ଦେଖି ବଡ଼ ହୋଇଥିବା ଏହି ଯୁବତୀଙ୍କ ଆଖିରେ ଏବେ ଲୁହ। ସେ ହେଲେ ପୂଜା ନାୟକ ଓରଫ ସେଜଲ ଜୋହନ (୨୧)। ଆମେରିକାରେ ପୋଷ୍ୟକନ୍ୟା ଭାବେ ରହୁଥିବା ପୂଜା ଓଡ଼ିଶା ଫେରି ଆସିବାକୁ ଆକୁଳ ନିବେଦନ କରିଛନ୍ତି। ବାଲେଶ୍ୱରରେ ରହୁଥିବା ସାଙ୍ଗ ଅମର ଦାସଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରବିବାର ଏହି ଘଟଣା ପଦାକୁ ଆସିଛି।

ଅମର କହିଛନ୍ତି, ପୂଜା ନହରକଣ୍ଟାସ୍ଥିତ ପଲ୍ଲୀ ଉନ୍ନୟନ ସେବା ସମିତି କନ୍ୟା ଆଶ୍ରମରେ ରହି ପଢୁଥିବାବେଳେ ତାଙ୍କ ସହ ପରିଚିତ ହୋଇଥିଲା। ପୂଜା ଟ୍ରେନରେ ହଜିଯିବା ପରେ ☞ପୃଷ୍ଠା-୪



ଦିଲ୍ଲୀରେ ଆଜି




ଦିଲ୍ଲୀରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ ପ୍ରତିକାର ଦିଗରେ ଉଦାସୀନ ରହୁଥିବା ପ୍ରଶାସନ ବିରୋଧରେ ଇଣ୍ଡିଆ ଗେଟ୍ ନିକଟରେ ଲୋକେ ବିକ୍ଷୋଭ କରୁଛନ୍ତି। (ଫଟୋ- ଚମନ ଗୌତମ)

# ବାୟୁ ପ୍ରଦୂଷଣରେ ଦିଲ୍ଲୀବାସୀ ଅତିଷ୍ଠ

**ନୂଆଦିଲ୍ଲୀ,୯।୧୧**

ଦିଲ୍ଲୀ ବାୟୁ ପ୍ରଦୂଷଣ କ୍ରମଶଃ ଉତ୍କଟ ହୋଇ ଶନିବାର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା। ଦିଲ୍ଲୀ ରେଡ୍ ଜୋନ୍‌ରେ ପ୍ରବେଶ କରିଥିବାବେଳେ ପ୍ରଦୂଷଣ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବା ଦାବିରେ ରବିବାର ଜନସାଧାରଣ ବିକ୍ଷୋଭ ଶୋଭାଯାତ୍ରାରେ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଯାଇଥିଲେ। ଆକ୍ଟିଭିଷ୍ଟ ଏବଂ ବିକ୍ଷୋଭକାରୀଙ୍କ ସହ ବିରୋଧୀ ଆମ୍ ଆଦ୍‌ମୀ ପାର୍ଟି ଓ କଂଗ୍ରେସ ନେତାମାନେ ସାମିଲ ହୋଇଥିଲେ। ଜାତୀୟ ରାଜଧାନୀରେ ବାୟୁ ପ୍ରଦୂଷଣ ରୋକିବା ଦିଗରେ ସରକାର ପ୍ରଭାବଶାଳୀ ନୀତି ପ୍ରଣୟନ କରିବାକୁ ସେମାନେ ଦାବି କରିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ କେବଳ ଯନ୍ତର ମନ୍ତରରେ ବିକ୍ଷୋଭ ଲାଗି ଅନୁମତି ଦିଆଯାଇଥିବାରୁ ଇଣ୍ଡିଆ ଗେଟ୍ ନିକଟରେ ରାଲି କରୁଥିବା ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଥିଲା। ଗାଇଡ୍‌ଲାଇନ୍‌କୁ ସମସ୍ତେ ମାନିବା ଆବଶ୍ୟକ ବୋଲି ବରିଷ୍ଠ ପୋଲିସ ଅଧିକାରୀ ଦେବେଶ କୁମାର ମହଲା କହିଛନ୍ତି। ପୋଲିସ ଚଢ଼ାଉ ପୂର୍ବରୁ ଇଣ୍ଡିଆ ଗେଟ୍‌ଠାରେ ୩୦ ମିନିଟ୍ ଧରି ବିକ୍ଷୋଭ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ସମ୍ପର୍କରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଛନ୍ତି, ଶାନ୍ତିପୂର୍ଣ୍ଣ ବିକ୍ଷୋଭ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର। ଏକାଧିକ ଘଟଣାରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଛନ୍ତି। ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଚାଲିଥିବାବେଳେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ସରକାର ନିର୍ଦ୍ଦେଶ ଦେବା ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି।

### କାର୍ଯ୍ୟାନୁଷ୍ଠାନ ଦାବିରେ ରାଲି

# ବିହାର ଭୋଟ: ମହିଳା ନେବେ ନିର୍ଣ୍ଣାୟକ ଭୂମିକା

**ପାଟନା/ନୂଆଦିଲ୍ଲୀ, ୯।୧୧(ପି.ଟି./ଏଜେନ୍ସି)**

ବିହାର ବିଧାନସଭାର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ଶେଷ ହୋଇଯାଇଛି। ହାତରେ ମାତ୍ର ୨ ଦିନ ଥିବାରୁ ସବୁ ଦଳ ଭୋଟରଙ୍କୁ ନିଜ ସପକ୍ଷକୁ ଟାଣିବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିଶେଷକରି ମହିଳା ଭୋଟରଙ୍କୁ ନିଜ ସପକ୍ଷକୁ ଟାଣି ସଫଳତା ଦୋହରାଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ନଗଦ ଅର୍ଥରାଶି ପ୍ରଦାନ, ଶିକ୍ଷା ଓ ଅନ୍ୟ ସୁବିଧା ସମେତ ମଦ ବନ୍ଦ ଉପରେ ନୀତିଶ ଗୁରୁତ୍ୱ ଦେଉଥିବାବେଳେ ବିରୋଧୀ ପକ୍ଷ ଶେଷ ମୁହୂର୍ତ୍ତରେ ମଧ୍ୟ ମହିଳା ମତଦାତାଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି। ମହିଳା ଭୋଟରଙ୍କ ମତଦାନ ପ୍ରଥମ ପର୍ଯ୍ୟାୟ ତୁଳନାରେ ଦ୍ୱିତୀୟ ପର୍ଯ୍ୟାୟରେ ଅଧିକ ରହିବା ଅନୁମାନ କରାଯାଉଛି।



ବିହାରରେ ରାଜନୈତିକ ପରିବର୍ତ୍ତନର ପବନ ପ୍ରବାହିତ ହୋଇଛି ନା ନାହିଁ, ମଙ୍ଗଳବାର ୧୨୨ ଆସନରେ ହେବାକୁ ଥିବା ମତଦାନରୁ ତାହା ଏକପ୍ରକାର ଠଉରାଇ ହେବ। ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହାର ମହିଳା ଭୋଟରଙ୍କ ଉପରେ ନିର୍ଭର କରେ ବୋଲି କୁହାଯାଉଛି। ବିହାରରେ ମୋଟ ୭.୪୩ କୋଟି ପଞ୍ଜୀକୃତ ଭୋଟର ଥିବାବେଳେ ସେମାନଙ୍କ ମଧ୍ୟରୁ ୩.୫ କୋଟି ଅର୍ଥାତ୍ ୪୭% ହେଉଛନ୍ତି ମହିଳା। ଗତ କିଛି ନିର୍ବାଚନରେ ଏମାନେ ବଡ଼ ଭୂମିକା ନେଇଆସିଛନ୍ତି। ୨୦୧୦ ପରଠାରୁ ପୁରୁଷଙ୍କ ତୁଳନାରେ ମହିଳାଙ୍କ ମତଦାନ ହାର ଅଧିକ ରହିଆସିଛି। ନଭେମ୍ବର ୬ରେ ରେକର୍ଡ ୬୫.୮% ମତଦାନ ପଛରେ ମଧ୍ୟ ମହିଳାଙ୍କ ଯୋଗଦାନ ରହିଥିବା ରାଜନୈତିକ ବିଶ୍ଳେଷକ ଡ. ରବି କେ. ସିହ୍ନା କହିଛନ୍ତି। ମାସେ ଧରି ଚାଲିଥିବା ପ୍ରଚାର ବେଳେ ମୁଖ୍ୟମନ୍ତ୍ରୀ ନୀତିଶ କୁମାର ମହିଳାଙ୍କ ପାଇଁ କରାଯାଇଥିବା କଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଫୋକସ୍ କରିଥିଲେ। ତାଙ୍କ ସରକାର ନିକଟରେ ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା ଅଧୀନରେ ୨ କୋଟିରୁ ଅଧିକ ମହିଳାଙ୍କୁ ୧୦,୦୦୦ ଟଙ୍କା ଲେଖାଏ ପ୍ରତ୍ୟକ୍ଷ ନଗଦ ସହାୟତା ଘୋଷଣା କରିଛନ୍ତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପରିବାରରେ ସ୍ଥିରତା ଆଣିପାରିବେ ବୋଲି ନୀତିଶ ସରକାର ଆଶା କରିଛନ୍ତି। ଶାସକ ମେଣ୍ଟ ଆର୍‌ଜେଡିର ପୂର୍ବ ଶାସନ ଅମଳରେ ଚାଲିଥିବା 'ଜଙ୍ଗଲରାଜ' ପ୍ରସଙ୍ଗ ଉଠାଇ ବିରୋଧୀ ମହାମେଣ୍ଟକୁ ଟାର୍ଗେଟ କରୁଛି। ତେବେ ଏହାର ମୁକାବିଲା ପାଇଁ ବିରୋଧୀ ଦଳ ନେତା ତଥା ମହାମେଣ୍ଟର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ଜୀବିକା ଦିଦିଙ୍କ ଦରମା ବୃଦ୍ଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କ ଉନ୍ନତି ଏବଂ ମହିଳାଙ୍କ ପାଇଁ ଅନ୍ୟ କେତେକ ଯୋଜନାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ମଙ୍ଗଳବାର ଭୋଟ ଦେବାକୁ ଥିବା ୩.୭ କୋଟି ମତଦାତାଙ୍କ ମଧ୍ୟରୁ ୧.୭୪ କୋଟି ମହିଳା। ଏହି ଭୋଟରମାନେ ୧୨୨ ନିର୍ବାଚନମଣ୍ଡଳୀରେ ୧୩୬ ମହିଳା ପ୍ରାର୍ଥୀଙ୍କ ସମେତ ମୋଟ ୧,୩୦୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଭାଜପା ୫୩ ଆସନରେ ଲଢୁଥିବାବେଳେ ଜେଡିୟୁ ୪୪, ଏଲ୍‌ଜେପି (ଆର୍‌ଭି) ୧୫, ଆର୍‌ଏଲ୍‌ଏମ୍ ୪, ଏଚ୍‌ଏମ୍ ୬ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ମହାମେଣ୍ଟର ଆର୍‌ଜେଡି ୭୨, କଂଗ୍ରେସ ୩୭, ଭିଆଇପି ୧୦ ଓ ଅନ୍ୟ ୫ ଆସନରେ ଲଢୁଛନ୍ତି।

## ବିହାରରେ ଅନୁପ୍ରବେଶକାରୀଙ୍କ କରିଡର ଗଢ଼ିବାକୁ ଚାହୁଁଛନ୍ତି ବିରୋଧୀ: ଶାହା



ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର ଇଣ୍ଡିଆ ବ୍ଲକ୍‌କୁ ଟାର୍ଗେଟ କରି କହିଛନ୍ତି, ଏମାନେ ବିହାରକୁ ଅନୁପ୍ରବେଶକାରୀଙ୍କ କରିଡର ରୂପେ ଗଢ଼ିବାକୁ ଉଦ୍ୟମ ଚଳାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ଇଣ୍ଡଷ୍ଟ୍ରିଆଲ୍ କରିଡର କରିବାକୁ ଚାହୁଁଥିବାବେଳେ ବିରୋଧୀ ଅନୁପ୍ରବେଶକାରୀଙ୍କ କରିଡର ନିର୍ମାଣ ଯୋଜନା କରୁଛନ୍ତି। ନିକଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଲାଲୁଙ୍କ ପୁଅ ତେଜସ୍ୱୀ ଭୋଟର ଅଧିକାର ଯାତ୍ରା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ଅନୁପ୍ରବେଶକାରୀଙ୍କୁ ବିହାରରେ ସୁରକ୍ଷା ଦେବା।

## ତେଜସ୍ୱୀଙ୍କୁ ୩୬, ଜିତିଲେ ରିଟର୍ନ ଗିଫ୍ଟ ପ୍ରତିଶ୍ରୁତି



ଇଣ୍ଡିଆ ବ୍ଲକ୍ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ଯାଦବ ରବିବାର ୩୬ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ତେଜସ୍ୱୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଆମେ ପରିବର୍ତ୍ତନ ଆଣିବା। ବିହାରବାସୀଙ୍କ ପାଇଁ ନିଯୁକ୍ତି, ସମାନତା ଓ ପ୍ରଗତି ଆଣିବା ବୋଲି ରାହୁଲ 'X' ରେ ଉଲ୍ଲେଖ କରିଛନ୍ତି। ତେଜସ୍ୱୀ କାରାକଟ୍ ସଭାରେ କହିଛନ୍ତି, ବିହାର ଭୋଟର ତାଙ୍କୁ ଜନ୍ମଦିନରେ ଆଶୀର୍ବାଦ କରନ୍ତୁ। ନଭେମ୍ବର ୧୪ ଫଳାଫଳ ତାଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେଲେ ସେ ରିଟର୍ନ ଗିଫ୍ଟ ଦେବେ।

## ୨ୟ ପର୍ଯ୍ୟାୟ ଭୋଟ ପୂର୍ବରୁ ମୋତେ ହତ୍ୟା କରିବେ: ତେଜ ପ୍ରତାପ



ଜନଶକ୍ତି ଜନତା ପାର୍ଟି ମୁଖ୍ୟ ତେଜ ପ୍ରତାପ ଯାଦବ ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ହତ୍ୟା କରାଯାଇପାରେ ବୋଲି ରବିବାର ଆଶଙ୍କା ବ୍ୟକ୍ତ କରିଛନ୍ତି। ତେଜ ପ୍ରତାପ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସୁରକ୍ଷା ବଢ଼ାଯାଇଛି। ଲୋକେ ତାଙ୍କୁ ହତ୍ୟା କରିବେ। ଅନେକ ଶତ୍ରୁ ରହିଛନ୍ତି। ତେବେ ତେଜସ୍ୱୀଙ୍କ ଜନ୍ମଦିନ ପାଇଁ ତାଙ୍କୁ ସେ ଶୁଭେଚ୍ଛା ଜଣାଇବା ସହ ଆଶୀର୍ବାଦ ଦେଇଛନ୍ତି।

## ଆସାମରୁ ୬୦୦ ବଙ୍ଗଳାଭାଷୀ ମୁସଲମାନ ପରିବାର ଉଚ୍ଛେଦ

**ଗୁଆହାଟୀ,୯।୧୧**

ଆସାମ ସରକାର ଡାହିକାଟା ରିଜର୍ଭ ଫରେଷ୍ଟ ମଧ୍ୟରେ ୧,୧୪୦ ବିଘା (୩୭୬ ଏକରରୁ ଊର୍ଦ୍ଧ୍ୱ) ଜଙ୍ଗଲ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଗୋଲପରା ଜିଲାରେ ରବିବାର ପୁନର୍ବାର ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି। ଫଳରେ ୬୦୦ ପରିବାର ପ୍ରଭାବିତ ହୋଇଛନ୍ତି। ସେମାନେ ମୁଖ୍ୟତଃ ବଙ୍ଗଳାଭାଷୀ ମୁସଲମାନ ବୋଲି ଜଣାପଡ଼ିଛି। ଉଚ୍ଛେଦ ପାଇଁ ୨ ସପ୍ତାହ ପୂର୍ବରୁ ନୋଟିସ୍ ଜାରି କରାଯାଇ ସ୍ଥାନ ଖାଲି କରିବାକୁ ବାସିନ୍ଦାମାନଙ୍କୁ କୁହାଯାଇଥିଲା। ତଦନୁଯାୟୀ ରବିବାର ଉଚ୍ଛେଦ ଅଭିଯାନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଗୋଲପରା ଡେପୁଟି କମିଶନର କହିଛନ୍ତି। ନୋଟିସ୍ ପାଇବା ପରେ ପ୍ରାୟ ୭୦ ପ୍ରତିଶତ ପରିବାର ସ୍ଥାନ ଛାଡ଼ି ଚାଲିଯାଇଥିଲେ। ଅବଶିଷ୍ଟ ପରିବାରକୁ ଉଚ୍ଛେଦ କରାଯାଇଛି। ଏଥିପାଇଁ ବ୍ୟାପକ ସୁରକ୍ଷା ବଳ ଓ ମେଶିନ୍ ବ୍ୟବହାର କରାଯାଇଛି।

## ଉତ୍ତରାଖଣ୍ଡରେ ୮,୨୬୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ମୋଦି

**ଡେରାଡୁନ୍,୯।୧୧**

ଉତ୍ତରାଖଣ୍ଡର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଡେରାଡୁନ୍‌ରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ୮,୨୬୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉତ୍ତରାଖଣ୍ଡ 'ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ' ହେବାର ସାମର୍ଥ୍ୟ ରଖିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତରାଖଣ୍ଡରେ ଜନସାଂଖ୍ୟିକୀୟ ପରିବର୍ତ୍ତନ, ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ବେଆଇନ ଧର୍ମାନ୍ତରୀକରଣକୁ ରୋକିବାରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ଅନ୍ୟ ରାଜ୍ୟଗୁଡ଼ିକ ସେଗୁଡ଼ିକୁ ଅନୁକରଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ପୁଷ୍କର ସିଂ ଧାମି ସରକାର ରାଜ୍ୟରେ ୟୁସିସି ଲାଗୁ କରି ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ଏଥିସହିତ ଧର୍ମାନ୍ତରୀକରଣ ବିରୋଧୀ ଆଇନ, ଦଙ୍ଗା ନିୟନ୍ତ୍ରଣ ଆଇନ ଆଦି ଜାତୀୟ ସ୍ୱାର୍ଥ ସହ ଜଡ଼ିତ ବଳିଷ୍ଠ ନୀତି ଗ୍ରହଣ କରିଥିବା ମୋଦି କହିଛନ୍ତି।

## ପାକିସ୍ତାନରେ ୨୭ତମ ସମ୍ବିଧାନ ସଂଶୋଧନକୁ ବିରୋଧ

### ଦେଶବ୍ୟାପୀ ବିରୋଧୀଙ୍କ ଆନ୍ଦୋଳନ

**ଇସ୍‌ଲାମାବାଦ,୯।୧୧(ପି.ଟି.)**

ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଅସିମ୍ ମୁନିରଙ୍କୁ ଅଧିକ କ୍ଷମତା ଦେବା ଲାଗି ଦେଶର ପାର୍ଲାମେଣ୍ଟ ପ୍ରସ୍ତାବିତ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବାକୁ ଯାଉଥିବାବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ବିପକ୍ଷ ଦଳଗୁଡ଼ିକ ତୀବ୍ର ନିନ୍ଦା କରିଛନ୍ତି। ଏଭଳି ପଦକ୍ଷେପ ସମ୍ବିଧାନର ମୂଳଦୁଆକୁ ଦୋହଲାଇଦେବ ବୋଲି ସେମାନେ କହିବା ସହ ରବିବାରଠାରୁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ କରିଛନ୍ତି।

ପ୍ରସ୍ତାବିତ ସଂଶୋଧନ ଅନୁଯାୟୀ ସମ୍ବିଧାନର ଅନୁଚ୍ଛେଦ ୨୪୩ରେ ପରିବର୍ତ୍ତନ କରାଯାଇ ଜଏଣ୍ଟ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି ଅଧ୍ୟକ୍ଷ ପଦବୀ ହଟାଇ ଦିଆଯିବ। ଏଥିସହିତ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହା ବ୍ୟତୀତ ହାଇକୋର୍ଟ ବିଚାରପତିମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ସଂଶୋଧନ କରାଯିବା ସହ ଏକ ସଂଘୀୟ ସାମ୍ବିଧାନିକ ଅଦାଲତ ପ୍ରତିଷ୍ଠା କରାଯିବ। ସୁପ୍ରିମକୋର୍ଟଙ୍କ କ୍ଷମତା ସଙ୍କୁଚିତ କରିବା ଏହାର ଲକ୍ଷ୍ୟ। କେତେଜଣ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବିତ ସାମ୍ବିଧାନିକ ଅଦାଲତକୁ ସ୍ଥାନାନ୍ତର କରାଯିବ ଏବଂ ରାଷ୍ଟ୍ରପତିଙ୍କୁ ସାରା ଜୀବନ ପାଇଁ ଆପରାଧିକ ମାମଲାରୁ ଦୂରେଇ ରଖାଯିବ। ଶନିବାର ପାକ୍ ସିନେଟରେ ବିଲ୍ ଆଗତ ହୋଇଥିବାବେଳେ ସୋମବାର ଏହା ଉପରେ ଭୋଟ ନିଆଯିବ। ପରେ ଏହା ନ୍ୟାଶନାଲ ଆସେମ୍ବ୍ଲିର ଅନୁମୋଦନ ପାଇଁ ପଠାଯିବ। ଏହାକୁ ବିରୋଧ କରି ବିରୋଧୀ ଦଳଗୁଡ଼ିକର ମେଣ୍ଟ ତେହରିକ୍-ଇ-ତାହାଫୁଜ୍ ଅୟିନ-ଇ-ପାକିସ୍ତାନ (ଟିଟିଏପି) ଦେଶବ୍ୟାପୀ ବିକ୍ଷୋଭ ଡାକରା ଦେଇଛି। ସମ୍ବିଧାନ ସଂଶୋଧନ ଦ୍ୱାରା ପାକିସ୍ତାନର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ପଙ୍ଗୁ ହୋଇଯିବ। ତେଣୁ ଏହା ବିରୋଧରେ ସାରା ଦେଶ ସ୍ୱର ଉତ୍ତୋଳନ କରିବାକୁ ହେବ ବୋଲି ମଜଲିସ୍ ୱାହଦାତ-ଇ-ମିସଲିମିନ୍ (ଏମ୍‌ଡବ୍ଲ୍ୟୁଏମ୍) ମୁଖ୍ୟ ଆଲ୍ଲାମା ରାଜା ନସିର ଆବ୍ବାସ କହିଛନ୍ତି। ଟିଟିଏପି ମେଣ୍ଟରେ ଏମ୍‌ଡବ୍ଲ୍ୟୁଏମ୍ ସହ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ଆଦି ଦଳ ରହିଛନ୍ତି।

# ଜାପାନ ଉପକୂଳରେ ଭୂକମ୍ପ

**ଟୋକିଓ,୯।୧୧**

ଜାପାନର ଉତ୍ତର ଉପକୂଳରେ ରବିବାର ସନ୍ଧ୍ୟାରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ୬.୯ ତୀବ୍ରତାର ଏହି ଭୂକମ୍ପ ପ୍ରଭାବରେ ଅନେକ ଅଞ୍ଚଳ ଦୋହଲି ଯାଇଥିଲା। ପାଣିପାଗ ବିଭାଗ ପକ୍ଷରୁ ସୁନାମି ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଛି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ ସ୍ଥାନୀୟ ସମୟ ସନ୍ଧ୍ୟା ୫ଟା ୩ ମିନିଟ୍ ସମୟରେ ଇୱାତେ ଉପକୂଳରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର କେନ୍ଦ୍ରସ୍ଥଳ ୧୬ କିଲୋମିଟର ଗଭୀରରେ ରହିଛି। ଭୂକମ୍ପରେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ସେହିପରି ଉକ୍ତ ଅଞ୍ଚଳରେ ରହିଥିବା ୨ଟି ଆଣବିକ ବିଦ୍ୟୁତ୍ ପ୍ଲାଣ୍ଟରେ ମଧ୍ୟ କୌଣସି ଅସ୍ୱାଭାବିକତା ଦେଖାଦେଇନାହିଁ। ଉତ୍ତର ଉପକୂଳରେ ୧ରୁ ୩ ମିଟର ଉଚ୍ଚରେ ସୁନାମି ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ଲୋକଙ୍କୁ ଉପକୂଳଠାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା। ସତର୍କ ସୂଚନା ପ୍ରତ୍ୟାହାର କରାଯାଇଥିଲେ ମଧ୍ୟ ଆଗାମୀ ସପ୍ତାହେ ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଅଧିକ ଶକ୍ତିଶାଳୀ ଭୂକମ୍ପ ଆଶଙ୍କା ଥିବା ପାଣିପାଗ ବିଭାଗ କହିଛି।

## ଗୁଜରାଟରୁ ୩ ଆଇଏସ୍ ଆତଙ୍କବାଦୀ ଗିରଫ

**ଅହମଦାବାଦ,୯।୧୧**

ଗୁଜରାଟର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ରବିବାର ଅହମଦାବାଦରୁ ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଦେଶର ବିଭିନ୍ନ ସ୍ଥାନରେ ଆତଙ୍କବାଦୀ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର ଚଳାଇଥିଲେ ବୋଲି ଜଣାପଡ଼ିଛି। ସେମାନଙ୍କ ଉପରେ ଗୁଜରାଟ ଏଟିଏସ୍ ବର୍ଷେ ହେଲା ନଜର ରଖିଥିଲା। ଆତଙ୍କବାଦୀମାନେ ଅସ୍ତ୍ର ଯୋଗାଣ ପାଇଁ ଗୁଜରାଟ ଆସିଥିବାବେଳେ ଏଟିଏସ୍ ସେମାନଙ୍କୁ ଗିରଫ କରିଛି। ସେମାନେ ଦୁଇଟି ଭିନ୍ନ ମଡ୍ୟୁଲ୍‌ର। କେଉଁ ଅଞ୍ଚଳ ସେମାନଙ୍କ ଟାର୍ଗେଟରେ ଥିଲା, ତାହା ଜାଣିବା ପାଇଁ ତଦନ୍ତ ଜାରି ରହିଛି। ଜୁଲାଇ ୨୨ରେ ଗୁଜରାଟ ଏଟିଏସ୍ ଅଲ୍‌କାଏଦାର ୫ ଆତଙ୍କବାଦୀଙ୍କୁ ଗିରଫ କରିଥିଲା। ବେଙ୍ଗାଲୁରୁର ଜଣେ ମହିଳା ପାକିସ୍ତାନୀ ପରିଚାଳକଙ୍କ ସହ ଯୋଗସୂତ୍ର ରଖି ଏହି ଅନ୍‌ଲାଇନ୍ ଟେରୋର ମଡ୍ୟୁଲ ଚଳାଇଥିଲେ।

## 'ମୁଁ ପୁରୁଷମାନଙ୍କୁ ଈର୍ଷା କରେ' : ଟ୍ୱିଙ୍କଲ



ଟ୍ୱିଙ୍କଲ ଖାନ୍ନା

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀରୁ ଲେଖିକା ପାଲଟିଥିବା ଟ୍ୱିଙ୍କଲ ଖାନ୍ନା ତାଙ୍କର ସ୍ପଷ୍ଟବାଦିତା ପାଇଁ ସର୍ବଦା ଚର୍ଚ୍ଚାରେ ରୁହନ୍ତି। ନିକଟରେ ସେ ତାଙ୍କ ସାପ୍ତାହିକ କଲମରେ 'ମେନୋପଜ' ବିଷୟରେ ଏଭଳି କିଛି ଲେଖିଛନ୍ତି, ଯାହା ପ୍ରତ୍ୟେକ ମହିଳାଙ୍କୁ ଚିନ୍ତା କରିବାକୁ ବାଧ୍ୟ କରିଛି। ଟ୍ୱିଙ୍କଲ ମେନୋପଜକୁ ଏକ ଭିନ୍ନ ଢଙ୍ଗରେ ବର୍ଣ୍ଣନା କରି କହିଛନ୍ତି, 'ମେନୋପଜ ହେଉଛି ସେହିପରି, ଯେପରି କୌଣସି ଚୋର ଆପଣଙ୍କ ଘରେ ପଶି କେବଳ ଜିନିଷ ଚୋରି କରେ ନାହିଁ, ବରଂ ଘରର ସମସ୍ତ ଆସବାବପତ୍ରକୁ ମଧ୍ୟ ନିଜ ଇଚ୍ଛାରେ ବଦଳାଇ ଦିଏ।' ଏହା ମହିଳାଙ୍କ ଜୀବନର ଏପରି ଏକ ପର୍ଯ୍ୟାୟ ଯାହା କେବଳ ଶରୀର ନୁହେଁ, ଚିନ୍ତାଧାରା ଏବଂ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରେ।

ସେ ମଜାଳିଆ ଢଙ୍ଗରେ ପୁରୁଷମାନଙ୍କୁ ଈର୍ଷା କରୁଥିବା ଲେଖିଛନ୍ତି। ଟ୍ୱିଙ୍କଲ କହିଛନ୍ତି, 'ପୁରୁଷମାନଙ୍କ ହରମୋନ ସହିତ କେବେ ଏପରି ହୁଏ ନାହିଁ, କିନ୍ତୁ ଆମ ମହିଳାମାନଙ୍କ ହରମୋନରେ ଏମିତି ଓଲଟପାଲଟ ଲାଗି ରହେ'।

## ଆର୍‌ଏସ୍‌ଏସ୍ ରାଷ୍ଟ୍ରନୀତିକୁ ସମର୍ଥନ କରେ: ଭାଗବତ

**ନୂଆଦିଲ୍ଲୀ,୯।୧୧**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କୌଣସି ବ୍ୟକ୍ତିବିଶେଷ କିମ୍ବା ରାଜନୈତିକ ଦଳକୁ ନୁହେଁ, ବରଂ ନୀତିକୁ ସମର୍ଥନ କରେ ବୋଲି ଏହାର ମୁଖ୍ୟ ମୋହନ ଭାଗବତ କହିଛନ୍ତି। ସଂଘ ନିର୍ବାଚନୀ ରାଜନୀତିରେ ଅଂଶଗ୍ରହଣ କରେନାହିଁ। ସମାଜକୁ ଏକାଠି କରିବା ଏହାର କାର୍ଯ୍ୟ। ସଂଘ ଅଯୋଧ୍ୟାରେ ରାମମନ୍ଦିର ଚାହୁଁଥିଲା। ଏହାର ନିର୍ମାଣ ପାଇଁ ଯେଉଁମାନେ ଛିଡ଼ାହେଲେ, ଆମ ସ୍ୱୟଂସେବକମାନେ ସେମାନଙ୍କୁ ଭୋଟ ଦେଲେ। ଭାଜପା ଏହି ସୁବିଧା ହାସଲ କଲା। ରାମମନ୍ଦିର ନିର୍ମାଣ ଦାବିକୁ କଂଗ୍ରେସ ସମର୍ଥନ କରିଥିଲେ, ଆର୍‌ଏସ୍‌ଏସ୍ କର୍ମୀମାନେ ଉକ୍ତ ଦଳକୁ ସମର୍ଥନ ଦେଇଥାନ୍ତେ ବୋଲି ଭାଗବତ କହିଛନ୍ତି।



ମୋହନ ଭାଗବତ

କୌଣସି ଦଳ ସହ ଆମର ସ୍ୱତନ୍ତ୍ର ଆତ୍ମୀୟତା ନାହିଁ। ଆମେ ରାଜନୀତିକୁ ନୁହେଁ, ରାଷ୍ଟ୍ରନୀତିକୁ ସମର୍ଥନ କରୁ। ଦେଶକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ନେଇଯିବା ଲାଗି ଆମେ ଚାହୁଁ ଏବଂ ଯେଉଁମାନେ ସେହି ଦିଗରେ କାର୍ଯ୍ୟ କରନ୍ତି, ଆମେ ସେମାନଙ୍କୁ ସମର୍ଥନ ଜଣାଉ ବୋଲି ଭାଗବତ ବେଙ୍ଗାଲୁରୁରେ ଆର୍‌ଏସ୍‌ଏସ୍‌ର ଶତବାର୍ଷିକୀ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କହିଛନ୍ତି।

ଆର୍‌ଏସ୍‌ଏସ୍‌ରେ ଭାଗନେବାକୁ ମୁସଲମାନଙ୍କୁ ଅନୁମତି ମିଳେ କି ବୋଲି ପ୍ରଶ୍ନ ହେବାରୁ ଭାଗବତ କହିଥିଲେ, ମୁସଲମାନ, ଖ୍ରୀଷ୍ଟିଆନଙ୍କ ସମେତ ବିଭିନ୍ନ ବର୍ଗର ଲୋକ ସଂଘକୁ ଆସିପାରିବେ। ଭିନ୍ନତାକୁ ସେମାନେ ଦୂରେଇ ରଖିବାକୁ ହେବ। ଯେତେବେଳେ ଆପଣମାନେ ସଂଘକୁ ଆସୁଛନ୍ତି, ସେତେବେଳେ ଭାରତ ମାତାର ପୁତ୍ର ଭାବେ ଆସୁଛନ୍ତି। ମୁସଲମାନ, ଖ୍ରୀଷ୍ଟିଆନ୍ ଶାଖାକୁ ଆସୁଥିବାବେଳେ ଆମେ ସେମାନଙ୍କୁ ଗଣି ନ ଥାଉ କି ସେମାନେ କିଏ ବୋଲି ପଚାରି ନ ଥାଉ। ସଂଘ ୧୯୨୫ରେ ସ୍ଥାପନ ହୋଇଥିଲା। ବ୍ରିଟିଶ ସରକାର ଅଧୀନରେ ଏହା ପଞ୍ଜୀକୃତ ହେବା ଆପଣମାନେ ଆଶା କରୁଛନ୍ତି କି ବୋଲି ଭାଗବତ ପ୍ରଶ୍ନ କରିଛନ୍ତି।

## କଟକରେ ବିପଦସଙ୍କୁଳ କୋଠା


ବାଦାମବାଡ଼ି ନିକଟସ୍ଥ ସେସୁ କଲୋନୀ କ୍ବାର୍ଟର୍ସ।



ନୟାସଡ଼କସ୍ଥିତ ଏକ କୋଠା।



ଚୌଧୁରୀ ବଜାର ନିକଟସ୍ଥ କଟକ ମହାନଗର ନିଗମର କାର୍ଯ୍ୟାଳୟ। (ଫଟୋ: ରାଜକିଶୋର ମହାନ୍ତି)

# ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ଦିଅ: ଜିଲାପାଳ

## ଆପାର୍ଟମେଣ୍ଟ ବାଲକୋନି ଭୁଶୁଡ଼ି ୩ ମୃତ୍ୟୁ ଘଟଣା

### ବାଲିଯାତ୍ରା ପରେ ହେବ ଅସୁରକ୍ଷିତ କୋଠା ଯାଞ୍ଚ, ଉଚ୍ଛେଦ

କଟକ,୯।୧୧(କାର୍ତ୍ତିକ ସାହୁ)

ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟଣାରେ ୨୪ ଘଣ୍ଟାରେ ତଦନ୍ତ ରିପୋର୍ଟ ପ୍ରଦାନ ପାଇଁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାଲିଯାତ୍ରା ପରେ ଅସୁରକ୍ଷିତ କୋଠା ଯାଞ୍ଚ କରାଯାଇ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅପରପକ୍ଷେ ପ୍ରତ୍ୟେକ ମୃତକଙ୍କ ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କଟକ ମହାନଗର ନିଗମର ଅତିରିକ୍ତ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଟି ଗଠନ କରାଯାଇଛି। କମିଟିରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଗର ନିଗମର ନଗର ଯନ୍ତ୍ରୀ, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହକାରୀ ସହର ଯୋଜନାକାରୀ ସଦସ୍ୟ ଭାବେ ରହିଛନ୍ତି। ଏହି ଦୁର୍ଘଟଣା ଘଟିଥିବା କୋଠାର ନିର୍ମାଣ ବୈଧତା ତଥା ଆବଶ୍ୟକ ଅନୁମତି ହାସଲ ବିଷୟରେ ତଦନ୍ତ କରାଯିବ। ଏହି କୋଠା ନିର୍ମାଣର ମୂଳ ଅନୁମତି କଟକ ଉନ୍ନୟନ କର୍ତ୍ତୃପକ୍ଷ ଦେଇଥିବାରୁ ଆବଶ୍ୟକ ଦସ୍ତାବିଜ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରୁ ହାସଲ କରାଯାଇ ଯାଞ୍ଚ କରାଯିବ। ତଦନ୍ତ କମିଟି ସଂପୃକ୍ତ କୋଠାର ନିର୍ମାଣଜନିତ ଦୃଢ଼ତା ଏବଂ ସ୍ଥାୟିତ୍ୱକୁ ପରୀକ୍ଷା ନିରୀକ୍ଷା କରିବ। ଏହି ଅଟ୍ଟାଳିକା ନିର୍ମାଣ ନିମନ୍ତେ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ହାସଲ କରାଯାଇଛି କି ନାହିଁ ଏବଂ ଅନୁମୋଦିତ ଯୋଜନା ତଥା ନିର୍ମାଣ ନିୟମାବଳୀ ଅନୁଯାୟୀ କରାଯାଇଛି କି ନାହିଁ, ତାହା ମଧ୍ୟ କମିଟି ଯାଞ୍ଚ କରିବ। ଏଥିରେ କୌଣସି ପ୍ରକାର ଅବହେଳା ବା ବିଚ୍ୟୁତି ପରିଲକ୍ଷିତ ହେଲେ ସମ୍ପୃକ୍ତ ବ୍ୟକ୍ତି ବା ଅଧିକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରାଯିବ। ତଦନ୍ତର ସାରାଂଶ ଓ ସୁପାରିସ ସହ ଏକ ସମ୍ପୂର୍ଣ୍ଣ ରିପୋର୍ଟ କଟକ ମହାନଗର ନିଗମ ଆୟୁକ୍ତ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷଙ୍କ ମାଧ୍ୟମରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ଜିଲାପାଳ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି।

## ଭଙ୍ଗାଯାଇନି ୨୨୧ ବିପଦସଙ୍କୁଳ କୋଠା

### ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପ୍ରଶାସନର ଅଣଦେଖା

କଟକ,୯।୧୧(କାର୍ତ୍ତିକ ସାହୁ)

କଟକ ସହରରେ ବିପଦସଙ୍କୁଳ ଅବସ୍ଥାରେ ଥିବା ୨୨୧ଟି କୋଠାକୁ ଭାଙ୍ଗିବା ପାଇଁ ହାଇକୋର୍ଟ ଗତ ସେପ୍ଟେମ୍ବରରେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବାଦାମବାଡ଼ି ସେସୁ କଲୋନୀ, ସିଏମ୍‌ସିର କେତେକ ବିଲ୍ଡିଂ, ଚୌଧୁରୀବଜାର, ବାଲୁବଜାର, ନୟାସଡ଼କ, ନୂଆବଜାର, କଲେଜ ଛକ, ମଣିସାହୁ ଛକ, ମଙ୍ଗଳାବାଗ, ରାଣୀହାଟ, ପିଠାପୁର, ତିନିକୋଣିଆ ବଗିଚା ଆଦି ଅଞ୍ଚଳରେ ଅନେକ ଅସୁରକ୍ଷିତ କୋଠା ରହିଛି। କେତେକ ବିପଦସଙ୍କୁଳ କୋଠାରେ ଲୋକେ ବସବାସ କରୁଛନ୍ତି। ତେବେ କେତେବେଳେ ଯେ ଏସବୁ କୋଠା ଭୁଶୁଡ଼ିପଡ଼ିବ ତାହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଶନିବାର ବକ୍ସିବଜାର ଅଞ୍ଚଳର ମଣିସାହୁ ଛକଠାରେ ଏକ ୫ମହଲା ଆପାର୍ଟମେଣ୍ଟର ବାଲକୋନି ଭୁଶୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହି ଆପାର୍ଟମେଣ୍ଟର ଅନ୍ୟ କେତେକ କୋଠାରେ ଲୋକେ ବାସ କରୁଛନ୍ତି। ପ୍ରଶାସନ ଏ ନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ସାଧାରଣରେ ସ୍ୱର ଉଠିଛି।

# ସୁନାବେଡ଼ାରେ ବାଘ ବୁଲୁଥିବା ଭିଡିଓ ଭାଇରାଲ

## ୪ ଟ୍ରେସ୍ କ୍ୟାମେରା ଲଗାଇଲା ବନ ବିଭାଗ

ସୁନାବେଡ଼ା,୯।୧୧
(କୃତ୍ତିବାସ ପ୍ରଧାନ)


ଭାଇରାଲ ଭିଡିଓର ଦୃଶ୍ୟ।

କୋରାପୁଟ ଜିଲା ପୁରୁଣା ସୁନାବେଡ଼ାସ୍ଥିତ ଜନସ୍ୱାସ୍ଥ୍ୟ ବିଭାଗର ପମ୍ପ ହାଉସ୍ ଅଞ୍ଚଳରେ ବାଘ ବୁଲୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହାକୁ ନେଇ ବନ ବିଭାଗ ଟିମ୍ ତଦନ୍ତ ସହ ସ୍ଥିତିକୁ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ପରେ ସେମିଳିଗୁଡ଼ା ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବାଘର ଗତିବିଧି ଉପରେ ନଜର ରଖିବାକୁ ୪ଟି ଟ୍ରେସ କ୍ୟାମେରା ଲଗାଯାଇଛି। ପ୍ରକୃତରେ ବାଘ ନା ଅନ୍ୟ କିଛି ବନ୍ୟଜନ୍ତୁ ସ୍ପଷ୍ଟ ହୋଇ ନ ଥିବାରୁ ଏହାର ଗତିବିଧି ଉପରେ ବିଭାଗ ନଜର ରଖିଛି। ଏହି ଅଞ୍ଚଳର ଆଖପାଖ ଗାଁ ଓ ବସ୍ତିରେ ବିଭାଗର କର୍ମଚାରୀ ଲୋକମାନଙ୍କୁ ସଚେତନ କରିବା ସହ କେହି କିଛି ଦେଖିଲେ ବିଭାଗକୁ ଖବର ଦେବାକୁ କହିଛନ୍ତି। ୩ ଦିନ ଧରି ଏହି ଅଞ୍ଚଳ ଉପରେ ବନ ବିଭାଗ ଟିମ୍ ନଜର ରଖିଛି। ଶନିବାର ରାତିରେ କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି. ଭାସ୍କର ରାଓ, ଏସିଏଫ ଜଗନ୍ନାଥ ପ୍ରସାଦ ବିଷୋୟୀ, କୋରାପୁଟ ବନାଞ୍ଚଳ ଅଧିକାରୀ ଏସ୍.କେ. ପାହାଡ଼ସିଂ, ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇ, ବନପାଳ ନିରଞ୍ଜନ ଶତପଥୀ ଓ ଅନ୍ୟ ବନ କର୍ମଚାରୀ ଅଞ୍ଚଳର ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ଗୁରୁବାର ରାତିରେ ପମ୍ପ ହାଉସ୍‌ରେ ଥିବା ଜଗୁଆଳି ବାହାରେ ପଇଁତରା ମାରୁଥିବା ବେଳେ ବାଘ ଭଳି ଏକ ବନ୍ୟଜନ୍ତୁ ବୁଲୁଥିବା ଦେଖି ଭିଡିଓ ଉତ୍ତୋଳନ କରିଥିଲେ। ଏ ସମ୍ପର୍କରେ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇଙ୍କୁ ଯୋଗାଯୋଗ କରିବାରୁ, ବିଭାଗ ପକ୍ଷରୁ ଉକ୍ତ ଅଞ୍ଚଳ ଉପରେ ନଜର ରଖାଯାଇଛି। ବନ୍ୟଜନ୍ତୁର ଗତିବିଧି ଜାଣିବାକୁ ଟ୍ରେସ କ୍ୟାମେରା ଲଗାଯାଇଛି। ବାଘ କି ଆଉ କୌଣସି ବନ୍ୟଜନ୍ତୁ ତାହା ଜାଣିବାକୁ ୩ ଦିନ ହେବ ଅନୁଧ୍ୟାନ କରାଯାଉଥିବା ସେ କହିଛନ୍ତି।

# ଦିବ୍ୟାଙ୍ଗଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉନାହାନ୍ତି ଅଧିକାରୀ

## ଆନ୍ତରିକତା ସହ ଆଇନର ଅନୁପାଳନ ଲାଗି ନିର୍ଦ୍ଦେଶ

ଭୁବନେଶ୍ବର,୯।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦିବ୍ୟାଙ୍ଗଙ୍କ ସୁରକ୍ଷା ପ୍ରତି ଅନେକ ବିଭାଗ ଆନ୍ତରିକତା ଦେଖାଉ ନାହାନ୍ତି। ଫଳରେ ସେମାନେ ଚାକିରିଠାରୁ ଆରମ୍ଭ କରି ଜମି ଖଣ୍ଡିଏ ପାଇବା କିମ୍ବା ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି। ଦିବ୍ୟାଙ୍ଗମାନେ ସମାଜର ମୁଖ୍ୟସ୍ରୋତଠାରୁ ପଛରେ ପଡ଼ି ଯାଉଛନ୍ତି। ଏହିଭଳି ଅଭିଯୋଗର ଦସ୍ତାବିଜ୍ ସରକାରଙ୍କ ନିକଟରେ ପହଞ୍ଚିବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ପ୍ରତ୍ୟେକ ବିଭାଗ ଯେପରି ଆଇନର ଅନୁପାଳନପୂର୍ବକ ସେମାନଙ୍କ ଅଧିକାର ଓ ସୁରକ୍ଷାକୁ ଦୃଷ୍ଟିଦେବେ ସେ ନେଇ ବିଭାଗ ପକ୍ଷରୁ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ଏ ସଂକ୍ରାନ୍ତରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ନିର୍ଦ୍ଦେଶକ ପାରୁଲ ପଟ୍ଟୱାରୀ ସରକାରଙ୍କ ନିର୍ଦ୍ଦେଶକ୍ରମେ ନଭେମ୍ବର ୩ରେ ସମସ୍ତ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି, ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ, ଦିବ୍ୟାଙ୍ଗଙ୍କ ଅଧିକାର ପାଇଁ ସେକ୍ସନ-୩୭ର ଅନୁପାଳନ ହେବା ନିହାତି ଆବଶ୍ୟକ। ସେ କହିଛନ୍ତି, ପ୍ରତ୍ୟେକ ଚାଷଜମି ଆବଣ୍ଟନ ବେଳେ ଏହି ବର୍ଗଙ୍କ ପାଇଁ ୫ପ୍ରତିଶତ ପ୍ରଦାନ କରାଯିବା ଦରକାର। ଏହାସହିତ ସରକାରଙ୍କ ସମସ୍ତ ବିକାଶମୂଳକ ଯୋଜନାରେ ସେମାନେ ଯେପରି ସାମିଲ ହୋଇପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାର ଆବଶ୍ୟକତା ରହିଛି। ବିଶେଷ କରି ମହିଳା ବର୍ଗଙ୍କୁ ପ୍ରାଥମିକତା ଭିତ୍ତିରେ ସାମିଲ କରାଯିବା ଦରକାର।

ଏଥିସହ ଗରିବ ଦୂରୀକରଣ ଲାଗି ସରକାରଙ୍କ ପକ୍ଷରୁ ଯେତେସବୁ ଯୋଜନା ହାତକୁ ନିଆଯାଇଛି ସେଥିରେ ମଧ୍ୟ ଅତି କମ୍‌ରେ ୫ପ୍ରତିଶତ ଏହି ବର୍ଗଙ୍କୁ ସାମିଲ କରାଯିବାର ଆବଶ୍ୟକତା ରହିଛି। ଏହାସହିତ ବିଭିନ୍ନ ବର୍ଗଙ୍କୁ ଘରବାଡ଼ି, ଦୋକାନ କିମ୍ବା ଅନ୍ୟାନ୍ୟ ଉଦ୍ୟୋଗ ପାଇଁ ଜମି ଆବଣ୍ଟନ ବେଳେ ଦିବ୍ୟାଙ୍ଗ ବର୍ଗଙ୍କୁ ରିହାତି ଦରରେ ଜମି ଯୋଗାଇବାକୁ ହେବ ବୋଲି ପଟ୍ଟୱାରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ସେ ପୁନଶ୍ଚ ଦର୍ଶାଇଛନ୍ତି, ସରକାରଙ୍କ ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା। ଏଥିପାଇଁ ସରକାରୀ ନିୟମର ଅନୁପାଳନ ଠିକଣା ଭାବେ କରାଯିବାର ଆବଶ୍ୟକତା ରହିଛି। ବିଭାଗୀୟ ଅଧିକାରୀମାନେ ଆନ୍ତରିକତାର ସହିତ ସେକ୍ସନ-୩୭କୁ ଅନୁପାଳନ କରିବା ସହ ଦିବ୍ୟାଙ୍ଗଙ୍କୁ ତାଙ୍କ ଅଧିକାର ପ୍ରଦାନ କରନ୍ତୁ ବୋଲି ନିର୍ଦ୍ଦେଶକ ପତ୍ରରେ ଦର୍ଶାଇଛନ୍ତି।

# ଜଳପଥରେ ଗୁଆ ଚାଲାଣ

## ୬୦୨ ବସ୍ତା ଗୁଆ ସହ ୪ କଣ୍ଟେନର, ୨ ଟ୍ରଲର ଜବତ



ମେରାଇନ୍ ଥାନା ପକ୍ଷରୁ ଜବତ ଟ୍ରଲର ଓ କଣ୍ଟେନର।

ବାଲେଶ୍ବର,୯।୧୧(ବାଞ୍ଛାନିଧି ଦେ)

ଜଳପଥରେ ଗୁଆ ଚାଲାଣ ବେଳେ ଧରାପଡ଼ିଛି। ବାଲେଶ୍ବର ଜିଲା ବାହାବଳପୁର ମେରାଇନ୍ ଥାନା ଓ ବସ୍ତା ଥାନା ଅଞ୍ଚଳରୁ ୪ଟି କଣ୍ଟେନର ଓ ୨ଟି ଟ୍ରଲର୍ ଜବତ ହୋଇଛି। ୪ କଣ୍ଟେନର ଡ୍ରାଇଭରଙ୍କୁ ଅଟକ ରଖାଯାଇ ପୋଲିସ ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ବାହାବଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରଠାରୁ କିଛି ଦୂରରେ ଏହି ଟ୍ରଲର୍ ୨ଟି ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେଥିରେ ଆସିଥିବା ସାମଗ୍ରୀକୁ ୪ଟି କଣ୍ଟେନର ଜରିଆରେ ଚାଲାଣ ବ୍ୟବସ୍ଥା କରାଯାଉଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ମେରାଇନ୍ ଥାନା ପୋଲିସ ସ୍ଥାନୀୟ ଶିବ ମନ୍ଦିର ନିକଟରୁ ଗୋଟିଏ କଣ୍ଟେନରରେ ଥିବା ୨୮୮ବସ୍ତା ଗୁଆ ଜବତ କରିଥିଲା। ଏନେଇ ମାମଲା (ନଂ.୩୫/୨୫) ରୁଜୁ ପରେ ତଦନ୍ତ ଜାରି ରହିଛି। ସେହିପରି ବସ୍ତା ଥାନା ପୋଲିସ ଛାନୁଆ-ସୁଲପଟା ରାସ୍ତାରେ ୩ଟି କଣ୍ଟେନରକୁ ଅଟକାଇଥିଲା। ସେଥିମଧ୍ୟରୁ ୨ଟି କଣ୍ଟେନରରେ ଥିବା ୩୧୪ ବସ୍ତା ଗୁଆ ଜବତ ହୋଇଥିବା ବେଳେ ଅନ୍ୟଟି ଫାଙ୍କା ଥିଲା। ଏ ସମ୍ପର୍କରେ ବସ୍ତା ଥାନାରେ ମାମଲା (ନଂ. ୪୬୬/୨୫) ରୁଜୁ ହୋଇଛି।

ମେରାଇନ ଥାନା ଆଇଆଇସି ରଶ୍ମିରେଖା ମହାଳିକଙ୍କ ସୂଚନା ମୁତାବକ, କଣ୍ଟେନରଗୁଡ଼ିକରେ ଗୁଆ ବସ୍ତା ଥିଲା। ଟ୍ରଲର୍‌ଗୁଡ଼ିକରେ ଏହି ଗୁଆ ଆସିଥିବା ଅନୁମାନ କରାଯାଉଛି। ସମ୍ପୂର୍ଣ୍ଣ ଯାଞ୍ଚ ପରେ ସତ୍ୟାସତ୍ୟ ଜଣାପଡ଼ିବ। ଟ୍ରଲର୍‌ଗୁଡ଼ିକ ପଶ୍ଚିମବଙ୍ଗର ବୋଲି ପୋଲିସ ସୂଚନା ଦେଇଛି।

## ଗାଡ଼ି ଧକ୍କାରେ ମା' ପୁଅ ମୃତ

ସମ୍ବଲପୁର,୯।୧୧
(ପ୍ରମୋଦ ବହିଦାର)

ରାଞ୍ଚି-ବିଜୟୱାଡା ଜାତୀୟ ରାଜପଥର ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଆଦର୍ଶ ବିଦ୍ୟାଳୟ ଛକରେ ରବିବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ବାଇକରେ ଥିବା ମା' ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାରମାଳ ଥାନା ଅନ୍ତର୍ଗତ ବଡ଼ମାଳ ପଞ୍ଚାୟତ ପିପିଲିକାନୀ ଗ୍ରାମର ମଞ୍ଜୁ ମାଝୀ(୬୦) ଓ ତାଙ୍କ ପୁଅ ମନୋଜ ମାଝୀ(୩୦)। ସେମାନେ ନାକଟିଦେଉଳରୁ ରେଢ଼ାଖୋଲ ଆସୁଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା୩୦ରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ସେମାନେ ଛିଟିକି ପଡ଼ିଥିବାବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଥିଲେ। ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମଞ୍ଜୁ ଓ ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯିବ।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପ୍ରେସ କ୍ଲବ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସୃଜନୀ ଅନୁଷ୍ଠାନ ଆନୁକୂଲ୍ୟରେ ନାରାୟଣ ଶିଶୁ ନାଟ୍ୟ ମହୋତ୍ସବ-୨୦୨୫, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୫ଟା ୩୦।
- ଦିବ୍ୟଦିଗନ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଔଷଧୀୟ ଚାରା ପ୍ରଦର୍ଶନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜନ୍ମଦିନ ଉପଲକ୍ଷେ ବିଶାଳ ରକ୍ତଦାନ ଶିବିର, ସ୍ଥାନ: ଡାକବଙ୍ଗଳା ପରିସର, ନୀଳଗିରି, ଔପଦା ଡିଗ୍ରୀ କଲେଜ, ଔପଦା, ମନୀଷା ଜିଏନ୍ଏମ୍ କଲେଜ, ଖନ୍ତାପଡ଼ା, ସମୟ: ପୂର୍ବାହ୍ନ ୯ଟା।
- ଆଣ୍ଟି ରାଗିଂ ସମ୍ପର୍କିତ କର୍ମଶାଳା,ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ ସାମ୍ବାଦିକ ଦିବସ ଉପଲକ୍ଷେ ଯୁକ୍ତ୨ ଓ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା, ଶୀର୍ଷକ 'ମୁଁ ବି ହେବି ସାମ୍ବାଦିକ', ସ୍ଥାନ: ଆର୍‌ଆଇଏଚ୍‌ଏସ୍ ମହାବିଦ୍ୟାଳୟ, ଭୋଗରାଇ, ସମୟ: ପୂର୍ବାହ୍ନ ୧୧ଟା।

**ଭଦ୍ରକ**
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।

**କେନ୍ଦୁଝର**
- ସାଧାରଣ ଅଭିଯୋଗ ଶୁଣାଣି, ସ୍ଥାନ: ଚମ୍ପୁଆ ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱପ୍ନେଶର ମନ୍ଦିର ପ୍ରାଙ୍ଗଣରେ ଭଜନ ଓ ସତ୍‌ସଙ୍ଗ, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୫ଟା।
- ସାଇବାବାଙ୍କ ୧୦୦ତମ ଜନ୍ମ ଉତ୍ସବ ଉପଲକ୍ଷେ ଆଲୋଚନା ଚକ୍ର, ଭଜନ, ସ୍ଥାନ : କପୁଣ୍ଡି , ହାଟଡିହୀ, ସମୟ : ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ପଦଯାତ୍ରା, ସ୍ଥାନ: ବିର୍ସା ମୁଣ୍ଡା ପାର୍କ, ରାଇରଙ୍ଗପୁର, ସମୟ: ସକାଳ ୭ଟା।
- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ସଂଗୀତା କ୍ରିଏଟିଭ୍ ପ୍ରତିଯୋଗିତା,ସ୍ଥାନ:ଚିତ୍ରଡ଼ା ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡ଼ା,ସମୟ:ପୂର୍ବାହ୍ନ ୧୧ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲୀ ଲାଇବ୍ରେରୀ, ବାରିପଦା, ସମୟ: ସନ୍ଧ୍ୟା ୬ଟା ୩୦।
- ରୟାଲ କିଙ୍ଗ୍‌ଡମ ଡ୍ୟାନ୍ସ ଗ୍ରୁପ୍‌ର ଡ୍ୟାନ୍ସ ପରିବେଷଣ, ସ୍ଥାନ: ଭପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ, ବାରିପଦା, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ସାଧାରଣ ସଭା, ସ୍ଥାନ: ବସଷ୍ଟାଣ୍ଡ ହିଞ୍ଜିଳିକାଟୁ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଭୁବନ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ଓ ରୁଦ୍ରାଭିଷେକ, ସ୍ଥାନ: ଢେଙ୍କାନାଳ ରାଜବାଟୀ, ସମୟ: ସନ୍ଧ୍ୟା ୫ଟା।

**ଜଗତ୍‌ସିଂହପୁର**
- ପାରାଦୀପ ଆଦର୍ଶଥାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ନେଇ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପାରାଦୀପ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ବାଲିଯାତ୍ରା ମହୋତ୍ସବ ୨୦୨୫ର ଉଦ୍‌ଯାପନୀ ସଭା, ସ୍ଥାନ: ବାଲିଯାତ୍ରା ମଞ୍ଚ, ବତୀଘର ପାଖ ବେଳାଭୂମି, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଷ୍ଟ୍ରୀୟ ଏକତା ପଦଯାତ୍ରା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା କରୁଣାକର କରଙ୍କ ସ୍ମୃତି ସଭା, ସ୍ଥାନ: ଦୁମୁକାହାଟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ଦିଶା ବୈଠକ, ସ୍ଥାନ: ଡିଆରଡିଏ ସଭାଗୃହ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜାଷୋବ, ସ୍ଥାନ: ପୀତାପଲ୍ଲୀ, ମହାକାଳପଡ଼ା, ସମୟ: ସନ୍ଧ୍ୟା ୬ଟା।
- ବାଲିଯାତ୍ରା ମହୋତ୍ସବ ଓ ରାସ ଉତ୍ସବ, ସ୍ଥାନ: ଗୋବରୀ ନଦୀ କୂଳ, ଗୁଲନଗର, କେନ୍ଦ୍ରାପଡ଼ା ସହର, ଲୁଣାନଦୀ ତଟ, କଳପଡ଼ା, କେନ୍ଦ୍ରାପଡ଼ା, ମା' ମାଟିଆମଙ୍ଗଳା ପୀଠ, ବାରଗାଁ, ପଟ୍ଟାମୁଣ୍ଡାଇ, ମହାନଦୀ ଘାଟ, ବାହାକୁଦ, ମା' ରାମଚଣ୍ଡୀ ଭାଗବତ ଆଶ୍ରମ, କୋଟିଳା ଭାଗବତ ପୀଠ, ଧ୍ୟାନ ଦାସ ମଠ, ବାରଡାଙ୍ଗ, ମହାକାଳପଡ଼ା, ଶାସନୀପଡ଼ା ସେତୁ, ମାର୍ଶାଘାଇ, ଚନ୍ଦ୍ରମୌଳି ପୀଠ, ଚନ୍ଦନନଗର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

**ଯାଜପୁର**
- ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ଧର୍ମଶାଳା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବରୀ ବ୍ଲକ୍ ଅଧୀନ ବାଲିବିଲ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାହାସ ଉତ୍ସବ, ସ୍ଥାନ : ହରିପୁରର ବିଭିନ୍ନ ମଠ ମନ୍ଦିର, ସମୟ : ସନ୍ଧ୍ୟା ୫ଟା।
- ରାହାସ କୁଞ୍ଜ ଉତ୍ସବ ଓ ଯାତ୍ରା ସମାରୋହ, ସ୍ଥାନ: ମହେଶ୍ୱରପୁର ଛକ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ବାବା ବଳିଆଙ୍କ ହରି କଥାମୃତ ଉଦ୍‌ଘାଟନ ଦିବସ, ସ୍ଥାନ:କଣ୍ଟିଲୋ ମାଘମେଳା ପଡିଆ, ସମୟ: ସଂଧ୍ୟା ୬ଟା।
- ସାଇବର ଠକେଇ ଉପରେ ସଚେତନତା, ସ୍ଥାନ:ନୟାଗଡ ବ୍ଲକ ଇଟାମାଟି ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

**ରାୟଗଡ଼ା**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା, ସ୍ଥାନ: ଉମରକୋଟ, ସମୟ: ସକାଳ ୮ଟା।
- ଝରିଗାଁ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ, ସ୍ଥାନ: ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାଲ୍ୟବିବାହ ନିରାକରଣ ଦିଗରେ ସ୍ୱତନ୍ତ୍ର ଅଭିଯାନ, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତର ଦଳେଇଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୨ଟା।
- ମୁଖ୍ୟମନ୍ତ୍ରୀ ମକା ମିଶନ ସମୀକ୍ଷା ବୈଠକ, ସ୍ଥାନ: ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ ଅପରାହ୍ନ ୪ଟା।

**କୋରାପୁଟ**
- ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଉଚ୍ଚ ବିଦ୍ୟାଳୟ ପଡିଆ, ନନ୍ଦପୁର, ସମୟ: ସକାଳ ୮ଟା ୪୦।
- ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଓ କ୍ଷେତ୍ର ପରିଦର୍ଶନ, ସ୍ଥାନ: ପଞ୍ଚାୟତ ସମିତି ବୈଠକ ଗୃହ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଆଦର୍ଶ ବିଦ୍ୟାଳୟ, ଚନ୍ଦ୍ରପଡା, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହାଟଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାମୀ ଚିଦାନନ୍ଦଙ୍କ ପ୍ରବର୍ତ୍ତିତ ସପ୍ତ ବିଧାନ ଉଦ୍‌ଯାପନ, ସ୍ଥାନ: ଆଶ୍ରମ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ବାଡେଲ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ପରବ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ୍ କାର୍ଯ୍ୟାଳୟ ପରିସର ସଭାଗୃହ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ଜାତୀୟ ଆଇନ ସେବା ଦିବସ, ସ୍ଥାନ: ଦଶମନ୍ତପୁର କୋର୍ଟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୧ଟା।
- ବ୍ଲକସ୍ତରୀୟ ପରବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ଜୟପୁର, ସମୟ:ଅପରାହ୍ନ ୩ଟା।
- କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ହାଲ ସହରାଞ୍ଚଳ ଖେଳପଡ଼ିଆ, ସୁନାବେଡା, ସମୟ: ଅପରାହ୍ନ ୫ଟା।
- ଶାବର ଶ୍ରୀକ୍ଷେତ୍ରରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପ୍ରବଚନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, ସମୟ : ସନ୍ଧ୍ୟା ୭ଟା୩୦।

**ମାଲକାନଗିରି**
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣି ସମ୍ପଦ ମେଳା, ସ୍ଥାନ: ପଡ଼ିଆ ବ୍ଲକ ସଦର ମହକୁମା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଶ୍ରୀଅନ୍ନ ଅଭିଯାନରେ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ : ଯୁଯୋମୁରା ନିକଟସ୍ଥ ବୁଟୁବେର୍ଣ୍ଣି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଦୁର୍ଗା-୨ ଚିତ୍ରକଳା ପ୍ରଦର୍ଶନୀର ପ୍ରସ୍ତୁତି ବୈଠକ, ସ୍ଥାନ : ଗୁଜୁରାତି କଲୋନୀ ସ୍ଥିତ ବନ୍ଦନା ଆର୍ଟ କର୍ଣ୍ଣରର ପରସର, ସମୟ : ଅପରାହ୍ନ ୫ଟା।

**ରାଉରକେଲା**
- ଆଦର୍ଶ ଯୁବ ପରିଷଦ ପକ୍ଷରୁ ଶିଶୁ ମହୋତ୍ସବର ଉଦ୍‌ଯାପନୀ ସମାରୋହ ପାଳନ, ସ୍ଥାନ: ସେକ୍ଟର-୭, ସମୟ: ସକାଳ ୮ଟା।
- ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା ଷ୍ଟେଶନ ଗାର୍ଡ୍ ରୁମ୍, ସମୟ: ସକାଳ ୯ଟା।
- ରାଉରକେଲା ମହାବିଦ୍ୟାଳୟରେ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।

**ପ୍ରଥମ ପୃଷ୍ଠାରୁ...**

## ସରିଲା ପ୍ରଚାର...

ନାହିଁ। ଏହାକୁ ନେଇ ସ୍ଥାନୀୟ ମହଲରେ ଚାଲିଥିବା ଚର୍ଚ୍ଚା ମୁତାବକ, ରବିବାର ରାତିରୁ ମଙ୍ଗଳବାର ଭୋଟ ପ୍ରକ୍ରିୟା ଆରମ୍ଭ ଯାଏ ଦେଖିବାକୁ ମିଳିବ ଅସଲି ଖେଳ। କାରଣ ଏବେ ପ୍ରାୟ ଦେଢ଼ ଦିନ ସ୍ଥାନୀୟ ଅଞ୍ଚଳର ପଞ୍ଚାୟତସ୍ତରୀୟ ନେତାମାନେ ହିଁ ଯାହା କିଛି ସେମାନଙ୍କ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଆସିବା ଲାଗି କାମ କରିବେ। ସ୍ଥାନୀୟ ମହଲରେ ଏବେ ଅନ୍ଧାରି ବିଜେ ବିଷୟକୁ ନେଇ ପ୍ରଚାର ଜୋର ଧରିବାରେ ଲାଗିଛି। ଏସବୁ ଭିତରେ ଅସାଧୁ କାରବାର ରୋକିବା ପାଇଁ ନିର୍ବାଚନ କମିଶନ ଓ ଜିଲା ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି।

ଦିନେକାଳେ ନୂଆପଡ଼ା ଯାଇ ନ ଥିବା ଏବଂ ସ୍ଥାନୀୟ ଅଞ୍ଚଳରେ ବୁଲି ଲୋକଙ୍କ ଦୁଃଖ ସୁଖ ବୁଝି ନ ଥିବା ରାଜ୍ୟର ଅନେକ ନେତା ଉପନିର୍ବାଚନ ପରିସ୍ଥିତି ସୃଷ୍ଟି ହେବାରୁ ନିଜ ଦଳ ପାଇଁ ପ୍ରଚାର କରିବାକୁ ନୂଆପଡ଼ା ଆସିଥିଲେ। ୨୦୨୪ ନିର୍ବାଚନ ପରେ ରାଜ୍ୟ ରାଜନୀତିର ଦୃଶ୍ୟପଟ ବଦଳିଥିବାରୁ ନିଜ ଦଳକୁ ଲୋକଙ୍କ ନଜରରେ ଆଗକୁ ନେବା ପାଇଁ ବହୁ ନେତା ନୂଆପଡ଼ା ଭୋଟରଙ୍କ ସହ ପ୍ରାୟ ମାସେ ବ୍ୟାପୀ ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥିଲେ। ସେହି ନେତାମାନଙ୍କୁ ମିଳିଥିବା ଦାୟିତ୍ୱର ସମୟ ସରିଯିବା ପରେ ସେମାନେ ନିଜ କର୍ତ୍ତବ୍ୟ କେତେ ଭଲ ଭାବେ ତୁଲାଇ ପାରିଛନ୍ତି ସେକଥା ଆସନ୍ତା ୧୪ ତାରିଖ ଉପନିର୍ବାଚନ ଫଳ ବାହାରିବା ପରେ ସ୍ପଷ୍ଟ ହୋଇଯିବ। ଅନେକ ନେତା ଏବେ ନୂଆପଡ଼ା ଛାଡ଼ିବା ପରେ ଏହାର ପାଖାପାଖି ଜିଲାର ହେଡକ୍ୱାର୍ଟର୍ସରେ ଡେରା ପକାଇବା ସହ ମନିଟରିଂ କରି ଭୋଟର ଯେପରି ଏପାଖ ସେପାଖ ନ ହୁଅନ୍ତି ସେଥିପାଇଁ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ନେଇ ଚର୍ଚ୍ଚା ହେଉଥିବାବେଳେ ଭାଜପା,ବିଜେଡି ଓ କଂଗ୍ରେସ ନିଜର ପଞ୍ଚାୟତସ୍ତରର ନେତାମାନଙ୍କୁ ବାକି ସମୟ ଭଲ ଭାବେ ନିଜ ଅଞ୍ଚଳକୁ ଜଗିରଖିବା ପାଇଁ ବୁଝାଇ ଚାଲିଛନ୍ତି। ଏହି ଉପନିର୍ବାଚନରେ ରାଜ୍ୟର ୩ପ୍ରମୁଖ ଦଳ ସେମାନଙ୍କ ପ୍ରାର୍ଥୀ ଜିତିବା ସପକ୍ଷରେ ଯୁକ୍ତି ବାଢ଼ୁଛନ୍ତି। ପୂର୍ବରୁ ମଧ୍ୟ ପ୍ରକାଶ ପାଇଥିବା ଅନେକ ଚର୍ଚ୍ଚା ମୁତାବକ ପ୍ରଥମ ଥର ଶାସନ କ୍ଷମତାକୁ ଆସିଥିବା ଭାଜପା ପାଇଁ ଏହି ଉପନିର୍ବାଚନ ଏକପ୍ରକାର ଅଗ୍ନିପରୀକ୍ଷା ସଦୃଶ। କାରଣ ଏହି ଉପନିର୍ବାଚନରେ ବିଜୟୀ ହେଲେ ହିଁ ସରକାର ବିପକ୍ଷରେ ଜନମତ ନ ଥିବା ଏବଂ ବିଶ୍ୱାସ ବଢ଼ିଥିବା କଥା ଭାଜପା ରାଜ୍ୟବାସୀଙ୍କ ଆଗରେ ରଖିପାରିବ। ସେହିପରି ୨୪ ବର୍ଷ ପରେ ଶାସନରୁ ଯାଇଥିବା ବିଜେଡି ଯଦି ବିଜୟୀ ହୁଏ, ତେବେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲାଣି ବୋଲି କହି ସେମାନେ ନିଜ ପୁରୁଣା ସ୍ଥିତିକୁ ଫେରିବାର ବାର୍ତ୍ତା ଦେବା ନେଇ ଏକ ବାଟ ଫିଟାଇ ପାରିବେ। ସମାନ ଭାବେ କଂଗ୍ରେସ ଯଦି ଉତ୍ତମ ପ୍ରଦର୍ଶନ କରିବାରେ ସଫଳ ହେଲା,ତେବେ ଦୀର୍ଘ ଦିନ ଧରି ପ୍ରତ୍ୟାଖ୍ୟାତ ହୋଇଥିବା ଏହି ଦଳ ପାଇଁ ଲୋକଙ୍କ ମନରେ ପରିବର୍ତ୍ତନ ହୋଇଛି ବୋଲି ଏକ ବାର୍ତ୍ତା ଯାଇପାରେ। ତେବେ ଗଲା ୨୫ ଦିନ ଧରି ଖବର ସଂଗ୍ରହ କରିବା ମଧ୍ୟରେ ଉପରୋକ୍ତ ବିଭିନ୍ନ ଦଳର ନେତାମାନଙ୍କ ସହ ଅନେକ ସମୟରେ ଆଲୋଚନା କରିବା ଭିତରେ ମିଳିଥିବା ଅନୁଭୂତି ଅନୁଯାୟୀ, ପଛୁଆ ଜିଲା ଭାବେ ପରିଚିତ ନୂଆପଡ଼ାର ଭୋଟରଙ୍କ ମାନସିକତା ଉପନିର୍ବାଚନ ଭୋଟିଂକୁ ନେଇ କିପରି ରହିଛି ତାହା କେହି ହେଲେ ଠିକ୍ ଭାବେ ଆକଳନ କରିପାରୁ ନାହାନ୍ତି। ତେବେ ବର୍ତ୍ତମାନ ସମୟରେ ସବୁ ଦଳର ସ୍ଥାନୀୟ ନେତାଙ୍କ କାର୍ଯ୍ୟକଳାପ ଓ ଜିଲା ପ୍ରଶାସନର କଟକଣା ଉପରେ ବିଶେଷ ଦୃଷ୍ଟି ରହିବ।

ଅନ୍ୟପଟେ ବିଜେଡି ଓ ଭାଜପାରୁ ଟିକେଟ ପାଇ ନ ଥିବା ଅନେକ ସ୍ଥାନୀୟ ନେତା ସେମାନଙ୍କ ଦଳର ନେତୃମଣ୍ଡଳୀମାନଙ୍କର ଉପସ୍ଥିତି କାରଣରୁ କିଛି ଏପାଖ ସେପାଖ କରିବାର ସୁଯୋଗ ପାଇପାରି ନ ଥିଲେ। ହେଲେ ଏବେ ଯେତେବେଳେ ବାହାରୁ ଆସିଥିବା ନେତାମାନେ ଚାଲିଗଲେଣି, ସେହି ସମୟରେ ଟିକେଟ ଆଶାୟୀ ଥିବା ସମସ୍ତ ଅସନ୍ତୁଷ୍ଟ ନେତା ସେମାନଙ୍କ କର୍ମୀମାନଙ୍କ ଜରିଆରେ ନିଜ ଅସନ୍ତୋଷ ଜାହିର କରିବାର ସୁଯୋଗକୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ସବୁ ଦଳ ଭିତରେ ଏକ ପ୍ରକାର ଭାଳେଣି ପଡ଼ିଥିବା ଶୁଣିବାକୁ ମିଳୁଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଳପ ଦୁହିଁଲେ ଗୋସେଇଁ ରୁଷେ,**
**ବହୁତ ଦୁହିଁଲେ ବାଛୁରୀ ରୁଷେ,**
**ପର ଗାଇଦୁହାଁ ମୋତେ ନ ଆସେ ।**

ଗାଈ ଦୁହାଁଳି ବ୍ୟକ୍ତି ଗାଈଠାରୁ ଅଳ୍ପ କ୍ଷୀର ଦୁହିଁଲେ ଗାଈର ମାଲିକ ତା' ଉପରେ ଅସନ୍ତୁଷ୍ଟ ହୋଇଥାଏ। ସେମିତି ଗାଈଠାରୁ ବେଶି କରି କ୍ଷୀର ଦୁହିଁଲେ ବାଛୁରୀଟି ଖାଇବାକୁ ପାଇ ନ ଥାଏ। ଏ ପରିସ୍ଥିତିରେ ଗାଈ ଦୁହିଁଥିବା ବ୍ୟକ୍ତିଟି ଅତ୍ୟନ୍ତ ଧର୍ମ ସଙ୍କଟରେ ପଡ଼ିଯାଇଥାଏ। ପରୋକ୍ଷରେ ଦୁଇ ପକ୍ଷର ଲୋକଙ୍କ ମନକୁ ନେଇ ଚଳିବା ଆଦୌ ସହଜ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ନିର୍ଲଜ ଗୀତ ଗାଏ,**
**ଅତି ପୋଡ଼ାମୁହାଁ ନାଚି ଯାଏ ।**

ଲୋକମାନଙ୍କର ବିଶ୍ୱାସ, ବେସରମ ଲୋକହିଁ ନାଚ ତାମସାରେ ମାତିଥାଏ। ପରୋକ୍ଷରେ ଯେଉଁମାନଙ୍କ ମୁହଁରେ ଲାଜସରମ ବୋଲି କିଛି ନ ଥାଏ ସେମାନଙ୍କୁ କହି କିଛି ଲାଭ ମିଳି ନ ଥାଏ। ଅଲାଜୁକ ଭାବେ ସେମାନେ ଯାହା ନାହିଁ ତାହା କରିବସୁଥିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଜେଡି, କଂଗ୍ରେସ...

ଓ ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ପୂର୍ବାହ୍ନ ୧୦ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ସେହିପରି ଯୁବ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ୟବସାୟୀ ଅଙ୍କିତ ସିଂଘାଇଙ୍କ ଖରିଆରରୋଡ଼ସ୍ଥିତ ବାସଭବନରେ ଅପରାହ୍ନ ପ୍ରାୟ ୩ଟାରେ ଆୟକର ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ଉଭୟଙ୍କ ଘର ଉପରେ କାହିଁକି ଚଢାଉ କରାଗଲା ଓ କ'ଣ ସବୁ ଜବତ କରାଯାଇଛି, ତାହା ଅସ୍ପଷ୍ଟ ରହିଛି।

## ବଢୁଛି ଶୀତ...

ପାଣିପାଗ ବିଭାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏଥିସହ ରାଜଧାନୀରେ ସର୍ବାଧିକ ତାପମାତ୍ରା ୩୨ ଡିଗ୍ରୀ ଓ ସର୍ବନିମ୍ନ ୧୭ଡିଗ୍ରୀ ରହିବ ବୋଲି ଆକଳନ କରାଯାଇଛି। ଅପରପକ୍ଷେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୪ ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡ଼ିକର କିଛି ସ୍ଥାନରେ ପ୍ରାୟ ୨ରୁ ୩ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ଅପରପକ୍ଷେ ଆଗାମୀ ୨ରୁ ୩ ଦିନ ମଧ୍ୟରେ ସାଧାରଣ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ସେଲସିୟସ କମିବାର ସମ୍ଭାବନା ରହିଛି। ତେବେ ୧୫ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ପାଗ ଶୁଷ୍କିଲା ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ବାହାରେ...

ସେହିପରି ଗତ ଅକ୍ଟୋବର ୧୦ ତାରିଖରେ ପଶ୍ଚିମବଙ୍ଗ ଦୁର୍ଗାପୁରରେ ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ଜଣେ ଓଡ଼ିଆ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିଲା। ସ୍ଥାନୀୟ ମେଡିକାଲ କଲେଜରେ ସେ ପାଠ ପଢୁଥିଲେ। ଛାତ୍ରୀ ଜଣଙ୍କ ପୁରୁଷ ବନ୍ଧୁଙ୍କ ସହ କଲେଜ ବାହାରକୁ ରାତିରେ ଗୁପ୍‌ଚୁପ୍ ଖାଇବାକୁ ଯାଇଥିବା ବେଳେ କେତେଜଣ ଯୁବକ ଆସି ତାଙ୍କୁ ଟେକିନେଇ ଗଣବଳାତ୍କାର କରିଥିଲେ। ପୋଲିସ ତଦନ୍ତ ପରେ ଉକ୍ତ ଘଟଣାରେ ପୁରୁଷ ବନ୍ଧୁଙ୍କ ହାତ ଥିବା ଜଣାପଡ଼ିଥିଲା। ସେହିପରି ଗତ ବର୍ଷ ଜୁଲାଇରେ ବେଙ୍ଗାଲୁରୁରେ ଜଣେ ଓଡ଼ିଆ ଛାତ୍ରୀଙ୍କୁ ସ୍କୁଲରେ ବଳାତ୍କାର କରାଯାଇଥିଲା, ଯାହାକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ଗତ ବର୍ଷ ଦିଲ୍ଲୀରେ ମଧ୍ୟ ଜଣେ ଓଡ଼ିଆ ଯୁବତୀ ଗଣବଳାତ୍କାରର ଶିକାର ହୋଇଥିଲେ। ସେ ପରିବାର ଲୋକଙ୍କ ଉପରେ କୌଣସି କାରଣରୁ ରାଗିକି ଦିଲ୍ଲୀ ପଳାଇଯାଇଥିଲେ। ସେଠାରେ ଷ୍ଟେଶନରେ ରହିଥିବାବେଳେ ଜଣେ ଅଟୋ ଡ୍ରାଇଭର ଏବଂ ଅନ୍ୟମାନେ ତାଙ୍କୁ ଗଣବଳାତ୍କାର କରିଥିଲେ। ଗତବର୍ଷ ହାଇଦ୍ରାବାଦରେ ଏକ ପ୍ରେମୀଯୁଗଳଙ୍କୁ ମାଡ଼ ମାରିବା ସହ ପ୍ରେମିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହିଭଳି ଓଡ଼ିଶାରୁ ଏକାଧିକ ଯୁବତୀ ବାହାର ରାଜ୍ୟକୁ ଯାଇ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଭରତପୁରରେ ରହୁଥିବା ମୋନାଲିସା ସାହୁ କହିଛନ୍ତି, ତାଙ୍କ ଝିଅ ଦିଲ୍ଲୀରେ ରହି ପାଠ ପଢୁଛି। ହେଲେ ଗତ କିଛିବର୍ଷ ହେବ ରାଜ୍ୟ ବାହାରେ ଯେଭଳି ମହିଳା ଓ ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି, ସେକଥା ଶୁଣିଲେ ଝିଅର ସୁରକ୍ଷା ନେଇ ଆମେ ସବୁବେଳେ ଚିନ୍ତାରେ ରହୁଛୁ। ଝିଅ ସହ ଗୋଟିଏ ଦିନ କଥା ନ ହେଲେ କିଛି ଅଘଟଣ ନ ହେଉ ବୋଲି ଭଗବାନଙ୍କୁ ଡାକୁଛୁ।

### ପ୍ରଭାବୀ ହେଉନି ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ

ଗତ ଦୁଇ ବର୍ଷରେ ବାହାର ରାଜ୍ୟରେ ୩୦ରୁ ଅଧିକ ମହିଳା ନିର୍ଯାତନାର ଶିକାର ହୋଇଛନ୍ତି। ପ୍ରତିବର୍ଷ ମହିଳାଙ୍କ ସୁରକ୍ଷା ପାଇଁ ଆନ୍ତଃରାଜ୍ୟ ଆଇପିଏସ୍ ସମ୍ମିଳନୀ କରାଯାଉଛି। ଏହି ସମ୍ମିଳନୀରେ ମହିଳାମାନେ କିଭଳି ଅନ୍ୟ ରାଜ୍ୟରେ ସୁରକ୍ଷା ପାଇବେ ସେନେଇ ଆଲୋଚନା କରାଯାଉଛି। ଆହୁରି ମଧ୍ୟ ରାଜ୍ୟ ରାଜ୍ୟ ଭିତରେ ସମନ୍ୱୟ ରଖି କାମ କରିବାକୁ କୁହାଯାଉଛି। କୌଣସି ରାଜ୍ୟରେ ଅନ୍ୟ ରାଜ୍ୟର ମହିଳାମାନେ ଅପରାଧର ଶିକାର ହେଲେ ତୁରନ୍ତ ସେଠାର ପୋଲିସକୁ ଜଣାଇବା ସହ ତଦନ୍ତ କରି ତ୍ୱରିତ ନ୍ୟାୟ ଦେବାକୁ କୁହାଯାଉଛି। କିନ୍ତୁ ବାସ୍ତବରେ ତାହା ସଫଳ ହେଉ ନ ଥିବା କିଛି ଦିନର ଘଟଣାକୁ ଦେଖିଲେ ଜଣାପଡୁଛି। ତେବେ ଏନେଇ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ବାହାର ରାଜ୍ୟରେ ଓଡ଼ିଶାର କୌଣସି ମହିଳା ନିର୍ଯାତନାର ଶିକାର ହେଲେ ଆମେ ତୁରନ୍ତ ଉକ୍ତ ରାଜ୍ୟର ପୋଲିସ ଡିଜିଙ୍କ ସହ ଯୋଗାଯୋଗ କରୁଛୁ। ଆହୁରି ମଧ୍ୟ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ କହୁଛୁ। ରାଜ୍ୟ ବାହାରେ ମହିଳାଙ୍କ ଉପରେ ଘଟୁଥିବା ଘଟଣା ଉପରେ ନଜର ରଖିଛୁ ବୋଲି ମିଶ୍ର କହିଛନ୍ତି।

## ଦିନକ ପରେ ୧୨୨...

ଉଭା ହେବା ସତ୍ତ୍ୱେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି) ସରକାର ଗଢ଼ିବାକୁ ସୁଯୋଗ ପାଇ ନ ଥିବାରୁ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଏଥର କୌଣସି ସୁଯୋଗ ହାତଛଡ଼ା କରିବାକୁ ଚାହିଁନାହାନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିଳମ୍ବିତ ନିର୍ବାଚନ ପ୍ରଚାର ତାଙ୍କ ଦଳକୁ ସୁଫଳ ଦେଇ ନ ପାରେ ବୋଲି କୁହାଯାଉଛି। ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତ କିଶୋର ନିଜେ ଲଢୁ ନ ଥିଲେ ବି ତାଙ୍କ ଜନ ସୁରାଜ ପାର୍ଟିର ପ୍ରାର୍ଥୀମାନଙ୍କ ପାଇଁ ଯଥାସାଧ ପ୍ରଚାର କରିଛନ୍ତି। ତାଙ୍କ ଦଳକୁ ବିଶେଷ ସଫଳତା ମିଳିବ ନାହିଁ, କିନ୍ତୁ ଭୋଟ ବିଭାଜନରେ ସେ ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେଇଛନ୍ତି। ଏଥର ନିର୍ବାଚନରେ ପ୍ରଥମ ଥର ପାଇଁ ପରିବାରକୁ ବାଦ୍ ଦେଇ ଭାଗ୍ୟ ପରୀକ୍ଷା କରୁଛନ୍ତି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କ ବଡ଼ପୁଅ ତେଜସ୍ୱୀ ଯାଦବ। ତେବେ ତାଙ୍କ ପ୍ରଭାବ ଗୋଟିଏରୁ ୮ଟି ଆସନରେ ସୀମିତ ରହିପାରେ ବୋଲି ଅନୁମାନ କରାଯାଉଛି। ଗତ ନିର୍ବାଚନରେ ୫ ଆସନରେ ବିଜୟୀ ହୋଇଥିବା ହାଇଦ୍ରାବାଦ୍ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ଦଳ ଏଆଇଏମ୍‌ଆଇଏମ୍ ପୂର୍ବ ସଫଳତା ଦୋହରାଇ ନ ପାରେ ବୋଲି ଆକଳନ କରାଯାଉଛି।

ନିର୍ବାଚନ କମିଶନଙ୍କ ପକ୍ଷରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପରେ ପ୍ରଥମ ଥର ନିର୍ବାଚନ ହେଉଥିବାରୁ ଏହାର ଫଳାଫଳ କେଉଁ ଆଡ଼କୁ ଯିବ ତାହା ଆସନ୍ତା ୧୪ରେ ସ୍ପଷ୍ଟ ହୋଇଯିବ। କିନ୍ତୁ ବର୍ତ୍ତମାନ ସବୁ ଦଳ ନିଜ ନିଜ ସପକ୍ଷରେ ସଫଳତା ଆସିବା ନେଇ ଦାବି କରୁଛନ୍ତି। ରବିବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏନ୍‌ଡିଏ ଏବଂ ମହାମେଣ୍ଟର ନେତାମାନେ ବିଭିନ୍ନ ନିର୍ବାଚନମଣ୍ଡଳୀରେ ରାଲି, ରୋଡ୍ ଶୋ' ଆଦି କରି ଭୋଟ ପୂର୍ବରୁ ଶେଷଥର ପାଇଁ ବଳ କଷିଛନ୍ତି। କେନ୍ଦ୍ରମନ୍ତ୍ରୀ ଶାହା, ରାଜନାଥ, ଶିବରାଜ ସିଂ ଚୌହାନ ଅନେକ ସ୍ଥାନରେ ସଭା କରିଥିବାବେଳେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଆରାରିଆର ସିକ୍ତିରେ ଭାଜପାର ପ୍ରଚାର କରିଛନ୍ତି। କଂଗ୍ରେସ ପକ୍ଷରୁ ରାହୁଲ କିଷନଗଞ୍ଜ ଓ ପୁର୍ନେଆରେ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ଜେଡିୟୁ ମୁଖ୍ୟ ନୀତିଶ ତାଙ୍କ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଦେଖାଇ ମହିଳା ଭୋଟରଙ୍କୁ ପୁଣି ଟାଣିବାକୁ ଉଦ୍ୟମ କରିଛନ୍ତି।

## ଆମେରିକାରେ ଓଡ଼ିଆ...

ଚାଇଲ୍ଡଲାଇନ୍ ଦ୍ୱାରା ଉଦ୍ଧାର ହୋଇ ଅନାଥ ଆଶ୍ରମକୁ ଆସିଥିବା ଜାଣିବାକୁ ପାଇଥିଲେ। ତେବେ ୨୦୧୮ରେ ପୂଜାଙ୍କୁ ଏକ ଦମ୍ପତି ପୋଷ୍ୟକନ୍ୟା ଭାବେ ଗ୍ରହଣ କରି ନେଇଯାଇଥିଲେ। ଆମେରିକାକୁ ଯିବା ପରେ ତାଙ୍କ ନାମ ପୂଜାରୁ ସେଜଲ ଜୋହନ ହୋଇଥିଲା। ତେବେ ୨୦୨୩ରେ ସୋସିଆଲ୍ ମିଡିଆ ଜରିଆରେ ପୂଜାଙ୍କ ସହ ଅମରଙ୍କର ପୁଣି ଯୋଗାଯୋଗ ହୋଇଥିଲା। ପୂଜା ସେଠାରେ ଖୁସିରେ ନ ଥିବା ତାଙ୍କୁ କହିଥିଲେ। ପରେ ପାଳିତ ମା' ତାଙ୍କଠାରୁ ମୋବାଇଲ ଓ ସିମ୍ ନେଇଯାଇଥିଲେ ବୋଲି ଅମର କହିଛନ୍ତି। ପୂଜା ଏକ ଭିଡିଓ ଶେୟାର କରିଥିବା ବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ଅତ୍ୟାଚାରର କାହାଣୀ କହିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୂଜା କହିଛନ୍ତି, ଛୋଟବେଳେ ମୁଁ ଓଡ଼ିଶାରେ ଥିଲି। ଭୁବନେଶ୍ୱରର ଏକ ହଷ୍ଟେଲରେ ପଢୁଥିଲି। ଏବେ ପାଳିତା ମା' ମତେ ବହୁ କଷ୍ଟ ଦେବା ସହ ଅତ୍ୟାଚାର କରୁଛନ୍ତି। ଘର କାମ ସବୁ କରାଉଛନ୍ତି। ମୁଁ ଆମେରିକାରେ ଏବେ ଖୁସିରେ ନାହିଁ। ମୁଁ ହିନ୍ଦୁ ହୋଇଥିବା ବେଳେ ପାଳିତ ମା' ଖ୍ରୀଷ୍ଟିଆନ କରିଦେବାକୁ ବାଧ୍ୟ କରୁଛନ୍ତି। ଖାଇବାକୁ ମଧ୍ୟ ଦେଉନାହାନ୍ତି। ଏପରିକି ଦୁଇଥର ହତ୍ୟା ଉଦ୍ୟମ ମଧ୍ୟ କରାଯାଇଛି। ମୁଁ ସ୍କୁଲ ଛୁଟି ଦିନରେ ୧୦ ଲକ୍ଷ ଟଙ୍କା ରୋଜଗାର କରିଥିବାବେଳେ ଏହି ଟଙ୍କାକୁ ମୋଠାରୁ ନେଇଯାଇଛନ୍ତି। ଧର୍ମ ପରିବର୍ତ୍ତନ ନ କଲେ ସେମାନେ ଜୀବନରୁ ମାରିଦେବାକୁ ଚେତାବନୀ ଦେଇଛନ୍ତି। ଓଡ଼ିଶାବାସୀ ମୋତେ ସାହାଯ୍ୟ କରନ୍ତୁ ଏବଂ ସୁରକ୍ଷିତ ଭାବେ ଓଡ଼ିଶାକୁ ନେଇଯାଆନ୍ତୁ ବୋଲି ପୂଜା ଅନୁରୋଧ କରିଛନ୍ତି।


ପୂଜା ନାୟକ ଓରଫ ସେଜଲ ଜୋହନ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପରିସ୍ଥିତିବଶତଃ ଶାରୀରିକ ଅସୁସ୍ଥତା ମଧ୍ୟରେ କାମ କରିବାକୁ ବାଧ୍ୟ ହେବେ। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ ତଥା ଶିଳ୍ପ କ୍ଷେତ୍ରରେ ଶିଥିଳତା ଦେଖାଦେବ। ବିଗତ ଦିନର ସମସ୍ୟା ସମାଧାନ ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିବ। ଖଳ ଲୋକଙ୍କ କଥାକୁ ସତ ମଣି ଦ୍ୱିଜା ନକ୍ଷତ୍ର ଘର ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବୃଷ**
ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ଆତ୍ମୀୟଙ୍କ ସହାୟତାରେ ସମ୍ପୂର୍ଣ୍ଣ କରିବେ। କୃତ୍ତିକା ନକ୍ଷତ୍ର ସକାଶେ ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି ତଥାପି ରୋଜଗାରଠାରୁ ଖର୍ଚ୍ଚ ବଳିଯିବ।

**ମିଥୁନ**
କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଦୀର୍ଘଦିନର ଆଶା ଫଳବତୀ ହେବାରେ ପୁନର୍ବସୁ ନକ୍ଷତ୍ରର କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସଫଳତା ପାଇବେ ନାହିଁ। ଉଚ୍ଚ ପଦାଧିକାରୀଙ୍କ ନିକଟରେ ନିଜର ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କାର୍ଯ୍ୟ ସାଧନରେ ନିଜ ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ ହେବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ, ହଠାତ୍ କିଛିଦିନ ସକାଶେ ଅଟକି ରହି ଯାଇପାରେ। ଲେଖାପଢ଼ା, ଆଲୋଚନା, ଚୁକ୍ତିପତ୍ର କ୍ଷେତ୍ରରେ ସୁଫଳ ପାଇବେ।

**ସିଂହ**
ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ଉତ୍ତରାଫାଲଗୁନୀ ନକ୍ଷତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରିବେ। କୌଣସି ଗୃହ, ଜମିଜମା ସମ୍ବନ୍ଧୀୟ ବିଷୟରେ ଯୋଗାଯୋଗ କଲେ ଅବଶ୍ୟ ଉପକୃତ ହେବେ। ଧାର କରଜ କରି ଆବଶ୍ୟକତା ପୂରଣ କରିବା ପାଇଁ ମନସ୍ଥ କରିପାରନ୍ତି।

**କନ୍ୟା**
ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମ କ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ଉତ୍ତରାଫାଲଗୁନୀ ନକ୍ଷତ୍ର ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ତୁଳା**
ଆଶା କରୁଥିବା ଦିଗରୁ ଅର୍ଥ ପାଇବେ କିନ୍ତୁ ଏଥିପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ବନ୍ଧୁମାନଙ୍କ ଆଚରଣରେ ଅସନ୍ତୁଷ୍ଟ ରହିପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେବାକୁ ପଡିପାରେ। ବିଶାଖା ନକ୍ଷତ୍ର ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ବିଛା**
କୌଣସି କାର୍ଯ୍ୟସାଧନ କ୍ଷେତ୍ରରେ ଟେନ୍ସନ ଲାଗି ରହିବାରୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରିଆସିବ। ଅନୁରାଧା ନକ୍ଷତ୍ର ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବାରେ ଗୁରୁଜନଙ୍କ ପୃଷ୍ଠପୋଷକତା ରହିବ। ସଭାସମିତିରେ ଆଲୋଚନା ପରିପ୍ରେକ୍ଷୀରେ ସ୍ୱାମୀଙ୍କ ସହ ଏକମତ ହେବାକୁ ବାଧ୍ୟ ହେବେ।

**ଧନୁ**
ଆପଣଙ୍କର ପରାମର୍ଶ ବନ୍ଧୁଙ୍କ ମନକୁ ବେଶ୍ ପାଇବ। ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି। ଉପରିସ୍ଥଙ୍କ ନିର୍ଦ୍ଦେଶରେ ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ମୂଳା ନକ୍ଷତ୍ର ପ୍ରତିଯୋଗିତାରେ ସଫଳତା ହାସଲ କରିବା ସହ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ମକର**
କର୍ମକ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହେବେ। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ, ଛୋଟଜାତିର ବ୍ୟକ୍ତିଙ୍କ ସହ କଳହ, ହଜି ଯାଇଥିବା ଜିନିଷ ପାଇଁ ବ୍ୟସ୍ତତା ବଢ଼ିଯିବ। ଅଫିସରେ ଟେନ୍ସନରେ ରହିପାରନ୍ତି।

**କୁମ୍ଭ**
ଆଜିର ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ସାହିତ୍ୟ, ସାମ୍ବାଦିକତା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। କଥା କଟାକଟି କାରଣରୁ ପରିବାରରେ ଅଶାନ୍ତି ସୃଷ୍ଟି ହେବାର ସମ୍ଭାବନାକୁ ଏଡି ହେବ ନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ଆର୍ଥିକ ସ୍ଥିତି ସେତେଟା ଭଲ ନ ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ।

**ମୀନ**
ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନା କରିପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ପଡ଼ୋଶୀଙ୍କ ସହାୟତାରେ ଖୋଜୁଥିବା ଜିନିଷଟି ପାଇ ଖୁସି ହୋଇଯିବେ। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂର ହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ।

ଆଜି ନଭେମ୍ବର ୧୦ ତାରିଖ, ବିଶ୍ୱ ବିଜ୍ଞାନ ଦିବସ, ମାର୍ଗଶିର କୃଷ୍ଣ ଷଷ୍ଠୀ ସୋମବାର, ଶ୍ରୀକ୍ଷେତ୍ର ପଞ୍ଚକୋଶୀ ପରିକ୍ରମା, ଶଙ୍ଖକ୍ଷେତ୍ର ମହିମାଶ୍ରବଣ ଓ ପୂଜନ, ସିଦ୍ଧ ମହାବୀରଙ୍କ ନାଗାବେଶ। ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଦିବା ଘ.୦୧.୦୪ ଗତେ କର୍କଟ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୫୬ ଗତେ ଘ.୦୭.୧୯ ମଧ୍ୟେ, ୦୮.୫୪ ଗତେ ଘ.୧୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮.୪୬ ଗତେ ଘ. ୧୦.୦୬ ମଧ୍ୟେ ରାହୁ କାଳ।

# ଜବତ ହେଲାଣି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା, ସାମଗ୍ରୀ

## ନୂଆପଡ଼ା ଉପନିର୍ବାଚନ

ଭୁବନେଶ୍ୱର,୯।୧୧ (ରବିନାରାୟଣ ଜେନା)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ପ୍ରଚାର କାର୍ଯ୍ୟକ୍ରମ ଶେଷ ହୋଇଛି। ମଙ୍ଗଳବାର ନୂଆପଡ଼ାରେ ମତଦାନ ହେବାକୁ ରହିଥିବାବେଳେ ଏବେଠାରୁ ଛକାପଞ୍ଝା ରାଜନୀତି ଆରମ୍ଭ ହୋଇଛି। ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପ୍ରମୁଖ ଦଳଗୁଡ଼ିକ ଅନ୍ଧାରିବିଜେ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିବାବେଳେ ସିଇଓ ଆର୍. ସନ୍ଥ ଗୋପାଳନଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସଂସ୍ଥା ପକ୍ଷରୁ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ସମୟରେ ୧.୦୫କୋଟି ନଗଦ ଟଙ୍କା ସହିତ ଅନ୍ୟାନ୍ୟ ମାଦକଦ୍ରବ୍ୟକୁ ମିଶାଇ ୩କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ଜବତ ହୋଇଛି।

ଗୋପାଳନଙ୍କ ସୂଚନା ଅନୁଯାୟୀ, ପୋଲିସ, ଅବକାରୀ, ଆୟକର, ଏସ୍‌ଏସ୍‌ଟି ପକ୍ଷରୁ ନୂଆପଡ଼ାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ରବିବାର ଅପରାହ୍ଣ ସୁଦ୍ଧା ନଗଦ ୧କୋଟି ୫ଲକ୍ଷ ୩୭ହଜାର ୧୪୦ଟଙ୍କା ଜବତ କରାଯିବା ସହିତ ୧କୋଟି ୧୩ଲକ୍ଷ ୫୪ହଜାର ୪୧ଟଙ୍କାର ମଦ ଜବତ ହୋଇଛି। ଏହାବାଦ୍ ୪୪୬.୨୬୨କେଜି ଗଞ୍ଜେଇ ଓ ଅନ୍ୟାନ୍ୟ ନିଷାଦ୍ରବ୍ୟ ମଧ୍ୟ ଜବତ ହୋଇଛି; ଯାହାର ମୂଲ୍ୟ ୫୦ଲକ୍ଷ ୩୧ହଜାର ୧୨୦ଟଙ୍କା ହେବ। ସେହିପରି ୧୯ଲକ୍ଷ ୧୨ହଜାର ୭୪୫ଟଙ୍କାର ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଜବତ ହୋଇଛି। ଏହି ସମୟ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ବ୍ୟାଙ୍କ ଖାତା ମଧ୍ୟ ଯାଞ୍ଚ କରାଯାଇଛି।

ସିଇଓଙ୍କ ସୂଚନା ଅନୁଯାୟୀ, ଏଥର ପ୍ରତ୍ୟେକ ବୁଥରେ ମତଦାତାଙ୍କ ଲାଗି ଅନେକ ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିନ୍ନକ୍ଷମଙ୍କୁ ସହାୟତା ଲାଗି ୨ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହିତ ଦୃଷ୍ଟିହୀନଙ୍କ ଲାଗି ବ୍ରେଲ୍ ବାଲଟପେପର ବ୍ୟବସ୍ଥା କରାଯାଇଛି। ଏହାସହିତ ମୋବାଇଲର ଯେପରି ଅପବ୍ୟବହାର ନ ହେବ ତାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବାକ୍ସ ରଖାଯାଇଛି। ସମ୍ବେଦନଶୀଳ ୫୭ଟି ବୁଥ୍ ପାଇଁ ପୋଲିସ ସୁରକ୍ଷା ବଳ ସହିତ ଭିଡିଓ କ୍ୟାମେରାର ମଧ୍ୟ ବ୍ୟବସ୍ଥା କରାଯାଇଛି।

ସିଇଓ କହିଛନ୍ତି, ଜନପ୍ରତିନିଧିତ୍ୱ ଆଇନ-୧୯୫୧ର ଧାରା ୧୨୬ ଅନୁଯାୟୀ, ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ କୌଣସି ସାଧାରଣ ସଭା କିମ୍ବା ଶୋଭାଯାତ୍ରା ଆୟୋଜନ ହୋଇପାରିବ ନାହିଁ। ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କରାଯାଇପାରିବ ନାହିଁ।

# ଛତିଶଗଡ଼ ଅପରାଧୀଙ୍କୁ ଆମଦାନି କରିଛି ଭାଜପା: ବିଜେଡି

ଭୁବନେଶ୍ୱର,୯।୧୧(ରବିନାରାୟଣ ଜେନା)

ନୂଆପଡ଼ା ଉପନିର୍ବାଚନରେ ଭାଜପା କେବଳ ସରକାରୀ କଳର ଦୁରୁପଯୋଗ କରୁଛି ତାହା ନୁହେଁ, ବରଂ ଛତିଶଗଡ଼ରୁ ଅପରାଧୀଙ୍କୁ ଆଣି ନିର୍ବାଚନ ପରିଚାଳନା

## ନୂଆପଡ଼ାରେ ଠିକଣା ସମୟରେ ପହଞ୍ଚିନି ଇଭିଏମ୍, ସିଇଓଙ୍କୁ ଫେରାଦ


ସିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛି ବିଜେଡି ପ୍ରତିନିଧି ଦଳ।

କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ରବିବାର ଶଙ୍ଖଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ନୂଆପଡ଼ାର ପ୍ରତ୍ୟେକ ପଞ୍ଚାୟତରେ ଛତିଶଗଡ଼ ଗୁଣ୍ଡା ଓ ଅପରାଧୀ ଭରିଗଲେଣି। ଭୋଟରଙ୍କୁ ଡରାଇବା, ବିନା ୱାରେଣ୍ଟରେ ବିଜେଡି ନେତାଙ୍କ ଘରେ ରେଡ୍ କରିବା, ଲୋକଙ୍କୁ ଟଙ୍କା ଓ ମଦ ବାଣ୍ଟିବା ଭଳି କାମ କରିବାକୁ ଭାଜପା ପଛାଉନାହିଁ।

ଏହି ପରିପ୍ରେକ୍ଷୀରେ ବିଜେଡି ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନଙ୍କୁ ଭେଟି ଭାଜପା ବିରୋଧରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ପ୍ରମିଳା ଅଭିଯୋଗ କରିଛନ୍ତି, ଛତିଶଗଡ଼ର ଅପରାଧୀମାନେ ନୂଆପଡ଼ାରେ ଭୋଟରଙ୍କୁ ଭୟଭୀତ କରିବାପାଇଁ ଆସିଛନ୍ତି। ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପାଇଁ ସେମାନଙ୍କୁ ତୁରନ୍ତ ଜିଲାରୁ ବାହାର କରାଯାଉ। ଏହି ଅବସରରେ ବିଜେଡି ଆଉ ଏକ ସଙ୍ଗିନ ଅଭିଯୋଗ କରିଛି, ନିର୍ବାଚନ ସମୟ ପାଖେଇ ଆସିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଇଭିଏମ୍ ନିର୍ଦ୍ଧାରିତ ସ୍ଥାନରେ ପହଞ୍ଚି ନାହିଁ। ସେହିପରି ନିର୍ବାଚନ ପରିଚାଳନାରେ ନିୟୋଜିତ ସରକାରୀ ଅଧିକାରୀ ପକ୍ଷପାତିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର, ହୋର୍ଡିଂ ସବୁ ବାହାର କରାଯାଉଥିବାବେଳେ ଭାଜପା ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ଆଦି ସରକାରୀ ସମ୍ପତ୍ତି ଉପରେ ଲାଗିଥିଲେ ସୁଦ୍ଧା ତାକୁ ବାହାର କରାଯାଉ ନାହିଁ। ଜନମତକୁ ବିଭ୍ରାନ୍ତ କରିବା ସହ ଆଦର୍ଶ ଆଚରଣବିଧିର ଏହା ଖୋଲା ଉଲ୍ଲଂଘନ ବୋଲି ପ୍ରମିଳା କହିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସୁଲତା ଦେଓ ପ୍ରମୁଖ ସାମିଲ ଥିଲେ।

# ୧୩ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ

## ନୀଳଗିରିରୁ ଆରମ୍ଭ ହେବ ଏକତା ପଦଯାତ୍ରା



ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ବାଲେଶ୍ୱର,୯।୧୧(ବାଞ୍ଛାନିଧି ଦେ)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ୧୫୦ତମ ଜୟନ୍ତୀ ଅବସରରେ ଦେଶବ୍ୟାପୀ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଭାରତ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପ୍ରତ୍ୟେକ ସଂସଦୀୟ କ୍ଷେତ୍ରର ୩ଟି ସ୍ଥାନରେ ଏହି ପଦଯାତ୍ରା ଆୟୋଜନ କରାଯାଉଛି। ସେହିକ୍ରମରେ ରାଜ୍ୟର ପ୍ରଥମ ପଦଯାତ୍ରା ବାଲେଶ୍ୱର ଜିଲା ନୀଳଗିରିରୁ ଆରମ୍ଭ ହେବ। ୧୩ ତାରିଖରେ ଆରମ୍ଭ ହେବାକୁ ଥିବା ଏହି ପଦଯାତ୍ରାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ ବୋଲି ରବିବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ନୀଳଗିରିରେ ପହଞ୍ଚିବେ। ସେଠାରେ ବିଶାଳ ଜନସଭାକୁ ସମ୍ବୋଧିତ କରିବା ସହ ପଦଯାତ୍ରାକୁ ଉଦ୍‌ଘାଟନ କରିବେ। ଏହି ପଦଯାତ୍ରା ନୀଳଗିରିରୁ ବାହାରି ମିତ୍ରପୁରରେ ଶେଷ ହେବ। ପ୍ରତି ୨.୫କି.ମି. ବ୍ୟବଧାନରେ ବିଶ୍ରାମସ୍ଥଳୀ କରାଯିବ। ଏହିସବୁ ସ୍ଥାନରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ପଦଯାତ୍ରା ସମୟରେ ସର୍ଦ୍ଦାର ପଟେଲଙ୍କ ଜୀବନୀ ଓ ଜାତୀୟ ଏକତା ସମ୍ବନ୍ଧିତ ପ୍ରଜ୍ଞାପନ ମେଢ଼ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ଏମ୍‌ପି କହିଥିଲେ। ଏହି ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ଓ ପୁରୁଷ ସାମିଲ ହେବେ।

ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୧୮ ତାରିଖରେ ଭୋଗରାଇ ବ୍ଲକ୍ ଏବଂ ତୃତୀୟ ପର୍ଯ୍ୟାୟ ୨୧ ତାରିଖରେ ବାଲେଶ୍ୱର ସଦର ମହକୁମାରେ ଅନୁରୂପ କାର୍ଯ୍ୟକ୍ରମ ଆୟୋଜନ ହେବ। ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯିବ ବୋଲି ଏମ୍‌ପି ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ସମେତ ଅତିରିକ୍ତ ଜିଲାପାଳ (ସାଧାରଣ) ସୁଧାକର ନାୟକ ଓ (ରାଜସ୍ୱ) ହେମନ୍ତ ସିଂ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




# ଧରାକୋଟ ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳିଙ୍କ ବିବାହ ସମ୍ପନ୍ନ

ଧରାକୋଟ,୯।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ଗଡ଼ର ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏକାମ୍ର କ୍ଷେତ୍ର ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ଶ୍ରୀମୟ ମହାପାତ୍ରଙ୍କ ସହ ତାଙ୍କର ବିବାହ ରାଜକୀୟ ଢଙ୍ଗରେ ଭୁବନେଶ୍ୱର ଆଙ୍ଗନ ରିସର୍ଟରେ ସମ୍ପନ୍ନ ହୋଇଛି। ଏହି ବିବାହ ଉତ୍ସବରେ ରାଜସ୍ଥାନ, ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ଦିଲ୍ଲୀ ସହ ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ଗଡମଧୁପୁର, କଳାହାଣ୍ଡି, ସୁନ୍ଦରଗଡ, ଢେଙ୍କାନାଳ, ଜୁନାଗଡ, ଟିକିଟି, ପାରିକୁଦ, ପାଲୁର ସହ ବିଭିନ୍ନ ଗଡ଼ଜାତ ଅଞ୍ଚଳର ରାଜପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଛତିଶଗଡ଼ର ବିଳାସପୁର ରାଜା


ରାଜା ସାହେବା ସୁଲକ୍ଷଣା ଗୀତାଞ୍ଜଳି ଓ ଶ୍ରୀମୟ ମହାପାତ୍ର।

ତଥା ସୁଲକ୍ଷଣା ଗୀତାଞ୍ଜଳିଙ୍କ ପିଉସା ପୁଷ୍ପେନ୍ଦ୍ର ପ୍ରତାପ ଚୌହାନ ଏବଂ ପିଉସୀ ସାଇ ଦର୍ଶନା ଦେବୀ କନ୍ୟାଦାନ କରିଥିଲେ। ରାଜମାତା ତଥା ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀଙ୍କ ଉପସ୍ଥିତିରେ ବିବାହର ସମସ୍ତ ନୀତିକାନ୍ତି ଓ ରାଜକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ବିବାହ କାର୍ଯ୍ୟରେ ରାଜ୍ୟର ବହୁ ରାଜନେତା, ଧରାକୋଟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ। ସୁଲକ୍ଷଣା ଗୀତାଞ୍ଜଳିଙ୍କ ରାଜନୀତି କ୍ଷେତ୍ରରେ ମଧ୍ୟ ପ୍ରବେଶ ରହିଛି। ସୁଲକ୍ଷଣା ଗୀତାଞ୍ଜଳିଙ୍କ ବାପା ସ୍ୱର୍ଗତ ରାଜା କିଶୋର ଚନ୍ଦ୍ର ସିଂଦେଓଙ୍କ ଦେହାନ୍ତ ପରେ ୨୦୧୦ ଜୁନ୍ ମାସରେ ସେ ଧରାକୋଟ ରାଜସିଂହାସନ ଆରୋହଣ କରିଥିଲେ। ରାୟପୁରସ୍ଥିତ ରାଜପୁତ କଲେଜରୁ ସୁଲକ୍ଷଣା ଗୀତାଞ୍ଜଳି ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ପରେ ଆଇନରେ ଡିଗ୍ରୀ ହାସଲ କରିଛନ୍ତି। ବର୍ତ୍ତମାନ ସେ ଧରାକୋଟ ବ୍ଲକ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ବାପା କିଶୋର ଚନ୍ଦ୍ର ସିଂଦେଓ ୨୦୦୪ରେ ସୋରଡ଼ା ବିଧାୟକ ରହିଥିବା ବେଳେ ମା' ନନ୍ଦିନୀ ଦେବୀ ୨୦୧୪ରେ ସାନଖେମୁଣ୍ଡି ବିଧାୟିକା ଥିଲେ।

# ହାତୀଛୁଆକୁ ନେଲା ନାହିଁ ଦଳ

- ରାତିତମାମ ଘଟଣା ସ୍ଥଳରେ ଡିଏଫ୍‌ଓ
- ସଂକ୍ରାମକ ରୋଗ ଆଶଙ୍କା

ଅନୁଗୋଳ, ୯।୧୧ (ଦିବ୍ୟଶାନ୍ତନୁ ନାଥ)

ରାତିରେ ବିଲରେ ପଶି ଧାନ ଖାଉଥିବା ବେଳେ କାଦୁଅରେ ଫସିଯାଇଥିଲା ହାତୀଛୁଆ। ଦଳରେ ଥିବା ଅନ୍ୟ ହାତୀମାନେ ସକାଳ ହେବା ପୂର୍ବରୁ ଜଙ୍ଗଲମୁହାଁ ହୋଇଥିଲେ। ହେଲେ କାଦୁଅ ଭିତରୁ ତାକୁ ଉଠାଇ ସାଙ୍ଗରେ ନେବା ସମ୍ଭବ ନ ହେବାରୁ ୧୫ ଦିନର ଛୁଆକୁ ଛାଡ଼ି ପଳାଇଥିଲା ମା' ହାତୀ। ଅନୁଗୋଳ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି ନିଜ ଦଳ ସହ ଛାଡ଼ିଥିଲେ ମଧ୍ୟ ତାକୁ ଦଳରେ ନେଇ ନ ଥିଲେ। ତେଣୁ କୌଣସି ଏକ ସଂକ୍ରାମକ ରୋଗରେ ହାତୀଛୁଆଟି ପୀଡ଼ିତ ହୋଇଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁଯାୟୀ, କିଛି ମାସ ହେବ ୪୫ ଟିକିଆ ହାତୀପଲ ଅନୁଗୋଳ ସହର ଉପକଣ୍ଠ ଗାଁଗୁଡ଼ିକ ନିକଟରେ ରହୁଛନ୍ତି। ଶୁକ୍ରବାର ରାତିରେ ଏହି ହାତୀପଲ ଧାନ ଖାଇବା ପାଇଁ ଶ୍ୟାମସୁନ୍ଦରପୁର ଅଞ୍ଚଳକୁ ଯାଇଥିଲେ। ତେବେ ସକାଳ ହେବା ଦେଖି ସେଠାରୁ ସେମାନେ ମନ୍ଦରଗିରି ଆଡ଼କୁ ଚାଲିଯାଇଥିବା


ହାତୀଛୁଆକୁ ଉଦ୍ଧାର କରିବା ପରେ ତା' ଦେହରେ କାଦୁଅ ବୋଳାଯାଉଛି।

ବେଳେ ଧାନବିଲ କାଦୁଅରେ ଫସି ରହିଥିଲା ହାତୀଶାବକ। ଅନୁଗୋଳ ବନ ବିଭାଗ କର୍ମଚାରୀ ରଞ୍ଜନ ପ୍ରଧାନଙ୍କ ସମେତ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀଛୁଆକୁ ଉଦ୍ଧାର କରି କୁଲାସିଙ୍ଗା ଫରେଷ୍ଟ ବିଟ୍ ନିକଟକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ତା'ର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାତିତମାମ ବିଲ କାଦୁଅରେ ପଡ଼ିଥିବା କାରଣରୁ ଏହାର ଶରୀରର ତାପମାତ୍ରା କମିଥିବା ଜଣାପଡ଼ିଛି। ପରେ ତାକୁ ତରଳ ପାନୀୟ ସହ ଆଣ୍ଟିବାୟୋଟିକ ଦିଆଯାଇଥିଲା। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଘଟଣାସ୍ଥଳରେ ସାରାରାତି ରହି ଉକ୍ତ ଘଟଣାର ତଦାରଖ କରୁଥିଲେ। ହାତୀଛୁଆ ଦେହରେ ମଣିଷ ଶରୀରର ଗନ୍ଧ ବାଜିଲେ କାଳେ ଦଳ ତାକୁ ଗ୍ରହଣ କରିବ ନାହିଁ ସେଥିପାଇଁ ତା' ଦେହରେ ହାତୀମଳ ଓ କାଦୁଅ ବୋଳା ଯାଇଥିଲା। ଏହା ପରେ ତାକୁ ବନବିଭାଗ କର୍ମଚାରୀ ହାତୀଦଳଙ୍କ ଅତି ନିକଟରେ ଛାଡିଥିଲା। ହେଲେ ଅନେକ ସମୟ ପରେ ମଧ୍ୟ ହାତୀଦଳ ଛୁଆଟିକୁ ଗ୍ରହଣ କରି ନ ଥିଲା। ରବିବାର ରାତିରେ ପୁଣିଥରେ ଉକ୍ତ ଦଳ ସହ ହାତୀଛୁଆକୁ ମିଶାଇବା ପାଇଁ ବନ ବିଭାଗ ଚେଷ୍ଟା କରିବ। ଯଦି ଦଳ ତାକୁ ଗ୍ରହଣ ନ କରେ ତେବେ ରାଜ୍ୟ ବନବିଭାଗ ନିର୍ଦ୍ଦେଶରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ହାତୀଛୁଆର ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ହାତୀ ଆକ୍ରମଣରେ ଚାଷୀ ମୃତ

ରାଇରଙ୍ଗପୁର,୯।୧୧ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ଅଧୀନ ରାଜପାଲ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସାନଗା ବାରି(୫୫)।

ସୂଚନା ଅନୁଯାୟୀ, ଶନିବାର ରାତି ୮ଟା ସମୟରେ ସାନଗା ତାଙ୍କ ଧାନବିଲ ଜଗିଥିବାବେଳେ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ଯଶୀପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୩୫/୨୫) ରୁଜୁ ହୋଇଛି। ରାଇରଙ୍ଗପୁର ବନଖଣ୍ଡ ଅଧୀନ ମଣଦା ରେଞ୍ଜ ଅଧିକାରୀ ଓ ଫରେଷ୍ଟର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

## ମର୍ନିଂ ୱାକ୍ ବେଳେ ବୃଦ୍ଧଙ୍କୁ ଧକ୍କା ଦେଲା ବାଇକ୍, ୨ ମୃତ

କବିସୂର୍ଯ୍ୟନଗର,୯।୧୧ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଖଜାପଲ୍ଲୀ ଗ୍ରାମ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଇକ୍ ଚାଳକ ରାଣୀପଡ଼ା ଗ୍ରାମର ମିଟୁ ପରିଡ଼ା(୩୭) ଓ ମଠସରସିଂ ଶାଳବଣ ଗ୍ରାମର କାଶୀନାଥ ସେଠୀ(୭୦)। ମିଟୁ ଶନିବାର ରାତିରେ କୋଦଳା ଥାନା ଉସ୍ତାଳି ଗ୍ରାମରେ ଚାଲିଥିବା ମହାଭାରତ ନାଟକରେ ଦୁଃଶାସନ ଭୂମିକାରେ ଅଭିନୟ କରି ଭୋର ସମୟରେ ବାଇକ ଯୋଗେ ରାଣୀପଡ଼ା ଗ୍ରାମକୁ ଫେରୁଥିଲେ। ଖଜାପଲ୍ଲୀ ଗ୍ରାମ ନିକଟରେ ସେ ଭାରସାମ୍ୟ ହରାଇ ମର୍ନିଂ ୱାକ୍ କରୁଥିବା କାଶୀନାଥଙ୍କୁ ଧକ୍କା ଦେଇଥିଲେ। ଫଳରେ ମିଟୁ ଓ କାଶୀନାଥ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ବାଇକ୍ ଚାଳକ ମିଟୁଙ୍କୁ ଉଦ୍ଧାର କରି ତୁରନ୍ତ ପୋଲସରା ମେଡ଼ିକାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି କାଶୀନାଥଙ୍କୁ ଉଦ୍ଧାର କରି କୋଦଳା ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ।

# ବିଜ୍ଞାନର ଉପଯୋଗିତା ଜାଣିବା ଜରୁରୀ

## ଆଜି ବିଶ୍ୱ ବିଜ୍ଞାନ ଦିବସ



ବର୍ତ୍ତମାନ ଆମେ ଯେଉଁ ସମୟ ଦେଇ ଗତି କରୁଛେ ତାହା ପଛରେ ବିଜ୍ଞାନର ଅବଦାନ ଅନେକ ରହିଛି। ବିଜ୍ଞାନ କ୍ଷେତ୍ରରେ ଦିନକୁ ଦିନ ନୂଆ ନୂଆ ଜିନିଷ ଉଦ୍ଭାବନ କରାଯାଉଛି। ବିଭିନ୍ନ ଦେଶର ବୈଜ୍ଞାନିକମାନେ ଆଧୁନିକ ବିଜ୍ଞାନକୁ ନୂଆ ରୂପରେଖ ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ବିଜ୍ଞାନ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ନଭେମ୍ବର ୧୦ ତାରିଖରେ 'ବିଶ୍ୱ ବିଜ୍ଞାନ ଦିବସ' ପାଳିତ ହୋଇଆସୁଅଛି। ପ୍ରତିବର୍ଷ ମିଳିତ ଜାତିସଂଘର ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଥାଏ। ମଣିଷ ଜୀବନ ଏବଂ ବିଜ୍ଞାନ- ସତେଯେମିତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କହିଲେ ଭୁଲ୍ ହେବ ନାହିଁ। ବିଜ୍ଞାନ ବଳରେ ଆଜି ଆମେ ଅନେକ ଉନ୍ନତି ସାଧନ କରିପାରିଛେ। ଶିକ୍ଷା, ଚିକିତ୍ସା, ସାଧାରଣ ଜୀବନ ଆଦିରେ ଏହାର ଭୂମିକା କେତେ ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଦିବସ ଅବସରରେ ଚଳିତ ବର୍ଷର ପ୍ରସଙ୍ଗ ରହିଛି- 'ଭରସା, ପରିବର୍ତ୍ତନ, ଭବିଷ୍ୟତ: ୨୦୫୦ ପାଇଁ ଆମର ଆବଶ୍ୟକ ବିଜ୍ଞାନ'। ଜଣେ ମନୁଷ୍ୟର ଦୈନନ୍ଦିନ ଜୀବନରେ ବିଜ୍ଞାନର ଭୂମିକା କ'ଣ ତାହା ସେ ଉପଲବ୍ଧି କରିବା ନିହାତି ଦରକାର। କାରଣ ଆଜିକାଲିର ହାଇଟେକ୍ ଯୁଗରେ ଏହାର ଭୂମିକାର ମହତ୍ତ୍ୱ ରହିଛି। ବିଜ୍ଞାନ କ୍ଷେତ୍ରରେ ନୂଆ ନୂଆ ଉଦ୍ଭାବନ ଏବଂ ଗବେଷଣା ବିଷୟରେ ସମସ୍ତେ ଅବଗତ ହେବା ଦରକାର। ଆଜିର ସମାଜକୁ ଏକ ନୂତନ ରାସ୍ତାରେ ଆଗେଇ ନେବା ପାଇଁ ବିଜ୍ଞାନର ଭୂମିକା କେତେ ତାହା ଆମେ ପ୍ରଥମେ ହୃଦୟଙ୍ଗମ କରିବା ଆବଶ୍ୟକ। ଏହି ଦିବସ ପାଳନ ବିଷୟରେ ସମସ୍ତେ ଅବଗତ ହେଲେ ଏହାର ଲକ୍ଷ୍ୟ ନିଶ୍ଚୟ ସାଧନ ହୋଇପାରିବ।



ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା। -ଶ୍ରୀଅରବିନ୍ଦ



# ଆଗ ଆମେରିକା

ବ୍ରାଜିଲର ବେଲେମ୍‌ଠାରେ ୧୦ ନଭେମ୍ବରରେ ଜାତିସଂଘର ଜଳବାୟୁ ସଂକ୍ରାନ୍ତ ସମ୍ମିଳନୀ କନ୍‌ଫରେନ୍ସ ଅଫ୍ ଦ ପାର୍ଟିଜ୍ (କପ୍‌୩୦) ଆରମ୍ଭ ହେବାକୁ ଯାଉଛି। ଚାଇନା ପରେ ଦ୍ୱିତୀୟ ବୃହତ୍ ସବୁଜ ଗୃହ ବାଷ୍ପ ନିଃସରଣ କରୁଥିବା ଆମେରିକା ଏହି ସମ୍ମିଳନୀରେ ଯୋଗଦେବ ନାହିଁ ବୋଲି କହିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପୂର୍ବ ଆଭିମୁଖ୍ୟକୁ ବଳବତ୍ତର ରଖି କେବଳ ନିଜ ରାଷ୍ଟ୍ର ନୁହେଁ, ଅନ୍ୟ ଦେଶ ଉପରେ ପ୍ରଭାବ ପକାଇବାକୁ ଯାଇ କେହି ସମ୍ମିଳନୀରେ ଯୋଗ ନ ଦେବାକୁ ଆହ୍ୱାନ ଦେଇଛନ୍ତି। ଟ୍ରମ୍ପ୍‌ଙ୍କର ମୂଳରୁ ଜଳବାୟୁ ପରିବର୍ତ୍ତନ ଉପରେ ଏହିଭଳି ଦୃଷ୍ଟିକୋଣ ରହିଆସିଛି। ସେ ଅନେକ ଥର ବିଶ୍ୱତାପନ ଓ ଜଳବାୟୁ ସଂକ୍ରାନ୍ତ ଚେତାବନୀକୁ ପରିହାସ କରି ସେଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଏପରିକି ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ଜଳବାୟୁ ପରିବର୍ତ୍ତନ ଦିଗରେ ସବୁ ଫଣ୍ଡିଂ ବା ପାଣ୍ଠି ବଣ୍ଟନକୁ ପ୍ରାୟତଃ ବନ୍ଦ କରିଦେଇଛନ୍ତି। ଗତବର୍ଷ ଆଜାରବୈଜାନର ବାକୁଠାରେ ହୋଇଥିବା କପ୍‌୨୯ରେ ମଧ୍ୟ ଆମେରିକା ଯୋଗ ଦେଇ ନ ଥିଲା। ପୂର୍ବାପେକ୍ଷା ଆମେରିକା ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟୟକୁ ଘୋର ମାତ୍ରାରେ ସମ୍ମୁଖୀନ ହେଉଥିଲେ ମଧ୍ୟ ଟ୍ରମ୍ପ୍‌ଙ୍କ ଭଳି ଏକଜିଦିଆ ନେତା ଏହା ପଛରେ ଥିବା ମନୁଷ୍ୟକୃତ ନକାରାତ୍ମକ ଯୋଗଦାନକୁ ସ୍ୱୀକାର କରିବାକୁ ଚାହୁଁ ନାହାନ୍ତି। ଏଥିସହିତ ନଭେମ୍ବର ୨୨ ଓ ୨୩ରେ ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ହେବାକୁ ଥିବା ଜି-୨୦ ଶିଖର ସମ୍ମିଳନୀରେ ସେ କିମ୍ବା ତାଙ୍କର ଅନ୍ୟ କୌଣସି ସରକାରୀ ଅଧିକାରୀ ଯୋଗଦେବେ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ଦକ୍ଷିଣ ଆଫ୍ରିକାରେ ଗୋରା କୃଷକମାନଙ୍କୁ ନିର୍ଯାତନା ଦିଆଯାଉଛି। ଯେତେ ଯାଏ ଖ୍ରୀଷ୍ଟିଆନଙ୍କ ବିରୋଧରେ ମାନବ ଅଧିକାର ଉଲ୍ଲଂଘନ ହେଉଥିବ ସେତେ ଯାଏ ସେଠାରେ ଅନୁଷ୍ଠିତ ସମ୍ମିଳନୀକୁ ଆମେରିକା ଯିବ ନାହିଁ ବୋଲି ଟ୍ରମ୍ପ୍ କହିଛନ୍ତି। ହୁଏତ ଜି-୨୦ରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରସଙ୍ଗ ଉଠିଲାବେଳେ ଟ୍ରମ୍ପ୍‌ଙ୍କ ବିଭିନ୍ନ ଦେଶ ଉପରେ ଟାରିଫ୍ କଥା ଉଠିବା ଆଶଙ୍କାରେ ଆମେରିକା ପଛଘୁଞ୍ଚା ଦେଉଛି। ସୂଚନାଯୋଗ୍ୟ, ଜି-୨୦ରେ ବିଶ୍ୱର ୧୯ ବୃହତ୍ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ସହିତ ୟୁରୋପୀୟ ସଂଘ ଓ ଆଫ୍ରିକୀୟ ସଂଘ ରହିଛନ୍ତି। ଏହାର ସଦସ୍ୟମାନେ ବିଶ୍ୱ ଅର୍ଥନୀତିରେ ଥିବା ପ୍ରମୁଖ ପ୍ରସଙ୍ଗ ସଂକ୍ରାନ୍ତରେ ଏହି ମଞ୍ଚରେ ଆଲୋଚନା କରିଥାଆନ୍ତି।

**ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। 'ଆଗ ଆମେରିକା' ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।**

ଦେଖିବାକୁ ଗଲେ ଅନ୍ୟ ରାଷ୍ଟ୍ରରେ ମାନବ ଅଧିକାର ଉଲ୍ଲଂଘନକୁ ଦେଖିପାରୁଥିବା ଟ୍ରମ୍ପ୍ ନିଜ ଦେଶରେ ଦୀର୍ଘ ୪୧ ଦିନ ହେବ ହୋଇଥିବା ଶଟ୍‌ଡାଉନ୍‌କୁ ହଟେଇବାରେ ବିଫଳ ହୋଇଛନ୍ତି ବୋଲି ସମାଲୋଚକମାନେ କହୁଛନ୍ତି। ସେଠାରେ ମନି ବିଲ୍ ଗୃହୀତ ନ ହେବା ଏହାର ମୂଳ କାରଣ ପାଲଟିଛି। କୁହାଯାଉଛି ବିରୋଧୀ ଡେମୋକ୍ରାଟ ପାର୍ଟି ଟ୍ରମ୍ପ୍‌ଙ୍କ ମନି ବିଲ୍‌କୁ ଗୃହୀତ ହେବାକୁ ଦେଉ ନ ଥିବାରୁ ଏହି ଶଟ୍‌ଡାଉନ୍ ସ୍ଥିତି ଉପୁଜିଛି। ଆମେରିକା ଇତିହାସରେ ଏଭଳି ସ୍ଥିତି ପୂର୍ବରୁ ଦେଖାଦେଇ ନ ଥିଲା। ଏହି ଶଟ୍‌ଡାଉନ୍ ଫଳରେ ପାଖାପାଖି ୧୪ ଲକ୍ଷ ସଂଘୀୟ କର୍ମଚାରୀ ଦରମା ନ ପାଇ ଦହଗଞ୍ଜ ହେଉଛନ୍ତି। ଏଠାରେ କୁହାଯାଇ ପାରେ ଯେ, ଅନେକ ଦିନ ହେବ ଆମେରିକାରେ ଅର୍ଥନୈତିକ ଅସ୍ୱାଭାବିକତା ଜାରି ରହିଛି। ସେଥିପାଇଁ ସ୍ୱାସ୍ଥ୍ୟ ଓ ନିଯୁକ୍ତି କ୍ଷେତ୍ର ଘୋର ପ୍ରଭାବିତ ହେବା ସହ ଦରଦାମ ବୃଦ୍ଧି ଦେଖାଦେଇଛି। ଏହାକୁ ସମ୍ଭାଳିବା ପାଇଁ ଟ୍ରମ୍ପ୍ ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲା ମାତ୍ରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମାଧ୍ୟମରେ ସରକାରୀ କର୍ମଚାରୀଙ୍କୁ ଛଟେଇ କରିବା ସହ ବିଭିନ୍ନ ଧରଣର ଖର୍ଚ୍ଚକାଟ ପଦକ୍ଷେପ ନେଇଥିଲେ। ଏବେ ବୋଝ ଉପରେ ନଳିତା ବିଡ଼ା ସାଜିଲାଣି ଶଟ୍‌ଡାଉନ୍ ପରିସ୍ଥିତି। ଦୀର୍ଘଦିନ ଧରି ଦରମା ନ ପାଇ ସରକାରୀ କର୍ମଚାରୀ କାମକୁ ଆସିବା ବନ୍ଦ କଲେଣି। ଏପରିକି ଏବେ ଆମେରିକାର ବହୁ ଏୟାରଲାଇନ୍ସ ସେବା କର୍ମଚାରୀ କାର୍ଯ୍ୟରେ ଯୋଗଦେବାକୁ ଆସୁ ନ ଥିବାରୁ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍‌ରେ ସମସ୍ୟା ଦେଖାଦେବାରୁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

ନିଜ ଆଭ୍ୟନ୍ତରୀଣ ସମସ୍ୟାରେ ବୁଡ଼ିରହିଥିବା ଆମେରିକା ଏବେ ବିଶ୍ୱ ନେତୃତ୍ୱରେ ନିଜର ସ୍ଥାନକୁ ବଜାୟ ରଖିବା ଜଟିଳ ଦିଶିଲାଣି। ଜାତିସଂଘ ଜଳବାୟୁ ସମ୍ମିଳନୀ ଓ ବିଶେଷକରି ଜି-୨୦ରୁ ଦୂରେଇ ରହିବା ଆମେରିକାକୁ ଭୂରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରୁ ଦୂରେଇ ଦେବ ବୋଲି ଆଲୋଚନା ହେଉଛି। America First ବା ଆଗ ଆମେରିକା ନୀତିର ପରୀକ୍ଷଣ ଟ୍ରମ୍ପ୍ ଏବଂ ଆମେରିକାକୁ କେଉଁ ସ୍ତରରେ ନେଇ ପହଞ୍ଚାଇବ ତାହା ସମୟ କହିବ।



ଡ. ସାରଦା ପ୍ରସାଦ କର

# ମୁଁ ଗାନ୍ଧୀ ଦେଶର ମଣିଷ

ପ୍ରଯୋଜକ, ନିର୍ଦ୍ଦେଶକ ରିଚାର୍ଡ ଆଟେନବରୋଙ୍କ ବହୁ ପରୀକ୍ଷିତ ୧୯୮୨ର ଚଳଚ୍ଚିତ୍ର 'ଗାନ୍ଧୀ' ପାଇଁ ଲୟତାଳ ଅନୁପଯୁକ୍ତ କାରଣରୁ ଜାତୀୟ ଅଭିନୟ ବିଦ୍ୟାଳୟ ଶିକ୍ଷାପ୍ରାପ୍ତ ଅଭିନେତା ନାସିରୁଦ୍ଦିନ ଶାହ ବାଦ୍ ପଡ଼ିବା ତାଙ୍କୁ ଆଶ୍ଚର୍ଯ୍ୟକଲା। ପରେ ୨୦୦୦ ମସିହା କମଳ ହାସନଙ୍କ 'ହେ ରାମ'ରେ ଅଭିନୟ ସୁଯୋଗ ପାଇ ସେ କିଛିଟା ଆଶ୍ୱସ୍ତ ହେଲେ। ଗାନ୍ଧୀ ଅଭିନୟରେ ସାର୍ ବେନ୍ କିଙ୍ଗ୍‌ସଲେ, ପ୍ରାଥମିକ ରିଲ୍‌ଟିକୁ ଦେଖି 'ଅସମ୍ଭବ' କହି ଉଠି ଚାଲିଯାଇଥିଲେ। ସେହିପରି ଗାନ୍ଧୀ ବେଶରେ ରହି 'ହେ ରାମ'ରେ ଅଭିନୟ କରିବା ନାସିରୁଦ୍ଦିନଙ୍କୁ ଅଣନିଃଶ୍ୱାସୀ କରିଦେଇଥିଲା ବୋଲି ଅଭିନେତା ଜଣକ ସ୍ୱୀକାର କରିଥିଲେ । ଆମେ ଏବେ ଉତ୍ତରଦାୟାଦଗଣ ବିନା ଅଭିନୟ ଶିକ୍ଷାରେ ଗାନ୍ଧୀଙ୍କ ନିଖୁଣ ଅଭିନୟ କରୁଛୁ। ତାଙ୍କ ଶ୍ରାଦ୍ଧ ଦିବସରେ ଉଦାତ୍ତ ସ୍ୱରରେ କହୁଛୁ, 'ମୁଁ ଗାନ୍ଧୀ ଦେଶର ମଣିଷ'। ରାମ ନାମ ଜପାମାଳି କରିଥିବା କିଛି ଅପରାଧୀ ସାଂସଦ ହୋଇ ଦେଶର ଆଇନ ପ୍ରଣୟନ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ସାଂସଦ ଶପଥ ନେଇଥିବା ୩୧ ପ୍ରତିଶତ ବା ୧୭୦ ଜଣ ବଳାତ୍କାର, ଅପହରଣ, ଦଙ୍ଗାପିଟା, ମଣିଷମାରିବା ଆଦି ଅପରାଧରେ ଜଡ଼ିତ। ବିଚାରପତିଙ୍କ ଘରୁ ଟଙ୍କାର ପାହାଡ଼, ଡାକ୍ତର ଅନୁପସ୍ଥାନରୁ ଖଟିଆରେ କୁକୁର ଶୋଇବା ଦୃଶ୍ୟ ଦେଖି ଆମେ ସ୍ୱୀକାର କରିବା ଯେ କେବେ ଆମେ ଗାନ୍ଧୀ ଦେଶର ମଣିଷ ଥିଲୁ।

ବିଶ୍ୱର ଲମ୍ବା ଅବଧି ପଦଯାତ୍ରାକାରୀ କହିଲେ ଗାନ୍ଧୀ ଆଖି ଆଗକୁ ଆସନ୍ତି। ମାଟି କାଦୁଅ, ଖାଲ, ଢେମା ଗ୍ରାମ୍ୟ ରାସ୍ତାରେ ୧୯୧୩ରୁ ୧୯୪୮ ଯାଏ ସମୁଦାୟ ୭୯,୦୦୦ କିଲୋମିଟର ପଦଯାତ୍ରା। ମାର୍ଚ୍ଚ ୧୨ରୁ ଏପ୍ରିଲ ୫, ୨୪ ଦିନର 'ଲବଣ ସତ୍ୟାଗ୍ରହ' ଯାହା ଅହମଦାବାଦ ନିକଟସ୍ଥ ସାବରମତୀ ଆଶ୍ରମରୁ ଉପକୂଳ ଅଞ୍ଚଳ ଦାଣ୍ଡି ଯାଏ ଦୀର୍ଘ ୩୮୬ କିଲୋମିଟର ଯାତ୍ରା, ଏକକାଳୀନ ଦୀର୍ଘ ଅବଧି ଯାତ୍ରାରେ ମାତ୍ର ୭୮ ଜଣ ସହଯାତ୍ରୀଙ୍କୁ ନେଇ। କିନ୍ତୁ ଦାଣ୍ଡି ପହଞ୍ଚିବା ପୂର୍ବରୁ ଜନ ସମୁଦ୍ର ! ବ୍ରିଟିଶର ଭୟ ହୋଇଯିବାରୁ ପ୍ରାୟ ଦଶ ହଜାର କର୍ମୀଙ୍କୁ ଗିରଫ କଲା। 'ମୁଁ ଗାନ୍ଧୀ ଦେଶର ମଣିଷ' ଆଧାରରେ ଆଜି ବି ଦେଶରେ ପଦଯାତ୍ରା ହେଉଛି, ବିଶେଷକରି ନିର୍ବାଚନ ବେଳେ ଭୋଟ ପାଇଁ। ଲକ୍ଷେ ଲୋକଙ୍କ ବଳ ଗୋଟେଇ ନେତା ଗେଣ୍ଡୁମାଳ ପକେଇ ଚାଲନ୍ତି ହେଲେ ମାତ୍ର ଦୁଇ କିଲୋମିଟର ଚାଲିବା ପରେ ୩ଶହ ଲୋକ ସାଙ୍ଗରେ। ଜନତା ଜାଣନ୍ତି ଯେ ଏମାନେ ଆସନ ପ୍ରତ୍ୟାଶୀ, ଗାନ୍ଧୀ ନୁହନ୍ତି। ଏଠାରେ ଗାନ୍ଧୀଙ୍କୁ ଜଣେ ମହାତ୍ମା ଦିବ୍ୟାତ୍ମାର ଉଦାହରଣ ଭାବରେ



ନିଆଯାଇଛି। ରୁଚି, ନୈତିକତା, ବେଶ ଗାନ୍ଧୀଙ୍କଠାରୁ ଦୂରରେ କିନ୍ତୁ କେହି ଆମକୁ ଛଳେଇକି ଗାନ୍ଧୀଟା ବୋଲି ସମ୍ବୋଧନ କରିଦେଲେ ମନ କୁଣ୍ଢେମୋଟ। ବୁଲିବୁଲି ନୋବେଲ୍ ପୁରସ୍କାର ପାଇଁ ଦେଶଗୁଡ଼ିକୁ ସୁପାରିସ ମାଗୁଥିବା ରାଷ୍ଟ୍ରପତି ଟ୍ରମ୍ପଙ୍କ ପରି ଗାନ୍ଧୀ ଚାହିଁଥିଲେ ପୃଥିବୀର ସବୁ ବଡ଼ ପୁରସ୍କାର ସାଉଁଟି ନେଇଥାନ୍ତେ।

ବ୍ରହ୍ମପୁର ସହରର ଜଣାଶୁଣା ଆଇନଜ୍ଞ ପୀତବାସ ପଣ୍ଡାଙ୍କ ଛାତିରେ ଦୁଇ ରାଉଣ୍ଡ ଗୁଳି ବସେଇଦେବା ଆଗରୁ ଭଡ଼ାଟିଆ ଅପରାଧୀ ଆଗ ନମସ୍କାରଟେ ପକେଇଥିବା ଚର୍ଚ୍ଚାର ବିଷୟ। ୨୨ ବର୍ଷୀୟା ଏଲ୍‌ଟିଟିଇ ବିଚ୍ଛିନ୍ନତାବାଦୀ କଲେଇବାନି ରାଜରତ୍ନମ ଓରଫ ଧନୁ, ମେ ୨୧ ୧୯୯୧ର ଶ୍ରୀପେରୁମ୍ବୁଦୁର ସଭାରେ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ଫୁଲହାର ଦେବା ବାହାନାରେ ପେନ୍‌ସିଲ ବୋମାରେ ଉଡ଼େଇଦେଲେ। ୧୯୮୩ ମସିହା, ସଫଦରଜଙ୍ଗ ବାସଭବନରେ ନିଜ ଅଙ୍ଗରକ୍ଷୀଙ୍କ ହାତରେ ଜୀବନ ଦେଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ। ହତ୍ୟା ଅପରାଧ ଜଡ଼ିତ ବିଶ୍ୱସ୍ତ ରକ୍ଷୀ ବିୟନ୍ତ ସିଂଙ୍କୁ ଅନ୍ୟ ଅଙ୍ଗରକ୍ଷୀ ଘଟଣା ସ୍ଥଳରେ ସଫା କରିଦେବା ବେଳେ ଶତ୍‌ୱନ୍ତ ସିଂଙ୍କ ବିଚାର ଚାଲିଲା ୧୯୮୯ ଯାଏ। ସାକ୍ଷୀ ପ୍ରମାଣ ଥାଇ ଦିବଂଗତ ପ୍ରଧାନମନ୍ତ୍ରୀଙ୍କୁ ୬ ବର୍ଷ ନ୍ୟାୟ ପାଇଁ ଅପେକ୍ଷା କରିବାକୁ ପଡ଼ିଲା। ଅନୁଷ୍ଠାନ ନାମ ଭିନ୍ନ ହେଲେ କଣ୍ଟ୍ରୋଲ ଡିଲର, କବି, କଣ୍ଟ୍ରାକ୍ଟର, କ୍ରିକେଟରଙ୍କ ଚୟନ ପଦ୍ଧତି ଗୋଟିଏ ସୂତ୍ର। କାହା ଶିବିରକୁ କିଏ ଫେରିବେ ତାହା ନିରପେକ୍ଷ ବିଚାର ଆଧାରିତ କହିଦେଲେ ସବୁରି ତୁଣ୍ଡ ଚୁପ।

ଜଡ଼ରେ ଯିଏ ଆତ୍ମା ଦେଲା ସେ ମହାତ୍ମା ହେଲା। କେ. କାମରାଜଙ୍କୁ ତାମିଲରେ କର୍ମବୀର, କାଳା ଗାନ୍ଧୀ ଆଦି କେତେ କ'ଣ ନାମ ଦିଆଗଲା। ବର୍ଣ୍ଣ ବୈଷମ୍ୟ ବିରୋଧ ଶାଣିତ ସ୍ୱର ଶୁଭିଲା ଆଫ୍ରିକାରୁ। ନେଲ୍‌ସନ ମଣ୍ଡେଲା ଗାନ୍ଧୀଙ୍କୁ ଆଦର୍ଶ ମନେକରି ଅନଶନ କଲେ ଜେଲରେ। ଆମେରିକାରୁ ମାର୍ଟିନ ଲୁଥର କିଙ୍ଗ୍ ଜୁନିୟର (୧୯୬୮ରେ ହତ୍ୟାର ଶିକାର) ସାମାଜିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କଲେ, ଆଖି ଆଗରେ ଗାନ୍ଧୀ ଥିଲେ ଈଶ୍ୱର। ଏମାନଙ୍କୁ ଗାନ୍ଧୀ ଟେହି ଟିହାଇ ବିଜ୍ଞାପିତ କରି ନ ଥିଲେ। ଭାଇ ଭାଗରୁ ଆମେ ପାଇଥିବା ସେଦିନର ଜୀବନ ଥିଲା ଅଧାଲୁଚା ଦେହର, ଛିଣ୍ଡା କତରାର, ଉଦର ଦହନର, ଉତ୍କଟ ଦାରିଦ୍ର୍ୟର। ବନ୍ଧବାଡ଼, ରାସ୍ତାଘାଟ, ଶିକ୍ଷାନୁଷ୍ଠାନ, ବୈଦ୍ୟଖାନା ଆଦି ତିଆରି ହେବାକୁ ସମୟ ଲାଗିଲା। ଅନେକ ଜନହିତକର ଯୋଜନାର ଖୋଲାପଡ଼ିଆ ଅଧିବେଶନରେ ନିଷ୍ପତ୍ତି ହେଉଥିଲା। ନେତାମାନେ ଅଧା ରାସ୍ତାରେ ଗାଡ଼ିରଖି କର୍ମକର୍ତ୍ତାଙ୍କଠାରୁ ବୁଝୁ ନ ଥିଲେ, ତାଙ୍କ ବେକ ପାଇଁ ବଡ଼ ମାଳଟେ ଆସିଛି କି ନାଇଁ କିମ୍ବା ଲୋକ ସମାଗମ ଆଖିଦୃଶିଆ ହୋଇଛି କି ନାହିଁ।

ଦେଶର ଷଷ୍ଠ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇ (୧୯୭୭ ମାର୍ଚ୍ଚ-୧୯୭୯ ଜୁଲାଇ), ବ୍ୟକ୍ତିଗତ ଜୀବନ ନିରାଡ଼ମ୍ବର, ସରଳ, ସାରା ଭାରତରୁ ମଦ ନିବାରଣ ନିଷ୍ପତ୍ତି ଆଗରୁ ସରକାରରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ପାକିସ୍ତାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ନିଶାନ-ଇ-ପାକିସ୍ତାନ'ରେ ସମ୍ମାନିତ ତାରକା ଜଣକ ଥିଲେ 'ସର୍ବୋଦୟ'ର ନିଷ୍ଠାପର ସେବକ, ଗାନ୍ଧୀ ଅନୁଗାମୀ। ତିରିଶ ବର୍ଷ ଆଗରୁ ଗାନ୍ଧୀ ସେପାରିକୁ ଚାଲିଯାଇଥିଲେ। ନଚେତ ଆଜିର ଦିନରେ କିଛି ନିନ୍ଦୁକ କହିଥା'ନ୍ତେ ସେ ଗାନ୍ଧୀ ଅନୁଗାମୀ ବୋଲି ପାକିସ୍ତାନ ସହ ସଲାସୁତରା କରି ପୁରସ୍କାର କରେଇଥିବେ। ୧୨ ଜୁନ ୨୦୨୫, ଲଣ୍ଡନ ଯାତ୍ରାରେ ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧, ଆକାଶକୁ ଉଠିବାର ୩୨ସେକେଣ୍ଡ ଭିତରେ ଧ୍ୱଂସ ପାଇଗଲା। ଯାତ୍ରୀ, କର୍ମଚାରୀ ଓ ବାହାର ପଥଚାରୀ ମିଶି ସମୁଦାୟ ୨୬୦ ପ୍ରାଣ ହରେଇଲେ। ଚେନ୍ନାଇର ୨୭ ବର୍ଷୀୟା ରୋବୋଟିକ ଇଞ୍ଜିନିୟର ରିନି ଯୋଶୀଲଦା ଦାବି ଦୋହରେଇଲେ ଯେ ସେ ଏଭଳି ଦୁର୍ଘଟଣା ପାଇଁ ଦାୟୀ। କମ୍ପ୍ୟୁଟରର ଭୁଲ୍ ମେଲ୍ ଠିକଣାରୁ ଆଉ 'ଡାର୍କ ୱେବ' ପ୍ରଣାଳୀରେ ନିଜ ପରିଚୟ ଲୁଚାଇ ସେ ଏଭଳି କରିଥିଲେ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କୁ ଫସାଇବା ପାଇଁ।

ଗାନ୍ଧୀ ଦେଶର ମହିଳାଟିଏ କେବଳ ଭଗତ୍ ସିଂଙ୍କ ପରି ଗୌରବଙ୍କୁ ଜନ୍ମ ଦେଇପାରେ। ୨୩ ମାର୍ଚ୍ଚ ୧୯୩୧, ମାତ୍ର ୨୩ ବର୍ଷ ବୟସରେ ଫାଶୀ ପାଇବାର ଦିନକ ଆଗରୁ ଜଗୁଆଳି ଆସି ଭଗତ୍ ସିଂଙ୍କୁ କହିଲେ, ତୁମ ମା' ତୁମକୁ ଭେଟିବାକୁ ଚାହୁଁଛନ୍ତି। ଭଗତ୍ ସିଂ ହଁ ଭରିଲେ ହେଲେ ସର୍ତ୍ତରେ ଲେଖିଲେ- ତୁ ଆସିବୁ ଯଦି କାନ୍ଦିବୁନି, ଯଦି କାନ୍ଦିବୁ ତେବେ ଆସିବୁନି। ସେହି ପ୍ରକାରେ ମା' ଭଗବତୀ କୌର ଆସିଲେ ଭଗତ୍ ସିଂଙ୍କୁ ଭେଟି କଥାହେଲେ। ଫେରିଗଲା ବେଳେ କିନ୍ତୁ ନିଜକୁ ସମ୍ଭାଳି ନ ପାରି କାନ୍ଦି ପକେଇଲେ। ଏହା ସର୍ତ୍ତର ଖିଲାପ ବୋଲି କହିଲେ ଭଗତ୍ ସିଂ। ଓଢ଼ଣୀରେ ଆଖି ପୋଛି ମା' ଉତ୍ତର ଦେଲେ, ମୁଁ ତୋ ଫାଶୀ ପାଇଁ କାନ୍ଦୁନି। ଅବସୋସ ରହିଗଲା ଆଉ ଗୋଟେ ଭଗତ୍ ସିଂକୁ ଜନ୍ମ ଦେବାର ବୟସ ମୋ ପାଖରେ ନାହିଁ। ଗାନ୍ଧୀ ପ୍ରୟାଣର ୨୭ ବର୍ଷ ପରେ, ଦିଲ୍ଲୀଠାରେ ଭଗବତୀ କୌରଙ୍କ ଦେହାନ୍ତ ବେଳକୁ ଘୋର ଆର୍ଥିକ ଦୁର୍ଦ୍ଦଶା ଥିଲା। ଭଗତ୍ ସିଂଙ୍କ ଅନ୍ୟ ଭାଇ ଭଉଣୀ କିନ୍ତୁ ସେଭଳି କିଛି ଦାୟିତ୍ୱ ନେଲେନି ମା'ର। ଦେଶ ଜରାନିବାସମୟ ହେବାରେ ବାପା, ମା'ଙ୍କୁ ମୁଁ ଘରେ ରଖିଛି କହି କେହି ପୁଅ ଦାଣ୍ଡରେ ଛାତି ଚଉଡାକଲେ ଲାଗୁଛି ଗାନ୍ଧୀ ଦେଶର ମଣିଷ ଟିକେ ମୋହଗ୍ରସ୍ତ ହୋଇସାରିଛି।

ମୋ: ୮୨୪୯୮୨୭୧୪୮



ଡି. ଶୁଭମ୍

# କୃଷି ବିକାଶରେ ଶ୍ରୀଅନ୍ନ

ଓଡ଼ିଶାର କୃଷି ଐତିହ୍ୟରେ ଶ୍ରୀଅନ୍ନ ବା ମାଣ୍ଡିଆର ସ୍ଥାନ ସ୍ୱତନ୍ତ୍ର। ରାଜ୍ୟରେ ମାଣ୍ଡିଆ ଗାଁର ପରିକଳ୍ପନା କରିବା ଆମ ପର ପିଢ଼ି ପାଇଁ ବାଟ ଉନ୍ମୁକ୍ତ କରିବାର ଏକ ସୁଯୋଗ। ଆମ କୁଶଳୀ ଚାଷୀମାନେ ଏହି ମହତ ଉଦ୍ଦେଶ୍ୟରେ ପ୍ରମୁଖ ଭାଗୀଦାରି ସାଜିବେ। ଜଳବାୟୁ ପରିବର୍ତ୍ତନର ଉତ୍କଟ ସମସ୍ୟାକୁ ଚାଷଜମିରେ ପ୍ରତିହତ କରିବାର ଏକ ସୁଦୂରପ୍ରସାରୀ ଯୋଜନା ମାଣ୍ଡିଆ ଗାଁ। ମାଣ୍ଡିଆ ଗାଁରେ ସମସ୍ତ ଚାଷୀ ଓ ସାଧାରଣଲୋକ ମିଳିତ ଭାବରେ ସହଯୋଗ ତଥା ସମର୍ଥନ ପୂର୍ବକ ମାଣ୍ଡିଆର ପ୍ରଚାର ପ୍ରସାର ତଥା ଏହାର ପରିସୀମା ବୃଦ୍ଧି କରିବା ପାଇଁ ଶପଥ ନେବେ। ଗ୍ରାମୀଣ ବଜାରକୁ ସୁଧାରିବା ସହ ପୋଷଣ ଆଉ ଅର୍ଥନୈତିକ ବିକାଶ ଦିଗରେ ମାଣ୍ଡିଆ ଗାଁ ସାହାଯ୍ୟ କରିବ।

"ପାହାଡ଼ ଗାଁରେ ମାଣ୍ଡିଆ ଚାଷ, ସୁରୁଯ ଉଇଁଲେ ଆସଇ ହସ।" ଏ ଲୋକଗୀତ ଆମ ପାଇଁ ସାଧାରଣ ହେଲେ ମଧ୍ୟ ଆଜିର ସମୟରେ ଏହାର ଗୁରୁତ୍ୱ ଅନେକ। ବର୍ଷବର୍ଷ ପୂର୍ବର ଗରିବର ଖାଦ୍ୟ ବୋଲି ମାନ୍ୟତା ପାଇଥିବା ଏହି କ୍ଷୁଦ୍ରଶସ୍ୟ ଆଜି ଘରର ଚାରିକାନ୍ଥ ଭିତରେ ଆଉ ସୀମିତ ହୋଇ ନାହିଁ। ପୋଲସରାରୁ ପ୍ୟାରିସ୍, କୋରାପୁଟରୁ ଜି ୨୦ ଯାଏ ସବୁଠି ଏହା ପରିବ୍ୟାପ୍ତ। ଜଳବାୟୁର ରୂପରେଖ ହେଉ ଅବା ଆମ ରାଜ୍ୟର ଭୌଗୋଳିକ ଦୃଷ୍ଟିକୋଣ ସବୁଆଡ଼ୁ ବିଚାର କଲେ ଆଗାମୀ ପିଢ଼ି ପାଇଁ ସ୍ୱପ୍ନ ଆଉ ସମ୍ଭାବନାର ବୀଜ ବୁଣିବାରେ ମାଣ୍ଡିଆର ଭୂମିକା ସର୍ବାଗ୍ରେ ରହିବ। ଭବିଷ୍ୟତ ପିଢ଼ି ପାଇଁ ସ୍ୱାବଲମ୍ବୀ ହେବା ପଥରେ ପଥଚାରୀ ମାଣ୍ଡିଆ।

ପାରମ୍ପରିକ ସମୟର ଚାଷ କଥା କହିଲେ ମାଣ୍ଡିଆ ଚାଷର କାହାଣୀ ଗାଁଗୁଡ଼ିକରେ ଶୁଣିବାକୁ ମିଳେ। ଆମ ବାପା ଅଜା ପିତୃପୁରୁଷ ଆମ ପାଇଁ ସେଇ ବିହନ ଆଉ ଚାଷ ପ୍ରଣାଳୀକୁ ଅର୍ପଣ କରିଯାଇଛନ୍ତି। ମାଣ୍ଡିଆକୁ ନେଇ ଭିନ୍ନ ପରିକଳ୍ପନା କରିବାର ସମୟ ଉପନୀତ। ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ଓଡ଼ିଶାରେ ମାଣ୍ଡିଆଗାଁର ଅୟମାରମ୍ଭ ହେଉ।

ମାଣ୍ଡିଆଗାଁ ଗଠନ ଦିଗରେ ଆମେ କିଛିଟା ପ୍ରମୁଖ ଦିଗ ଉପରେ ଧ୍ୟାନ ଦେବା ଆବଶ୍ୟକ। ପ୍ରଥମରେ ପ୍ରତିଗାଁରେ ପ୍ରତ୍ୟେକଟି ଚାଷୀ ବର୍ଷକୁ ଥରେ ମାଣ୍ଡିଆ ଚାଷ କରିବାକୁ ଯୋଜନା କରିବେ। ଫସଲ ବିବିଧୀକରଣ ମାଧ୍ୟମରେ ଚାଷଜମିରେ ମାଣ୍ଡିଆ ଚାଷ କରିବା ସହ ଦେଶୀ କିସମକୁ ପ୍ରୋତ୍ସାହିତ କରିବେ। ଦ୍ୱିତୀୟରେ ଆମ ରାଜ୍ୟର ଅନେକ ଜନଜାତି ମାଣ୍ଡିଆଚାଷ ବର୍ଷବର୍ଷ ହେଲା କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଶ୍ରୀଅନ୍ନ ଅଭିଯାନ ମାଧ୍ୟମରେ ବିକାଶର ଧାରା ଜାରିରହିଛି। ତେଣୁ ଏହାର ମିଳିତ ସମନ୍ୱୟରେ ଆମେ ପ୍ରଥମାବସ୍ଥାରେ ଏହିସବୁ ଅଞ୍ଚଳରେ ମାଣ୍ଡିଆ ଗାଁକୁ ଚୟନ କରିପାରିବା। ଏଥିରେ ସେହି



ଗାଁର ଚାଷୀ ତଥା ମହିଳାମାନଙ୍କୁ ଦାୟିତ୍ୱ ଦେଇ ମିଲେଟ ଚାମ୍ପିୟନ ବା ସଫଳ ମାଣ୍ଡିଆ ଚାଷୀମାନଙ୍କୁ ଏକାଠିକରି ସେମାନଙ୍କ ମାଧ୍ୟମରେ ଅନ୍ୟ ଚାଷୀଙ୍କୁ କ୍ଷେତ୍ର ପରିଦର୍ଶନର ସୁଯୋଗ ଦେବା। ମହିଳାମାନେ ପ୍ରଗତିର କର୍ଣ୍ଣଧାର। ସେମାନେ ଗାଁର ଚାଷବାସର ଆୟ ବ୍ୟୟର ହିସାବ ପୂର୍ବକ ମାଣ୍ଡିଆ ଚାଷୀମାନଙ୍କ ସହ ଏକାଠି ହୋଇ ଆଗାମୀ ୫ବର୍ଷର ରୋଡମ୍ୟାପ ପ୍ରସ୍ତୁତ କରିପାରିବେ। ତୃତୀୟରେ ଏହିସବୁ ମାଣ୍ଡିଆ ଗାଁରେ କମ୍ୟୁନିଟି ସିଡ୍‌ବ୍ୟାଙ୍କ ବା ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଦେଶୀ ବିହନକୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରିବାକୁ ଯୋଜନା ପ୍ରସ୍ତୁତ ହେବ। ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନକୁ ନେଇ ଅଧିକ ଯତ୍ନବାନ୍ ହେବା ସହ ଏହି ମାଣ୍ଡିଆ ଗାଁଗୁଡ଼ିକରେ ଗୋଟେ ଗୋଟେ ମାଣ୍ଡିଆ ବିହନ ବ୍ୟାଙ୍କ ସୃଷ୍ଟି କରାଯାଇ ପାରିବ। ଏସ୍‌ଏମ୍‌ଆଇ ବା ସିଷ୍ଟମ ଅଫ୍ ମିଲେଟ ଇଣ୍ଟେନସିଫିକେଶନ ମଡେଲକୁ ଚାଷୀମାନଙ୍କ ପାଖରେ ପ୍ରଶିକ୍ଷଣ ପୂର୍ବକ ପହଞ୍ଚାଇବାକୁ ଉଦ୍ୟମ କରାଯାଇ ପାରିବ। ଚତୁର୍ଥରେ ପ୍ରତି ମାଣ୍ଡିଆ ଗାଁର ବିକାଶ ମାନଚିତ୍ରରେ ସେ ଗାଁର ମହିଳା, ଯୁବ ଉଦ୍ୟୋଗୀ ତଥା ସଫଳ କୃଷକମାନଙ୍କୁ ନେଇ ଏକ କମିଟି କରାଯାଇ ପୂର୍ବବର୍ଷଗୁଡ଼ିକରେ ମାଣ୍ଡିଆ କ୍ଷେତ୍ର ତଥା ଏହାର ମୋଟ ଅମଳ ପରିମାଣ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଆଗାମୀ ୫ବର୍ଷ ମଧ୍ୟରେ କିପରି ଏହାର ମୋଟ କ୍ଷେତ୍ର ପରିମାଣ ବୃଦ୍ଧି କରାଯାଇପାରିବ ସେ ଦିଗରେ ଚିନ୍ତା କରାଯାଇପାରେ। ପଞ୍ଚମରେ ରାଜ୍ୟ କୃଷି ବିଭାଗ, ଶ୍ରୀଅନ୍ନ ଅଭିଯାନ, କୃଷି ବିଶ୍ୱବିଦ୍ୟାଳୟ, କୃଷିବିଜ୍ଞାନ କେନ୍ଦ୍ରଗୁଡ଼ିକର ପ୍ରତ୍ୟକ୍ଷ ସହାୟତା ନେଇ ମାଣ୍ଡିଆ ଗାଁର ଚାଷୀମାନେ ବର୍ଷକୁ ଅନ୍ତତଃ ଥରେ ବୀଜ ମହୋତ୍ସବ ନାମରେ ଏକ କାର୍ଯ୍ୟକ୍ରମ କରି ମାଣ୍ଡିଆକୁ ନେଇ ନୂଆ ପରିଚୟ ଦେବା ସହ ଏଥିରେ ମାଣ୍ଡିଆର କିପରି ମୂଲ୍ୟ ସଂଯୋଗପୂର୍ବକ ବିଭିନ୍ନ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରାଯାଇପାରିବ ସେ ଦିଗରେ ଧ୍ୟାନ ଦେଇପାରିବେ। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ, କୃଷକ, ଉତ୍ପାଦକ ସଂଗଠନ, ଷ୍ଟାର୍ଟଅପଗୁଡ଼ିକୁ ଏକାଠିକରି ମାଣ୍ଡିଆ ପୋଷଣ କ୍ୟାମ୍ପ ମଧ୍ୟ ଆୟୋଜନ କରାଯାଇପାରେ। ଏହା ବ୍ୟତୀତ ମାଣ୍ଡିଆର ଉପଯୁକ୍ତ ବିପଣନ ପାଇଁ ଇ-ମାର୍କେଟ୍ ତଥା ଯୁବ ଉଦ୍ୟୋଗୀମାନଙ୍କ ମାଣ୍ଡିଆ ଉଦ୍ୟୋଗକୁ ଆମେ ଏଥିରେ ଯୋଡ଼ିପାରିବା। ଏହି ମାଣ୍ଡିଆ ଗାଁରେ ମାସିକିଆ ମିଲେଟ ହାଟ ମାଧ୍ୟମରେ ଦେଶୀ ଉତ୍ପାଦ ପାଇଁ ବିକ୍ରିବଟାର ସୁଯୋଗ ସୃଷ୍ଟି କରିପାରିବା।

ପ୍ରତିବର୍ଷ ନଭେମ୍ବର ୧୦ରେ ମାଣ୍ଡିଆ ଦିବସ ପାଳୁଛୁ। ଏବର୍ଷ ମାଣ୍ଡିଆ ଚାଷରେ ମହିଳାମାନଙ୍କର ଗୁରୁତ୍ୱ ତଥା କୃଷି ଐତିହ୍ୟ ଦିଗରେ ଆମେ କିପରି ପ୍ରତ୍ୟକ୍ଷ ଭାଗୀଦାରି ସାଜିପାରିବା ତାହା ଆମ ପାଇଁ ଏକ ବଡ଼ ଆହ୍ୱାନ। ଆଗାମୀ ୨୦୩୬ ବେଳକୁ ଆମେ ଅନ୍ତତଃ ଓଡ଼ିଶାରେ ୫୦୦ଟି ମାଣ୍ଡିଆ ଗାଁର ପରିକଳ୍ପନା କରିବାକୁ ସଂକଳ୍ପନେବା। ଯେଉଁଥିରେ ପାଖାପାଖି ୧୦ଲକ୍ଷ ମାଣ୍ଡିଆ ଚାଷୀ ପ୍ରତ୍ୟକ୍ଷ ଭାବେ ପ୍ରଶିକ୍ଷଣ ପୂର୍ବକ ସଫଳ ମିଲେଟ୍ ଚାଷୀଭାବେ ପରିଗଣିତ ହୋଇପାରିବେ। ମାଣ୍ଡିଆ, ମହିଳା ଆଉ ମାର୍କେଟର ସମନ୍ୱୟ ଏହି ମିଶନକୁ ସଫଳ ରୂପ ଦେବ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା(ଓସୋକା), ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

କର୍ଣ୍ଣାଟକର ସିର୍‌ଶି ଗାଁକୁ ଗଲେ ସେଠାରେ ରୋବୋ ଶିକ୍ଷକ ଦେଖିବାକୁ ପାଇବେ, ଯାହା ମଣିଷଙ୍କ ଭଳି ପଢ଼ାଇପାରୁଛି। ସ୍ମାର୍ଟ ଶିକ୍ଷାକୁ କର୍ଣ୍ଣାଟକ ଗ୍ରାମାଞ୍ଚଳ ପିଲାଙ୍କ ପାଖରେ ପହଞ୍ଚାଇବା ଅକ୍ଷୟ ମାଶେଲକର ଏଡି ରୋବୋ ନିର୍ମାଣ କରିଛନ୍ତି। ଅକ୍ଷୟଙ୍କ ବୟସ ୩୦। କୋଭିଡ୍ ମହାମାରୀ ସମୟରେ ସେ ଏହି ରୋବୋ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରି ୨୦୨୨ରେ ଶେଷ କରିଥିଲେ। ଏହାକୁ ତିଆରି କରିବାକୁ ୧୮ ମାସ ଲାଗିଯାଇଥିଲା ଏବଂ ମୋଟ ଖର୍ଚ୍ଚ ହୋଇଥିଲା ୨ ଲକ୍ଷ ଟଙ୍କା। ଏହି ରୋବୋ ଶିକ୍ଷକର ନାମ ଶିଖା। ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଏହା କନ୍ନଡ ଓ ଇଂଲିଶରେ ପଢ଼ାଇପାରୁଛି। ଶିଖା ବିଭିନ୍ନ ବିଷୟରେ ପଢ଼ାଇବା ସହ ରାଇମ ମଧ୍ୟ ଗାଇପାରୁଛି। ପିଲାମାନେ ଆଗ୍ରହ ସହ ଶିଖାଠାରୁ ପଢ଼ିବାକୁ ଚାହିଁ ବସୁଛନ୍ତି। ଏବେ 'ଶିଖା'କୁ ୩୫,୦୦୦ ଟଙ୍କାରେ ତିଆରି କରିବାକୁ ଯୋଜନା କରିଛନ୍ତି, ଯାହାଦ୍ୱାରା ଉତ୍ତର କନ୍ନଡର ସବୁ ସ୍କୁଲରେ ପିଲା ଶିଖାଠାରୁ ପଢ଼ିବାର ସୁଯୋଗ ପାଇପାରିବେ। କେବଳ ଏତିକି ନୁହେଁ, ଅକ୍ଷୟ ମଧ୍ୟ ପିଲାମାନଙ୍କୁ ରୋବୋଟିକ ଟେକ୍‌ନୋଲୋଜି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ପାଖାପାଖି ୨୦୦ ପିଲା ଏବେ କ୍ଷୁଦ୍ର ରୋବୋ ନିର୍ମାଣ କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୧୦ ନଭେମ୍ବର ୧୯୭୬**

- ରାଜ୍ୟରେ ପ୍ରାଥମିକ ସ୍କୁଲରେ ଶିକ୍ଷକ ନିଯୁକ୍ତିରେ ସର୍ବନିମ୍ନ ବୟସ ସୀମା ୨୦ ବର୍ଷରୁ ୧୮ ବର୍ଷକୁ ଏବଂ ସର୍ବୋଚ୍ଚ ବୟସସୀମା ୨୫ ବର୍ଷରୁ ୨୮ ବର୍ଷକୁ ବୃଦ୍ଧି କରାଯାଇଛି।
- ପଞ୍ଚମ ପଞ୍ଚବାର୍ଷିକ ଯୋଜନା କାଳରେ ଆଭ୍ୟନ୍ତରୀଣ ନୌପରିବହନ ବିକାଶ ଦିଗରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ୩୬୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

## ସୁଡୋକୁ

su | do | ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | 6 | 5 | 4 |
| | | 7 | | | | | | |
| | 2 | | | 1 | | | | 9 |
| | | | | | 4 | | | |
| | 4 | | 7 | 9 | | | | 1 |
| 7 | | 1 | | 6 | | | 2 | |
| | 7 | 5 | | | | 9 | | |
| | | | | | | | | |
| | | | 3 | 2 | 9 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 5 | 1 | 2 | 6 | 3 | 9 | 4 | 7 |
| 3 | 6 | 7 | 4 | 9 | 5 | 1 | 8 | 2 |
| 2 | 9 | 4 | 7 | 8 | 1 | 5 | 6 | 3 |
| 5 | 4 | 8 | 6 | 2 | 9 | 7 | 3 | 1 |
| 7 | 1 | 6 | 5 | 3 | 8 | 2 | 9 | 4 |
| 9 | 2 | 3 | 1 | 4 | 7 | 8 | 5 | 6 |
| 4 | 7 | 5 | 8 | 1 | 6 | 3 | 2 | 9 |
| 1 | 3 | 2 | 9 | 5 | 4 | 6 | 7 | 8 |
| 6 | 8 | 9 | 3 | 7 | 2 | 4 | 1 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଦୂଷଣ ନିୟନ୍ତ୍ରଣ କରାଯାଉ

ମହାଶୟ,

ପାନୀୟଜଳ ଓ ବାୟୁ ପ୍ରଦୂଷଣ ଆଗାମୀ ଦିନରେ ସଙ୍କଟ ସୃଷ୍ଟିକରିବ, ଏଥିରେ ସନ୍ଦେହ ନାହିଁ। ଗ୍ରୀଷ୍ମଋତୁରେ ଜଳ ସଙ୍କଟ ଉତ୍କଟ ହେଉଛି। ବୋର୍‌ୱେଲ ଖନନ ଫଳରେ ଜଳସ୍ତର ହ୍ରାସ ପାଉଛି। ପୋଖରୀ, ନଦୀ ଓ ନାଳ ପାଣି ବିଭିନ୍ନ କାରଣରୁ ଦୂଷିତ ହେଉଛି। ସହରାଞ୍ଚଳର ବିଭିନ୍ନ ପୂଜାପାର୍ବଣରେ ମୂର୍ତ୍ତି ବିସର୍ଜନ ନିମିତ୍ତ ସ୍ୱତନ୍ତ୍ର ପୋଖରୀ ଖନନ କରାଯାଇ ଜଳ ପ୍ରଦୂଷଣ ରୋକାଯାଇପାରୁଛି। କିନ୍ତୁ ଗ୍ରାମାଞ୍ଚଳରେ ଏହିପରି ବ୍ୟବସ୍ଥା ନାହିଁ। ନଦୀ, ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇ ଜଳ ଦୂଷିତ ହେଉଛି। ଏହି ପାଣିରେ ସ୍ନାନକରି ଲୋକେ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ସେହିପରି ଦୀପାବଳିରେ ବାଣଫୁଟିବା ଯୋଗୁ ବାୟୁମଣ୍ଡଳରେ ବିଷାକ୍ତ ଧୂଳିକଣା ଘୂରି ବୁଲୁଛି। କଟକ, ବ୍ରହ୍ମପୁର, ଭୁବନେଶ୍ୱର, ରାଉରକେଲା ଓ ଅନୁଗୋଳ ସହରର ବାୟୁ ପ୍ରଦୂଷଣ ଚିନ୍ତାଜନକ ହୋଇପଡ଼ିଲାଣି। ରାଜ୍ୟର ଖଣି ଖାଦାନ ଓ କଳ କାରଖାନା ଥିବା ଅଞ୍ଚଳରେ ବାୟୁ ଓ ଜଳ ପ୍ରଦୂଷଣ ରୋକିବାକୁ ସରକାର ବିଶେଷ ଦୃଷ୍ଟିଦେବା ଆବଶ୍ୟକ। ପୂର୍ବରୁ ସାବଧାନ ନ ହେଲେ ଦିଲ୍ଲୀ ଭଳି ଆମ ରାଜ୍ୟର ଅବସ୍ଥା ହେବାକୁ ବେଶିଦିନ ଲାଗିବ ନାହିଁ। ରାଜ୍ୟରେ ବୃକ୍ଷରୋପଣ ପାଇଁ ସରକାର ପ୍ରଚାର କରୁଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ୧୦ଭାଗ କାର୍ଯ୍ୟକାରୀ ହେଉନାହିଁ । କେବଳ କାଗଜ କଲମରେ ହିସାବ ଦିଆଯାଉଛି।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

## ଚିରନ୍ତନୀ

ନିମେଷେ କେତେ ରୂପ ଫୁଟଇ ନୟନେ
ସେ ଆଖି ଦିଏ ଦେଖା ନିଶୀଥ-ଶୟନେ
ରୂପର ଉପାସନା ରଚଇ ମାନସେ
ସ୍ୱପନ ଧନ ତାହା ନୁହଇ ଆନ ସେ
ଦୂରର ତାରା ସମ ଦିଶଇ ଚେତନେ
ନିମେଷେ ଯେତେ ରୂପ ଫୁଟଇ ନୟନେ ।
-(ସୁଦୂରଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୋଲିସଙ୍କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

## ଟ୍ରେଲର ଧକ୍କାରେ ଯୁବକଙ୍କ ମୃତ୍ୟୁ ପରେ ତାତିଲେ ଲୋକେ

ବଣାଇଁ,୯।୧୧ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ନରେନ୍ଦ୍ର-ଗୁରୁଣ୍ଡିଆ ରାଜ୍ୟ ରାଜପଥ-୧୦ର ତୁରାମରା ନିକଟରେ ଟ୍ରେଲର ଧକ୍କାରେ ରବିବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୀବିକା ଗ୍ରାମର ସନ୍ତୋଷ ନନ୍ଦ। ଟ୍ରେଲର ଚାଳକଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରି ଲହୁଲୁହାଣ କରିବା ପରେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଗୁରୁତର ଅବସ୍ଥାରେ ଟ୍ରେଲର ଚାଳକଙ୍କୁ ଉଦ୍ଧାର କରି ଗୁରୁଣ୍ଡିଆ ପୋଲିସ ପିସିଆର ଭ୍ୟାନରେ ଚିକିତ୍ସାଳୟ ନେବା ପାଇଁ ଚେଷ୍ଟା କରିବାରୁ ଅଞ୍ଚଳବାସୀ ଏହାର ଦୃଢ଼ ବିରୋଧ କରିଥିଲେ। ଏପରିକି ଲୋକେ ସମ୍ପୃକ୍ତ ଟ୍ରେଲରକୁ ଏହି ପିସିଆର ଭ୍ୟାନ ଏସ୍କର୍ଟ କରି ଆଣୁଥିବା ଦର୍ଶାଇ ପୋଲିସଙ୍କୁ ଆକ୍ରମଣ କରିବା ସହ ଭ୍ୟାନ ଭଙ୍ଗାରୁଜା କରିଛନ୍ତି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଉତ୍ତ୍ୟକ୍ତ ଲୋକେ ବାହାର ଲୋକଙ୍କୁ ଦେଖିଲେ ଗାଳିଗୁଲଜ କରିବା ଓ ଫଟୋ ଉତ୍ତୋଳନକୁ ବିରୋଧ କରୁଥିବାରୁ କେହି ଘଟଣାସ୍ଥଳରେ ପହଞ୍ଚି ପାରୁ ନ ଥିବା ଜଣାପଡ଼ିଛି। ବଣାଇଁ, ଲହୁଣିପଡ଼ା, ଗୁରୁଣ୍ଡିଆ, ଟିକାୟତପାଲୀ, ମହୁଲପଦା ଥାନା ଅଧିକାରୀ ପହଞ୍ଚି ସ୍ଥିତି ଉପରେ ନଜର ରଖିଛନ୍ତି। ରାତି ୮ଟାରେ ରାଉରକେଲାରୁ ୨ପ୍ଲାଟୁନ ପୋଲିସ ଫୋର୍ସ ଘଟଣାସ୍ଥଳ ଅଭିମୁଖେ ବାହାରିଥିବା ସୂଚନା ମିଳିଥିଲା।

ସୂଚନା ଅନୁଯାୟୀ, ଯୁବକ ଜଣକ ତୁରାମରା ନିକଟରେ ଠିଆ ହୋଇଥିବା ସମୟରେ ଗୁରୁଣ୍ଡିଆରୁ ବଣାଇଁ ପଟକୁ ଆସୁଥିବା ଟ୍ରେଲର ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲ। ବିକ୍ଷୋଭ ଯୋଗୁ ରାଜ୍ୟ ରାଜପଥ -୧୦ରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା।

# ଘରକୁ ଡାକି ସାଙ୍ଗ ସହ ଖାଇଲେ, ଗୁଳି କରିଦେଲେ

ଗୁରୁଗ୍ରାମ,୯।୧୧



ଏକାଦଶ ଶ୍ରେଣୀର ଜଣେ ନାବଳକଙ୍କୁ ୨ ସହପାଠୀ ଡାକିନେଇ ତାଙ୍କ ସହ ରାତ୍ରଭୋଜନ କରିବା ପରେ ତାଙ୍କୁ ଗୁଳିମାଡ଼ କରିଛନ୍ତି। ଏଭଳି ଚାଞ୍ଚଲ୍ୟକର ଘଟଣା ଶନିବାର ଗୁରୁଗ୍ରାମର ସେକ୍ଟର ୪୮ରେ ଘଟିଛି। ୧୭ ବର୍ଷୀୟ ୨ ଅଭିଯୁକ୍ତ ନାବାଳକଙ୍କୁ ଗୁରୁଗ୍ରାମ ସଦର ଥାନା ପୋଲିସ କାବୁ କରିବା ସହ ଗୋଟିଏ ପିସ୍ତଲ, ଗୋଟିଏ ମାଗାଜିନ୍, ୫ ଗୁଳି, ଗୋଟିଏ ଖୋକା ଜବତ କରିଛି। ଆହତ ନାବାଳକଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଆହତ ନାବାଳକ ଏବଂ ଜଣେ ଅଭିଯୁକ୍ତ ନାବାଳକଙ୍କ ମଧ୍ୟରେ ୨ ମାସ ତଳେ ବାକ୍‌ଯୁଦ୍ଧ ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଯାଇ ଅଭିଯୁକ୍ତ ନାବାଳକ ତାଙ୍କର ଜଣେ ସାଙ୍ଗଙ୍କ ସହ ମିଶି ଏହି ଘଟଣା ଘଟାଇଛନ୍ତି। ଏଥିପାଇଁ ଅଭିଯୁକ୍ତ ନାବାଳକ ପ୍ରପର୍ଟି ଡିଲର ଭାବେ କାର୍ଯ୍ୟ କରୁଥିବା ତାଙ୍କ ବାପାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲକୁ ବ୍ୟବହାର କରିଛନ୍ତି। ପୋଲିସ ଉକ୍ତ ଘରର ଏକ ବକ୍ସରୁ ଆଉ ଏକ ମାଗାଜିନ ଏବଂ ୬୫ଟି ଗୁଳି ଜବତ କରିଛି। ଆହତ ନାବାଳକଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନାରାୟଣ ପ୍ରଧାନ ହତ୍ୟା ମାମଲାରେ ଜଣେ ଗିରଫ



ଗିରଫ ଅଭିଯୁକ୍ତ ।

■ନଦୀପଠାରୁ ମିଳିଥିଲା ମୃତଦେହ
■ ୨ ଅଛନ୍ତି ଫେରାର

ଟିକିଟି,୯।୧୧ (ପ୍ରକାଶ ଚନ୍ଦ୍ର ସାହୁ)

କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ଅନ୍ତର୍ଗତ ନୂଆପଡା ଗ୍ରାମ ଶିବମନ୍ଦିର ନିକଟରେ ଥିବା ବାହୁଦା ନଦୀ ପଠାରେ ୧୨।୧୦।୨୫ରେ ଚରିଆପଡ଼ା ସାହିର ନାରାୟଣ ପ୍ରଧାନଙ୍କ ମୃତଦେହ ମିଳିଥିଲା। ତଦନ୍ତ ପରେ ନାରାୟଣଙ୍କୁ ହତ୍ୟା ପରେ ମୃତଦେହକୁ ନଦୀକୂଳରେ ଫୋପାଡ଼ି ଦିଆଯାଇଥିବା ଜଣାପଡ଼ିଥିଲା। ରବିବାର କେ. ନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୂଆପଡାର ଶଙ୍କର ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ଥାନା ଅଧିକାରୀ କିଶୋର ସାମଲ କହିଛନ୍ତି, କିଛିଦିନ ତଳେ ନାରାୟଣ ପ୍ରଧାନ ସାହିର ଜଣେ ବ୍ୟକ୍ତିଙ୍କ ଘରେ ପଶି କେହି ନ ଥିବା ସୁଯୋଗ ନେଇ ନାବାଳିକାଙ୍କୁ ଅସଦାଚରଣ କରିଥିଲେ। ଏହା ଜାଣିବା ପରେ ନାବାଳିକାଙ୍କ ପରିବାର ଓ ସମ୍ପର୍କୀୟ ନାରାୟଣଙ୍କୁ ମାରପିଟ କରିଥିଲେ। ଏହି ଘଟଣାକୁ ନେଇ ନାରାୟଣଙ୍କୁ ହତ୍ୟା କରିଥିବା ଜେରା ବେଳେ ଶଙ୍କର କହିଛନ୍ତି। ଏଥିରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି। ସୂଚନା ଯୋଗ୍ୟ ନାରାୟଣ ଦୀର୍ଘଦିନ ହେଲା ମଜୁରିଆ ଭାବେ କାମ କରି ପରିବାର ଚଳାଇ ଆସୁଥିଲେ। କୌଣସି କାରଣରୁ ସେ ପରିବାରଠାରୁ ଅଲଗା ହୋଇ ନଦୀପଠାରେ ଏକ ବଗିଚାକରି ସେଥିରେ ଫୁଲଚାଷ କରିଥିଲେ। ପ୍ରତିଦିନ ଭଳି ଗତ ୧୨ ତାରିଖ ଭୋରୁ ନାରାୟଣ ଫୁଲ ତୋଳିବାକୁ ଯାଇ ଫେରି ନ ଥିଲେ। ନଦୀ ପଠାରେ ତାଙ୍କ ପୋଷାକ ଥିବାବେଳେ ତାଙ୍କର ମୃତଦେହ ନଦୀପାଣିରେ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ନୂଆପଡ଼ା ଫାଣ୍ଡି ଅଧିକାରୀ ଜଗବନ୍ଧୁ ବାର୍ଲା ପହଞ୍ଚି ମୃତଦେହ ଜବତ କରିଥିଲେ। ପରେ ନାରାୟଣଙ୍କ ପୁଅ ଶିବ କେ. ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୩୫୩/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା।

# ୧୪୮ ଖାଇବା ତେଲ ଟିଣ, ବୋଲେରୋ ଜବତ : ୪ ଗିରଫ



କଣ୍ଟାବାଞ୍ଜି ଥାନା ପରିସରରେ ଜବତ ବୋଲେରୋ ।

## ଗୋକୁଲଧାମ ଗୋଦାମରୁ ଚୋରି ଘଟଣା

କଣ୍ଟାବାଞ୍ଜି,୯।୧୧ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ରବିବାର ଦେଓଗାଁ ଥାନା ଅଧୀନ ଡୁମେରପିଟା ଗ୍ରାମରେ ଚଢାଉ କରି ୧୪୮ଟି ଖାଇବା ତେଲ ଟିଣ, ୨ଟି ଖାଲି ତେଲ ଟିଣ, ଏକ ବୋଲେରୋ ଜବତ କରିଛି । ଏହାଛଡା କଣ୍ଟାବାଞ୍ଜି ବଜାରପଡାର ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଦେଢ଼ଲକ୍ଷ ଟଙ୍କା ଜବତ କରାଯାଇଛି। ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, କଣ୍ଟାବାଞ୍ଜି ଗୋକୁଲଧାମସ୍ଥିତ ମୁକେଶ କୁମାର ଜୈନ(୩୦)ଙ୍କ ଗୋଦାମରୁ ୨।୯।୨୦୨୫ ଏବଂ ୨୬।୯।୨୦୨୫ ମଧ୍ୟରାତ୍ରିରେ ୧୫୦ଟି ଖାଇବା ତେଲ ଭର୍ତ୍ତି ଟିଣ, ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ସହ ଏକ ବୋଲେରୋ (ନଂ. ଓଡି୦୮ଡି୪୬୪୭) ଚୋରି ହୋଇଥିଲା। ଏହି ଚୋରି ନେଇ ଜୈନ କଣ୍ଟାବାଞ୍ଜି ଥାନାରେ ଗତ ୬ ତାରିଖରେ ଅଭିଯୋଗ କରିଥିଲେ। ଜୈନଙ୍କ ଅଭିଯୋଗ ପରେ ପୋଲିସ ପକ୍ଷରୁ ଏକ ତଦନ୍ତକାରୀ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଆଇଆଇସି ଗୋପାଳ କର୍ଣ୍ଣଙ୍କ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ପୂର୍ଣ୍ଣମି ଓରାମ, ଏଏସଆଇ ଈଶ୍ୱର ଚନ୍ଦ୍ର ମାଝି, କନଷ୍ଟେବଲ ଏଲ.ସୋରେଙ୍ଗ, ଚରନ ଛତର, ଜି. ଖୁରା ସାମିଲ ଥିଲେ। ଘଟଣାର ଅନୁସନ୍ଧାନ ପରେ କଣ୍ଟାବାଞ୍ଜି ପୋଲିସ ସନ୍ଦେହରେ କେତେଜଣ ବ୍ୟକ୍ତିଙ୍କୁ ଆଣି ପଚରାଉଚରା କରିଥିଲ। ସେମାନଙ୍କ ମଧ୍ୟରୁ କଣ୍ଟାବାଞ୍ଜି ଥାନା ଚଟୁଅନକା ଗ୍ରାମର ଅବତାର ଓରଫ ହିମାଂଶୁ ପୁଟେଲ (୨୩)ଙ୍କ ସହ ଅନ୍ୟ ୩ ଜଣ ଚୋରି କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ବେଲପଡ଼ା ଥାନା ଲଥାକେନ୍ଦ ଗ୍ରାମର ସନ୍ତୋଷ ପୁଞ୍ଜି(୩୫), ହିମାଂଶୁ ପୁଟେଲ ଓ ଅନ୍ୟ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ସୂଚନା ଆଧାରରେ ପୋଲିସ ଦେଓଗାଁ ଥାନା ଡୁମେରପିଟାର ଜଣେ ବ୍ୟକ୍ତିଙ୍କ ଘରେ ଚଢାଉ କରି ବୋଲେରୋ ସହ ତେଲ ଟିଣ ଓ ଚୋରି ଯାଇଥିବା ନଗଦ ଟଙ୍କା କଣ୍ଟାବାଞ୍ଜି ବଜାରପଡ଼ାରୁ ଜବତ କରିଥିଲା । ଏ ନେଇ କଣ୍ଟାବାଞ୍ଜି ଥାନାରେ ନଂ. ୩୧୫/୨୦୨୫ ଓ ନଂ. ୩୪୭/୨୦୨୫ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଦୁର୍ବୃତ୍ତଙ୍କ ଗୁଳିରେ ଗୋରୁ ବ୍ୟବସାୟୀ ମୃତ

ବାରିପଦା,୯।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଘାଗରବେଡ଼ା ଥାନା କେନ୍ଦୁଆ ଅଞ୍ଚଳରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଗୋରୁ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଲନ୍ଦା ଗ୍ରାମର ହାରା ମହାନ୍ତ। ଦୁର୍ବୃତ୍ତମାନେ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ବ୍ୟବସାୟୀ ଜଣକ ରବିବାର ଅଙ୍ଗାରପଦା ସାପ୍ତାହିକ ହାଟକୁ ବଳଦ କିଣିବାକୁ ଆସିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ପିଛା କରି କେନ୍ଦୁଆ ନିକଟରେ ଟଙ୍କା ଛଡ଼ାଇନେବାକୁ ଉଦ୍ୟମ କରିଥିଲେ। ବ୍ୟବସାୟୀ ଜଣକ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇ ପଳାଇ ଯାଇଥିଲେ।

# ହୋମ୍‌ଗାର୍ଡଙ୍କୁ ଆକ୍ରମଣ, ବାଇକ୍ ଜାଳିଦେଲେ

ଭଞ୍ଜନଗର,୯।୧୧ (ବାବୁଲା ପ୍ରଧାନ)



ଜଳୁଥିବା ବାଇକ୍ ।

ଗଞ୍ଜାମ ଜିଲା ଭଞ୍ଜନଗର ଥାନାରେ କାର୍ଯ୍ୟରତ ହୋମ୍‌ଗାର୍ଡ ଗଜେନ୍ଦ୍ର ନାୟକଙ୍କୁ ରବିବାର ତାଙ୍କ ଗ୍ରାମର ଜଣେ ଯୁବକ ଆକ୍ରମଣ କରିବା ସହ ବାଇକ୍ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସାନକଦଣ୍ଡା ପଞ୍ଚାୟତ ସମାପଲ୍ଲ ଗ୍ରାମର ଜିତୁ ନାୟକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ହୋମ୍‌ଗାର୍ଡ଼ ଗଜେନ୍ଦ୍ର ନିଜ ଗ୍ରାମ ସମାପଲ୍ଲରୁ ଥାନାକୁ ଡ୍ୟୁଟି କରିବାକୁ ଆସୁଥିଲେ। ଏହି ସମୟରେ ଜିତୁଙ୍କ ବାଇକ ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଜିତୁ ଗଜେନ୍ଦ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ବାଇକ୍‌ରେ ନିଆଁ ଲଗାଇ ଦେଇଥିଲେ।

## Business

# ପିଲାଙ୍କ ପାଇଁ ଚାନ୍ଦି ଭଣ୍ଡାରର 'ଟ୍ରେଜର୍ସ' କଲେକ୍ସନ

## ଖଣ୍ଡଗିରିରେ ଖୋଲିବ ୨୫ତମ ଷ୍ଟୋର୍

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)




ଚାନ୍ଦିଭଣ୍ଡାର ପକ୍ଷରୁ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର କଲେକ୍ସନ 'ଅମୋଘ' ଏବଂ ମହିଳାଙ୍କ ପାଇଁ ଏକାଧିକ ଗହଣା କଲେକ୍ସନର ଚାହିଦା ବଢୁଥିବାବେଳେ ପିଲାଙ୍କ ପାଇଁ 'ଟେଜର୍ସ'ର ଉନ୍ମୋଚନ କରାଯାଇଛି। ରବିବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖରଦାତା ସମ୍ମିଳନୀରେ ଚାନ୍ଦିଭଣ୍ଡାର ନିର୍ଦ୍ଦେଶିକା ଲିପସା ହଂସ ଏବଂ ନିର୍ଦ୍ଦେଶକ ମାଣିକ୍ ହଂସ 'ଟ୍ରେଜରସ୍' ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଛନ୍ତି। ଲିପ୍‌ସା କହିଛନ୍ତି, ଏହି କଲେକ୍ସନରେ ପିଲାଙ୍କ ପାଇଁ ରୁପା ଆଙ୍କଲେଟ୍, ଲକେଟ୍, ଚୁଡ଼ି, ଖଡୁ, ନେକ୍‌ଚେନ୍ ସହ ଅନେକ ଉତ୍ପାଦ ରହିଛି। ସବୁଜ ରଙ୍ଗ ଅଭିବୃଦ୍ଧିର ସଙ୍କେତ ହୋଇଥିବାରୁ ଏହି କଲେକ୍ସନର ଥିମ ସବୁଜ ରଖାଯାଇଛି। ଶିଶୁମାନଙ୍କୁ ଉପହାରରେ ଦେବା ପାଇଁ ଏହି ସବୁ ଉତ୍ପାଦ ଖୁବ୍ ମନଲାଖି ହେବ ବୋଲି ଲିପ୍‌ସା କହିଛନ୍ତି। ୧୩ ଓ ୧୪ ତାରିଖରେ ଗହଣା ଗଢ଼ା ମଜୁରି ଉପରେ ଫ୍ଲାଟ୍ ୩୦% ରିହାତି ଘୋଷଣା କରାଯାଇଛି। ମାଣିକ୍ କହିଛନ୍ତି, ଶିଶୁଙ୍କୁ ଖେଳନା ଉପହାର ଦେଲେ ତାହା କିଛି ଦିନ ବ୍ୟବହାର ଯୋଗ୍ୟ ହୋଇଥାଏ ମାତ୍ର 'ଟ୍ରେଜରସ୍' କଲେକ୍ସନ ଗହଣା ଉପହାର ଦେଲେ ଏହାକୁ ପିଢ଼ି ପରେ ପିଢ଼ି ଶିଶୁମାନେ ବ୍ୟବହାର କରିପାରିବେ। ଶିଶୁମାନେ ଘରର ଅମୂଲ୍ୟ ସମ୍ପଦ ହୋଇଥିବାରୁ ଏହି କଲେକ୍ସନର ଏପରି ନାମ ଦିଆଯାଇଥିବା ସେ କହିଛନ୍ତି। ତେବେ ଚାନ୍ଦି ଭଣ୍ଡାର ବର୍ଷକ ମଧ୍ୟରେ ଜାତୀୟସ୍ତରର ବ୍ରାଣ୍ଡ ଭାବେ ପରିଚୟ ସୃଷ୍ଟି କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ଏହାସହ ଖୁବଶୀଘ୍ର ଚାନ୍ଦିଭଣ୍ଡାରର ୨୫ତମ ଷ୍ଟୋର ଖଣ୍ଡଗିରିରେ ଖୋଲିବା ନେଇ ସୂଚନା ଦିଆଯାଇଛି।

# ଭାରତ ମସଲା ଷ୍ଟଲରେ ଜମୁଛି ଭିଡ଼

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)




ବାଲିଯାତ୍ରାରେ ଭାରତ ମସଲାର ୪ଟି ଷ୍ଟଲରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମୁଛି। କମ୍ପାନୀ ପକ୍ଷରୁ ନିଶ୍ଚିତ ଉପହାର ଯୋଜନାରେ ରୁପା କଏନଠାରୁ ଆରମ୍ଭ କରି କମ୍ବଳ ଓ କ୍ରମ୍ପଟନ କମ୍ପାନୀର ସିଲିଂ ପଙ୍ଖା ପର୍ଯ୍ୟନ୍ତ ମସଲା କ୍ରୟ ଉପରେ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସ୍ୱରୂପ ପ୍ରଦାନ କରାଯାଉଛି। ବାଲିଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ଥିବା ଭାରତ ମସଲା କମ୍ପାନୀ ଗୃହିଣୀମାନଙ୍କ ପାଇଁ ଖୁବ୍ ପସନ୍ଦ ହୋଇଛି। ଗ୍ରାହକ ମାନଙ୍କୁ ଲକି ଡ୍ର କୁପନ ଦେଇ କମ୍ପାନୀ ସେମାନଙ୍କୁ ଭାଗ୍ୟଶାଳୀ ବିଜେତାଙ୍କୁ ପୁରସ୍କୃତ କରୁଥିବାବେଳେ ତୃତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କ ମଧ୍ୟରେ ଚାଉଳିଆଗଞ୍ଜ କଟକର ସମ୍ବିତ ପୃଷ୍ଟି ପ୍ରଥମ ବିଜେତା ହୋଇଛନ୍ତି। ମୁଖ୍ୟ ଅତିଥି ତଥା ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କଠାରୁ ସମ୍ବିତ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭନ ଗ୍ରହଣ କରିଥିଲେ। ୨ୟ ବିଜେତା ଡିଆସାହି ଜଗତ୍‌ସିଂପୁରର ପ୍ରତାପ କୁମାର ସାହୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସାମନ୍ତ ସାହି କଟକର କମଳ ପ୍ରଧାନଙ୍କୁ ବାଉଲ ସେଟ, ସ୍ୱାନ୍ତନାମୂଳକ ବିଜେତା ତଳସରା ଗଞ୍ଜାମ ରଞ୍ଜନ କୁମାର ଜେନାଙ୍କୁ ଫ୍ରାଇଙ୍ଗ ପ୍ୟାନ୍ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସ୍‌ଏନ୍ ମିଲେନିୟମର ଜିଏମ୍ ଅପରେଶନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କ୍ରେଡାଇ ଭୁବନେଶ୍ୱରର ନୂଆ ପରିଚାଳନା କମିଟି ଗଠିତ

ଭୁବନେଶ୍ୱର,୯।୧୧

କନ୍‌ଫେଡେରେଶନ ଅଫ୍ ରିଅଲ ଇଷ୍ଟେଟ ଡେଭଲପର୍ସ ଆସୋସିଏଶନ୍‌ସ ଅଫ୍ ଇଣ୍ଡିଆ (କ୍ରେଡାଇ)ର ଭୁବନେଶ୍ୱର ଚାପ୍ଟର ପକ୍ଷରୁ ୨୦୨୫-୨୭ ଅବଧି ପାଇଁ ନୂଆ ପରିଚାଳନା କମିଟି ଗଠନ କରାଯାଇଛି। ରିଟର୍ନିଂ ଅଫିସର ମଧୁ ମହାନ୍ତି ଓ ମହମ୍ମଦ ମୋକିମଙ୍କ ତତ୍ତ୍ୱାବଧାନରେ ଏହି ନିର୍ବାଚନ ପ୍ରକ୍ରିୟା ଶନିବାର ହୋଇଥିଲା। ଚୟନ ପ୍ରକ୍ରିୟାରେ ଅଧକ୍ଷ ଭାବେ ଶେଖ୍ ମୈରାଜୁଲ ହକ୍, ଉପାଧ୍ୟକ୍ଷ ମନୋଜ କୁମାର ସାହୁ ଓ ଶରତ କୁମାର ସାହୁ, ସଚିବ କଳିଙ୍ଗ କେଶରୀ ରଥ, ଯୁଗ୍ମ ସଚିବ ନାଭାଲ ମହାଜନ ଓ ସୌଭାଗ୍ୟ ସୁନ୍ଦର ରାଉତରାୟ, ମାନୋନୀତ ହୋଇଥିବାବେଳେ କୋଷାଧକ୍ଷ ଭାବେ ମନମୋହନ ଅଗ୍ରୱାଲ, କାର୍ଯ୍ୟନିର୍ବାହୀ ସଦସ୍ୟ ଅଶ୍ୱିନୀ କୁମାର ପାଢୀ, ମାନସ କୁମାର ବେହେରା, ଆଦିତ୍ୟ ଦାସ ଏବଂ ଅଭୟ କୁମାର ପଣ୍ଡା ରହିଛନ୍ତି। ନିର୍ବାଚନର ଫଳାଫଳ ଘୋଷଣା ଅବସରରେ କ୍ରେଡାଇର ଜାତୀୟ ଉପାଧକ୍ଷ ଏବଂ କ୍ରେଡାଇ ଓଡ଼ିଶା ଅଧକ୍ଷ ସ୍ୱଦେଶ କୁମାର ରାଉତରାୟ ଏବଂ କ୍ରେଡାଇ ଓଡ଼ିଶା ସଚିବ ଅନିଲ କୁମାର ଅଗ୍ରୱାଲ ଉପସ୍ଥିତ ଥିଲେ। ନବନିର୍ବାଚିତ ଅଧକ୍ଷ ଶେଖ୍ ମୈରାଜୁଲ ହକ୍‌ଙ୍କ ନେତୃତ୍ୱ ଅଧୀନରେ ନୂଆ ପରିଚାଳନା କମିଟି ଭୁବନେଶ୍ୱରରେ ରିଅଲ ଇଷ୍ଟେଟ କ୍ଷେତ୍ର ପାଇଁ ଏକ ପ୍ରଗତିଶୀଳ ଦୃଷ୍ଟିକୋଣର ରୂପରେଖ ପ୍ରସ୍ତୁତ କରିଥିବା କୁହାଯାଇଛି।

# କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ 'ଶିଳ୍ପ ସିମ୍ପୋଜିମ ୫.୦'

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)



ଏସ.ଏନ. ସୁବ୍ରମଣ୍ୟମ

କିଟ୍ ମ୍ୟାନେଜମେଣ୍ଟ ସ୍କୁଲ ପକ୍ଷରୁ ରବିବାର 'ଶିଳ୍ପ ସିମ୍ପୋଜିମ ୫.୦' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାର୍ସନ ଆଣ୍ଡ ଟୁବ୍ରୋ (ଏଲ୍‌ଆଣ୍ଡଟି) ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏସ୍. ଏନ୍. ସୁବ୍ରମଣ୍ୟମ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇ ସୁବ୍ରମଣ୍ୟମ କହିଛନ୍ତି, ସ୍ୱପ୍ନ ଦେଖ, ନମ୍ର ରୁହ ଓ ନିଜର ୩୫ ବର୍ଷ ବୟସ ହେବା ପୂର୍ବରୁ କିଛି ସଫଳତା ହାସଲ କରି ଦେଖାଅ। ସବୁଜ ହାଇଡ୍ରୋଜେନ ବିପ୍ଳବ, କୃତ୍ରିମ ବୁଦ୍ଧିମତ୍ତା ଓ ଇଭି ରୂପାନ୍ତରଣରୁ ସୃଷ୍ଟି ହେଉଥିବା ସୁଯୋଗଗୁଡ଼ିକ ହାସଲ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାସହ ନବୀକରଣ ଯୋଗ୍ୟ ଶକ୍ତି, କୃତ୍ରିମ ବୁଦ୍ଧିମତ୍ତା ଓ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ଦ୍ୱାରା ଆଦୃତ ରୂପାନ୍ତରିତ ଶିଳ୍ପ ଦୃଶ୍ୟପଟ ଉପରେ ସେ ଆଲୋକପାତ କରିଥିଲେ। ଭବିଷ୍ୟତକୁ ଆକାର ଦେଉଥିବା ପ୍ରମୁଖ ବିଶ୍ୱ ପରିବର୍ତ୍ତନ ଉପରେ ଆଲୋକପାତ କରି ସେ କହିଲେ, ସୌର ଏବଂ ସବୁଜ ହାଇଡ୍ରୋଜେନ ବିପ୍ଳବରୁ କୃତ୍ରିମ ବୁଦ୍ଧିମତ୍ତା ଏବଂ ଇଭି ରୂପାନ୍ତର ହେଉଛି। ୟୁଏଇ ଭଳି ଦେଶଗୁଡ଼ିକ ପୂର୍ବରୁ ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଛନ୍ତି। ଆବୁଧାବିର ସମ୍ପୂର୍ଣ୍ଣ ଶକ୍ତି ବ୍ୟାଟେରି ସିଷ୍ଟମ ଦ୍ୱାରା ପରିଚାଳିତ ବୋଲି ସେ ସୂଚନା ଦେଇଥିଲେ। ସେ ଛାତ୍ରୀଛାତ୍ରମାନଙ୍କୁ ଏଆଇ, ଇଭି ଓ ସବୁଜ ଶକ୍ତିରେ ଦେଖାଦେଉଥିବା ବିଶାଳ ସୁଯୋଗର ଅନୁସନ୍ଧାନ କରିବାକୁ ଆହ୍ୱାନ କରିଥିଲେ। କର୍ପୋରେଟ ଜ୍ଞାନ ଏବଂ ବ୍ୟକ୍ତିଗତ ପରାମର୍ଶକୁ ମିଶ୍ରଣ କରି ସୁବ୍ରମଣ୍ୟମ ଛାତ୍ରୀଛାତ୍ରଙ୍କୁ ଦୃଢ଼ ରହିବା ଏବଂ ସେମାନଙ୍କର ମୂଳକୁ ମୂଲ୍ୟ ଦେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ, କିଟ୍ ସ୍କୁଲ ଅଫ ମ୍ୟାନେଜମେଣ୍ଟ ନିର୍ଦ୍ଦେଶକ ଡ. କୁମାର ମହାନ୍ତି ଏବଂ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସେ କିଟ୍ ଓ କିସ୍ କ୍ୟାମ୍ପସ ପରିଦର୍ଶନ କରିବା ସହିତ କିସ ଛାତ୍ରୀଛାତ୍ରଙ୍କ ସହ ଦୀର୍ଘ ସମୟ ଅତିବାହିତ କରିଥିଲେ। କିସ ଜରିଆରେ ହଜାର ହଜାର ଜନଜାତିଛାତ୍ରୀଛାତ୍ରଙ୍କୁସଶକ୍ତ କରିବା ଦିଗରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ।

# ଭାରତରେ କ୍ରେଡିଟ କାର୍ଡ ଖର୍ଚ୍ଚରେ ୨୩% ବୃଦ୍ଧି

ଭୁବନେଶ୍ୱର,୯।୧୧ (ଅନୁରାଧା ମହାରଣା)

ଭାରତରେ ଡିଜିଟାଲ ପେମେଣ୍ଟର ଟ୍ରେଣ୍ଡ ଜାରି ରହିଛି। ୨୦୨୫ ସେପ୍ଟେମ୍ବର ସୁଦ୍ଧା କ୍ରେଡିଟ କାର୍ଡ ଖର୍ଚ୍ଚ ୨୩% ବଢ଼ି ୨.୧୭ ଲକ୍ଷ କୋଟି ଟଙ୍କାକୁ ପହଞ୍ଚିଛି। ଅଗଷ୍ଟ ତୁଳନାରେ ୧୩% ଅଧିକ ଖର୍ଚ୍ଚ ହୋଇଛି। ଦେଶରେ ସକ୍ରିୟ କ୍ରେଡିଟ କାର୍ଡ ସଂଖ୍ୟା ୧୧.୩ କୋଟିକୁ ବୃଦ୍ଧି ପାଇଛି । ଗତବର୍ଷ ଏହା ୧୦.୬ କୋଟି ରହିଥିଲା। ପ୍ରାଇଭେଟ ବ୍ୟାଙ୍କର ମାର୍କେଟ ଶେୟାର ୭୪.୨%କୁ ଖସିଆସିଛି, ହେଲେ ସରକାରୀ ବ୍ୟାଙ୍କ (ପିଏସ୍‌ବି) ୨୦%ରୁ ଅଧିକ ଅଂଶଗ୍ରହଣ କରିଛନ୍ତି। ଟିଅର୍-୨ ଓ ଟିଅର୍-୩ ସହରରେ ସରକାରୀ ବ୍ୟାଙ୍କର ଗ୍ରାହକଙ୍କ ଖର୍ଚ୍ଚ ୩୦% ବଢ଼ିଛି। ପ୍ରତି କାର୍ଡର ହାରାହାରି ଖର୍ଚ୍ଚ ୧୯,୧୪୪ ଟଙ୍କା ରହିଛି, ଯାହାକି ଗତମାସ ତୁଳନାରେ ୧୨.୨% ଅଧିକ। ପ୍ରାଇଭେଟ୍ ବ୍ୟାଙ୍କ ଗ୍ରାହକ ୨୦,୦୧୧ଟଙ୍କା ଓ ସରକାରୀ ବ୍ୟାଙ୍କ ଗ୍ରାହକ ୧୬,୯୨୭ ଟଙ୍କା ଖର୍ଚ୍ଚ କରିଛନ୍ତି। ପାର୍ବଣ ଋତୁ, ଆକର୍ଷଣୀୟ ରିହାତି ଓ ଡିଜିଟାଲ ପେମେଣ୍ଟର ବଢୁଥିବା ଧାରା ଏହି ବୃଦ୍ଧିର ମୁଖ୍ୟ କାରଣ। ବିଶେଷଜ୍ଞମାନେ ଆଗକୁ ଆହୁରି ଦୃଢ଼ ଅଭିବୃଦ୍ଧି ଆଶା କରୁଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-TELE-AM-HQ-BBS-514, ତା.31.10.2025ରିଖ

**କାର୍ଯ୍ୟର ନାମ :** ବାର ମାସ ସମୟାବଧି ନିମନ୍ତେ ସହାୟକ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ (ASTE) / TM / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନସ୍ଥ ସିନିୟର ସେକ୍ସନ ଇଂଜିନିୟର / ଦୂରସଂଚାର / ମୁଖ୍ୟାଳୟର ଟେଲି ଗିଅର୍ସ ସମ୍ବନ୍ଧୀୟ ସେକ୍ସନରେ ଗତିବିଧି ଆଧାରିତ ଭୁବନେଶ୍ୱର ସହରାଞ୍ଚଳ, ଭୁବନେଶ୍ୱର ରେଳ ଷ୍ଟେସନ ଇତ୍ୟାଦିରେ ଯେକୌଣସି କାର୍ଯ୍ୟକ୍ରମ, ରେଳ ବିହାର, ରେଳ କୁଞ୍ଜ, ରେଳ କୁଟୀର, ମଞ୍ଚେଶ୍ୱର ଏବଂ ରେଳ ଆୱାସ କଲୋନୀ ସ୍ଥିତ ଆବାସିକ କ୍ୱାର୍ଟର ଏବଂ ରେଳ ସଦନ, ରେଳ ବିହାର, ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର, କେନ୍ଦ୍ରୀୟ ଚିକିତ୍ସାଳୟ / ମଞ୍ଚେଶ୍ୱର, GSD ଡିପୋ ମଞ୍ଚେଶ୍ୱର ଅଞ୍ଚଳ ଠାରେ ପୂର୍ବ ତଟ ରେଳପଥର ମୁଖ୍ୟାଳୟ କାର୍ଯ୍ୟାଳୟଗୁଡ଼ିକ ନିମନ୍ତେ ବର୍ଷ 2025-26 (ବହିଃସ୍ରୋତ ଏଜେନ୍ସି ଦ୍ୱାରା ବ୍ରେକ୍ ଡାଉନ୍ ସ୍ଥଳରେ ଉପସ୍ଥିତ ହେବା ଏବଂ ଦୂରସଂଚାର ଆସେଟ୍‌ର କାର୍ଯ୍ୟସୂଚୀ ରକ୍ଷଣାବେକ୍ଷଣ, ଦୂରସଂଚାର କାର୍ଯ୍ୟଗୁଡ଼ିକର ସମ୍ପାଦନ ଏବଂ ଗୁରୁତ୍ୱପୂର୍ଣ୍ଣ ଦୂରସଂଚାର ସାମଗ୍ରୀଗୁଡ଼ିକର ଯୋଗାଣ) ପାଇଁ ମୁଖ୍ୟାଳୟ, ଭୁବନେଶ୍ୱର ଠାରେ ଦୂରସଂଚାର ଆସେଟ୍ (Assets)ଗୁଡ଼ିକର ରକ୍ଷଣାବେକ୍ଷଣ।

ଟେଣ୍ଡର ମୂଲ୍ୟ (₹): 1,92,74,747.05, EMD (₹) : 2,46,400.00

ବିଡ୍ ଆରମ୍ଭ ହେବା ତାରିଖ : ତା.10.11.2025ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 24.11.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-772/Q/25-26

**ACHARYA HARIHAR SISHU BHAWAN (CHILDREN'S HOME)**
AT/PO- SAKHIGOPAL, PURI (ODISHA), 752014
**Advertisement**

Applications are invited from the interested eligible candidates for filling up the vacant post of "PT instructor cum Yoga Trainer" in the Child Care Institution under Mission Vatsalya scheme. The post is purely temporary and contractual in nature. Details of advertisement is available in the website : www.ahsbchildcare.org.in.The candidates should upload their application online through above mentioned website in the "career" page and submit the printed and self-attested hard copy of application and its enclosures to the address -SECRETARY, ACHARYA HARIHAR SISHU BHAWAN (CCI), AT/PO-SAKHIGOPAL, DIST : PURI-752014 on/ before 27.11.2025 by 5.00 P.M. positively through speed post /registered post only.

Sd./- Secretary
Acharya Harihar Sishu Bhawan
Sakhigopal

# ଜରାଜୀର୍ଣ୍ଣ ଅବସ୍ଥାରେ ମଦନମୋହନ ଜୀଉ ମନ୍ଦିର



**କାଏମା,୯।୧୧(ଶିବପ୍ରସାଦ ମହାନ୍ତି):**

■ ୪୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ମନ୍ଦିରର ଭାଙ୍ଗିଗଲାଣି ଛାତ, କାନ୍ଥ

■ ପୁନରୁଦ୍ଧାର ପାଇଁ ନିଆଯାଉନି ପଦକ୍ଷେପ

■ ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀଙ୍କ ଦାବି

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କାଏମାଠାରେ ଥିବା ଦୀର୍ଘ ୪ଶହ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଐତିହାସିକ ମଦନ ମୋହନ ଜୀଉଙ୍କ ମନ୍ଦିର ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ରାଜାରାଜୁଡ଼ା ସମୟରୁ ନିର୍ମାଣ ହୋଇଥିବା ଏହି ମନ୍ଦିରର ଅନେକ ସ୍ଥାନ ଭାଙ୍ଗିରୁଜି ଗଲାଣି। କେଉଁଠି ଛାତ ଭାଙ୍ଗିଯାଇଛି ତ ଆଉ କେଉଁଠି କାନ୍ଥ ଫାଟିଯାଇଛି। ମନ୍ଦିର ତଳ ମଧ୍ୟ ଭାଙ୍ଗିରୁଜିଯାଇଛି। କେତେଜଣ ବିଦ୍ୱାନ ବ୍ୟକ୍ତିଙ୍କ ସହଯୋଗରେ କିଛିଟା ସୁଧାର ଆସିଛି। ମାତ୍ର ଆବଶ୍ୟକ ଅର୍ଥ ଅଭାବରୁ ରୋଷଘର, ନାଟ ମଣ୍ଡପ, ସମ୍ମୁଖ ଗୃହ ଏବଂ ଆନୁଷଙ୍ଗିକ ଗୃହଗୁଡ଼ିକ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଫଳରେ ପୂଜାର୍ଚ୍ଚନାରେ ଶ୍ରଦ୍ଧାଳୁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ପାର୍ଶ୍ୱରେ ଏକ ବିରାଟ ପୋଖରୀ ରହିଛି। ତାହା ଦଳ, ଆବର୍ଜନାରେ ଭର୍ତ୍ତି ହୋଇ ବ୍ୟବହାର ଅନୁପଯୋଗୀ ହୋଇଛି।

ଏହି ମନ୍ଦିର କାଏମା ଗ୍ରାମର ବହୁ ଐତିହାସିକ କୀର୍ତ୍ତି ବହନକରେ। ଏଠାରେ ପାରମ୍ପରିକ ରୀତିନୀତିରେ ଠାକୁରଙ୍କ ପୂଜା ଯଥାବିଧି ପାଳନ କରାଯାଉଛି। ପାଖାପାଖି ୬ ଏକର ମନ୍ଦିର ଜାଗା ରହିଥିବାବେଳେ ସେଥି ମଧ୍ୟରୁ ଅଳ୍ପ କିଛି ସ୍ଥାନରେ ମୁଖ୍ୟ ମନ୍ଦିର ରହିଛି। ଏଠାରେ ମୁଖ୍ୟତଃ ଶ୍ରୀରାଧାକୃଷ୍ଣ ଓ ଆଣ୍ଠୁଆ ଗୋପାଳ ପୂଜା ପାଉଛନ୍ତି। ମନ୍ଦିରର ଚତୁଃପାର୍ଶ୍ୱରେ ମା'ସରସ୍ୱତୀ, ଶ୍ରୀଗଣେଶ, ଶ୍ରୀହନୁମାନ, ନୃସିଂହ, ବରାହ, ବାମନ ସମେତ ଦଶାବତାରଙ୍କୁ ପ୍ରତ୍ୟେକ ଦିନ ପୂଜା କରାଯାଉଛି। ମନ୍ଦିରର ନୀତିକାନ୍ତି ପାଇଁ ଜଣେ ପୂଜକ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ ଦିନ ମଙ୍ଗଳ ଆଳତି, ବାଲଭୋଗ, ଖିରି ଭୋଗ ଓ ଦୁଇ ଥର ଅନ୍ନ ପ୍ରସାଦ ଭୋଗନୀତି ହେଉଛି। ଏତଦ୍‌ବ୍ୟତୀତ ବର୍ଷର ବିଭିନ୍ନ ସମୟରେ ହୋଲି, ମେଳଣ, ଝୁଲଣ ଯାତ୍ରା, ରାମନବମୀ, ଜନ୍ମାଷ୍ଟମୀ, ରାଧାଷ୍ଟମୀ, ଚାଚେରି, ଚନ୍ଦନ ଯାତ୍ରା, ରାହାସ ଉତ୍ସବ, ଲାଖବିନ୍ଧା, ନୃସିଂହ ଜନ୍ମ, ବାମନ ଜନ୍ମ, ଭାଗବତ ଜନ୍ମ, ଗୀତା ଜୟନ୍ତୀ ଓ ହନୁମାନ ଜୟନ୍ତୀ ଆଦି ପାଳିତ ହେଉଛି। ହେଲେ ମନ୍ଦିରର ଉନ୍ନତି ହୋଇ ପାରୁନାହିଁ। ଅର୍ଥ ଅଭାବରୁ ପୁନରୁଦ୍ଧାର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଶହେ ବର୍ଷରୁ ଅଧିକ ଦିନର ବିଭିନ୍ନ ପୂଜାମଣ୍ଡପକୁ ସରକାର ସହାୟତା ଘୋଷଣା କରିଥିଲେ ସୁଦ୍ଧା ଏହି ମନ୍ଦିରକୁ ଅଣଦେଖା କରାଯାଇଛି। ତେଣୁ ଦୀର୍ଘବର୍ଷର ସଂସ୍କୃତି ପରମ୍ପରା ଓ ଐତିହ୍ୟସମ୍ପନ୍ନ ଏହି ମନ୍ଦିରର ଉନ୍ନତୀକରଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଆଧାତ୍ମିକବାଦୀ ଦାବି କରିଛନ୍ତି।

## ଏମାନେ କୁହନ୍ତି...



"ଏହା ବହୁ ପୁରାତନ ମନ୍ଦିର। ପିଲାଟି ଦିନରୁ ଦେଖିଆସୁଛୁ। ବାପା ଓ ଗୋସାପ ସମୟରେ ଏହାର ଅନେକ କିମ୍ବଦନ୍ତୀ ଥିଲା। ଏବେ ମନ୍ଦିରର ଅବସ୍ଥା ଶୋଚନୀୟ ଆଡ଼କୁ ଗତି କରୁଛି। ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି।

**-ବ୍ରଜବନ୍ଧୁ ମିଶ୍ର, ବୁଦ୍ଧିଜୀବୀ**



"କାଏମା ଅଞ୍ଚଳର ପରିଚୟ ଓ ଅତୀତର ମୂକସାକ୍ଷୀକୁ କେବେ ବି ଭୁଲିବାକୁ ଦିଆଯିବ ନାହିଁ, ବରଂ ଏହାର ସୁରକ୍ଷା ଏବଂ ଉନ୍ନତୀକରଣ ଦିଗରେ ଯୁବଶକ୍ତି ଏକ ହେବାର ଆବଶ୍ୟକତା ରହିଛି। ଏହି ମନ୍ଦିର ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି। କେତେଜଣ ବ୍ୟକ୍ତି ବିଶେଷଙ୍କୁ କମିଟିରେ ରଖାଯାଇଛି ଓ ଆଗକୁ ମଧ୍ୟ କେତେଜଣଙ୍କୁ କମିଟିରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି। ମନ୍ଦିରର ଉନ୍ନତୀକରଣ ପାଇଁ ପ୍ରଶାସନ, ସ୍ଥାନୀୟ ବିଧାୟକ, ଏମ୍‌ପି ଓ ବିଶିଷ୍ଟ ବ୍ୟକ୍ତି ଦୃଷ୍ଟି ଦେବା ଦରକାର।

**-ଜଗନ୍ନାଥ ସାହୁ, ଶିକ୍ଷକ**



"ମଦନମୋହନ ଜୀଉ ମନ୍ଦିର କାଏମାର ପରିଚୟ ସୃଷ୍ଟି କରୁଛି। ମନ୍ଦିରର ଚତୁଃପାର୍ଶ୍ୱରେ ଅନେକ ସ୍ଥାନ ଖାଲିପଡ଼ିଛି। ଏଠାରେ ଯଦି ଭକ୍ତଙ୍କ ପ୍ରସାଦ ସେବନ ନିମନ୍ତେ ଏକ ବଡ଼ ହଲ ନିର୍ମାଣ ହୋଇପାରନ୍ତା ତେବେ ମନ୍ଦିରର ସୌନ୍ଦର୍ଯ୍ୟ ବଢ଼ିବା ସହ ବାହାଘର, ବ୍ରତଘର ଭଳି ଶୁଭକାର୍ଯ୍ୟ ସମ୍ପାଦନ ହୋଇପାରନ୍ତା। ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବା ଆବଶ୍ୟକ।

**-ପରମେଶ୍ୱର ଦାସ, ଅବସରପ୍ରାପ୍ତ ଅଧ୍ୟାପକ, ବୈଷୟିକ ବିଭାଗ**



"ମଦନମୋହନ ଜୀଉ ମନ୍ଦିର ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ମନ୍ଦିରର ଅନେକ ଜମି ରହିଛି। ମନ୍ଦିରର ନୀତିକାନ୍ତିଠାରୁ ଆରମ୍ଭ କରି ପୂଜାପାର୍ବଣ କରାଯାଉଛି। ବିଭିନ୍ନ ସମୟରେ ଶ୍ରଦ୍ଧାଳୁ ଆସୁଛନ୍ତି, କିନ୍ତୁ ମନ୍ଦିରର ଅବସ୍ଥା ଦେଖି ସେମାନଙ୍କ ମନରେ ଆଘାତ ସୃଷ୍ଟି ହେଉଛି। ମନ୍ଦିର ପାଖରେ ଥିବା ପୁଷ୍କରିଣୀ ମଧ୍ୟ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି। ପୋଖରୀରେ ଅନେକ ସମୟରେ ସରୀସୃପଙ୍କୁ ଦେଖିବାକୁ ମିଳୁଛି। ପ୍ରଶାସନ ଓ ସ୍ଥାନୀୟ ବିଧାୟକ ଏହା ଉପରେ ଦୃଷ୍ଟିଦେଲେ ମନ୍ଦିରର ପୁନରୁଦ୍ଧାର ହୋଇପାରିବ।

**-ବିଶ୍ୱନାଥ ଦାସ, ବ୍ୟବସାୟୀ**

# ୨ ଛାତ୍ରୀ ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ

**ରସୁଲପୁର,୯।୧୧ (ରଞ୍ଜିତ ରାଉତ):**



ସୋନାଲି ରାଉତ



ଆୟୁଷୀ ଦ୍ୱିବେଦୀ

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ହାଇସ୍କୁଲର ୨ଛାତ୍ରୀ ସୋନାଲି ରାଉତ ଓ ଆୟୁଷୀ ଦ୍ୱିବେଦୀ ରାଜ୍ୟସ୍ତରୀୟ 'ସୁରଭି' ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଦଶମ ଶ୍ରେଣୀ ଛାତ୍ରୀ ସୋନାଲି ପ୍ରବନ୍ଧ ପ୍ରତିଯୋଗିତା, ଆୟୁଷୀ ସଂଗୀତ ପ୍ରତିଯୋଗିତାରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଭୟଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁବାସୀ ସାହୁ, ଅନ୍ୟ ସହକାରୀ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସହପାଠୀ ଶୁଭେଚ୍ଛା ଜଣାଇବା ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା କାମନା କରିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୁରଭି ମାଧ୍ୟମରେ ବିଦ୍ୟାର୍ଥୀଙ୍କ ବହୁମୁଖୀ ପ୍ରତିଭାର ବିକାଶ ପାଇଁ ସଂଗୀତ, ନୃତ୍ୟ, ତର୍କ, ବକ୍ତୃତା, ଚିତ୍ରାଙ୍କନ, ଏକକ ଅଭିନୟ, ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଉକ୍ତ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ପ୍ରତିଯୋଗୀଙ୍କୁ ପରବର୍ତ୍ତୀ ସୋପାନକୁ ମନୋନୀତ କରାଯାଉଛି। ଏହି ଦୁଇ ଛାତ୍ରୀ ଜୋନସ୍ତରୀୟ, ବ୍ଲକସ୍ତରୀୟ ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିବା ପରେ ଜିଲାସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇଥିଲେ। ଗତ ଶୁକ୍ରବାର ଜିଲାସ୍ତରୀୟ ପ୍ରତିଯୋଗିତା ଦଶରଥପୁର ବ୍ଲକ ଖଣ୍ଡରାସ୍ଥିତ ପିଏମ୍‌ଶ୍ରୀ ରାମଲକ୍ଷ୍ମଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତା ଚଳିତମାସ ୧୨ ତାରିଖରୁ ଆରମ୍ଭ ହେବ ବୋଲି ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ଉପପ୍ରଧାନମନ୍ତ୍ରୀ ଆଡ୍‌ଭାନୀଙ୍କ ଜୟନ୍ତୀ



ଆଡ୍‌ଭାନୀଙ୍କ ଜୟନ୍ତୀରେ ଯୋଗଦେଇଥିବା ଅଟଳ, ଆଡ୍‌ଭାନୀ ବିଚାର ମଞ୍ଚ କର୍ମକର୍ତ୍ତା।

**ରସୁଲପୁର,୯।୧୧(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ନଠୁଆବର ପଞ୍ଚାୟତ ଆଦମପୁରସ୍ଥିତ ମର୍ତ୍ତ୍ୟ ବୈକୁଣ୍ଠ ଗୋଲଖ ଧାମ ପରିସରରେ ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ୍‌ଭାନୀଙ୍କ ୯୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅଟଳ, ଆଡ୍‌ଭାନୀ ବିଚାର ମଞ୍ଚ ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ସଂଗଠନର ସଭ୍ୟ ରବୀନ୍ଦ୍ର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ଈଶ୍ୱର ଚନ୍ଦ୍ର ପ୍ରଧାନ, ମୁଖ୍ୟବକ୍ତାଭାବେ ସାମାଜିକ କର୍ମୀ କାଳନ୍ଦୀ କଣ୍ଠ, ସମ୍ମାନିତ ଅତିଥିଭାବେ ସଂଗଠକ ସାନନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଡ୍‌ଭାନୀଙ୍କ ଜୀବନୀ, ରାଷ୍ଟ୍ର, ଧର୍ମ ସମ୍ପର୍କରେ ବିଶଦ ବର୍ଣ୍ଣନା କରିଥିଲେ। ଆଡ୍‌ଭାନୀଙ୍କ ବିଚାରଧାରା ସମ୍ପର୍କରେ ସଂଗଠନର ସଭ୍ୟମାନେ ବକ୍ତବ୍ୟ ରଖିଥିଲେ। ବୈଠକରେ ମଞ୍ଚର ସଭ୍ୟ ଉତ୍ତମ ପାଳ, ଚିତ୍ତରଞ୍ଜନ ଦାଶ, ରମେଶ ନାୟକ, ଅରବିନ୍ଦ ରାଉତ, ପ୍ରଶାନ୍ତ ନାୟକ, ସଂଗ୍ରାମ ବାରିକ, ନିରଞ୍ଜନ କାଣ୍ଡି, ପ୍ରଭୁଦତ୍ତ ମହାନ୍ତି, ଅମୂଲ୍ୟକୃଷ୍ଣ ସାହୁ, ଅମର ମଲ୍ଲିକ, ଶରତ ଦାସ, ଅଭୟ ନାୟକ ଓ ଗଣେଶ ରାଉତଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ପ୍ରତାପ ନାୟକ ଧନ୍ୟବାଦ ଦେଇଥିଲେ।

# ସିଗ୍‌ମା ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

**ସିଂହପୁର,୯।୧୧ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗରାସ୍ଥିତ ସିଗ୍‌ମା ଗ୍ରୁପ ଇନିଷ୍ଟିଚ୍ୟୁଟର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ନିଆଳି ସରକାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରେଫସର କୁଳମଣି ଜେନା ଯୋଗଦେଇ ପିଲାମାନଙ୍କୁ ସେମାନଙ୍କ ଉଜ୍ୱଳ ଭବିଷ୍ୟତ କିଭଳି ଗଢିବେ ତାହାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଞ୍ଝାରପୁର ମଣ୍ଡଳ ଉପଶିକ୍ଷା ଅଧିକାରୀ ବଳରାମ ପତି, ସମ୍ମାନିତ ଅତିଥିଭାବେ ବିଶ୍ୱପ୍ରକାଶ ସାମନ୍ତ, ବୈରାଗୀ ଚରଣ ଶତପଥୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ କର, ଉତ୍ତଙ୍ଗରା ପଞ୍ଚାୟତର ସରପଞ୍ଚ ସନ୍ତୋଷ କୁମାର ମଲ୍ଲିକ, ସମିତିସଭ୍ୟ ମନୋଜ କୁମାର ଜେନା ପ୍ରମୁଖ ଉପସ୍ଥିତଥିଲେ। ଗ୍ରାମାଞ୍ଚଳରେ ଖୁବ କମ ଅର୍ଥ ବିନିମୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନ ୬ବର୍ଷ ମଧ୍ୟରେ ଶୀର୍ଷ ସ୍ଥାନରେ ପହଞ୍ଚିଛି। ଗ୍ରାମାଞ୍ଚଳ ପିଲାଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭା ଥିବା ସତ୍ତ୍ୱେ ବି ସେମାନଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ପ୍ରାୟ ହେଉଥିଲା। ତେଣୁ ସେହି ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଏହି ଶିକ୍ଷା ଅନୁଷ୍ଠାନ ନିଜର ପ୍ରୟାସ ଆରମ୍ଭ କରିଥିବା ଅନୁଷ୍ଠାନର ପ୍ରତିଷ୍ଠାତା ଶୁଭାଶିଷ କର କହିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥି।

# ମା' ହର୍ତ୍ତାଶୁଣୀ ନାଟ୍ୟ ସଂସଦର ଆଖଡ଼ା ପୂଜା



ଆଖଡ଼ା ପୂଜାରେ ଯୋଗଦେଇଥିବା ମା' ହର୍ତ୍ତାଶୁଣୀ ନାଟ୍ୟ ସଂସଦର କଳାକାର ଓ ଅନ୍ୟମାନେ।

**ଯାଜପୁରରୋଡ୍,୯।୧୧ (ପବିତ୍ର ରଞ୍ଜନ ମହାନ୍ତି):**

କୋରେଇ ନିର୍ବାଚନମଣ୍ଡଳୀ ଅଧୀନ ପହଙ୍ଗା ପଞ୍ଚାୟତ ରାଉତରାପୁର ଗ୍ରାମରେ ଆଗାମୀ ବର୍ଷ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମା' ହର୍ତ୍ତାଶୁଣୀଙ୍କ ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରେ ମା' ହର୍ତ୍ତାଶୁଣୀ ନାଟ୍ୟ ସଂସଦର ଆଖଡ଼ା ପୂଜା ସମ୍ପନ୍ନ ହୋଇଛି। ଆଖଡ଼ା ପୂଜାରେ ୨ ନାଟକର ବହି ପୂଜା କରାଯାଇଛି। ୨୦୨୬ ଫେବୃଆରୀ ୨୧ ଓ ୨୨ରେ ଜାଗର ଉପଲକ୍ଷେ ଏହି ନାଟକ ମଞ୍ଚସ୍ଥ ହେବ। ନାଟକ ଦୁଇଟିର ନିର୍ଦ୍ଦେଶନା ଦେଉଛନ୍ତି ଯାତ୍ରାଜଗତର ଯୁବନିର୍ଦ୍ଦେଶକ ଧନେଶ୍ୱର ଦାଶ(କାବୁଲା ସାର)। ବହି ପୂଜାରେ ସଂସଦର ପରିଚାଳକ ଶ୍ରୀକାନ୍ତ ବ୍ରହ୍ମ, ସଭାପତି ଜ୍ୟୋତିରଞ୍ଜନ ସାହୁ, ସମ୍ପାଦକ ଅଜିତ ଘଡ଼ାଇ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ, ଦୀପୁରଞ୍ଜନ ସାହୁ, ସଂଗ୍ରାମ କେଶରୀ ବ୍ରହ୍ମ, ଅରୁଣ ବ୍ରହ୍ମ, ବିବେକାନନ୍ଦ ପଣ୍ଡା, ପରମାନନ୍ଦ ପଣ୍ଡା, ବାବୁ ପଣ୍ଡା, ତପନ ଦାସ, ଦିଲୀପ ଦଳାଇ, ଲକ୍ଷ୍ମୀଧର ସାହୁ, ମନୋଜ ବ୍ରହ୍ମ, ଜଗା ସାହୁ, ସ୍ମୃତିରଞ୍ଜନ ପଣ୍ଡା ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଯାତ୍ରା ଋତୁ ପାଇଁ ପ୍ରଥମ ରାତ୍ରିରେ 'ତୋ ପ୍ରେମ ଲାଗେ ନୂଆ ନୂଆ' ଏବଂ ଦ୍ୱିତୀୟ ରାତ୍ରିରେ 'କଟି କଟି ଡବଲ କଟି' ନାଟକ ମଞ୍ଚସ୍ଥ କରାଯିବ ବୋଲି ସୂଚନା ଦେଇଥିଲେ। ନିର୍ବାଚନମଣ୍ଡଳୀର ସବୁଠୁ ପୁରୁଣା ଯାତ୍ରା ଅନୁଷ୍ଠାନ ଭାବେ ରାଉତରାପୁର ପରିଚିତ। ପ୍ରାୟ ୫୪ ବର୍ଷ ପୂର୍ବେ ଏହି ଅନୁଷ୍ଠାନ ଆରମ୍ଭ ହୋଇଥିଲା। ସେବେଠୁ ଆଜିଯାଏ ଏହି ଅନୁଷ୍ଠାନକୁ ବଂଶାନୁକ୍ରମେ ଗାଁର ଯୁବକମାନେ ଆଗକୁ ନେଇଛନ୍ତି ବୋଲି ସୂଚନା ଦେଇଛନ୍ତି।

# ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳ ପ୍ରକଳ୍ପ ତ୍ୱରାନ୍ୱିତ ପାଇଁ ରେଳମନ୍ତ୍ରୀଙ୍କୁ ପତ୍ର

**ଯାଜପୁର,୯।୧୧(ହର୍ଷବର୍ଦ୍ଧନ ବେହେରା)**

ଯାଜପୁରରୋଡ଼-ଧାମରା ପ୍ରସ୍ତାବିତ ରେଳପଥକୁ ମଞ୍ଜୁରୀ ପ୍ରଦାନ କରିବା ଦିଗରେ ନେଟୱର୍କ ପ୍ଲାନିଂ ଗ୍ରୁପ(ଏନ୍‌ପିଜି)ର ନକାରାତ୍ମକ ଆଭିମୁଖ୍ୟ ଉପରେ ସଂଗ୍ରାମ ସମିତି ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଗ୍ରାମ ସମିତିର ସନ୍ତୋଷ ଦାସ ସୂଚନା ଦେଇଛନ୍ତି ଯେ, ସେପ୍ଟେମ୍ବର ୧୫ ତାରିଖରେ ଏନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ଭିତ୍ତିରେ ପୂର୍ବତଟ ରେଳପଥ ପକ୍ଷରୁ ରିପୋର୍ଟ ରେଲୱେ ବୋର୍ଡ ପାଖକୁ ପ୍ରେରଣ ହୋଇଥିଲା। ହେଲେ ଏପର୍ଯ୍ୟନ୍ତ ଏନ୍‌ପିଜି ପକ୍ଷରୁ କୌଣସି ଧ୍ୟାନ ଦିଆଯାଇ ନାହିଁ। ତେଣୁ ଏନ୍‌ପିଜି ସମେତ ସମସ୍ତ ସ୍ତରରେ ଯାଜପୁର ରୋଡ-ଧାମରା ରେଳପଥ ପ୍ରକଳ୍ପର ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଧ୍ୟାନଦେବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି।

# ୫ଦିନ ପାଳିତ ହେବ ବଡ଼ଚଣା ମହୋତ୍ସବ

**ଚଣ୍ଡିଖୋଲ,୯।୧୧(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ମହୋତ୍ସବ ୨୦୧୭ରୁ ପାଳିତ ହୋଇଆସୁଛି। ଏହି ମହୋତ୍ସବ ଆସନ୍ତା ଜାନୁଆରୀ ୮ରୁ ୧୨ ତାରିଖ ୫ଦିନ ଧରି ଅନୁଷ୍ଠିତ ହେବ। ଏନେଇ ମହୋତ୍ସବ କମିଟି ସଭାପତି ମନୋରମା ଆଚାର୍ଯ୍ୟ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ବଡ଼ଚଣା ଦୁର୍ଗା ମଣ୍ଡପ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ସେ କହିଛନ୍ତି, ୯ ବର୍ଷ ଧରି ମହୋତ୍ସବ ପାଳିତ ହୋଇଆସୁଛି। ମାତ୍ର କେତେଜଣ ବ୍ୟକ୍ତି ଏହାକୁ ଭଣ୍ଡୁର କରିବା ପାଇଁ ଲାଗିଛନ୍ତି। ଗତ ମାସ ୨୯ ତାରିଖରେ ବଡ଼ଚଣା ଡାକବଙ୍ଗଳା ପରିସରରେ ହୋଇଥିବା ଖବରଦାତା ସମ୍ମିଳନୀକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସମସ୍ତେ ଜାଣିଛନ୍ତି ପ୍ରତ୍ୟେକ ବର୍ଷ ବଡ଼ଚଣା ମହୋତ୍ସବ ୫ ଦିନ ଧରିଚାଲେ। ବଡ଼ଚଣା ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ନେଇ ହେଉଥିବା ଏହି ମହୋତ୍ସବକୁ ସ୍ଥାନୀୟ ବିଧାୟକ ଉଦ୍‌ଘାଟନ କରିଥାନ୍ତି। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ବହୁ ମନ୍ତ୍ରୀ, ବିଧାୟକ, ଅବସରପ୍ରାପ୍ତ ବିଚାରପତି ଓ ସ୍ୱାଧୀନତା ସଂଗ୍ରାମୀ ଯୋଗଦେଇ ମହୋତ୍ସବର ଗାରିମା ବୃଦ୍ଧି କରିଛନ୍ତି। ମାତ୍ର ଚଳିତ ବର୍ଷ କେତେଜଣ ବ୍ୟକ୍ତି ଆମ ବଡ଼ଚଣା ମହୋତ୍ସବ ନାମ ବ୍ୟବହାର କରି ବଡ଼ଚଣା ମହୋତ୍ସବ ସମୟରେ ଉତ୍ସବ ପାଳନ କରିବା ପାଇଁ ଯେଉଁ ଯୋଜନା କରିଛନ୍ତି ତାହା ସଫଳ ହେବନାହିଁ। ଅନ୍ୟପକ୍ଷରେ ଏହି ମହୋତ୍ସବ ୫ ଦିନ ଧରି ପାଳିତ ହେବ ବୋଲି କମିଟି ସମ୍ପାଦକ ରବୀନ୍ଦ୍ର ନାଥ ରଣା, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପୂର୍ବତନ ସରପଞ୍ଚ ଆଶିଷ ରଂଜନ ଚୌଧୁରୀ, ଗାୟକ ରଜନୀ କାନ୍ତ ପୃଷ୍ଟି, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ପ୍ରଭାସ ଚନ୍ଦ୍ର ଜେନା, ଗୋଲକ ଚନ୍ଦ୍ର ସାମଲ ଓ ସଚିତ୍ର କୁମାର ମହଲା ପ୍ରମୁଖ ମତ ରଖିଛନ୍ତି।



ଖବରଦାତା ସମ୍ମିଳନୀରେ ବଡ଼ଚଣା ମହୋତ୍ସବର କର୍ମକର୍ତ୍ତା।

# ଜଳୁନାହିଁ ଷ୍ଟ୍ରିଟ୍ ଲାଇଟ, ଅନ୍ଧାରରେ ଯାଜପୁର ସହର

## ଚୋରିକୁ ପ୍ରୋତ୍ସାହନ ଦେଉଛି ଯାଜପୁର ପୌରପାଳିକା

**ଯାଜପୁର ଟାଉନ,୯।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ସହର ଅନ୍ଧାର ହୋଇଛି।

ଯାଜପୁର ସହର ଜିଲାର ସଦରମହକୁମା। ଏଠାରେ କୋର୍ଟ କଚେରିଠାରୁ ଆରମ୍ଭ କରି ଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, ପୋଷ୍ଟ ଅଫିସ, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ସରକାରୀ ଓ ଘରୋଇ କାର୍ଯ୍ୟାଳୟ ରହିଛି। ସେହିପରି ଇନ୍‌ଡୋର ଷ୍ଟାଡିୟମ, ଶିବ ପ୍ରକଳ୍ପ, କୁସୁମା ପୁଷ୍କରିଣୀ, ହକି ଷ୍ଟାଡ଼ିୟମ ସମେତ ଅନ୍ୟ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଦୈନିକ ଯାଜପୁର ସହରକୁ ଜିଲା ସମେତ ଜିଲା ବାହାରୁ ହଜାର ହଜାର ସଂଖ୍ୟାର ଲୋକେ ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ କାମ ପାଇଁ ଆସୁଛନ୍ତି। ସେହିପରି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିରକୁ ଦୈନିକ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସୁଛନ୍ତି। ସେମାନେ ମା' ବିରଜାଙ୍କ ସହ ବରାହନାଥ ମନ୍ଦିର, ଦଶାଶ୍ୱମେଧ ଘାଟ, ସପ୍ତମାତୃକା ମନ୍ଦିର ପରି ଆଦି ପରିଦର୍ଶନ କରୁଛନ୍ତି।

ଇତିମଧ୍ୟରେ ଯାଜପୁର ପୌରପାଳିକା ୧୫୦ ବର୍ଷ ପୂର୍ତ୍ତି ପାଳନ କରିସାରିଛି। ସହରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ବିକାଶର ନଗ୍ନ ଚିତ୍ର ପୌରପାଳିକା ଅଞ୍ଚଳରେ ଦେଖିବାକୁ ମିଳିଛି। ପୌରାଞ୍ଚଳର ୧୮ ୱାର୍ଡ ସମେତ ବିଭିନ୍ନ ଛକ ବଜାରରେ ଅନ୍ଧାରକୁ ଦୂର କରିବା ପାଇଁ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଛି। ହେଲେ ଏହି ଷ୍ଟ୍ରିଟ୍ ଲାଇଟ ଗୁଡ଼ିକ ଜଳୁନାହିଁ। ଦୀର୍ଘ ଦିନ ହେବ ସହରର ମେଡ଼ିକାଲ ଛକ, ରେଡ୍‌କ୍ରଶ ଛକ, କୁସୁମା, ଗାନ୍ଧୀ ଛକ, ବିରଜା ମହିଳା ମହାବିଦ୍ୟାଳୟ ରାସ୍ତା, ହରିହର ଛକ, ମହାବୀର ଛକ ପ୍ରମୁଖ ସ୍ଥାନରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇ ରହିଛି। ଫଳରେ ସଞ୍ଜ ନଇଁଲେ ଏହି ସବୁ ସ୍ଥାନ ଗୁଡ଼ିକ ଅନ୍ଧାର ହୋଇରହୁଛି। ଆଉ ଏହି ଅନ୍ଧାରର ସୁଯୋଗରେ ଦୁର୍ବୃତ୍ତ ଚୋରି କରିପଳାଉଛନ୍ତି।

କୁସୁମା ପାଖରେ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରୁଥିବା ନଜିର ରହିଛି। ହେଲେ ପୌରପାଳିକା ଏହି ଷ୍ଟ୍ରିଟ୍‌ଲାଇଟ୍ ପ୍ରତି ଗୁରୁତ୍ୱ ଦେଉନାହିଁ। ଚୋରିକୁ ପୌରପାଳିକା ପ୍ରୋତ୍ସାହନ ଦେଉଛି ବୋଲି ଅଭିଯୋଗ ହୋଇଛି। ଏହି ଷ୍ଟ୍ରିଟ୍‌ଲାଇଟ୍‌ଗୁଡ଼ିକ ମରାମତି ଅଭାବରୁ ଖରାପ ହୋଇଗଲାଣି। ମହିଳାମାନେ ଏହି ଅନ୍ଧାର ରାସ୍ତା ଦେଇ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଦୀର୍ଘ ଦିନ ହେବ ଯାଜପୁରବାସୀ ଷ୍ଟ୍ରିଟ୍‌ଲାଇଟ ସମ୍ପର୍କରେ ଅଭିଯୋଗ କରି ଆସୁଥିଲେ ମଧ୍ୟ ପୌରପାଳିକା କର୍ଣ୍ଣପାତ କରୁନାହିଁ। ଏନେଇ କ୍ଷୋଭ ପ୍ରକାଶ କରିଛନ୍ତି ଯାଜପୁରର ବରିଷ୍ଠ ସାମ୍ବାଦିକ ମନୋଜ କୁମାର ରଣା। ଅନ୍ୟପକ୍ଷରେ ତୁରନ୍ତ ଏହି ସମସ୍ୟା ସମାଧାନ କରିବାକୁ ଯାଜପୁରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ପିଲାଙ୍କୁ ୧୬ ଜାଗାରେ ୧୧ ଅଣ୍ଡା ଦେଉଥିଲେ ଅଙ୍ଗନୱାଡି କର୍ମୀ

**ବିବାଦରେ ରାଜକନିକା ମହିଳା ଓ ଶିଶୁବିକାଶ କାର୍ଯ୍ୟାଳୟ**
- କିଶୋରୀ ନେଲେ ନାହିଁ ଅଣ୍ଡା
- ଜିଲାପାଳଙ୍କ ପାଖେ ହେବେ ଫେରାଦ

ରାଜକନିକା,୯ା୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ବିବାଦରେ ଛନ୍ଦି ହୋଇପଡିଛି। ଜଣେ ଅଙ୍ଗନୱାଡି କର୍ମୀ ହିତାଧିକାରୀଙ୍କୁ କମ୍ ପରିମାଣର ଅଣ୍ଡା ଦେବାକୁ ନେଇ ବିବାଦ ଦେଖାଦେଇଛି। ଶେଷରେ କିଶୋରୀ ହିତାଧିକାରୀମାନେ ଅଣ୍ଡା ନ ନେଇ ଫେରି ଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ପଞ୍ଚାୟତ ଦେଉଳସାହି-୧ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ସୁପ୍ରିୟା ସାମଲ ରବିବାର କିଶୋରୀମାନଙ୍କୁ ଅଣ୍ଡା, ଶୋଲା, ମୁଢ଼ି ଆଦି ସାମଗ୍ରୀ ଦେବା ନିମନ୍ତେ ଡାକିଥିଲେ। ହେଲେ ସରକାରୀ ନିୟମାନୁଯାୟୀ ପ୍ରତି ସପ୍ତାହରେ ୪ଟା ହିସାବରେ ମାସକୁ ୧୬ଟି ଅଣ୍ଡା ଦେବାର ବ୍ୟବସ୍ଥା ଥିବା ସ୍ଥଳେ ୧୧ଟି ଅଣ୍ଡା ଦେବାରୁ ଏହାକୁ ନେଇ ବିବାଦ ଦେଖାଦେଇଥିଲା। ହିତାଧିକାରୀଙ୍କ ପକ୍ଷରୁ ଆମକୁ କାହିଁକି ୧୬ଟି ଅଣ୍ଡା ଦିଆଯିବ ନାହିଁ ବୋଲି କହିବାରୁ ଅଙ୍ଗନୱାଡି କର୍ମୀ ଅଣ୍ଡା ଦର ବଢ଼ିବା ଓ ଅଣ୍ଡା ଭାଙ୍ଗିଯାଉଛି ବୋଲି କହି ଏଡ଼ାଇ ଦେଇଥିଲେ। କିଶୋରୀମାନେ କିନ୍ତୁ ନିର୍ଦ୍ଧାରିତ ଅଣ୍ଡା ନେବାକୁ ଅଡ଼ି ବସିବାରୁ ସେଠାରେ ଉପସ୍ଥିତ ଥିବା କମିଟି ମେମ୍ବର ଅର୍ଜୁନ ନାୟକ ବଚସା କରି ଫେରେଇ ଦେଇଥିଲେ ବୋଲି ସେମାନଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏ ସମ୍ପର୍କରେ ବିଭାଗୀୟ ମହିଳା ପରିଦର୍ଶିକା ସ୍ନେହଲତା ସେଠୀଙ୍କୁ ପଚାରିବାରୁ ବାକି ଅଣ୍ଡା ପର୍ଯ୍ୟାୟକ୍ରମେ ଦିଆଯିବ ବୋଲି କହିଥିଲେ। ସିଡିପିଓ ରଞ୍ଜୁଲତା ଦାଶଙ୍କୁ ପଚାରିବାରେ କିଶୋରୀମାନଙ୍କୁ ୧୬ଟା ଅଣ୍ଡା ଦିଆଯିବ। ବିଭାଗୀୟ ଅଧିକାରୀଙ୍କ ଏପରି ପ୍ରତିକ୍ରିୟା ପରେ ଅଙ୍ଗନୱାଡି କର୍ମୀ ଓ କମିଟି ମେମ୍ବରଙ୍କ ମଧ୍ୟରେ ଥିବା ସଲାସୁତୁରା ଏବେ ପଦାରେ ପଡିଯାଇଛି। ହିତାଧିକାରୀଙ୍କ ପକ୍ଷରୁ ସୋମବାର ରାଜକନିକା ବ୍ଲକରେ ହେଉଥିବା ଜନ ଶୁଣାଣିରେ ଅଭିଯୋଗ କରିବେ ବୋଲି ସୂଚନା ମିଳିଛି। ୧୫ ବର୍ଷରୁ ୧୯ ବର୍ଷ ମଧ୍ୟରେ କିଶୋରୀମାନଙ୍କୁ ପ୍ରତି ସପ୍ତାହରେ ମାସିକ ୧୬ଟି ଅଣ୍ଡା, ୧ କିଲୋ ୩୫୦ ଗ୍ରାମ ଭଜା ଶୋଲା, ୯୭୦ ଗ୍ରାମର ମୁଢ଼ି ଦେବାର ବ୍ୟବସ୍ଥା ରହିଛି। ଅଙ୍ଗନୱାଡି କର୍ମୀଙ୍କ ଏସ୍ଏନ୍‌ପି ବ୍ୟାଙ୍କ୍ ଖାତାକୁ ମଧ୍ୟ ଅର୍ଥ ଆସୁଛି। ମେ ମାସଠାରୁ ଅଣ୍ଡା ଦର ୫ଟଙ୍କା ବଦଳରେ ୭ ଟଙ୍କା ବର୍ଦ୍ଧିତ ଦର ହିସାବରେ ଟଙ୍କା ଆସିବା ସ୍ଥଳେ କିନ୍ତୁ ଅଣ୍ଡା ଦେବାର ଟାଳଟୁଳ ନୀତି ହିତାଧିକାରୀଙ୍କୁ ଚକିତ କରିଛି। କେବଳ ଯେ ଦେଉଳସାହି ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ଅନିୟମିତତା ଦେଖାଦେଇଛି ତା' ନୁହେଁ, ଅନ୍ୟ କେନ୍ଦ୍ରରେ ମଧ୍ୟ ଦେଖିବାକୁ ମିଳିଛି। ଏ ନେଇ ଜିଲାପାଳ ଗୁରୁତ୍ୱ ସହକାରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।


ଗାଁଲୋକେ ଅଙ୍ଗନୱାଡି କେନ୍ଦ୍ରରେ ହୋହଲ୍ଲା କରୁଛନ୍ତି।

# ଶର୍ଟସର୍କିଟରୁ ଡାକ୍ତରଙ୍କ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ

କୁଜଙ୍ଗ,୯ା୧୧ (ମନୋଜ ପ୍ରଧାନ)



ରବିବାର ସନ୍ଧ୍ୟା ୭ ଘଣ୍ଟା ସମୟରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଆୟୁଷ ଡାକ୍ତର ସତ୍ୟ ପ୍ରଧାନଙ୍କ ସରକାରୀ ଆଜବେଷ୍ଟସ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ ଘଟି ଆସବାବପତ୍ର ପୋଡିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ପ୍ରଥମେ ଫ୍ରିଜ୍‌ରେ ନିଆଁ ଲାଗି ଘରର ଆଜବେଷ୍ଟସ୍‌କୁ ବ୍ୟାପି ଯାଇଥିଲା। ଡାକ୍ତର ପ୍ରଧାନ ଏହି ସମୟରେ ଘରେ ଥିଲେ। ସେ ନିଆଁ ଲାଗିବା ଦେଖି ଡାକ ପକାଇଥିଲେ। ପାଟିଶୁଣି ବଜାରରେ ଥିବା ଲୋକେ ଦୌଡ଼ି ଯାଇ ପାଣି ପକାଇ ନିଆଁ ଲିଭାଇଥିଲେ। ରୋଷେଇ ଘରେ ଥିବା ଗ୍ୟାସ ସିଲିଣ୍ଡରକୁ ବାହାରକୁ କାଢ଼ି ଦେଇଥିଲେ। ଫଳରେ ଏକ ବଡ଼ଧରଣର ବିପଦ ଟଳିଯାଇଥିଲା। ଏହି ନିଆଁ ପାଖରେ ଥିବା ଅନ୍ୟ ଏକ ନର୍ସଙ୍କ କ୍ୱାର୍ଟର୍ସକୁ ବ୍ୟାପିଥିଲେ ବି ଉପସ୍ଥିତ ଲୋକେ ତାକୁ ଆୟତ୍ତ କରିବାକୁ ସକ୍ଷମ ହୋଇଛନ୍ତି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଲିଭାଇ ଥିଲେ।

# ସଚେତନତା ଅଭାବ ହିଁ ଠକାମିର ମୂଳ କାରଣ

**ସାଇବର ସଚେତନତା ଅଭିଯାନ**

ପାଟକୁରା, ୯ା୧୧ (ରବୀନ୍ଦ୍ର ନାଥ ବାରିକ)

ବଢ଼ି ଚାଲିଥିବା ସାଇବର ଅପରାଧକୁ ରୋକିବାକୁ ଏବଂ ସାଧାରଣ ଲୋକଙ୍କୁ ଅନ୍‌ଲାଇନ ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ପାଟକୁରା ଥାନା ପକ୍ଷରୁ ସାଇବର ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଗ୍ରାମାଞ୍ଚଳ, ସ୍କୁଲ, କଲେଜ, ବଜାର ଅଞ୍ଚଳରେ ପୋଲିସ ଅଧିକାରୀମାନେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଡିଏସ୍‌ପି ସରୋଜ କୁମାର ସାହୁ, ସାଇବର ସେଲ୍ ଅଧିକାରୀ ଏବଂ ପାଟକୁରା ଥାନା ଭାରପ୍ରାପ୍ତ ଅଧିକାରୀ ମହମ୍ମଦ ଜାମ୍‌ସେଦ୍, ଏସ୍‌ଆଇ ଦୀପ୍ତିମୟୀ ରାଉତ, ରେବତୀ ପରିଡ଼ା, ଅଭୟ ନାୟକ, ପ୍ରଦୀପ୍ତ ବେହେରାଙ୍କ ସହ ସହଯୋଗୀ ଖଗେଶ୍ୱର ମଲ୍ଲିକ, ଅମୟ ମହାନ୍ତି, ସଞ୍ଜୀବ ମହାପାତ୍ର ପ୍ରମୁଖ କର୍ମଚାରୀମାନେ ସାମିଲ ହୋଇଥିଲେ। ସେମାନେ ଗରଦପୁର, ନୂଆପଡା, ଚିଟ୍ରୋପଳା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ଆଖୁଆ ଓ ପାଟକୁରା ଥାନା ସମ୍ମୁଖରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଲୋକଙ୍କୁ ଅନ୍‌ଲାଇନ ମାଧ୍ୟମରେ ବିଭିନ୍ନ ପ୍ରକାର ଠକେଇ ଓ ଖେଳ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଧିକାଂଶ କ୍ଷେତ୍ରରେ ସଚେତନତା ଅଭାବ ହିଁ ଠକାମିର ମୂଳ କାରଣ ବୋଲି ଜଣାଯାଇଛି। ସଚେତନତା ମାଧ୍ୟମରେ ଏହାକୁ ଯଥେଷ୍ଟ ପରିମାଣରେ ରୋକା ଯାଇପାରିବ। ମୁଖ୍ୟତଃ ଲୋକଙ୍କୁ ଓଟିପି ଠକେଇ ଏବଂ କେୱାଇସି ଅପଡେଟ୍ ନାମରେ ଠକାମି କରାଯାଉଛି। ଏହାଛଡା ଫେକ୍ ବ୍ୟାଙ୍କ କଲ୍ ଏବଂ ଲିଙ୍କ୍ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଖାଲି କରିବା ସହ ଲୋନ୍ ଆପ୍‌ରେ କ୍ଲିକ୍ କରି ଠକେଇର ଶିକାର ହେଉଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ଅଧିକାରୀମାନେ ଜନସାଧାରଣଙ୍କୁ ସଚେତନ କରି ଓଟିପି, ପିନ୍ କିମ୍ବା ପାସ୍‌ୱାର୍ଡ କାହା ସହ ଶେୟାର୍ ନ କରିବାକୁ ବାରଣ କରିଛନ୍ତି। ଅନଲାଇନ୍ କ୍ରୟ-ବିକ୍ରୟ ସମୟରେ କ୍ୟୁଆର୍ କୋଡ୍ ସ୍କାନ୍ କଲାବେଳେ ବ୍ୟବସାୟୀଙ୍କ ଠିକଣା ଜାଣିବା ନିହାତି ଆବଶ୍ୟକ। ଏହାଛଡା ଯୁବବର୍ଗ ଅଧିକ ସମୟ ସୋସିଆଲ୍ ମିଡିଆରେ ବିତାଉଛନ୍ତି। ଏଥିପାଇଁ ସ୍କୁଲ, କଲେଜ ଏବଂ ଯୁବ ସଙ୍ଗଠନଗୁଡ଼ିକରେ ବିଶେଷ ଅଧିବେଶନ ଆୟୋଜନ କରାଯାଉଛି। ସାଇବର ଅପରାଧର ଶିକାର ହେଲେ ତୁରନ୍ତ ଅଭିଯୋଗ ଦାଏର କରିବାକୁ ପୋଲିସ ଅନୁରୋଧ କରିଛି। ଏଥିପାଇଁ ସାଇବର ହେଲ୍ପଲାଇନ୍ ନଂ. ୧୯୩୦ ଓ ୱେବ୍‌ସାଇଟ cybercrime.gov.in ରେ ଯୋଗାଯୋଗ କରିବାକୁ କୁହାଯାଇଛି। ପାଟକୁରା ଥାନା ଅଧିକାରୀଙ୍କ କହିବାନୁସାରେ, ଆଗାମୀ ସପ୍ତାହଗୁଡ଼ିକରେ ଅଞ୍ଚଳର ଅଧିକ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ବିଭିନ୍ନ ମହାବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା।


ନୂଆପଡ଼ା ବଜାରରେ ଡିଏସ୍‌ପି ସାଇବର ସଚେତନତା ଉପରେ ଉଦ୍‌ବୋଧନ ଦେଉଛନ୍ତି।

# ରାଷ୍ଟ୍ରୀୟ ଏକତା ପଦଯାତ୍ରା ପାଇଁ ପ୍ରତିଯୋଗିତା


ଅତିଥିଙ୍କ ଗହଣରେ ପ୍ରତିଯୋଗୀମାନେ।

କେନ୍ଦ୍ରାପଡ଼ା, ୯ା୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଷ୍ଟ୍ରୀୟ ଏକତା ପଦଯାତ୍ରା ଆୟୋଜନ ହେଉଛି। ଏହି ଅବସରରେ ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ରବିବାର ହୋଇଯାଇଛି। ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ସୁମିତ୍ରା ପାଣି ପ୍ରଥମ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଦୀପାଳି ପଣ୍ଡା ଦ୍ୱିତୀୟ ଓ ଶ୍ରୀୟା ସୁମନ ସାହୁ ତୃତୀୟ ସ୍ଥାନରେ ଅଛନ୍ତି। ବିତର୍କରେ ପ୍ରଭାସ୍ମିତା ଦେବୀ, ପ୍ରମୋଦିନୀ ବିଶ୍ୱାଳ, ରମେଶ ଚନ୍ଦ୍ର ଆଚାର୍ଯ୍ୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ସେହିପରି ପୋଷ୍ଟର ମେକିଂରେ ଶୁଭମ ଦାସ, ଜିତ୍ ପ୍ରସାଦ ରାଉତ, ସୁଜାତା ମହାପାତ୍ର, କୁଇଜ ପ୍ରତିଯୋଗିତାରେ ଦମୟନ୍ତୀ ଜେନା, ଲୋନଲି ନିବେଦିତା, ସ୍ମୃତି ସାଗରିକା ମିଶ୍ର, ରିଲ ମେକିଂରେ ଓମ୍‌ପ୍ରକାଶ ରଥ, ଉମେଶ ଚନ୍ଦ୍ର ଆଚାର୍ଯ୍ୟ, ଦମୟନ୍ତୀ ଜେନା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶୁଭମ ଦାସ, ସୌମ୍ୟରଞ୍ଜନ ସାହୁ, ଋତୁପର୍ଣ୍ଣା ବେହେରା ବିଜୟୀ ହୋଇଛନ୍ତି। ଏହି ବିଜେତା ପ୍ରତିଯୋଗୀଙ୍କୁ ଆସନ୍ତା ଏକତା ପଦଯାତ୍ରା ସମୟରେ ସମ୍ମାନିତ କରାଯିବ। ଏହି ପ୍ରତିଯୋଗିତାରେ ସହରର କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତୁଳସୀ ମହିଳା ମହାବିଦ୍ୟାଳୟ, ରାଜକନିକାର ଏସ୍ଏନ୍ କଲେଜ, ଡେରାବିଶର ଏଚଏନ୍ଏସ୍ ମହାବିଦ୍ୟାଳୟ, ଯୁକେ ମହବୀର ମହାବିଦ୍ୟାଳୟ ଓ ପଟ୍ଟାମୁଣ୍ଡାଇ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହାକୁ ଅଧ୍ୟକ୍ଷ ମଥୁରୀ ଚରଣ ନାୟକ ଉଦ୍‌ଘାଟନ କରିଥିଲେ। ଡ. ପଦ୍ମଜା କବି ଶତପଥୀଙ୍କ ସମେତ ପ୍ରଶାସନିକ ଅଧିକାରୀ ସବିତା ଦାସ, ପ୍ରାଧ୍ୟାପିକା ଏଲୋରା କବି, ମୋ ଭାରତ ଯୁବ କେନ୍ଦ୍ର ଅଧିକାରୀ ଗୋଲି ତିରୁପତି ରେଡ୍ଡି, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ତୁଳସୀ ସମ୍ମାନରେ ସମ୍ମାନିତ ହେଲେ ଅଧ୍ୟାପିକା

ରାଜକନିକା, ୯ା୧୧(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟର ଅଧ୍ୟାପିକା ଡ. ଚିତ୍ରାକାନ୍ତୀ ସେଠୀ ତୁଳସୀ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ କେନ୍ଦ୍ରାପଡ଼ାର ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଦଶମ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯାଇଛି। ତାଙ୍କୁ କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ସମ୍ମାନଜନକ ପୁରସ୍କାର ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି।

# ଅଳକା ହାଇସ୍କୁଲ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

ଜଗତ୍‌ସିଂହପୁର, ୯ା୧୧ (ପ୍ରମୋଦ କୁମାର ନାୟକ)

ବିରିଡି ବ୍ଲକ ଅଳକା ହାଇସ୍କୁଲର ୧୯୭୧ ବ୍ୟାଚ୍ ମାଟ୍ରିକ ଛାତ୍ରୀଛାତ୍ରମାନଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଲିଆ ଭଗବତୀ ପୀଠରେ ଆୟୋଜିତ ଉତ୍ସବରେ କାଳନ୍ଦୀ ଚରଣ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ରଞ୍ଜିତ ରାୟଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସବରେ ଅନିଲ କୁମାର ମହାନ୍ତି, ଅଞ୍ଜନ କୁମାର ପଟ୍ଟନାୟକ, ବନଲତା ମହାନ୍ତି, ପ୍ରୀତିଲତା ପଟ୍ଟନାୟକ, ଡ. ସୁନାକର ଶତପଥୀ, ବିଜୟ କୁମାର ମହାପାତ୍ର, ଅଞ୍ଜନ ଜେନା, ଗଗନ ବିହାରୀ ମୁଦୁଲି, ରତ୍ନାକର ଦାସ, ବିଚିତ୍ରାନନ୍ଦ ମହାନ୍ତି, ବିଜୟ କୁମାର ଜେନା, ରମଣି ରଞ୍ଜନ ବେହେରା, ଦୁର୍ଯ୍ୟୋଧନ ଦାଶ, ନାରାୟଣ ମୁଦୁଲିଙ୍କ ସମେତ ୬୦ରୁ ଅଧିକ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୃତ ସାଙ୍ଗମାନଙ୍କ ଆତ୍ମାର ସଦ୍‌ଗତି କାମନା କରି୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନିଜ ନିଜର ପରିଚୟ ପ୍ରଦାନ କରିବା ସହ ଦୀର୍ଘ ସମୟ ଧରିଅତୀତର ସ୍ମୃତିଚାରଣ କରିବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଯାଇଛି।




# ବାରଣ ସତ୍ତ୍ୱେ ବିବାହ ଉତ୍ସବରେ ବାଜିଲା ଡିଜେ

ପଟ୍ଟାମୁଣ୍ଡାଇ, ୯ା୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଡିଜେକୁ ସମ୍ପୂର୍ଣ୍ଣ ବ୍ୟାନ କରିବାକୁ ଏକ ଜନସ୍ୱାର୍ଥ ମାମଲାରେ ଗତ ସେପ୍ଟେମ୍ବର ୧୮ରେ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଗତ ଶାରଦୀୟ ଦୁର୍ଗାପୂଜା ଭସାଣି ବେଳେ ସମସ୍ତ ମେଢ଼ ହାଇକୋର୍ଟ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରିଥିଲେ। ମାତ୍ର ଗତ ଶୁକ୍ରବାର ସନ୍ଧ୍ୟାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ବିବାହ ଉତ୍ସବରେ ଉଚ୍ଚ ସ୍ୱରରେ ଡିଜେ ବଜାଇବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବରିଷ୍ଠ ନାଗରିକ ଓ ଘରେ ରହି ଚିକିତ୍ସିତ ହେଉଥିବା ରୋଗୀମାନେ ବହୁ କଷ୍ଟ ଅନୁଭବ କରିଥିଲେ। ଡିଜେର ଛାତିଥରା ଶବ୍ଦ ଅନେକଙ୍କୁ ଅସ୍ୱାଭାବିକ ପରିସ୍ଥିତିରେ ପକାଇଥିଲା। ମାତ୍ର ସ୍ଥାନୀୟ ପୋଲିସର ଏପରି ପାତରଅନ୍ତର କାର୍ଯ୍ୟକୁ ସାଧାରଣରେ ଦୃଢ଼ ନିନ୍ଦା କରାଯାଇଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଆଲୋଚନା ଜୋର ଧରିଛି।

# ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗୃହୀତ

ଡେରାବିଶ, ୯ା୧୧(ବେର୍ଣ୍ଣା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଠାକୁରପାଟଣା ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଲକ୍ଷ୍ମୀନାରାୟଣପୁର ଓ ଜହଙ୍ଗର ଭଜନ ମଣ୍ଡଳୀ ପକ୍ଷରୁ ଦୁମୁକାହାଟସ୍ଥିତ ଆଞ୍ଚଳିକ ଯୁବ ସାନ୍ମୁଖ୍ୟ ପରିସରରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କେନ୍ଦ୍ରାପଡ଼ା ଜିଲା ସଭାପତି ଉମେଶ ଚନ୍ଦ୍ର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ସଂଯୋଜକ ସ୍ମୃତିରଞ୍ଜନ ନାୟକ, ଠାକୁରପାଟଣା ସମିତି ଆବାହକ ଗୋପବନ୍ଧୁ ଦାସ, ଜହଙ୍ଗର ଭଜନ ମଣ୍ଡଳୀ ଆବାହକ ଈଶନ କୁମାର ରଥ, ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀ ଆବାହକ ଉତ୍ତମ କୁମାର ସିଂ ଓ ସାଇ ଆଶ୍ରିତ ହରିଶ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ୬୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କଟକ ରେଡକ୍ରସର ଡାକ୍ତର ଓ କର୍ମଚାରୀ ଶିବିରରେ ଉପସ୍ଥିତ ରହି ଏହି ରକ୍ତ ସଂଗ୍ରହ କରିଥିଲେ।

# ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା ସଭା

ରାଜନଗର, ୭ା୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅନ୍ତର୍ଗତ ରାଜପୁର ଗ୍ରାମର ହରିବୋଲ ପୂଜା କମିଟି ପକ୍ଷରୁ ଗ୍ରାମର ୧୦୦ ଜଣ ବରିଷ୍ଠ ନାଗରିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ପରେ କମିଟି ପକ୍ଷରୁ ସେମାନଙ୍କ ପାଦ ଧୋଇ ପୁଷ୍ପ, ଚନ୍ଦନ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ରମାକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟ ଓ ସୁଶାନ୍ତ କୁମାରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରବାଚକ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡା ପ୍ରବଚନ ମାଧ୍ୟମରେ ଆମ ସାମାଜିକ ଜୀବନୀଧାରାରେ ଆଜିର ଯୁବପିଢ଼ିମାନେ ମାତାପିତା ଓ ଗୁରୁଜନଙ୍କୁ ସମ୍ମାନ ଏବଂ ପିତାମାତାଙ୍କ ତ୍ୟାଗ, ସମର୍ପଣ କାର୍ଯ୍ୟ ଧାରାକୁଅନୁସରଣ କରିଜଣେ ଜଣେ ଉତ୍ତମ ନାଗରିକ ଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଇନ୍ଦ୍ରମଣି ଦାସ, ନଟବର ରାଉତ, ଖବରଦାତା ଭାସ୍କର ରାଉତରାୟ, ଅବସରପ୍ରାପ୍ତ ବିଇଓ ଅନିଲ ବଳ, ଶିକ୍ଷାବିତ୍ ସୁକାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ।

# ସବୁ ପ୍ରଶ୍ନ ପ୍ରତ୍ୟୁତ୍ତରର ଉର୍ଦ୍ଧ୍ୱରେ ଯିଏ, ସେ ହିଁ ଗୁରୁ

ମାର୍ଶାଘାଇ,୯ା୧୧ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ଗୁରୁମାନେ ହେଉଛନ୍ତି ଶିକ୍ଷାଦାନରେ ନବଚେତନାର ରୂପକାର। ପଙ୍କରୁ ପଦ୍ମ ତୋଳିବା, ବଣମଲ୍ଲୀକୁ ବଣରୁ ତୋଳି ଆଣି ରାଷ୍ଟ୍ର ଅର୍ଚ୍ଚନାରେ ନିୟୋଜିତ କରିବା ସେମାନଙ୍କ ଧର୍ମ, ସବୁ ପ୍ରଶ୍ନ ଓ ପ୍ରତ୍ୟୁତ୍ତରର ଉର୍ଦ୍ଧ୍ୱରେ ଯିଏ ସେ ହିଁ ଗୁରୁ ବୋଲି ମତ ପ୍ରକାଶ ପାଇଛି। ରବିବାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମାଣ୍ଡିଆ ରାଘବପୁର ଉଚ୍ଚ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଗୁରୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ସ୍କୁଲର ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ମୋହନ ଚରଣ ଜେନା, ମୁଖ୍ୟ ବକ୍ତା ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ, ସମ୍ମାନିତ ଅତିଥି ଭାବେ କୋରୁଆ ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଚିତ୍ରାମଞ୍ଜରୀ ତ୍ରିପାଠୀ, ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ମାର୍ଶାଘାଇ କଲେଜର ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ରମେଶ ଚନ୍ଦ୍ର ଲେଙ୍କା ଯୋଗଦେଇଥିଲେ। ଅତିଥିମାନେ ପୌରାଣିକ ଓ ଐତିହାସିକ ଯୁଗରେ ଗୁରୁ ଶିଷ୍ୟ ପରମ୍ପରା ଉପରେ ଆଲୋକପାତ କରିବା ସହ ସମ୍ପ୍ରତି ଅବଲୁପ୍ତପ୍ରାୟ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବାରେ ପୁରାତନ ଛାତ୍ର ସଂଘର ଉଦ୍ୟମକୁ ପ୍ରଶଂସା କରିଥିଲେ। ସଭା ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ସ୍ମୃତି ଫୁଲକୁ ଉନ୍ମୋଚନ କରାଯାଇଥିଲା। ୨୮ ପୂର୍ବତନ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ପ୍ରସନ୍ନ କୁମାର ପରିଡା, ଉମାକାନ୍ତ ଦାସ ସହଯୋଗ କରିଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଦୀପକ ଲେଙ୍କା, ରୂପମା ଗୁରୁ, ସମରେନ୍ଦ୍ର ତ୍ରିପାଠୀ, ପ୍ରଣୟ କୁମାର ସାହୁ, ଲୋକନାଥ ସାହୁ, ସରୋଜ ବିଶ୍ୱାଳ ସକ୍ରିୟ ସହଯୋଗ କରିଥିଲେ। ଗଗନ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ପରେ କଣ୍ଠଶିଳ୍ପୀ ଶକ୍ତି ମିଶ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜଳବାୟୁ ପରିବର୍ତ୍ତନର ଶିକାର ମା' ବରୁଣେଇ ପୀଠ

- ପ୍ରଚାର ପ୍ରସାର ଅଭାବରୁ ପର୍ଯ୍ୟଟକଙ୍କ ପଡୁନାହିଁ ପାଦ
- ପ୍ରତିବର୍ଷ ସଂକୁଚିତ ହେଉଛି ଏକ ବର୍ଗ କିଲୋମିଟର
- ହେନ୍ତାଳବଣର ସୁରକ୍ଷା ପାଇଁ ପରିବେଶବିତ୍‌ଙ୍କ ଦାବି

କେନ୍ଦ୍ରାପଡ଼ା, ୯ା୧୧ (ଜଗନ୍ନାଥ ଧଳ)



ଜାତୀୟ ଉଦ୍ୟାନ ଭିତରକନିକା ଜୈବ ବିବିଧତା ବିଭବ ମଧ୍ୟରେ ବରୁଣେଇ ଦ୍ୱୀପରେ ମା' ବରୁଣେଇ ଦୀର୍ଘବର୍ଷ ଧରି ପୂଜା ପାଉଥିଲେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଏହା ଅପହଞ୍ଚ ହୋଇଛି। ସେହିପରି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନର ଶିକାର ହୋଇଥିବା ଏହି ପୀଠ ପରିସର ସଙ୍କୁଚିତ ହେବାରେ ଲାଗିଛି। ହେନ୍ତାଳ ବନର ସୁରକ୍ଷା ନ ହେଲେ ୨୦୨୩ରେ ସମୁଦ୍ରରେ ଲୀନ ହୋଇ ଯାଇଥିବା ଅଗରନାଶୀ ପରି ଏହାର ପରିଣାମ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ଏହି ସ୍ଥାନ ପାଇଁ ଜଳପଥ ହିଁ ଗମନାଗମନ ପଥ। କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ମହାକାଳପଡ଼ା ବ୍ଲକର ମିଳନସ୍ଥଳ ବରୁଣେଇ ବେଳାଭୂମି ଓ ନିଘଞ୍ଚ ଜଙ୍ଗଲରେ ମା' ପୂଜା ପାଉଛନ୍ତି। ଉତ୍ତର ଦିଗରେ ସାତଭାୟା, ଅଲିଭ୍ ରିଡ୍‌ଲେ କଇଁଛଙ୍କ ମିଳନସ୍ଥଳ ଗହୀରମଥା ଓ ବିଶ୍ୱପ୍ରସିଦ୍ଧ ଭିତରକନିକାର ଲୁଣା କୁମ୍ଭୀର ପ୍ରଜନନ କେନ୍ଦ୍ର ଡାଙ୍ଗମାଳ। ସେହିପରି ଦକ୍ଷିଣ ଦିଗରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ବଡଘର ଓ ହୁକିଟୋଲା। ବ୍ରାହ୍ମଣୀ ଶାଖା ହଂସୁଆର ଜଳ ପ୍ରବାହିତ ହୋଇ ବରୁଣେଇ ମୁହାଣରେ ବଙ୍ଗୋପସାଗରରେ ମିଶୁଛି। ଏହି ଅଞ୍ଚଳରେ ମା' ବରୁଣେଶ୍ୱରୀ ପୂର୍ବରୁ ଚାଳଘରେ ପୂଜା ପାଉଥିଲେ। ଏବେ ସେଠାରେ ସିମେଣ୍ଟ ଚଉତରା ନିର୍ମାଣ ହୋଇଛି। ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ମା' ବରୁଣେଇଙ୍କୁ ବନ ବିଭାଗ ପକ୍ଷରୁ ଅଭୟଦାୟିନୀ ଭାବେ ପୂଜା କରାଯାଉଛି। ଅପରପକ୍ଷରେ ପୀଠସ୍ଥଳ ଏବେ ଦ୍ରୁତ ତଟକ୍ଷୟର ସମ୍ମୁଖୀନ ହୋଇଛି। ଗତ ୧୫୦ବର୍ଷ ମଧ୍ୟରେ ଦ୍ୱୀପର ୧୫୦ବର୍ଗ କିଲୋମିଟର ତଟକ୍ଷୟରେ ହଜିଯାଇଛି।

ଏ ସମ୍ପର୍କରେ ଗବେଷକ ଡ. ସର୍ବେଶ୍ୱର ସେଣ, ଡ. ପି.ଏନ. ଗୌରାଙ୍ଗ, ଅଧ୍ୟାପକ କ୍ଷିତୀଶ କୁମାର ସିଂହ, ପରିବେଶବିତ୍ ହେମନ୍ତ କୁମାର ରାଉତ, ପ୍ରଭୁପ୍ରସାଦ ମହାପାତ୍ର ପ୍ରମୁଖ କହିଛନ୍ତି, ବିଭିନ୍ନ ପୁସ୍ତକ ଓ ପତ୍ରିକାରେ ମା' ବରୁଣେଇଙ୍କୁ ଗଡ଼ଚଣ୍ଡୀ ଭାବେ ଉଲ୍ଲେଖ ଅଛି। ନୌଶକ୍ତି ଓ ମା' ବରୁଣେଶ୍ୱରୀଙ୍କ ଆଶୀର୍ବାଦ ବଳରେ କନିକାର ବୀର ଯୋଦ୍ଧାଗଣ ଅଷ୍ଟାଦଶ ଶତାବ୍ଦୀରେ କଟକର ନବାବଙ୍କୁ ହରାଇଥିଲେ। ଷୋଡ଼ଶ ଶତାବ୍ଦୀରେ କନିକା ଉପକୂଳସ୍ଥ ବଙ୍ଗୋପସାଗରର ଏକ ଅଂଶକୁ କନିକା ଉପସାଗର, ଧାମରା ନଦୀକୁ କନିକା ନଦୀ ଓ ଉପସାଗର ଉତ୍ତର ଅଂଶ ବାଲିଚରକୁ କନିକା ଦ୍ୱୀପ କୁହାଯାଉଥିଲା। ଉତ୍କଳ ସାହିତ୍ୟରେ ପଣ୍ଡା ରାଧାଚରଣ ଉଲ୍ଲେଖ କରିଛନ୍ତି, ଭଞ୍ଜ ରାଜବଂଶ ଦ୍ୱାଦଶ ଶତାବ୍ଦୀରେ କନିକା ଜୟ କରିବା ପୂର୍ବରୁ ଏହି ଅଞ୍ଚଳ ୪ ଗୋଟି ସ୍ୱତନ୍ତ୍ର ଇଲାକା ଥିଲା। ଏହି ଇଲାକା ମଧ୍ୟରୁ ଚତୁର୍ଥଟି ସମୁଦ୍ରତଟରେ ଥିବାରୁ କଳଦ୍ୱୀପ ଭାବେ ଜଣାଶୁଣାଥିଲା। ଏଠାରେ ଥିଲା ପ୍ରାକୃତିକ ପୋତାଶ୍ରୟ। ଏଥିସହ ସାଧବଙ୍କ ଧନରତ୍ନର ସୁରକ୍ଷା ପାଇଁ ଅସ୍ତ୍ରାଗାର ରହିଥିଲା। ଏହି ଅସ୍ତ୍ରାଗାରର ରକ୍ଷକ ହେଉଛନ୍ତି ମା' ବରୁଣେଇ। ଏହି ତଥ୍ୟକୁ ବିଭିନ୍ନ ପୁସ୍ତକରେ ସିଂହ ଜଗବନ୍ଧୁ, ତତ୍ରେବ ସମର୍ଥନ ଜଣାଇଥିବା ବେଳେ ଭଞ୍ଜ କନିକା ପୁସ୍ତକରେ ସରସ୍ୱତୀ ଦାମୋଦର ଉଲ୍ଲେଖ କରିଛନ୍ତି। ଏହି ଐତିହାସିକ ତଥ୍ୟ ସତ୍ତ୍ୱେ ମା' ବରୁଣେଇ ଐତିହାସିକ ଓ ସାଧାରଣ ଲୋକଙ୍କଠାରୁ ଦୂରରେ ଅଛନ୍ତି। ଅପରପକ୍ଷରେ ବରୁଣେଇ ଅଞ୍ଚଳ ଭିତରକନିକାରେ ଥିବାରୁ ୧୯୯୮ରେ ଜାତୀୟ ଉଦ୍ୟାନ ମାନ୍ୟତା ପାଇଥିବା ବେଳେ ୨୦୦୨ରେ ରାମସାର ସାଇଟ ବା ଅନ୍ତର୍ଜାତୀୟ ମାନ୍ୟତା ମିଳିଛି। ୧୮୭୦ ମସିହାରେ ଏହି ଅଞ୍ଚଳର ପରିବ୍ୟାପ୍ତ ୨୦୦ ବର୍ଗ କିଲୋମିଟର ଥିବା ବେଳେ ତଟକ୍ଷୟ ଯୋଗୁ ବର୍ତ୍ତମାନ ପ୍ରାୟ ୫୦ ବର୍ଗ କିଲୋମିଟରରେ ରହିଛି। ଏହି ସ୍ଥାନକୁ ଯିବା ପାଇଁ ଜଳପଥ ବ୍ୟବହାର କରିବାକୁ ପଡ଼େ। ବରୁଣେଇ ଦ୍ୱୀପ ଘାଟରେ ଫେରିଘାଟ, ସୂଚନା କେନ୍ଦ୍ର, ବିଶ୍ରାମାଗାର, ପର୍ଯ୍ୟଟକଙ୍କ ପାଇଁ ବ୍ୟାଟେରିଚାଳିତ ଡଙ୍ଗା ଆଦି ବ୍ୟବସ୍ଥା ହେଲେ ଏଠାରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ଫଳରେ ବରୁଣେଇର ପ୍ରାକୃତିକ ବିଭବ ସହ ଇତିହାସ ଲୋକଲୋଚନକୁ ଆସିବ। ଏଥିସହ ତଟକ୍ଷୟ ପାଇଁ ହେନ୍ତାଳ ବଣ ସୃଷ୍ଟିର ଆବଶ୍ୟକତା ଅଛି ବୋଲି ସେମାନେ ମତ ଦେଇଛନ୍ତି।

**୪୫ ଏକର ଜମିରୁ ଗଞ୍ଜେଇ ଗଛ ନଷ୍ଟ**

ଖଜୁରିପଡ଼ା,(ବିଦୁର ବେହେରା): କନ୍ଧମାଳ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଏବେ ଗଞ୍ଜେଇ ଚାଷ ଉପରେ ଚଢ଼ାଉ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ରବିବାର ଖଜୁରିପଡ଼ା ଥାନା ଅନ୍ତର୍ଗତ ଲମ୍ବା ଗୁଡୁରି ଏବଂ ବୈଇକୁମ୍ପା ଜଙ୍ଗଲରେ ଲାଗିଥିବା ୪୫ ଏକର ଜମିର ଗଞ୍ଜେଇ ଗଛ ପୋଲିସ ନଷ୍ଟ କରିଛି ବୋଲି ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ କହିଛନ୍ତି।

## ସଂକ୍ଷେପରେ

### ଚତୁର୍ଥ ସ୍ଥାନରେ ଜି.ଉଦୟଗିରିର ସାଇରାମ ଅଖିଳ ଭାରତୀୟ ଗଣିତ ମେଳା



ଜି.ଉଦୟଗିରି,୯।୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନବମ ଶ୍ରେଣୀର ଛାତ୍ର ସାଇରାମ ସାହୁ ପଞ୍ଜାବଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଗଣିତ ମେଳାରେ ସର୍ବ ଭାରତୀୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସାଇରାମଙ୍କ ପିତା ଦିଲୀପ କୁମାର ସାହୁ ଜଣେ କ୍ଷୁଦ୍ର ବ୍ୟବସାୟୀ ହୋଇଥିବା ବେଳେ ମା' ଜ୍ୟୋତ୍ସ୍ନାରାଣୀ ସାହୁ ଗୃହିଣୀ ଅଟନ୍ତି। ମେଧାବୀ ଛାତ୍ର ସାଇରାମ କିଛିଦିନ ତଳେ କଲିକତା ସ୍ଥିତ ମୁର୍ଶିଦାବାଦଠାରେ ୫ଟି ରାଜ୍ୟର ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଗଣିତ ଓ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୬ରୁ ୯ ତାରିଖ ପର୍ଯ୍ୟନ୍ତ ପଞ୍ଜାବଠାରେ ଅନୁଷ୍ଠିତ ଅଖିଳ ଭାରତୀୟ ଗଣିତ ମେଳା ସର୍ବଭାରତୀୟସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି। ଏହି ସଫଳତା ନିମନ୍ତେ ସାଇରାମଙ୍କୁ ଚାରିଆଡୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

# ମୌଳିକ ସୁବିଧା ପାଉନାହାନ୍ତି ରଙ୍ଗମାଟି ସାହିବାସୀ

## ଜଳକଷ୍ଟ ଆମ ପାଇଁ ଯମ ଯନ୍ତ୍ରଣା: ସାହିବାସିନ୍ଦା

ପାରଳାଖେମୁଣ୍ଡି,୯।୧୧(ଗିରିଧାରୀ ପରିଚ୍ଛା)

ସ୍ୱଗ୍ରାମାଞ୍ଚଳର ବିକାଶ ପାଇଁ ସରକାର ବହୁ ଅର୍ଥ ଖର୍ଚ୍ଚ କରୁଥିବା କହୁଥିବା ବେଳେ ଗଜପତି ଜିଲାରେ ଏପରି ଗ୍ରାମ ରହିଛି ଯେଉଁଠି ଲୋକେ ଏଯାଏ ମୌଳିକ ସୁବିଧା ଟିକେ ପାଇପାରୁନାହାନ୍ତି। ଏପରି ଏକ ଗ୍ରାମ ହେଉଛି ପାରଳାଖେମୁଣ୍ଡିର ବଡସିନ୍ଧବା ପଞ୍ଚାୟତ ଅନ୍ତର୍ଗତ ଖାରିଗୁମା ଗ୍ରାମ ନିକଟ ରଙ୍ଗମାଟି ସାହି। ଏହି ସାହିରେ ୭ଟି ପରିବାରର ୫୦ ଜଣ ବାସ କରୁଥିବା ବେଳେ କୁଲି ମଜୁରି ଖଟି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିଥାନ୍ତି। ସାହିରେ ଦୀର୍ଘବର୍ଷ ଧରି ଅନେକ ସମସ୍ୟା ଲାଗିରହିଛି । ଏହାକୁ ସମାଧାନ କରିବାକୁ ପ୍ରଶାସନ ନାଁ ଧରୁନି। ଗ୍ରାମରେ ପାନୀୟ ଜଳର ଅଭାବ ଲାଗିରହିଛି। ରାସ୍ତା, ବିଦ୍ୟୁତ୍, ଆବାସ ଯୋଜନା ଓ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରୁନାହିଁ। ଦୀର୍ଘ ୫୦ ବର୍ଷ ତଳେ ସାହିଠାରୁ ଅଧା କି.ମି. ଦୂର ବିଲରେ ଖୋଳାଯାଇଥିବା ଏକ ପରିତ୍ୟକ୍ତ ପଥର କୂଅର ଦୂଷିତ ଜଳକୁ ଆଣି ପାନୀୟ ଜଳ ଭାବେ ସାହିବାସିନ୍ଦା ବ୍ୟବହାର କରୁଛନ୍ତି। ଫଳରେ ଲୋକେ ବିଭିନ୍ନ ସମୟରେ ପେଟ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଖରାଦିନେ ଏହି କୂଅପାଣି ଶୁଖି ଯାଉଥିବାରୁ ପାଣି ମୁନ୍ଦେ ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଜଙ୍ଗଲ ରାସ୍ତା ପାର ହୋଇ ଶବର ସାହିରେ ଥିବା ନଳକୂପରୁ ପାଣି ଆଣି ବ୍ୟବହାର କରନ୍ତି। ଜଳକଷ୍ଟ ଆମ ପାଇଁ ଯମ ଯନ୍ତ୍ରଣା ବୋଲି ସାହିବାସୀ ପ୍ରକାଶ କରିଛନ୍ତି। ସାହିଠାରୁ ୧ କି.ମି. ଦୂରରେ ଥିବା ବେଲେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଲାଣି। ରାସ୍ତା ଖାଲଖମା, ପଥର ଓ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। ଏବେ ଲଗାଣ ବର୍ଷା ଯୋଗୁ ରାସ୍ତା ଧୋଇହୋଇ ଯାଇଛି। ବିପଦସଙ୍କୁଳ ଅବସ୍ଥାରେ ସାହିବାସିନ୍ଦା ଯାତାୟାତ କରୁଛନ୍ତି। ଗାଁଠାରୁ ୨ କି.ମି. ଦୂରରେ ରାଜ୍ୟ ରାଜପଥ ରହିଛି। ମାତ୍ର ଗାଁକୁ ଭଲ ରାସ୍ତା ଖଣ୍ଡିଏ ନାହିଁ। ଏହି ରାସ୍ତାକୁ ପକ୍କା ସଡ଼କ କରିବା ପାଇଁ ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ଜଣାଇ କିଛି ସୁଫଳ ଏଯାଏ ପାଇନାହାନ୍ତି। ସେହିପରି ଘରକୁ ବିଦ୍ୟୁତ୍ ଏମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏହି ସାହିକୁ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇନି କି ତାର ମଧ୍ୟ ଟଣାଯାଇନି। ଫଳରେ ବିଦ୍ୟୁତ୍ କେବେ ହେବ ତା'ର ଉତ୍ତର ନାହିଁ ପ୍ରଶାସନ ନିକଟରେ। ଆବାସ ଯୋଜନା ସାହିବାସିନ୍ଦାଙ୍କ ପାଇଁ ଅପହଞ୍ଚ ହୋଇ ଏଯାଏ ରହିଛି। ସାହିରେ ସମସ୍ତଙ୍କ ଘର ନଡ଼ା ଓ ଟିଣଛପର । କାହାର ପକ୍କା ଘର ନାହିଁ। ଲୋକେ ଆବାସ ଯୋଜନା କ'ଣ ଜାଣନ୍ତି ନାହିଁ। ଦେହ ଅସୁସ୍ଥ ହେଲେ ଏମାନେ ଦେଶୀ ଚେରମୂଳି ଔଷଧ ଉପରେ ନିର୍ଭର କରୁଥିବା ବେଳେ ଜରୁରୀ ଚିକିତ୍ସା ପାଇଁ ୧୩ କି.ମି. ଦୂର ମୋହନା ଓ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥାନ୍ତି। ରଙ୍ଗମାଟି ସାହିର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ରଙ୍ଗମାଟିସାହିକୁ ପଡିଥିବା ରାସ୍ତା।

# ଜନବସତିମୁହାଁ ହାତୀପଲ, ଲୋକେ ଭୟଭୀତ



ଜନବସତି ମୁହାଁ ହାତୀପଲ।

ପାରଳାଖେମୁଣ୍ଡି,୯।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର କାଶୀନଗର ବ୍ଲକରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହାତୀପଲ ଜନବସତିମୁହାଁ ହୋଇଛନ୍ତି। ପଲରେ କେତେଟି ହାତୀ ଆସିଛନ୍ତି ଜଣାପଡ଼ି ନ ଥିବା ବେଳେ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି। ଦୁଇଦିନ ତଳେ ସିଆଳି-କରଣିଭଦ୍ରା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତା ପାର୍ଶ୍ୱ ଜଙ୍ଗଲ ମଧ୍ୟରୁ ୨ଟି ହାତୀ ମୁଖ୍ୟ ରାସ୍ତାରେ ଠିଆ ହେବା ପରେ ପାର ହୋଇଥିବା ଦେଖାଦେଇଥିଲା। ଏଥିଯୋଗୁ ପ୍ରାୟ ଦୁଇ ଘଣ୍ଟା ପାରଳାଖେମୁଣ୍ଡି - ଗୁଣପୁର ମୁଖ୍ୟରାସ୍ତାରେ ଯାତାୟାତ ପ୍ରଭାବିତ ହୋଇଥିଲା। ସନ୍ଧ୍ୟାରେ ହାତୀ ଜଙ୍ଗଲକୁ ଚାଲିଯିବାରୁ ଯାତାୟାତ ସ୍ୱାଭାବିକ ହୋଇଥିଲା। ପ୍ରତିବର୍ଷ ହାତୀପଲ ଧାନ ଅମଳ ସମୟରେ କାଶୀନଗର ଅଞ୍ଚଳକୁ ଆସି ବ୍ୟାପକ ଫସଲ ନଷ୍ଟ କରୁଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ବର୍ତ୍ତମାନ ଧାନ ଅମଳ ସମୟ ପାଖେଇଲାଣି। ଏହି ସମୟରେ ହାତୀ ପଲ ଜନବସତିମୁହାଁ ହେଉଥିବାରୁ ଆତଙ୍କ ଦେଖାଦେଇଛି।

# ପମ୍ପ୍ ଅଚଳ, ଭଞ୍ଜନଗର ସହରକୁ ଜଳ ଯୋଗାଣ ବନ୍ଦ

## ବିକଳ୍ପ ବ୍ୟବସ୍ଥା ନାହିଁ, ଲୋକେ ଅସନ୍ତୁଷ୍ଟ




ଜନସ୍ୱାସ୍ଥ୍ୟ ବିଭାଗ ସମ୍ପ।

ଭଞ୍ଜନଗର,୯।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ହେଉଛି ରାଜ୍ୟର ଏକ ବଡ ରାଜସ୍ୱ ଉପଖଣ୍ଡ ସହର। ଏହି ସହରକୁ ୨୪ ଘଣ୍ଟା ବିଜୁଳି ଏବଂ ଜଳ ଯୋଗାଣ ସୁବିଧା ମିଳିବା କଥା। କିନ୍ତୁ ବହୁବର୍ଷ ହେବ ଏହା ହୋଇ ପାରୁନାହିଁ। ଯାହାକୁ ନେଇ ବିଭିନ୍ନ ସମୟରେ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଶନିବାର ରାତିରେ ଭଞ୍ଜନଗର ଜଳଭଣ୍ଡାର ଭିତରେ ଜନସ୍ୱାସ୍ଥ୍ୟ ବିଭାଗର ଇନ୍‌ଟେକ୍ ୱେଲରେ ଲାଗିଥିବା ପମ୍ପ ଅଚଳ ହୋଇପଡିଥିଲା । ସେହି ସମୟରୁ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯାଇଥିବା ବେଳେ ରବିବାର ଅପରାହ୍ନ ୪ଟା ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନ ଥିଲା । ଏନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ଆଦିତ୍ୟ ନାରାୟଣ ରାଓଙ୍କୁ ପଚାରିବାରୁ ସେ କହିଛନ୍ତି, ପମ୍ପ ଅଚଳ ଯୋଗୁ ସମସ୍ୟା ଦେଖାଦେଇଛି। ରବିବାର ରାତି କିମ୍ବା ସୋମବାର ସକାଳ ସୁଦ୍ଧା ସହରର ସମସ୍ତ ଅଞ୍ଚଳକୁ ଜଳ ଯୋଗାଣ ସ୍ୱାଭାବିକ କରିବା ପାଇଁ ପଦକ୍ଷେପ ନିଆଯାଉଛି। ସହରକୁ ଯେତିକି ପାଣି ଆବଶ୍ୟକ ତା'ଠାରୁ ଅଧିକ ପାଣି ଛଡାଯାଉଛି। ତେଣୁ ପମ୍ପ ଉପରେ ବାରମ୍ବାର ଚାପ ପଡୁଛି ବୋଲି ଯନ୍ତ୍ରୀ ରାଓ କହିଥିଲେ। ତେବେ ଖବର ଲେଖା ହେବା ବେଳକୁ ପମ୍ପ ମରାମତି କରି କେତେକ ଅଞ୍ଚଳକୁ ପାଣି ଯୋଗାଣ ଆରମ୍ଭ ହୋଇଛି। ଗୋଟିଏ ପମ୍ପ ଅଚଳ ହେଲେ ଆଉ ଗୋଟିଏ ପମ୍ପ ବିକଳ୍ପ ଭାବେ ରଖାଯିବା କଥା। ତାହା ହୋଇ ନ ଥିବାରୁ ସମସ୍ୟା ଉପୁଜୁଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ସେହିଭଳି ଭଞ୍ଜନଗର ସହରକୁ କଣ୍ଟେଇପଲ୍ଲୀ ଗ୍ରୀଡ ସବ ଷ୍ଟେଶନରୁ ବିଦ୍ୟୁତ ଆସିଛି। ବାଟରେ କେଉଁଠି ତ୍ରୁଟି ହେଲେ ଘଣ୍ଟା ଘଣ୍ଟା ଧରି ସହରକୁ ବିଦ୍ୟୁତ ଯୋଗାଣ ବନ୍ଦ ରହୁଛି। କଣ୍ଟେଇପଲ୍ଲିରୁ ଭଞ୍ଜନଗର ଦ୍ୱିତୀୟ ଲାଇନ ନ ଥିବା ଯୋଗୁ ଏପରି ସମସ୍ୟା ଦେଖାଦେଉଛି।

# ଜାତୀୟ ଆଇନ ସେବା ଦିବସ ପାଳିତ

ଆସିକା,୯।୧୧(ସୁରେନ୍ଦ୍ର ନାଥ ସାହୁ): ଆସିକା ତାଲୁକା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଜଜ୍ ମନୋଜ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଗୀତାଞ୍ଜଳି ନାଇଡୁ, ଜେ. ମୋହିନୀ, ଓକିଲ ସଂଘ ସଭାପତି ଅଜିତ କୁମାର ଚୌଧୁରୀ, ଉପସଭାପତି ଛବିଳରାମ ମିଶ୍ର, ସଂପାଦକ ନାରାୟଣ ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମାଜର ଉପେକ୍ଷିତ ଓ ପଛୁଆବର୍ଗଙ୍କୁ ମାଗଣା ଆଇନସେବା ପ୍ରଦାନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା। ବରିଷ୍ଠ ଆଇନଜୀବୀ ସରୋଜ କୁମାର ତ୍ରିପାଠୀ, ଅଜିତ ପଟ୍ଟନାୟକ ପ୍ରମୁଖ ବିଷୟଭିତ୍ତିକ ଆଲୋଚନା କରିଥିଲେ। ସୁଧାଂଶୁ ପାଣିଗ୍ରାହୀ, ପ୍ରସନ୍ନ କୁମାର ବିଷୋୟୀ, ପ୍ରଭାତ ପାଢୀ, ହରିହର ସ୍ୱାଇଁ, ଅମ୍ବିକା ରଥ, ନିଳାମ୍ବର ବେହେରା, ହର୍ଷରଞ୍ଜନ ପାଢୀ, ଯଜ୍ଞ ଆଚାରୀଙ୍କ ସମେତ ବହୁ ଆଇନଜୀବୀ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ବିଳମ୍ବରେ ଆସିଲା ଶୀତ, ଖସୁଛି ପାରଦ



ଦାରିଙ୍ଗବାଡି,୯।୧୧ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିକୁ ଶୀତ ବିଳମ୍ବ ଆସିଛି। ତେବେ ଗତ ୨ ଦିନ ହେଲା ପାରଦ ଖସୁଥିବାରୁ ଧୀରେ ଧୀରେ ଶୀତ ଅନୁଭୂତ ହେଉଛି। ଘର ଭିତର ଅପେକ୍ଷା ବାହାର ପରିବେଶରେ ଶୀତ ଅଧିକା ହେଉଛି। ବିନା ଶୀତ ବସ୍ତ୍ରରେ ବାଇକ୍ କିମ୍ବା ଖୋଲା ଯାନରେ ଯାତାୟାତ କଲେ ଶରୀର ଥରାଉଛି। ବିଳମ୍ବିତ ରାତି ଠାରୁ ଘନ କୁହୁଡି ଆରମ୍ଭ ହୋଇ ସକାଳ ୮ଟା ପର୍ଯ୍ୟନ୍ତ ଆଚ୍ଛାଦିତ ହୋଇ ରହୁଛି। ଫଳରେ ସେହି ସମୟରେ ଶୀତ ଦ୍ୱିଗୁଣିତ ଅନୁଭୂତ ହେଉଛି। ରବିବାର ଛୁଟି ଦିନ ଥିବାରୁ ଶୀତର ମଜା ନେବାପାଇଁ ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ିରେ ଭିଡ଼ ଜମାଇଥିଲେ।

## ଛୁଟି ଦିନରେ ବଢୁଛି ପର୍ଯ୍ୟଟକଙ୍କ ଭିଡ଼

ଡୁଲୁରୀ ପାଇନବଣ ସମେତ କଫି ବଗିଚା, ହିଲଭିୟୁ ପାର୍କ, ମିଡ଼ିୟୁବାନ୍ଧା ଜଳପ୍ରପାତ, କିସୁବାଡ଼ି ଜଳପ୍ରପାତ ଆଦି ସ୍ଥାନରେ ପର୍ଯ୍ୟଟକ ବୁଲିବା ସହ ବଣ ଭୋଜି କରି ମଜା ନେଇଥିଲେ।

### ଜିଲାସ୍ତରୀୟ ସୁରଭିରେ ବେଲଗୁଣ୍ଠା ଛାତ୍ରୀଙ୍କ କୃତୀତ୍ୱ

ବେଲଗୁଣ୍ଠା,୯।୧୧(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବ୍ରହ୍ମପୁର ଭିଭିଗିରି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବେଲଗୁଣ୍ଠା ବ୍ଲକ୍ ୨ ଜଣ ଛାତ୍ରୀ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। କେ.ନୂଆଗଡ଼ ନୋଡ଼ାଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ପ୍ରଧାନ 'ମୋ ସ୍ୱପ୍ନର ଓଡ଼ିଶା, ପ୍ରସ୍ତୁତି ଓ ପ୍ରଗତି' ଶୀର୍ଷକରେ ସୃଜନଶୀଳ ଲିଖନରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସେହିପରି କ୍ଷତ୍ରିୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଲିପ୍ସାରାଣୀ ବିଷୋୟୀ 'ଆଧୁନିକତା, ସୂଚନା ଓ ପ୍ରଯୁକ୍ତି ବିଦ୍ୟ, ସମୃଦ୍ଧ ଓଡ଼ିଶା' ଶୀର୍ଷକ ପ୍ରବନ୍ଧ ଲିଖନରେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ସୁରଭିକୁ ମନୋନୀତ ହୋଇଛନ୍ତି। ଉଭୟ ଛାତ୍ରୀଙ୍କ ସଫଳତାରେ ସେମାନଙ୍କର ଶିକ୍ଷାନୁଷ୍ଠାନ ସମେତ ସମଗ୍ର ବେଲଗୁଣ୍ଠା ବ୍ଲକ୍‌ରେ ଖୁସିର ଲହରୀ ଖେଳି ଯାଇଛି। ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅଜୟ ପାତ୍ରଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷାଧିକାରିଣୀ ଲୋପାମୁଦ୍ରା ରଥ, ଏବିଇଓ ଗୋବିନ୍ଦ ଚନ୍ଦ୍ର ପାଢୀ, ପ୍ରତିଭା କୁମାରୀ ରଥ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପ୍ରଧାନ ପ୍ରମୁଖଙ୍କ ସମେତ ବ୍ଲକ୍‌ର ବହୁ ଶିକ୍ଷୟିତ୍ରୀ ଶିକ୍ଷକ କୃତୀ ଛାତ୍ରୀଦ୍ୱୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କୁକୁରୁକୁମ୍ପା ଗାଁରେ ପିଇବାପାଣି ସମସ୍ୟା

ଖଜୁରିପଡ଼ା,୯।୧୧ ( ବିଦୁର ବେହେରା)

ଗ୍ରୀଷ୍ମ ଋତୁରେ ପିଇବା ପାଣି ସମସ୍ୟା ପ୍ରତ୍ୟେକ ଅଞ୍ଚଳରେ ଦେଖା ଯାଉଥିବା ବେଳେ ଖଜୁରିପଡ଼ା ବ୍ଲକ୍ ଅଞ୍ଚଳରେ ଶୀତ ଋତୁରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ଖଜୁରିପେଡ଼ା ବ୍ଲକ୍ ଅନ୍ତର୍ଗତ ଦୃତିପଡ଼ା ପଞ୍ଚାୟତର କୁକୁରୁକୁମ୍ପା ଗାଁରେ ପିଇବା ପାଣି ସମସ୍ୟା ଦେଖା ଦେଉଥିବା ସମିତି ସଭ୍ୟ ଶୁକଦେବ ସେଠୀ କହିଛନ୍ତି। ଏହି ଗ୍ରାମରେ ଅନୁସୂଚିତ ଜନଜାତି ଓ ଜାତି ସମେତ ବିଭିନ୍ନ ବର୍ଗର ଲୋକ ବସବାସ କରନ୍ତି। ଗାଁରେ ୨ଟି ନଳକୂପ ଅଛି। ଗୋଟିଏ ଖରାପ ହୋଇ ରହିଥିବା ବେଳେ ଅନ୍ୟଟିରେ ସୋଲାର ପମ୍ପ ସଂଯୋଗ ହୋଇଛି। ଯାହା ପିଇବା ପାଣି ଯଥେଷ୍ଟ ପରିମାଣରେ ଯୋଗାଇ ପାରୁନାହିଁ। ବସୁଧା ଯୋଜନାର ପିଇବା ପାଣି ସଂଯୋଗ ଦିଆ ଯାଇନାହିଁ। ଫଳରେ ଗ୍ରାମବାସୀମାନେ ନଦୀ ନାଳ ପାଣି ବ୍ୟବହାର କରୁଛନ୍ତି। ଏଥିଯୋଗୁ ଅନେକ ସମୟରେ ଲୋକମାନେ ରୋଗାକ୍ରାନ୍ତ ହେଉଛନ୍ତି। ଅନ୍ୟପକ୍ଷେ କିନ୍ତୁ ସରକାର ବିଶୁଦ୍ଧ ପାନୀୟ ଜଳ ଘରେଘରେ ଯୋଗାଇ ଦେବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ କୁକୁରୁକୁମ୍ପା ଗାଁର ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ପିଇବା ପାଣି ସମସ୍ୟା ସମାଧାନ କଲେ ଗ୍ରାମବାସୀ ଉପକୃତ ହେବେ ବୋଲି କହିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଅଚଳ ହୋଇ ରହିଥିବା ପାଣିଟାଙ୍କି।

# ପଞ୍ଚାୟତରାଜ ସଚିବଙ୍କ ଜଳ ପ୍ରକଳ୍ପ ପରିଦର୍ଶନ

ଗଞ୍ଜାମ,୯।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ମଲାଡ଼ରେ ରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ପଞ୍ଚାୟତରାଜ ବିଭାଗ ସଚିବ ତଥା କମିଶନର ଗିରିଶ ଏସ୍.ଏନ୍ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ୨୦୧୮ ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ କାହିଁକି ସମ୍ପୂର୍ଣ୍ଣ ହୋଇନାହିଁ ସେ ସମ୍ପର୍କରେ ପଚାରି ବୁଝିଛନ୍ତି। ପ୍ରକଳ୍ପରୁ କେତେ ପରିମାଣର ଜଳ ଯୋଗାଣ ହେଉଛି, ଉଚ୍ଚ ସ୍ଥାନକୁ ପାଣି ଯୋଗାଣ ସମୟରେ କେଉଁ ସମସ୍ୟା ସୃଷ୍ଟି ହେଉଛି। ପ୍ରକଳ୍ପରେ କର୍ମଚାରୀ ସଂଖ୍ୟା, ସେମାନଙ୍କ ଯୋଗ୍ୟତା ସମ୍ବନ୍ଧରେ ବୁଝିଥିଲେ। ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚ୍ୟୁାନନ୍ଦ ଜାନି, ସ୍ଥାନୀୟ ସରପଞ୍ଚ ମମତା ବେହେରା, ସୁପରିଟେଣ୍ଡ ଇଞ୍ଜିନିୟର ବିକାଶ ପତି, ଏସଡିଓ ସନ୍ତୋଷ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ପଟ୍ଟନାୟକ, ଯନ୍ତ୍ରୀ ସୌମ୍ୟରଞ୍ଜନ ସାହୁ, ସପନ ପାଢ଼ୀ, ପ୍ରକଳ୍ପ ପିଏମ୍ ବ୍ରହ୍ମାନନ୍ଦ ରେଡ଼ି, ଏଏମ ଭେଙ୍କେଟଶ, ଲ୍ୟାବ ଆସିଷ୍ଟାଣ୍ଡ ଅରୁଣ ମହାପାତ୍ର, ପିଇଓ କେ.ପୋଟଡୁ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ଚୋରଙ୍କୁ ପୋଲିସର ଜିମା ଦେଲେ ଗ୍ରାମବାସୀ

ଫୁଲବାଣୀ,୯।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ବରପଦାର ବିଭିନ୍ନ ସ୍ଥାନରୁ ଶନିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରକୁ ଧରି ଗ୍ରାମବାସୀ ପୋଲିସର ଜିମା ଦେଇଛନ୍ତି। ଗଞ୍ଜୁଗୁଡା ପଞ୍ଚାୟତର ବରପଦା ଗାଁରେ ୩ ଜଣ ଚୋର ବାଇକରେ ଆସି ଏକ ଟେଷ୍ଟ ହାଉସର କାନ୍ଥ ଭାଙ୍ଗିବା ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେବା ପରେ ପୁଣି ଏକ ଜଳଖିଆ ଦୋକାନରୁ କିଛି ଟଙ୍କା ସହ ହୋଟେଲରେ ବ୍ୟବହୃତ ସରଞ୍ଜାମ ଚୋରି କରିଥିଲେ। ପରେ ଏକ କିରାଣା ଦୋକାନର ତାଲା ଭାଙ୍ଗି ଜିନିଷ ଓ ଟଙ୍କା ନେଇଥିଲେ। ଆଉ କିଛି ଜିନିଷ ରାସ୍ତା କଡ଼ ଅନ୍ଧାରୁଆ ଜାଗାରେ ରଖି ପାଇଁ ଚେଷ୍ଟା କରୁଥିବା ବେଳେ ଲୋକେ ସନ୍ଦେହ କରି ୨ ଯୁବକଙ୍କୁ ଅଟକ ରଖିଥିଲେ। ସକାଳେ ସଦର ଥାନା ପୋଲିସକୁ ଖବର ଦିଆଯାଇଥିଲା। ୨ ଯୁବକଙ୍କ ନିକଟରୁ ବ୍ୟବହୃତ ପ୍ଲାସ୍, ତାର, ଏକ ଦାମୀ ବାଇକ୍ ପୋଲିସ ଜବତ କରିଛି। ଉଭୟଙ୍କୁ ପଚରାଉଚରା କରାଯାଉଥିବା ବେଳେ ଅନ୍ୟ ଜଣେ ଫେରାର ଯବକଙ୍କୁ ଖୋଜା ଯାଉଥିବା ସବ ଇନ୍ସପେକ୍ଟର ସମ୍ବିତ ବେହେରା ଦେଇଛନ୍ତି।

# ଜାତୀୟ ଆଇନ ସେବା ଦିବସ ପାଳିତ

ଫୁଲବାଣୀ,୯।୧୧ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପକନାଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି । ଭିଜିଲାନ୍ସ ଜଜ୍ ରାଜେଶ ଦାସ, ସ୍ଥାୟୀ ଲୋକଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ପୋକ୍‌ସୋ କୋର୍ଟବିଚାରପତି ମନୋରଞ୍ଜନ ଦାସ, ଡିଏଲଏସ୍ଏ ସଚିବ ରମାକାନ୍ତ ମହାନ୍ତି, ଜେଏମ୍‌ଏଫ୍‌ସି ବଦ୍ରିନାଥ ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସନ୍ତୋଷ ପାଢ଼ୀ, ପିପି ପୂର୍ଣ୍ଣଚନ୍ଦ୍ର ନାଗ ପ୍ରମୁଖ ଯୋଗଦେଇ ଏହି ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଆଇନ ଉପରେ ଲୋକଙ୍କୁ ସଚେତନତା କରା ଯାଇଥିଲା। ସମାଜର ସବୁବର୍ଗର ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚିବାରେ ଜିଲା ଆଇନ ସେବା ପ୍ରାଧିକରଣର ଭୂମିକା, ଅଧିନିୟମ, ଲୋକ ଅଦାଲତ, ମଧ୍ୟସ୍ଥତା, ସ୍ଥାୟୀ ଲୋକ ଅଦାଲତ, ନ୍ୟାୟ ସଂଯୋଗ ଉପରେ ଆଲୋଚନା କରା ଯାଇଥିଲା। ସେହିପରି ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲସା ହେଲ୍ପ ଲାଇନ ନମ୍ବର, ପୋର୍ଟାଲ ସମ୍ପର୍କିତ ସୂଚନାପତ୍ର ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀମାନଙ୍କୁ ଦିଆ ଯାଇଥିଲା। ସ୍ୱେଚ୍ଛାସେବୀ ଦେବୀପ୍ରସାଦ ଶତପଥୀ ଧନ୍ୟବାଦ ଦେଇଥିଲେ।




ଆଇନସେବା ଶିବିରରେ ଆଲୋଚନା କରାଯାଉଛି।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି

# ସୁରଭି ପିଲାଙ୍କ ଦକ୍ଷତା, ପ୍ରତିଭା ପ୍ରଦର୍ଶନର ସୁଯୋଗ ଦିଏ

ପାରଳାଖେମୁଣ୍ଡି,୯।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲାପାଳ ମଧୁମିତା ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରୂପେ ମୋହନା ବିଧାୟକ ମୋହନା ଦାଶରଥି ଗମାଙ୍ଗ, ଜିଲା ପରିଷଦ ସଭାପତି ଜି.ତିରୁପତି ରାଓ, ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ, ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ଜିଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏସ.ଗିରିଧାରୀ, ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ , ଜିଲା ବିଜ୍ଞାନ ନିରୀକ୍ଷକ ଏ.ରବି କୁମାର ଓ ସନ୍ତୋଷ ସାହୁ ମଞ୍ଚାସୀନ ଥିଲେ ।

ଏମ୍‌ପି ପାଣିଗ୍ରାହୀ କହିଥିଲେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ପ୍ରତ୍ୟେକ ପିଲା ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି। କେହି କୌଣସି ସଙ୍କୋଚ, ଭୟ ନ କରି ସମସ୍ତେ ନିଜ ପ୍ରତିଭାର ବିକାଶ ଲାଗି ପ୍ରତିଯୋଗିତାରେ ଭାଗ ନେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଏହି ଶିଶୁ ମହୋତ୍ସବରେ ଗଜପତି ଜିଲାର ୭ଟି ବ୍ଲକରୁ ବିଭିନ୍ନ ବିଦ୍ୟାଳୟର ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

ଏହି ଅବସରରେ ତର୍କ, ପ୍ରବନ୍ଧ, କୁଇଜ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ସଙ୍ଗୀତ, ସାଂସ୍କୃତିକ ନୃତ୍ୟ ଗୀତ ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ। ଅମୂଲ୍ୟ ପାଣିଗ୍ରାହୀ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ସୁରଭିରେ ମୁଖ୍ୟଅତିଥି ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଉଦ୍‌ବୋଧନ ଦେଉଛନ୍ତି।

# ଏଲ୍ଏଫ୍ଏ ଧରିଲା ଆର୍ଥିକ ଅନିୟମିତତା

## ବ୍ୟାସନଗର ପୌର ପରିଷଦ

ଯାଜପୁର,୯।୧୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ବ୍ୟାସନଗର ପୌର ପରିଷଦରେ ନିୟୋଜିତ ଗାଡ଼ି ପାଇଁ ଇନ୍ଧନ ଓ ଚାଳକଙ୍କ ପାରିଶ୍ରମିକ ବାବଦରେ ୯.୯୧ ଲକ୍ଷ ଟଙ୍କାର ଅନିୟମିତ ବ୍ୟୟ ହୋଇଛି। ଏହାବାଦ ଅଗ୍ରହଣୀୟ ଦେୟ ପ୍ରଦାନ ଓ ସରକାରୀ ରାଜସ୍ୱ କ୍ଷତି ବାବଦକୁ ୧୬.୮୨ ଲକ୍ଷ ଟଙ୍କା ଏବଂ ସମୀକ୍ଷା ସମୟରେ ଆବଶ୍ୟକ କାଗଜାତ ନ ଦର୍ଶାଇବା ଇତ୍ୟାଦି କାରଣରୁ ୫୭ ଲକ୍ଷ ୮ ହଜାର ଟଙ୍କା ଅସୁଲି କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହା କୌଣସି ଅଭିଯୋଗ ନୁହେଁ, ଲୋକାଲ ଫଣ୍ଡ ଅଡିଟ(ଏଲ୍ଏଫ୍ଏ) ରିପୋର୍ଟ ୨୦୨୩-୨୪ରୁ ସ୍ପଷ୍ଟ ହୋଇଛି । ଏହି ଘଟଣାରେ ଓଡ଼ିଶା ଲୋକାଲ ଫଣ୍ଡ ଅଡିଟ ନିର୍ଦ୍ଦେଶାଳୟ ପକ୍ଷରୁ ହସ୍ତକ୍ଷେପ କରାଯାଇଛି। ତେବେ ୨୦୨୪-୨୫ ଏଲ୍ଏଫ୍ଏ ରିପୋର୍ଟରେ ଏହିସବୁ ଅନିୟମିତତା ସମ୍ପର୍କିତ ନିର୍ଦ୍ଦେଶ ଅନୁପାଳନ ହୋଇଛି କି ନାହିଁ ସେ ନେଇ ସମୀକ୍ଷା କରାଯିବ ବୋଲି ସୂଚନା ମିଳିଛି।




ଏଲ୍ଏଫ୍ଏ ରିପୋର୍ଟ ଅନୁସାରେ କୋଭିଡ-୧୯ ମହାମାରୀ ସମୟରେ ଯାଜପୁର ଜିଲାପାଳଙ୍କ ପତ୍ର ସଂଖ୍ୟା ୧୨୯୪/୨୭।୪।୨୦୨୧ ମାଧ୍ୟମରେ ବ୍ୟାସନଗର ପୌର ପରିଷଦକୁ ୫ଟି ବୋଲେରୋ ଭ୍ୟାନ ଯୋଗାଇ ଦିଆଯାଇଥିଲା। ଏହି ଗାଡ଼ିଗୁଡ଼ିକ ବ୍ୟାସନଗର ପୌରପରିଷଦ ନାମରେ ପଞ୍ଜୀକୃତ ହୋଇଥିଲା। ଗାଡ଼ିଗୁଡ଼ିକୁ ଚଳାଇବା ନିମନ୍ତେ ଇନ୍ଧନ ଖର୍ଚ୍ଚ ଓ ଚାଳକ ପାରିଶ୍ରମିକ ବ୍ୟାସନଗର ପୌରପରିଷଦ ଦ୍ୱାରା ବହନ କରିବାର ଥିଲା। ଏହି ଗାଡ଼ିଗୁଡିକ ଆପରାଧିକ ମାମଲାର ତ୍ୱରିତ ମୁକାବିଲା, ସାର୍ବଜନୀନ ଯାତାୟାତ ପଥର ଜବରଦଖଲ ନିୟନ୍ତ୍ରଣ, ବେଆଇନ ନିର୍ମାଣ, କୋଭିଡ ମାର୍ଗଦର୍ଶିକା ଆଧାରରେ ଆଇନ ଶୃଙ୍ଖଳା ପରିଚାଳନା ଇତ୍ୟାଦି କାର୍ଯ୍ୟ ପାଇଁ ନିୟୋଜିତ କରିବାକୁ ନିର୍ଦ୍ଦେଶ ହୋଇଥିଲା। ତଦନୁସାରେ ପୌରପରିଷଦ, ତହସିଲ ଓ ପୋଲିସ କର୍ମଚାରୀଙ୍କୁ ନେଇ ଯୁଗ୍ମ ସ୍କ୍ୱାଡ୍ ଗଠନ କରାଗଲା। ଏହି ସମୟରେ ପୌର ପରିଷଦ ପକ୍ଷରୁ ଇନ୍ଧନ ଓ ଗାଡି ଚାଳକଙ୍କ ପାରିଶ୍ରମିକ ପ୍ରଦାନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ୨୮।୩।୨୦୨୨ରେ କୋଭିଡ କଟକଣା ପ୍ରତ୍ୟାହାର ହେଲା। ଏହି ନିର୍ଦ୍ଦେଶ ଅନୁସାରେ ୫ଟି ବୋଲେରୋର ସ୍ୱତନ୍ତ୍ର ବ୍ୟବହାର ପ୍ରତ୍ୟାହାର କରି ନେବାର ଥିଲା। କିନ୍ତୁ ସମ୍ପୃକ୍ତ ନଥି ଓ ଗାଡ଼ିଗୁଡିକର ଲଗ୍‌ବୁକ୍ ଯାଞ୍ଚ କରିବାରୁ ୫ରୁ ୨ଟି ବୋଲେରୋ ୨୦୨୩ ମାର୍ଚ୍ଚ ପର୍ଯ୍ୟନ୍ତ ସହରର ପାଟ୍ରୋଲିଂ ପାଇଁ ବ୍ୟବହୃତ ହୋଇଥିଲା। ଯେଉଁଥିପାଇଁ ଇନ୍ଧନ ଖର୍ଚ୍ଚ ଓ ଗାଡ଼ି ଚାଳକଙ୍କ ପାରିଶ୍ରମିକ ପୌର ପରିଷଦ ବହନ କରିଥିଲା, ଯାହାକି ସମ୍ପୂର୍ଣ୍ଣ ଭାବେ ଅନିୟମିତ । ସେହିପରି କୋଭିଡ କଟକଣା ପ୍ରତ୍ୟାହାର ହେବା ପରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ୨୦୨୨-୨୩ ବର୍ଷତମାମ ଉପରୋକ୍ତ ୫ଟି ବୋଲେରୋ ମଧ୍ୟରୁ ଗୋଟିଏ ଗାଡ଼ି ବ୍ୟବହାର କରୁଥିଲେ। ଏହାର ଇନ୍ଧନ ଓ ଚାଳକଙ୍କ ପାରିଶ୍ରମିକ ମଧ୍ୟ ପୌର ପରିଷଦ ବହନ କରିଥିଲା। ଗାଡ଼ିଗୁଡ଼ିକ ଯାଜପୁର ରୋଡ୍ ଆଇଆଇସି ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ସେବାରୁ ପ୍ରତ୍ୟାହାର କରାଇବାକୁ ପୌରପରିଷଦ କର୍ତ୍ତୃପକ୍ଷଙ୍କୁ ଏଲ୍ଏଫ୍ଏ ତରଫରୁ ପରାମର୍ଶ ଦିଆଯାଇଥିଲା।

ବ୍ୟାସନଗର ପୌରପରିଷଦରେ ମାତ୍ରାଧିକ ଓ ଅଗ୍ରାହ୍ୟ ଦେୟ ପ୍ରଦାନ ବାବଦକୁ ୪,୪୯,୭୦୪ ଟଙ୍କା, ରାଜସ୍ୱ କ୍ଷତି ବାବଦକୁ ୧୨,୨୩,୧୦୨ ଟଙ୍କା ଏବଂ ଅନ୍ୟାନ୍ୟ ଅନିୟମିତତା ବାବଦକୁ ୧୦,୦୦୦ ଟଙ୍କା ଭାବେ ସମୁଦାୟ ୧୬.୮୨ ଲକ୍ଷ ଟଙ୍କା ଅସୁଲ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ତେବେ ସମୀକ୍ଷା ସମୟରେ ୩,୭୭,୨୬୯ ଟଙ୍କା ଅସୁଲି ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

# ଜାତୀୟ ଆଇନସେବା ଦିବସ ପାଳିତ




ଆଇନ ସେବା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ।

ଯାଜପୁର ଟାଉନ,୯।୧୧
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତ ସଭାଗୃହରେ ଜାତୀୟ ଆଇନ ସେବା ଦିବସ ରବିବାର ପାଳିତ ହୋଇଯାଇଛି। ଜିଲା ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ରୁଦ୍ରନାରାୟଣ ପୃଷ୍ଟି, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ତ୍ରିଲୋଚନ ସେଠୀ ଯୋଗଦେଇ ଜାତୀୟ ଆଇନ ସେବା ଦିବସର ତାତ୍ପର୍ଯ୍ୟ, ଆଇନ ସେବା ଯୋଗାଉଥିବା ଅନୁଷ୍ଠାନର କାର୍ଯ୍ୟ ପରିସର, ମଧ୍ୟସ୍ଥତା, ଲୋକ ଅଦାଲତ ଓ ଉପଯୁକ୍ତ ଉପଭୋକ୍ତା ଇତ୍ୟାଦି ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପାରାଲିଗାଲ ଭଲ୍ୟୁଣ୍ଟିୟର ଉପସ୍ଥିତ ଥିଲେ। ମହିଳା, ପୁରୁଷ ଓ ପଞ୍ଚାୟତ ପ୍ରତିନିଧିମାନେ ଆଇନ ସେବା ସମ୍ପର୍କିତ ପ୍ଲା କାର୍ଡ ଧରି ଶୋଭାଯାତ୍ରାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ କର୍ମଚାରୀ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସହଯୋଗ କରିଥିଲେ। ସ୍ଥାନୀୟ ସରପଞ୍ଚ ନିରାକର ସାହୁ ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଦେଇଥିଲେ।

# ବାଲିଯାତ୍ରାର ୫ମ ଦିନ: ଅସମ୍ଭାଳ ଭିଡ଼, ରାସ୍ତା ଜାମ୍



ବାଲିଯାତ୍ରାକୁ ଆସୁଥିବା ଦର୍ଶକ।

କଟକ,୯।୧୧(ଶିଳ୍ପା ପ୍ରିୟଦର୍ଶିନୀ):

ଐତିହାସିକ ବାଲିଯାତ୍ରା କଟକର ରବିବାର ଥିଲା ପଞ୍ଚମ ଦିନ। ମଧ୍ୟାହ୍ନରୁ ଯାତ୍ରା ପଡ଼ିଆରେ ଭିଡ଼ ଆରମ୍ଭ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ବାଲିଯାତ୍ରା ପଡ଼ିଆ ସମ୍ପୂର୍ଣ୍ଣ ଭାବେ ଲୋକାରଣ୍ୟ ହୋଇପଡ଼ିଥିଲା। ଛୁଟିଦିନ ଥିବାରୁ ପ୍ରବଳ ଭିଡ଼ ହୋଇଥିଲା। ବାଲିଯାତ୍ରା ପଡ଼ିଆକୁ ସଂଯୋଗ କରୁଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ରହିଥିଲା। ଏପରିକି ରିଂରୋଡ୍‌ରେ ଗାଡ଼ି ଆଗକୁ ଗଡ଼ିବା ଅସମ୍ଭବ ହୋଇପଡ଼ିଥିଲା। ପଡ଼ିଆ ତ ଦୂରର କଥା, ପାର୍କିଂଷ୍ଟାଣ୍ଡରେ ଗାଡ଼ି ପହଞ୍ଚିବାବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ୧୦ରୁ ଅଧିକ ପାର୍କିଂ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସନ୍ଧ୍ୟା ୬ଟା ପରଠୁ ଗାଡ଼ି ରଖିବାକୁ ଜାଗା ମିଳି ନ ଥିଲା। ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବାଲିଯାତ୍ରା ବୁଲିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

### ଆମିଷ ଖାଦ୍ୟର ମଜାନେଲେ, ଘରକରଣା ଜିନିଷ କିଣିଲେ

ଆମିଷ ଖାଦ୍ୟ ଷ୍ଟଲଗୁଡ଼ିକରେ ବେଶ୍ ଭିଡ଼ ଜମିଥିଲା। ଚିକେନ କବାବ, ଚିକେନ ଓ ମଟନ ପତ୍ରପୋଡ଼ା, ମୁଢି ମାଂସର ଚାହିଦା ରହିଥିଲା। ପୂର୍ବଦିନ ଆପେକ୍ଷା ବେପାର ଭଲ ହୋଇଥିବା କେତେଜଣ ବ୍ୟବସାୟୀ କହିଛନ୍ତି। ଅନ୍ୟାନ୍ୟ ଖାଦ୍ୟ ଷ୍ଟଲଗୁଡ଼ିକରେ ମଧ୍ୟ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସେହିପରି ଘରକରଣା ସାମଗ୍ରୀ ଓ ସାଜସଜା ତଥା ପୋଷାକ ପରିପାଟୀ ଦୋକାନଗୁଡ଼ିକରେ ବିଶେଷକରି ମହିଳାଙ୍କ ଗହଳି ଲାଗିଥିଲା।

### ଗୁଆଗଛ ପାଟୁଆ ପ୍ଲେଟ୍‌ର ଚାହିଦା

ବାଲେଶ୍ୱର ଭୋଗରାଇ ଅଞ୍ଚଳର ଚକାନୟନ ମହିଳା ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ବିଭିନ୍ନ କିସମର କଟଲେରି ସାମଗ୍ରୀ ପସରା ମେଲାଇଛନ୍ତି। ଗୁଆଗଛ ପାଟୁଆରେ ଏହି କଟଲେରି ସାମଗ୍ରୀକୁ ପ୍ରାୟ ୨୫୦ ଜଣ ମହିଳା ତିଆରି କରିଛନ୍ତି। ଏହି କଟଲେରି ସାମଗ୍ରୀ ମଧ୍ୟରେ ଖାଇବା ପ୍ଲେଟ, ଦନା, ଚାମଚ, ତାଟିଆ ଭଳି ଅନେକ ସାମଗ୍ରୀ ରହିଛି। ଏହାର ଦର ୧ ଟଙ୍କାରୁ ଆରମ୍ଭ ହୋଇ ୧୩ ଟଙ୍କା ଯାଏ ରହିଛି। ଏହି ସାମଗ୍ରୀକୁ ୨ରୁ ୩ ଥର ବ୍ୟବହାର କରିହେବ। ପ୍ଲାଷ୍ଟିକ ପ୍ଲେଟରେ ଖାଦ୍ୟ ଖାଇଲେ ରୋଗ ବ୍ୟାପୁଥିବାବେଳେ ଏହି ପ୍ଲେଟ୍‌ରେ ଖାଦ୍ୟ ଖାଇଲେ ରୋଗମୁକ୍ତ ହୋଇପାରିବେ ବୋଲି ସଦସ୍ୟାମାନେ କହିଛନ୍ତି।

### ପୋଥିଚିତ୍ର ଦାମ୍ ୩୦ ହଜାର

ପୁରୀ ନାୟକପାଟଣା ଅଞ୍ଚଳର ସତ୍ୟନାରାୟଣ ପୃଷ୍ଟି ବାଲିଯାତ୍ରାକୁ ନେଇ ଆସିଛନ୍ତି ତାଳପତ୍ରରେ ତିଆରି ପୋଥିଚିତ୍ର। ଏହି ପୋଥିଗୁଡିକ ତାଳପତ୍ରରେ ତିଆରି କରାଯାଇଥିବା ବେଳେ ଏଥିରେ ପଟଚିତ୍ର କାର୍ଯ୍ୟ ହୋଇଛି। ସତ୍ୟନାରାୟଣ ନିଜେ ଏହିଚିତ୍ର ତିଆରି କରିଛନ୍ତି ଏବଂ ବାଲିଯାତ୍ରାକୁ ଚଳିତଥର ନୂଆକରି ପୋଥିଚିତ୍ର ଆଣିଛନ୍ତି। ଏହାର ଦର ୬୦୦ ଟଙ୍କାରୁ ଆରମ୍ଭ ହୋଇ ୩୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଲୋକେ ଏବେ ପଟ୍ଟଚିତ୍ରକୁ ଅଧିକ ପସନ୍ଦ କରୁଥିବାବେଳେ ଏହି ପୋଥିଚିତ୍ରର ଚାହିଦା ଅଧିକ ରହିଥିବା ସେ କହିଛନ୍ତି।

### ଭିଡ଼ରେ ସକ୍ରିୟ ବଞ୍ଜାରା

ରବିବାର ବାଲିଯାତ୍ରା ପଡ଼ିଆରେ ଲୋକଙ୍କ ପ୍ରବଳ ଗହଳି ହୋଇଥିଲା। ବଞ୍ଜାରାମାନେ ଏହାର ଫାଇଦା ଉଠାଇ ଲୋକଙ୍କ ମୋବାଇଲ, ପର୍ସ ଇତ୍ୟାଦି ଚୋରି କରିନେଇଥିଲେ। ଏଭଳି ଚୋରି ଓ ପକେଟମାର ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ ହୋଇଛି। ଏସବୁ ଚୋରି ଘଟଣାରେ ଅନେକ ନାବାଳିକା ନାବଳକ ସମ୍ପୃକ୍ତ ଥିବା ସୂଚନା ମିଳିଛି।

### ୨ ଦିନ ହେବ ବୋଇତ ମହାନଦୀ ପ୍ରତିଯୋଗିତା

ଐତିହାସିକ ବାଲିଯାତ୍ରାରେ ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ନିମନ୍ତେ ପ୍ରଥମକରି ମହାନଦୀ ବୋଇତ ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହେବ। ନଭେମ୍ବର ୧୧ ଓ ୧୨ ଅର୍ଥାତ ମଙ୍ଗଳବାର ଓ ବୁଧବାର କଟକର ଗଡ଼ଗାଡିଆ ଘାଟରେ ଏହି ପ୍ରତିଯୋଗିତା ହେବ। ଓଡ଼ିଶା ସମେତ ୧୦ଟି ଭିନ୍ନ ଭିନ୍ନ ରାଜ୍ୟର ଜାତୀୟସ୍ତରୀୟ ମହିଳା ଓ ପୁରୁଷ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ୧୧ ତାରିଖ ପୂର୍ବାହ୍ନ ୧୧ଟା ୪୫ରେ ଏହି ପ୍ରତିଯୋଗିତା ଉଦ୍‌ଘାଟନ ହେବ। ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରତିଯୋଗିତାରେ ବିଶେଷ ଆକର୍ଷଣ ରହିବ ଫ୍ଲାଏ ବୋଟ୍ ରେସ୍। ୧୨ ତାରିଖ ସକାଳ ୮ଟାରେ ପ୍ରତିଯୋଗିତା ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଶେଷ ହେବ। ଉକ୍ତ ଦିନ ଗଣକବି ବୈଷ୍ଣବ ପାଣି ମଞ୍ଚରେ ରାଜ୍ୟପାଳ ହରିବାବୁ କମ୍ଭମପାଟି ବିଜେତା ଦଳଗୁଡ଼ିକୁ ପୁରସ୍କାର ପ୍ରଦାନ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି।

### କାଦୁଅ ଓ ଆବର୍ଜନାରେ ଭର୍ତ୍ତି

ବାଲିଯାତ୍ରା ପଡ଼ିଆକୁ ଠିକ ଭାବେ ସଫେଇ କରାଯାଉନାହିଁ। ଫଳରେ ପଡ଼ିଆରେ ଏଣେତେଣେ ଆବର୍ଜନା ଜମିରହିଛି। ଏପରିକି ଦୁର୍ଗନ୍ଧରେ ସମଗ୍ର ଅଞ୍ଚଳ ଫାଟିପଡୁଛି। ଅନ୍ୟପଟେ ପଡ଼ିଆରେ ଧୂଳି ନିୟନ୍ତ୍ରଣ ପାଇଁ କେମିକାଲ ସ୍ପ୍ରେ ସିଞ୍ଚନ କରାଯାଉଛି, ହେଲେ ପ୍ରଥମ ଦିନରୁ କାଦୁଅ ଅଧିକାଂଶ ଜାଗାରେ ଜମି ରହିଛି। ସଫେଇ ଓ କାର୍ଯ୍ୟ ବାବଦରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ପଡ଼ିଆରେ ଏଭଳି ଅବ୍ୟବସ୍ଥା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ସାଇବର ଠକେଇ: ଯୁବକଙ୍କୁ ଉଠାଇ ନେଲା ଛତିଶଗଡ଼ ପୋଲିସ

ବ୍ରହ୍ମବରଦା,୯।୧୧(ଯଯାତି କେଶରୀ ବେହେରା):

ସାଇବର ଠକେଇ ମାମଲାରେ ଛତିଶଗଡ଼ ପୋଲିସ ବ୍ରହ୍ମବରଦା ଥାନା ଅଞ୍ଚଳରୁ ଜଣେ ଯୁବକଙ୍କୁ ରବିବାର ସକାଳେ ଗିରଫ କରିଛି। ଗିରଫ ଯୁବକ ଉକ୍ତ ଅଧୀନ ବନ୍ଧଡ଼ିଅ ପଞ୍ଚାୟତ ଜୟସୁଙ୍ଗୁଡ଼ା ଗ୍ରାମର ଗୌରବ ରାଉତ(୨୧)। ଗୌରବ ଅନଲାଇନ ଫାଇନାନ୍ସିଆଲ ଫ୍ରଡ ମାଧ୍ୟମରେ ଦେଶର ବହୁ ଯୁବକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ପ୍ରାୟ ୯୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ନେଇ ଛତିଶଗଡ଼ର କୋଣ୍ଡାଗାଓଁ ଥାନାରେ ଅଭିଯୋଗ ହୋଇଥିଲା। ଗୌରବଙ୍କ ଆକାଉଣ୍ଟ ଯାଞ୍ଚ କରି ପୋଲିସ ୭୦ଲକ୍ଷ ଟଙ୍କା ଥିବା ଜାଣିବାକୁ ପାଇଥିଲା। କୋଣ୍ଡାଗାଓଁ ଥାନାର ୫ଜଣିଆ ପୋଲିସ ଟିମ୍ ବ୍ରହ୍ମବରଦା ପୋଲିସ ଟିମ୍ ସହାୟତାରେ ଆସି ଗୌରବଙ୍କୁ କାବୁ କରିଥିଲା ବୋଲି ବ୍ରହ୍ମବରଦା ଥାନା ଏସ୍ଆଇ ସୁଶାନ୍ତ ସେଠୀ ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ ଅନ୍ତଃ ବିଦ୍ୟାଳୟ କବାଡ଼ି: ଧର୍ମଶାଳା ପବ୍ଲିକ୍ ସ୍କୁଲ୍ ଚାମ୍ପିୟନ

ଧର୍ମଶାଳା,୯।୧୧(ବଟକୃଷ୍ଣ ପରିଡ଼ା):

ରାଜ୍ୟସ୍ତରୀୟ ଅନ୍ତଃ ବିଦ୍ୟାଳୟ କବାଡ଼ି ପ୍ରତିଯୋଗିତାରେ ଧର୍ମଶାଳା ପବ୍ଲିକ୍ ସ୍କୁଲ୍ ୧୯ ବର୍ଷରୁ କମ୍ ବାଳକ ବିଭାଗରେ ଚାମ୍ପିୟନ ହୋଇଛି। ସେହିପରି ବାଳିକା ବିଭାଗରେ ୩ୟ ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରର ରୟାଲ୍ ପବ୍ଲିକ୍ ସ୍କୁଲଠାରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ୭ ଓ ୮ ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ସିବିଏସ୍‌ଇ ମାନ୍ୟତାପ୍ରାପ୍ତ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ୧୯ବର୍ଷରୁ କମ୍ ବାଳକ ବିଭାଗ କବାଡ଼ିରେ ଧର୍ମଶାଳା ପବ୍ଲିକ୍ ସ୍କୁଲ ଆର୍ଯ୍ୟଭଟ୍ଟ ଆସିଏଟ୍ ଏକାଡେମୀ ଭୁବନେଶ୍ୱରକୁ ଫାଇନାଲ ଖେଳରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ସେହିପରି ୧୯ବର୍ଷରୁ କମ୍ ବାଳିକା ବିଭାଗରେ ଧର୍ମଶାଳା ପବ୍ଲିକ୍ ସ୍କୁଲ ଛାତ୍ରୀ ଉତ୍ତମ କ୍ରୀଡ଼ା ପ୍ରଦର୍ଶନ କରି ୩ୟସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଜୟୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ଶବିତ୍ରୁ ନାରାୟଣ ତ୍ରିପାଠୀ, ପରିଚାଳନା କମିଟି ସଭ୍ୟାସଭ୍ୟ ଓ ଅଭିଭାବକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।




କବାଡ଼ି ପ୍ରତିଯୋଗିତାରେ ବିଜୟୀ ଛାତ୍ରୀଛାତ୍ର।

# ସହରାଞ୍ଚଳ ପରିବହନ କ୍ଷେତ୍ରରେ 'ଆମ ବସ୍', 'ଆମ ଇ-ରାଇଡ୍' ପୁରସ୍କୃତ



ୟୁଏମ୍‌ଇ ସମ୍ମିଳନୀରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ବରିଷ୍ଠ ଅଧିକାରୀଙ୍କ ସହ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୯।୧୧
(ବନ୍ଦନା ସେଠୀ):

ନିରନ୍ତର ସହରାଞ୍ଚଳ ଗତିଶୀଳତା ପାଇଁ ଅଭିନବ ଆଭିମୁଖ୍ୟ ଅବଲମ୍ବନ କରି ଓଡ଼ିଶା ଜାତୀୟସ୍ତରରେ ବାରମ୍ବାର ସମ୍ମାନିତ ଓ ପୁରସ୍କୃତ ହେଉଛି। ଏବେ ସହରାଞ୍ଚଳ ପରିବହନ କ୍ଷେତ୍ରରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ଭୁବନେଶ୍ୱର ଦ୍ୱାରା ପରିଚାଳିତ 'ଆମ ବସ୍' ଓ 'ଆମ ଇ-ରାଇଡ୍'କୁ ସ୍ୱତନ୍ତ୍ର ପୁରସ୍କାର ମିଳିଛି। କ୍ରୁଟ୍ ଏହାର ଫ୍ଲାଗସିପ ପଦକ୍ଷେପ ସ୍ୱରୂପ ସର୍ବୋତ୍ତମ ସହରାଞ୍ଚଳ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିଥିବା ରାଜ୍ୟ/ୟୁଟି ପାଇଁ ରନିଂ କପି ବର୍ଗରେ ଏହି ପୁରସ୍କାର ପାଇଛି। ରବିବାର ହରିଆଣାର ଗୁରୁଗ୍ରାମଠାରେ ଅନୁଷ୍ଠିତ ଅର୍ବାନ ମୋବିଲିଟି ଇଣ୍ଡିଆ (ୟୁଏମ୍ଆଇ) ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆବାସ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କଠାରୁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କ୍ରୁଟ୍‌ର ବରିଷ୍ଠ ଅଧିକାରୀଙ୍କ ସହିତ ପୁରସ୍କାର ଗ୍ରହଣ କରିଛନ୍ତି।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ


ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଇ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଇ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ୱରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବଢ଼ୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଲ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

# ଚେଲିତୋଳ ବାଲିଯାତ୍ରା ମହୋତ୍ସବର ୪ର୍ଥ ସନ୍ଧ୍ୟା

# ମନ ମୋହିଲା ଆଧୁନିକ ନୃତ୍ୟ

ତିର୍ତ୍ତୋଲ,୯।୧୧(ଗୌରାଙ୍ଗ ଚରଣ ସାଇଁ)

ପ୍ରାଚୀନ ନୌବାଣିଜ୍ୟ ପରମ୍ପରାକୁ ଉଜ୍ଜୀବିତ କରୁଥିବା ତିର୍ତ୍ତୋଲର ଚେଲିତୋଳ ବାଲିଯାତ୍ରା ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ୪ ର୍ଥ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାକାରମାନଙ୍କ ଦ୍ୱାରା ଆଧୁନିକ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା।

ସାଂସ୍କୃତିକ ସଭା ମହୋତ୍ସବ କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ଡ.ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ଜିଲା ସଭାପତି ପ୍ରତାପ ମିଶ୍ର ଯୋଗଦେଇ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ସେତେବେଳେ ସାଧବମାନେ ପବନର ଦିଗ ଓ ଗତି ସହ ପାଣି ପାଗକୁ ଅନୁମାନ କରି ଦୁଃସାହସିକ ନୌବାଣିଜ୍ୟ କରି ଓଡ଼ିଶାକୁ ସମୃଦ୍ଧ କରିଥିଲେ ବୋଲି ମିଶ୍ର କହିଥିଲେ। ମୁଖ୍ୟ ବକ୍ତା ଭାବେ ସାମାଜିକ କର୍ମୀ ସଞ୍ଜୟ ମହାନ୍ତି, ସମ୍ମାନିତ ଅତିଥି ଭାବେ କ୍ରୀଡା ସମୀକ୍ଷକ ନୀଳାଦ୍ରି ବିହାରୀ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ସନାତନ ଦଳାଇ, ବିବେକାନନ୍ଦ ହୋତା ପ୍ରମୁଖ ଯୋଗଦେଇ ପ୍ରାଚୀନ ଉତ୍କଳୀୟ ନୌ ବାଣିଜ୍ୟ ପରମ୍ପରାର ସ୍ମୃତି ଚାରଣ କରିବା ସହ ସାରଳା ଦାସ ଓ ସାରଳା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟା ଡେଜାଲିନ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ବିମଳ ମହାପାତ୍ର, ଅରବିନ୍ଦ ହୋତା, ଚିତ୍ତରଞ୍ଜନ ରଥ, ସୁବ୍ରତ ଦାଶଙ୍କ ସମେତ କମିଟି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ସନାତନ ଦଳାଇ ଧନ୍ୟବାଦ ଦେଇଥିଲେ। ଏହାପରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଆଧୁନିକ ନୃତ୍ୟ ଓ ମେଲୋଡି ପରିବେଷଣ କରାଯାଇଥିଲା। ପ୍ରାରମ୍ଭରେ ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁଙ୍କ ପରିଚାଳନାରେ ରତୁପର୍ଣ୍ଣା କଳା ସାହିତ୍ୟ ସଂସଦର କଳାକାରମାନେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।



କଳାକାରମାନେ ଆଧୁନିକ ନୃତ୍ୟ ପରିବେଷଣ କରୁଛନ୍ତି।

# ଯୁବଶକ୍ତିର ସଙ୍ଗୀତରୁ ଦେଶର ଦଶା, ଦିଶା ସ୍ପଷ୍ଟ ହୁଏ

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ



ଯୁବ ସମ୍ମିଳନୀରେ ଯୋଗଦେଇଥିବା ରାଷ୍ଟ୍ରୀୟ ସ୍ୱୟଂସହାୟକ ସଂଘର ନେତୃମଣ୍ଡଳୀ।

କୁଜଙ୍ଗ,୯।୧୧(ମନୋଜ ପ୍ରଧାନ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାର ଶତାବ୍ଦୀ ବର୍ଷ ପୂର୍ତ୍ତି ଅବସରରେ ଦେଶର ଯୁବକଙ୍କ ମନରେ ଦେଶଭକ୍ତି ଭାବନା ଭରିଦେବା ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରେ ଯୁବ ସମ୍ମିଳନୀ ଆୟୋଜନ କରୁଛି । ଏହି କ୍ରମରେ ରବିବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କୁଜଙ୍ଗ,ପାରାଦୀପ ନଗର ଓ ତିର୍ତ୍ତୋଲ ଖଣ୍ଡକୁ ନେଇ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳଠାରେ ବିଶାଳ ଯୁବ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ସରୋଜ କୁମାର ବେହେରା ପ୍ରଦୀପ ପ୍ରଜ୍ୱଳନ କରି ବ୍ୟକ୍ତି ନିର୍ମାଣ ଓ ରାଷ୍ଟ୍ରସର୍ବସ୍ୱ ବୋଲି କହିଥିଲେ। ଜୀବନ ଏକ ସାଧନା ଓ ତପସ୍ୟା ବୋଲି ମତବ୍ୟକ୍ତ କରି ଯୁବଶକ୍ତିର ସଙ୍ଗୀତରୁ ଦେଶର ଦଶା ଓ ଦିଶା ସ୍ପଷ୍ଟ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଂଘର ଜଗତ୍‌ସିଂହପୁର ଜିଲା ସଂଘଚାଳକ ସୁରେଶ ଚନ୍ଦ୍ର ରାୟ, କଟକ ବିଭାଗ କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ୍, ଜିଲା ପ୍ରଚାର ପ୍ରମୁଖ ତାପସ କୁମାର ଦାଶ ଯୋଗଦେଇ ଦେଶର ଯୁବକ ପଥଭ୍ରଷ୍ଟ ନ ହୋଇ ନିଜ ପରିବାର ପାଇଁ ତଥା ସମାଜ ଲାଗି ସୁଯୋଗ୍ୟ ସନ୍ତାନ ହେବାକୁ ଆହ୍ୱାନ ଦେଇଥଲେ। ଯୁବବର୍ଗ ଏକ ନିଶାମୁକ୍ତ ଯୁବ ସମାଜ ଗଠନ କରିବା ଉପରେ ଗୁରୁତ୍ୱାରୋପ କରିଥଲେ। କାର୍ଯ୍ୟକ୍ରମରେ ଯୁବକମାନଙ୍କ ଦ୍ୱାରା ସଂଘ ସେବା ଓ ଅନ୍ୟାନ୍ୟ ସାଂସ୍କୃତିକ ତଥା ସ୍ୱାଧୀନତା ବୀରତ୍ୱ ଗାଥା ବହନ କରୁଥିବା ଫଟୋ ଓ ଛାୟାଚିତ୍ର ପ୍ରଦର୍ଶିତ ହୋଇଥିଲା। ଜିଲା ମହାବିଦ୍ୟାଳୟ ପ୍ରମୁଖ ଅଧ୍ୟାପକ କାଳନ୍ଦୀ ପ୍ରଧାନ ଓ ସହ ଖଣ୍ଡ କାର୍ଯ୍ୟବାହ ପ୍ରତ୍ୟୁଷ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା କାର୍ଯ୍ୟବାହ ଜିତେନ୍ଦ୍ର କୁମାର ବିଶ୍ୱାଳ, ଜିଲା ଶାରୀରିକ ପ୍ରମୁଖ ବାବାଜୀ ବେହେରା, ଜିଲା ସହ ବୌଦ୍ଧିକ ପ୍ରମୁଖ ଶାରଦା ନାୟକ, ବିଭାଗ ଗ୍ରାମ ବିକାଶ ପ୍ରମୁଖ ମଳୟ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରାରମ୍ଭରେ ପାରମ୍ପରିକ ଫୁଲ ଚନ୍ଦନ ଦେଇ ପଙ୍କପାଳ ଗୋପୀନାଥ ଜୀଉ ଶାଖା ପକ୍ଷରୁ ଯୁବକମାନଙ୍କୁ ସ୍ୱାଗତ କରାଯାଇଥିଲା। ସତ୍ୟଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ବନ୍ଦେ ମାତରଂ ଗାନ କରାଯାଇଥିଲା। ଏହି ଦିନିକିଆ ସମ୍ମିଳନୀକୁ କୁଜଙ୍ଗ ଖଣ୍ଡ କାର୍ଯ୍ୟବାହ ବିପିନ କୁମାର ମିଶ୍ର, ଶିବ ଚରଣ ପାତ୍ର, କୃଷ୍ଣ ପ୍ରସନ୍ନ ଦାସ, ବିଚିତ୍ରାନନ୍ଦ ସୂତାରଙ୍କ ସମେତ କୁଜଙ୍ଗ, ତିର୍ତ୍ତୋଲ ଖଣ୍ଡ ଓ ପାରାଦୀପ ନଗର କାର୍ଯ୍ୟକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ରାଧାଗୋବିନ୍ଦ କ୍ଲବ ଡ୍ରାମାଉତ୍ସବ ଉଦ୍‌ଯାପିତ

ରଘୁନାଥପୁର,୯।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତାରପୁର ପଞ୍ଚାୟତ ଅନ୍ତର୍ଗତ ହରିଶପୁରସ୍ଥିତ ରାଧାଗୋବିନ୍ଦ ଡ୍ରାମାଟିକ କ୍ଲବ ପକ୍ଷରୁ ୭୬ ତମ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସାମାଜିକଧର୍ମୀ ନାଟକ 'ବଞ୍ଚିବାକୁ ଏଠି ଡର ଲାଗୁଛି ଓ'କହିବାକୁ ଲାଜ ଶୁଣିଲେ ପାପ' ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ନିର୍ଦ୍ଦେଶନାରେ ଗ୍ରାମର ଯୁବକମାନେ ଉଚ୍ଚକୋଟୀର ନାଟକ ମଞ୍ଚସ୍ଥ କରିଥିଲେ। ପ୍ରଥମ ଦିବସରେ ପଟ୍ଟାମୁଣ୍ଡାଇ ଏଲଆଇସି ବ୍ରାଞ୍ଚର ସିନିଅର ମ୍ୟାନେଜର ଅରୁଣ କୁମାର ବିଶ୍ୱାଳ ମଞ୍ଚ ଉଦ୍‌ଘାଟନ କରିଥିଲେ। କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିଥିବା ଗ୍ରାମବାସୀଙ୍କୁ ସେ ପ୍ରଶଂସା କରିବା ସହ ଆଗାମୀ ଭବିଷ୍ୟତଙ୍କ ପାଇଁ ଏହା ଉଦାହରଣ ସୃଷ୍ଟି କରୁ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ କଳାକାର ବିନୋଦ ବିହାରୀ ମହାନ୍ତିଙ୍କ ସଭା ସଞ୍ଚାଳନରେ ଅନ୍ୟତମ ଅତିଥି ଭାବେ ରାହାମା ଏସ୍‌ଓ ପରିଚାଳକ ସରୋଜ କୁମାର ପାତ୍ର, ଶିକ୍ଷାବିତ ଅମୂଲ୍ୟଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବାରିକ, ସାମାଜିକ କର୍ମୀ ଦିଲୀପ କୁମାର ପଟ୍ଟନାୟକ, ଦୁର୍ଗାପ୍ରସାଦ ମହାନ୍ତି, ପ୍ରହ୍ଲାଦ ସାହୁ, ନଟବର ଦାସ, ବିଜୟ କୁମାର ନାୟକ, ସରୋଜ କୁମାର ଦାସ ପ୍ରମୁଖ ଯୋଗଦେଇ ଅଭିମତ ରଖିଥିଲେ। ଗ୍ରାମବାସୀଙ୍କ ସହଯୋଗ ଓ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡ୍ରାମା ଉତ୍ସବ ପରିଚାଳିତ ହୋଇଥିଲା।

# ୨ କିଡ୍‌ନୀ ନାହିଁ, ଜୀବନ ସଂଗ୍ରାମରେ ବଳରାମ

## ଅର୍ଥ ସାଜିଛି ବାଧକ

ଜଗତ୍‌ସିଂହପୁର, ୯।୧୧
(ପ୍ରମୋଦ କୁମାର ନାୟକ)


ଶଯ୍ୟାଶାୟୀ ବଳରାମ ଲେଙ୍କାଙ୍କ ସେବା କରାଯାଉଛି।

ଜଗତ୍‌ସିଂହପୁର ଥାନା ଓଡ଼ିଶୋ ବଣିଆସାହି ଢିଅ ଗ୍ରାମର ବଳରାମ ଲେଙ୍କା ବାଲ୍ୟକାଳରୁ ଅନେକ ସ୍ୱପ୍ନ ଦେଖିଥିଲେ। କିନ୍ତୁ ଭାଗ୍ୟ ତାଙ୍କୁ ସାଥ୍ ଦେଲାନି। ମାତ୍ର ୪୦ ବର୍ଷରେ ସେ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ୨ଟି ଯାକ କିଡ୍‌ନୀ ଖରାପ ହୋଇଯାଇଛି। ମଝିରେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିଲା। ଏଥିସହ ହୃତ୍‌ପିଣ୍ଡରେ ପାଣି ଜମି ଯାଇଥିଲା। ସପ୍ତାହରେ ୩ ଥର ଡାଏଲିସିସ୍ କରୁଛନ୍ତି। ପାଖାପାଖି ୫/୭ ବର୍ଷ ହେବ ସେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ଭିତରେ ଅର୍ଥାଭାବରୁ ସେ ଜମି ସହ ସ୍ତ୍ରୀ ଭାଗ୍ୟଲିପି ବିଶ୍ୱାଳଙ୍କ ଗହଣା ମଧ୍ୟ ବିକ୍ରି କରିସାରିଲେଣି। କିନ୍ତୁ ଆଉ ଅର୍ଥ ଯୋଗାଡ଼ କରିବା ସମ୍ଭବ ହେଉନାହିଁ। ଡାକ୍ତରଖାନା ଯିବାଆସିବାଠାରୁ ଔଷଧ ଆଦି କିଣିବା ପାଇଁ ଅର୍ଥ ନାହିଁ। ଅନ୍ୟପଟେ ସ୍ତ୍ରୀ ଓ ୨ ପିଲା (୭ ବର୍ଷର ପୁଅ, ୧୧ ବର୍ଷର ଝିଅ)ଙ୍କ ପେଟକୁ ୨ ବେଳା ଖାଦ୍ୟ ଯୋଗାଡ କରିବା ଏବେ ତାଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଶଯ୍ୟାରେ ପଡ଼ି ପ୍ରତି ମୁହୂର୍ତ୍ତରେ ଏସବୁ ଭାବି ଛଟଛଟ ହେବା ଛଡା ଆଉ କିଛି ଉପାୟ ନାହିଁ ବୋଲି ବଳରାମ କୋହଭରା କଣ୍ଠରେ କହିଛନ୍ତି। ଏହାଭିତରେ ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କୌଣସି କାମରେ ସମ୍ପୃକ୍ତ ଅଞ୍ଚଳକୁ ଯାଇଥିବାବେଳେ ଖବରପାଇ ତାଙ୍କ ପାଖରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ସରକାରୀ ଭାବେ ରେଡ୍‌କ୍ରସରୁ ୧୫ ହଜାର ଟଙ୍କା ସହାୟତା ମିଳିଛି। କିନ୍ତୁ ଅନ୍ୟ କୌଣସି ମାଧ୍ୟମରେ ଆଶ୍ୱାସନା ମିଳୁନି। ଏ ପରିସ୍ଥିତିରେ ସେ ଭାଙ୍ଗିପଡ଼ିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢ଼ାଇଲେ ୨ ପିଲା, ସ୍ତ୍ରୀଙ୍କୁ ସହଯୋଗ ମିଳିପାରନ୍ତା ଓ ଆଉ କିଛିଦିନ ବଞ୍ଚିପାରନ୍ତେ ବୋଲି ବଳରାମ କହିଛନ୍ତି। ତାଙ୍କ ସହ ମୋବାଇଲ ନମ୍ବର ୯୭୭୭୦୭୯୭୦୦ରେ ଯୋଗାଯୋଗ ପାଇଁ ସ୍ଥାନୀୟ ଅଞ୍ଚଳର କେତେଜଣ ସାମାଜିକ କର୍ମୀ କହିଛନ୍ତି।

# ନିଶାଦ୍ରବ୍ୟ ଦୂର କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



କୁଜଙ୍ଗ, ୯।୧୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ଝିମାଣିସ୍ଥିତ ନାରାୟଣ ବୀରବର ସାମନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଡ୍ରଗ୍ସ ଭଳି ନିଶାଦ୍ରବ୍ୟକୁ ସମାଜରୁ ଦୂର କରିବାରେ ଛାତ୍ରୀଛାତ୍ରୀମାନଙ୍କ ଭୂମିକାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବୈଧ ନିଶା ବିରୋଧୀ ଅଭିଯାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷା ଡା. ବନପ୍ରଭା ପରିଡ଼ା ଅଧକ୍ଷତା କରିଥିଲେ। ଅନୁଷ୍ଠିତ ଏହି ଆଲୋଚନାରେ ଅବୈଧ ନିଶା ବିରୋଧୀ ଅଭିଯାନ ରାଜ୍ୟ ସଂଯୋଜକ ଆଇନୀଜୀବୀ ଗତିକୃଷ୍ଣ ଶତପଥି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ସଚେତନତା ଅଭିଯାନରେ ସାମିଲ ହୋଇ ଦେଶକୁ ଆଭ୍ୟନ୍ତରୀଣ ସୁରକ୍ଷା ଦେବାରେ ସୈନିକ ଭାବେ ଲଢିବାକୁ ସେ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ସୁକାନ୍ତ କୁମାର ମାଝୀ, ଅବୈଧ ନିଶା ବିରୋଧୀ ଅଭିଯାନର ଜିଲା ଯୁବ ସଂଯୋଜକ ଲିପୁ ଦାସ ଏବଂ ଅନେକ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

# ଧାର୍ଯ୍ୟ ମୂଲ୍ୟରୁ କମ୍‌ରେ କାମନେଇ କ୍ଷତି ସହୁଛନ୍ତି ଠିକାଦାର

## ଜିଲା ଠିକାଦାର ମହାସଂଘର ଅଭିଯୋଗ

ତିର୍ତ୍ତୋଲ, ୯।୧୧ (ଗୌରାଙ୍ଗ ଚରଣ ସାଇଁ)

ଜଗତ୍‌ସିଂହପୁର ଜିଲା ଠିକାଦାର ମହାସଂଘର ବୈଠକ ରବିବାର ତିର୍ତ୍ତୋଲ ନିକଟସ୍ଥ ଆନନ୍ଦମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବୀପ୍ରସାଦ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ମହାସଂଘର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ତନ୍ମଧ୍ୟରୁ ଟେଣ୍ଡର ସମୟର ଧାର୍ଯ୍ୟ ମୂଲ୍ୟଠାରୁ କମ୍‌ରେ ଟେଣ୍ଡର ପକାଇ କାର୍ଯ୍ୟ ନେବା ଦ୍ୱାରା ଠିକାଦାରମାନେ କ୍ଷତିରେ ପଡୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ତେଣୁ କାର୍ଯ୍ୟର ନିର୍ଦ୍ଧାରିତ ମୂଲ୍ୟରେ ଟେଣ୍ଡର ପକାଇ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିସହ ଚଳିତ ୧୬ ତାରିଖରେ ଜଗତ୍‌ସିଂହପୁର ମୁଖ୍ୟାଳୟରେ ହେବାକୁ ଥିବା ଜିଲା ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଜିଲାର ସମସ୍ତ ବ୍ଲକରେ କମିଟି ଗଠନ ସହ ହ୍ୱାଟ୍‌ସ ଆପ୍ ଗ୍ରୁପ୍‌ରେ ସମସ୍ତଙ୍କୁ ସୂଚନା ଦେବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ହୋତା, ଆଲୋକ କୁମାର ଦାସ, ହୃଷୀକେଶ ସ୍ୱାଇଁ, ପବିତ୍ର ନାୟକ ଓ ତପନ କୁମାର ସାମଲଙ୍କ ସମେତ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ବୈଠକରେ ଜିଲାର ସମସ୍ତ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ଠିକାଦାରମାନେ ସାମିଲ ହୋଇଥିଲେ।

# କୀଟନାଶକ ପ୍ରୟୋଗ ବେଳେ ସୁରକ୍ଷାକୁ ପ୍ରାଥମିକତା ଦିଅ

## ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନତା

ରଘୁନାଥପୁର, ୯।୧୧(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ୧୦ ପଞ୍ଚାୟତର ୪୦ ଜଣ ଚାଷୀଙ୍କୁ ନେଇ କୀଟନାଶକ ପ୍ରୟୋଗ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷିଧିକାରିଣୀ ଆଙ୍କାକ୍ଷା ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଦେବାଶିଷ ପଣ୍ଡା ଯୋଗଦେଇ ଚାଷୀମାନଙ୍କୁ କୀଟନାଶକ ପ୍ରୟୋଗର ତରିକା ଓ ନିଜର ସୁରକ୍ଷା ଅବଲମ୍ବନ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ରବି କିମ୍ବା ଖରିଫ ଫସଲରେ ବିଭିନ୍ନ ପ୍ରକାର ରୋଗପୋକ ହେଲେ ସେଥିରେ କେଉଁ ପ୍ରକାର କୀଟନାଶକ ପ୍ରୟୋଗ କରାଯିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହାଛଡା କୀଟନାଶକ ବ୍ୟବହାର ସମୟରେ ହାତ ମୁହଁ ଓ ଆଖିର ସୁରକ୍ଷା ଏବଂ ପବନର ଗତିବିଧିକୁ ଲକ୍ଷ ରଖି ଔଷଧ ସ୍ପ୍ରେ କରିବା ପାଇଁ ଚାଷୀଙ୍କୁ ବୈଜ୍ଞାନିକ ପଣ୍ଡା ସତର୍କ କରାଇଥିଲେ। ଏଥିସହ ଫସଲରେ ହେଉଥିବା ରୋଗପୋକକୁ ଚିହ୍ନଟ କରି ଉପଯୁକ୍ତ କୀଟନାଶକ ପ୍ରୟୋଗ ପାଇଁ ସେ ଆହ୍ୱାନ ଦେଇଥିଲେ। ଆବଶ୍ୟକ ସ୍ଥଳେ କୃଷି ଅଧିକାରୀ କିମ୍ବା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଚାଷୀମାନେ କୃଷି ବୈଜ୍ଞାନିକଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଏଥିରେ କୃଷି ବିଭାଗ ଭିଏଡବ୍ଲ୍ୟୁ, ଏଟିଏମ, ବିଟିଏମ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗରିବ, ନିଷ୍ପେଷିତ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରି ଆଇନ ସେବା ଯୋଗାଇବା ଜରୁରୀ

## ଜାତୀୟ ଆଇନ ସେବା ଅବସରରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ବିଚାରପତି ଓ ଆଇନଜୀବୀ।

କୁଜଙ୍ଗ, ୯।୧୧(ମନୋଜ ପ୍ରଧାନ)

ଜାତୀୟ ଆଇନ ସେବା ଦିବସ ପାଳନ ଅବସରରେ ରବିବାର କୁଜଙ୍ଗ ତାଲୁକ ଆଇନ ସେବା କମିଟି ପକ୍ଷରୁ ସଚେତନତା ଶୋଭାଯାତ୍ରା ଓ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି, ଆଇନଜୀବୀ ଓ ପ୍ୟାନେଲିଷ୍ଟ ଆଇନଜୀବୀମାନେ ଯୋଗଦେଇ ଜାତୀୟ ଆଇନ ଦିବସର ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ପରେ କୁଜଙ୍ଗ ଓକିଲ ସଂଘ ସଭାଗୃହରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବରିଷ୍ଠ ଦେୱାନି ଅଦାଲତର ବିଚାରପତି ଅବକାଶ ଚୌଧୁରୀ, କନିଷ୍ଠ ଦେୱାନି ଅଦାଲତ ବିଚାରପତି ଡ. ବିଶ୍ୱଭୂଷଣ ନାୟକ, କୁଜଙ୍ଗ ଓକିଲ ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାରାୟଣ ଦାସ, ସମ୍ପାଦକ ବ୍ରଜକିଶୋର ରାଉତ, ବରିଷ୍ଠ ଆଇନଜୀବୀ ଅମୃତ ଦାସ, ସତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଜାତୀୟ ଆଇନ ସେବା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ସମାଜର ମହିଳା, ଗରିବ, ନିଷ୍ପେଷିତ ଓ ଅବହେଳିତ ବର୍ଗ କିପରି ମାଗଣାରେ ଓ ସୁରୁଖୁରୁରେ ଆଇନ ସେବା ପାଇପାରିବେ ସେଥିପାଇଁ ସମ୍ବିଧାନର ୩୯(କ) ଧାରାରେ ଉଲ୍ଲେଖ ରହିଛି। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କେନ୍ଦ୍ର ଓ ରାଜ୍ୟସ୍ତରରେ ଅର୍ଥ ଯୋଗାଇଦେବା ସହ ଆଇନଜୀବୀ ନିୟୋଜିତ କରି ମାଗଣାରେ ଆଇନ ସହାୟତା ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ତେଣୁ ଏହି ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରି ଆଇନ ସେବା ଯୋଗାଇଦେବା ଜରୁରୀ ବୋଲି କହିଥିଲେ। ସମସ୍ତଙ୍କୁ ମାଗଣାରେ ସମାନ ନ୍ୟାୟ ପ୍ରଦାନ ହେଉଛି ଜାତୀୟ ଆଇନ ସେବା ଦିବସର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଅବସରରେ ମତପ୍ରକାଶ ପାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ଆଲୋଚନାଚକ୍ରରେ ତାଲୁକ ଆଇନ ସେବା କମିଟି ରିଟେନର ନୃସିଂହ ପ୍ରଧାନ, ସମସ୍ତ ପାନେଲିଷ୍ଟ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀ ଅଟଳ ଦାସ ଓ ରଞ୍ଜନ ଦାସଙ୍କ ସମେତ ତାଲୁକ ଆଇନ ସେବା କମିଟି କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ





ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ-ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଈ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଈ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା- ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା- ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ- ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ- ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବଢ଼ୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

**ସଂକ୍ଷେପରେ**

## ଶତାୟୁଙ୍କ ପରଲୋକ



ଖଣ୍ଡପଡ଼ା,୯।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ପଞ୍ଚାୟତ ଘଣାଶାଳିଆ ଗ୍ରାମ ଉପର ସାହିର ସଂସାରୀ ଜେନା(୧୦୪)ଙ୍କର ତାଙ୍କ ବାସ ଭବନରେ ଶନିବାର ମଧ୍ୟରାତ୍ରିରେ ପରଲୋକ ହୋଇଯାଇଛି। ସେ ଗ୍ରାମ ମୁଖିଆ ଥିଲେ। ତାଙ୍କ ଜୀବନକାଳ ମଧ୍ୟରେ ସେ ଅନେକ ଜନସେବା କରି ସାଧାରଣ ଲୋକଙ୍କ ପ୍ରିୟପାତ୍ର ଥିଲେ। ବହୁ ବର୍ଷଧରି ଗ୍ରାମ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଦଣ୍ଡନୃତ୍ୟର ମୁଖ୍ୟ ପାଟଦଣ୍ଡୁଆ ଭାବେ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଘଣାଶାଳିଆ ନିକଟ ମହାନଦୀ ପଠାରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା। ରମେଶ ଜେନା ମୁଖାଗ୍ନି ଦେଇଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଖଣ୍ଡପଡ଼ା,୯।୧୧ (ଅଜୟ କୁମାର ମହାରଣା)

କଣ୍ଟିଲୋ ପଞ୍ଚାୟତ ମାଧବ ଚୌଧୁରୀ ପାଟଣା ଗ୍ରାମର ବୀର କିଶୋର ମହାରଣା(୭୭)ଙ୍କର ପରଲୋକ ହୋଇଯାଇଛି। ସେ ବୌଦ୍ଧ ଜିଲା ଧଳପୁରରେ ରହିଥିବା ବେଳେ ଶୁକ୍ରବାର ମଧ୍ୟରାତ୍ରିରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ବିଶ୍ୱମୋହନ ମୁଖାଗ୍ନି ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ସାଙ୍ଗସାଥୀ, ବନ୍ଧୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କଣ୍ଟିଲୋ ବାସଭବନରେ ପହଞ୍ଚି ପରିବାରକୁ ସାନ୍ତ୍ୱନା ଦେଇଥିଲେ।

# ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି

## ଗାଡ଼ିଆପଡ଼ା ଘାଟିରେ ବାଘ ଭୟ

ଖଜୁରିପଡ଼ା,୯।୧୧ (ବିଦୁର ବେହେରା)

କନ୍ଧମାଳ ବୌଦ୍ଧ ସୀମାନ୍ତ ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଗାଡ଼ିଆପଡ଼ା ଘାଟିରେ ଶନିବାର ବାଘ ବୁଲୁଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାକୁ ଦେଖି ଅଞ୍ଚଳବାସୀ ଭୟଭିତ ଅଛନ୍ତି। ଏନେଇ ରବିବାର 'ଧରିତ୍ରୀ'ରେ ଗାଡ଼ିଆପଡ଼ା ଘାଟିରେ କଲରାପତରିଆ ବାଘ ଗୁଜବ' ଖବର ପ୍ରକାଶ ପାଇଥିଲା। ଏହାପରେ ଉଭୟ ଜିଲାର ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇଛି। ଏନେଇ ଫୁଲବାଣୀ ରେଞ୍ଜର ଆଶାଲତା ଦିଗାଲ କହିଛନ୍ତି ଯେ, ଶନିବାର ରାତି ଠାରୁ ଆଜି ପର୍ଯ୍ୟନ୍ତ ଆମ ଟିମ ଡ୍ରୋନ କ୍ୟାମେରା ଲଗେଇ ପାଟ୍ରୋଲିଂ କରୁଛନ୍ତି। କିନ୍ତୁ ବାଘର କୌଣସି ଚିହ୍ନ କି ସୁରାଗ ପାଇ ନାହାଁନ୍ତି। ଅଞ୍ଚଳବାସୀଙ୍କୁ ପଚାରିବାରୁ ସେମାନେ ଆଗରୁ ଅନେକ ସମୟରେ ବାଘର ଗର୍ଜନ ଶୁଣିଥିଲେ ବୋଲି କହିଛନ୍ତି। ବୌଦ୍ଧ ଜିଲାର ମାଧପୁର ରେଞ୍ଜର ଆସିକ ଦିଗାଲ କହିଛନ୍ତି ଯେ, ମାସେ ତଳେ ବାଘର ପାଦ ଚିହ୍ନ ମିଳିଥିଲା।



ଜଙ୍ଗଲରେ କର୍ମଚାରୀମାନେ ପାଟ୍ରୋଲିଂ କରି ବାଘ ପାଦଚିହ୍ନ ଖୋଜୁଛନ୍ତି।

କିନ୍ତୁ ଶନିବାରଠାରୁ ଟିମ୍ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। ବର୍ତ୍ତମାନ ସୁଧା ବାଘର କିଛି ସୁରାଗ ମିଳି ନାହିଁ। ଅନ୍ୟପଟେ ଭିଡିଓ ଭାଇରଲ ହେବା ପରେ ଏହି ରାସ୍ତା ଦେଇ ଲୋକେ ଯିବା ଆସିବା କରିବାପାଇଁ ଭୟ କରୁଥିବା ଯାତ୍ରୀମାନେ କହିଛନ୍ତି।

# ମା' ଢୋଲଚଣ୍ଡୀ ପ୍ରଥମ ବାର୍ଷିକୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ବଘେଇ କ୍ରିକେଟ୍ କ୍ଲବ ଚାମ୍ପିୟନ

ଭାପୁର,୯।୧୧(ପ୍ରଭାତ ବରାଡ)

ଭାପୁର ବ୍ଲକ ବଡ଼ସହରା ଗ୍ରାମରେ ଚାଲିଥିବା ମା' ଢୋଲଚଣ୍ଡୀ ପ୍ରଥମ ବାର୍ଷିକୀ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ବଘେଇ କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ବାପୁଜୀ କ୍ରିକେଟ୍ କ୍ଲବ ଏଲପଡ଼ା ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚରେ ପରସ୍ପରକୁ ଭେଟିଥିଲେ ବାପୁଜୀ କ୍ରିକେଟ କ୍ଲବ ଏଲପଡା ଓ ବଘେଇ କ୍ରିକେଟ କ୍ଲବ। ପ୍ରଥମେ ବଘେଇ ଟିମ୍ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୫୨ ରନ କରିଥିଲା। ଜବାବରେ ଏଲପଡ଼ା କ୍ରିକେଟ ଟିମ୍ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ ରନ କରି ପରାଜିତ ହୋଇଥିଲା। ଚାମ୍ପିୟନ ଦଳର ସମ୍ବିଦ ବିଶ୍ୱାଳ ୧୯



ବାପୁଜୀ କ୍ରିକେଟ୍ କ୍ଲବ ଟିମ୍‌କୁ ରନର୍ସ ଟ୍ରଫି ପ୍ରଦାନ କରାଯାଉଛି।

ବଲ ଖେଳି ୩୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ବେଳେ ନିତ୍ୟାନନ୍ଦ ବେହେରା ୮୯ ରନ୍ କରି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ଗ୍ରାଣ୍ଡ ଫାଇନାଲ ମ୍ୟାଚରେ ଖେଳ ପରିଚାଳନା କରିଥିଲେ ସୁଶାନ୍ତ ଦଳବେହେରା ଓ ଦିଲୀପ ଦାସ। ସତ୍ୟବ୍ରତ ମହାରଣା ଓ ରତ୍ନାକର ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ସ୍କୋରର ସହାୟତା କରିଥିଲେ ରବୀନ୍ଦ୍ର ନାଥ ମହାରଣା ଓ ସାଗର ପରିଡ଼ା। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବଡ଼ସହରା ସରପଞ୍ଚ ବ୍ରଜକିଶୋର ଆଲୁକ, ସମ୍ମାନିତ ଅତିଥି ବଡ଼ସହରା ଗ୍ରାମ୍ୟ କମିଟି ସଭାପତି ଗୋପାଳ ନାୟକ, ୱାର୍ଡ ସଭ୍ୟ ନିତ୍ୟାନନ୍ଦ ଦାସ, ତପନ ସାହୁ, ଖବରଦାତା ଶୁଭେନ୍ଦୁ କୁମାର ପଟ୍ଟନାୟକ ଓ ପ୍ରଭାତ କୁମାର ବରାଡ଼ ପ୍ରମୁଖ ଉପସ୍ଥିତ ରହି ବଘେଇ କ୍ରିକେଟ୍ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ନଗଦ ୬ ହଜାର ଟଙ୍କା ଓ ବାପୁଜୀ କ୍ରିକେଟ୍ କ୍ଲବ ଏଲପଡା ଟିମ୍‌କୁ ରନର୍ସ ଟ୍ରଫି ସହ ନଗଦ ୪ ହଜାର ଟଙ୍କା ପ୍ରଦାନ କରିଥିଲେ। ଖେଳରେ ବଡ଼ସହରା ଯୁବକ ସଂଘ ସହଯୋଗ କରିଥିଲା।

## ଛତ୍ରପୁରରେ ଜାତୀୟ ଆଇନ ସେବା ଦିବସ ପାଳିତ

ଛତ୍ରପୁର,୯।୧୧(ଦିଲ୍ଲୀପ ସାମଲ)

ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ୟୁରୋ ସ୍କୁଲ ପରିସରରେ ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି। ଏଥିରେ ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ ପ୍ରଦୀପ ସାମଲ ଅଧ୍ୟକ୍ଷତା କରି ଜାତୀୟ ଆଇନ ସେବା ଦିବସ ସଂପର୍କରେ ଆଲୋକପାତ କରି ଆଇନର ବିଭିନ୍ନ ଦିଗ ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ୟୁରୋ ସ୍କୁଲର ଏକାଡେମୀ ଡାଇରେକ୍ଟର ପ୍ରମୋଦ ମିଶ୍ର, ଏସଡିଜେଏମ ପ୍ରୀତିଶ ରଥ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ ପାଢୀ ଓ ତାଲୁକ ଆଇନ ସେବା କମିଟିର ସଦସ୍ୟ ମନୋଜ ପାଢୀ ପ୍ରମୁଖ ଯୋଗ ଦେଇ ସେବା କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ୟୁରୋ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା।

# ମାନସିକ ବିକୃତ ମହିଳା ଗର୍ଭବତୀ

ନୟାଗଡ଼,୯।୧୧(ଲୋକନାଥ ମିଶ୍ର)

## ଖାଦ୍ୟ ନ ମିଳିଲେ ବାଲିରେ ପୂରୁଛି ପେଟ

ନୟାଗଡ଼ ଜିଲା ଦଶପଲ୍ଲା ଅଞ୍ଚଳରେ ଜଣେ ମାନସିକ ବିକୃତ ମହିଳା ପ୍ରାୟ ୨ ବର୍ଷ ହେଲା ଘୂରି ବୁଲୁଛନ୍ତି। ମହିଳା ଜଣକ ଦଶପଲ୍ଲା ଥାନା ଛକଠାରୁ ଅନ୍ଧାରକୋଟ୍ ପର୍ଯ୍ୟନ୍ତ ବୁଲୁଥିବା ଦେଖିବାକୁ ମିଳେ। ସେ ଗର୍ଭବତୀ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ମହିଳା ଜଣକ କେବେ କାହାଠାରୁ ଖାଇବାକୁ ମାଗୁଥିବା ଦେଖିବାକୁ ମିଳେ ନାହିଁ। ତେବେ ଯିଏ ଯାହା ଦେଲା ସେ ଖାଉଛନ୍ତି। ଖାଦ୍ୟ ନ ମିଳିଲେ ବାଲି ଖାଉଥିବା ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ମାନସିକ ବିକୃତ ମହିଳାଙ୍କ ପେଟରେ ଥିବା ସନ୍ତାନକୁ ନେଇ ପ୍ରଶ୍ନ ଉଠିଛି। କୌଣସି ଅନୁଷ୍ଠାନ ତାଙ୍କୁ ରଖିବାରେ ବ୍ୟବସ୍ଥା କରୁନାହାନ୍ତି। ପ୍ରଶାସନ ଅଜଣା ପରି ରହୁଥିବାବେଳ ମା' ଓ ଗର୍ଭସ୍ଥ ସନ୍ତାନ ପ୍ରତି ବିପଦ ବଢ଼ିବାରେ ଲାଗିଛି।

# ସେବା ହିଁ ଈଶ୍ୱରପ୍ରାପ୍ତିର ମୂଳାଧାର

ଖଣ୍ଡପଡ଼ା,୯।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଓ କଣ୍ଟିଲୋ ଅଞ୍ଚଳରେ ବାବା ବଳିଆ ଶନିବାର ଓ ରବିବାର ଦୁଇ ଦିନ ବଡ଼ବାଣପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରବଚନ ଦେଇଥିଲେ। ଏହାକୁ ଶୁଣିବା ନିମନ୍ତେ ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ସତ୍ୟ, ଶାନ୍ତି, ସେବା, କରୁଣା, ନମ୍ରତା ଓ ପରୋପକାର ଆଦି ଦିବ୍ୟଗୁଣରୁ ସମାଜ ଆଜି ଅପସରି ଯାଇଛି। ନିଜର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ ଆଜିର ମଣିଷ ବହୁ ଭାବରେ ଗଛ କାଟି ପରିବେଶକୁ ନଷ୍ଟ କରିବାରେ ଲାଗିଛି। ଶୃଙ୍ଖଳିତ ଓ ସୁସ୍ଥ ସମାଜ ଗଠନ କରିବାକୁ ହେଲେ ହିଂସା, ଦ୍ୱେଷ, ଆତ୍ମଚିନ୍ତନ କରିବା ସହିତ ନିଶାଠାରୁ ଦୂରେଇ ରହିବା ମୂଳାଧାର ବୋଲି ପରାମର୍ଶ ଦେଇଛନ୍ତି। ମାତାପିତାଙ୍କ ସେବା ହିଁ ଈଶ୍ୱର ସେବା ବୋଲି ଅଭିହିତ କରିବା ସହିତ ପୂଜ୍ୟପୂଜାକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବିଶିକେଶନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଗ୍ରାମବାସୀଙ୍କ ସହଯୋଗରେ ସଭା ଅନୁଷ୍ଠିତ ହୋଇଥିଲା। ନିରଞ୍ଜନ ବାଘ ଏହାକୁ ସଂଯୋଜନା କରିଥିଲେ।



ବାବା ବଳିଆ ପ୍ରବଚନ ଦେଉଛନ୍ତି।

# ନିମ୍ନମାନର ସ୍କୁଲ ପୋଷାକ ବଣ୍ଟନ, ଜିଲାପାଳଙ୍କୁ ଅଭିଯୋଗ

ରମ୍ଭା, ୯।୧୧(ବନବାସୀ ସେଠୀ)

ବିଦ୍ୟାଳୟମାନଙ୍କରେ ନିମ୍ନମାନର ପୋଷାକ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏନେଇ ଗଞ୍ଜାମ ଜିଲା ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ବରିଷ୍ଠ ଭାଜପା ନେତା ସୁରେନ୍ଦ୍ର ନାଥ ସାହୁ, ପୂର୍ବତନ ଜିଲା ପରିଷଦ ରଶ୍ମିରାଣୀ ମହାପାତ୍ର, ଯୁବନେତା ପ୍ରସନ୍ନ ନାହାକ, ବିଧାଧର ବେହେରା, ଭିକାରୀ ଦାସ, ମହେଶ୍ୱର ଦାସ, ଗଜେନ୍ଦ୍ର ଦାସ ପ୍ରମୁଖ ଗଞ୍ଜାମ ଜିଲାପାଳଙ୍କୁ ଗତ ୬ ତାରିଖରେ ଦାବିପତ୍ର ଦେଇଥିଲେ। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମିଳିତ ଜରିଆରେ ଉନ୍ନତ ମାନର ସିଲେଇ ପୋଷାକ ବିତରଣ କରାଯାଉଥିଲା। କିନ୍ତୁ ବର୍ତ୍ତମାନ ଗଞ୍ଜାମ ଫାର୍ମର ଏଜେନ୍ସିଙ୍କ ଦ୍ୱାରା ପୋଷାକ ଅତି ନିମ୍ନମାନର ହୋଇଥିବାରୁ ପୋଷାକର ସିଲେଇ ଛାଡ଼ିଯାଉଛି, ଜୋତାର ଶୋଲ ଛାଡ଼ିଯାଉଛି ବୋଲି ଅଭିଭାବକ ମାନେ ଅଭିଯୋଗ କରୁଛନ୍ତି। ପ୍ରଧାନ ଶିକ୍ଷକମାନେ ଏଜେନ୍ସିକୁ କହିଲେ ମଧ୍ୟ ଏସବୁ ବଜାରରୁ ହୋଲସେଲ ଦୋକାନରୁ ଆଣି ବହୁମାତ୍ରାରେ ଯୋଗାଇ ଦେଉଥିବାର ଦେଖାଦେଇଛି। ଏଣୁ ଏହି ସଂସ୍ଥାକୁ ବଦଳାଇ ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟିକୁ ଦାୟିତ୍ୱ ଦେଇଥିଲେ ଉନ୍ନତମାନର ପୋଷାକ ଛାତ୍ରୀଛାତ୍ରମାନେ ପାଇପାରନ୍ତେ ବୋଲି ଅଭିଭାବକ ମହଲରେ ଚର୍ଚ୍ଚା ଚାଲିଛି। ଯଦି ଏହାକୁ ପ୍ରଶାସନ ଅଣଦେଖା କରନ୍ତି ତା'ହେଲେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଦାବି କରାଯାଇଛି।

# ସଭା,ଶୋଭାଯାତ୍ରାରେ ପାଳନ ହେଲା ଜାତୀୟ ଆଇନସେବା ଦିବସ

ପାରଳାଖେମୁଣ୍ଡି,୯।୧୧(ଗିରିଧାରୀ ପରିଛା)

ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜାତୀୟ ଆଇନ ସେବା ଦିବସ ଅବସରରେ ସଚେତନତା ଏବଂ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଛି। ଗୋଷାଣି ବ୍ଲକ ଅନ୍ତର୍ଗତ ବାଘଶାଳା ଗ୍ରାମସ୍ଥିତ ରାଧାଚରଣ ଦାସ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରାଧିକରଣ ଅଧ୍ୟକ୍ଷ ବିମଳ ରାଉଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ଟି.ଭୀମାରାଜୁ, ଗୋଷାଣି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ସୋମଶେଖର ରାଓ, ଗୁରାଣ୍ଡି ଥାନା ଏସ୍‌ଆଇ ବସନ୍ତ ଗୁଣ୍ଠା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରଣୀ ବିଶ୍ୱାଳ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ଛାତ୍ରୀ, ଅଙ୍ଗନୱାଡ଼ିକର୍ମୀ, ବାଘଶାଳାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ବାଲ୍ୟବିବାହ ପ୍ରଥାକୁ ବନ୍ଦ କରିବା ନେଇ ସହାର ପରିକ୍ରମା କରି ସଚେତନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଭିନ୍ନ ଆଇନ ସେବା ସମ୍ପର୍କରେ ଅବଗତ କରାଯାଇଥିଲା। ଏହିଅବସରରେ ୩ଜଣଙ୍କୁ ଅତିଥିମାନେ ଆଶାବାଡି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଆଇସିଡିଏସ୍ ସୁପରଭାଇଜର, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଶିବାନୀ ପଣ୍ଡା, ଜ୍ୟୋସ୍ନାରାଣୀ କର ଉପସ୍ଥିତ ଥିଲେ। ପ୍ରାଧିକରଣ କର୍ମଚାରୀ, ପାରା ଲିଗାଲ ଭଲ୍ୟୁଣ୍ଟିୟର ଚନ୍ଦ୍ରଶେଖର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଞ୍ଜାମ ଓକିଲ ସଂଘ ଚାମ୍ପିୟନ

ବ୍ରହ୍ମପୁର,୯।୧୧(ସୁବାସ ଚନ୍ଦ୍ର ପାଢ଼ୀ)

## ଅଲ୍ ଓଡ଼ିଶା ଲ'ୟର୍ସ କ୍ରିକେଟ ଟୁର୍ନାମେଣ୍ଟ

କୋରାପୁଟ ଜିଲା ଜୟପୁରସ୍ଥିତ ପୁଜାରିପୁଟ ଷ୍ଟାଡିୟମ ଠାରେ ଗତ ୧ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ଅଲଓଡିଶା ଲ'ୟର୍ସ କ୍ରିକେଟ ଟୁର୍ନାମେଣ୍ଟରେ ଗଞ୍ଜାମ ଓକିଲ ସଂଘ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚରେ ଗଞ୍ଜାମ ଓକିଲ ସଂଘ ଭୁବନେଶ୍ୱର ଓକିଲ ସଂଘକୁ ୪୯ ରନରେ ହରାଇଛି। ଗଞ୍ଜାମ ଓକିଲ ସଂଘ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୭ ଓଭର ୩ଟି ବଲରେ ସମସ୍ତ ଉଇକେଟ ହରାଇ ୧୧୩ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବଣ୍ଟି ପଟ୍ଟନାୟକ ୪୪ ବଲରେ ୬୦ ରନ କରିଥିଲେ । ଜବାବରେ ଭୁବନେଶ୍ୱର ଦଳ ୧୫ ଓଭର ୫ଟି ବଲ ଖେଳି ସମସ୍ତ ଉଇକେଟ ହରାଇ ୬୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ବଣ୍ଟି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିବା ବେଳେ ଶ୍ରେଷ୍ଠ ବୋଲର ଭାବେ ଦୀପଙ୍କର ମହାନ୍ତି ପୁରସ୍କୃତ ହୋଇଥିଲେ । ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ଉପସଭାପତି ଟିକେ ରେଡ଼ି, ସମ୍ପାଦକ ଟି ଭେଙ୍କେଟ ରାଓ, ଯୁଗ୍ମସମ୍ପାଦକ ଅସିତ କୁମାର ସାବତଙ୍କ ସମେତ କିଛି ଆଇନଜୀବୀ ଶନିବାର କୋରାପୁଟରେ ପହଞ୍ଚି କ୍ରିକେଟ ଦଳର ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ରବିବାର ଟିମ ବିଜୟ ହେବା ପରେ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଥିଲା ।

# ଗଞ୍ଜେଇ ବୋଝେଇ ଅଟୋ ଜବତ, ଜଣେ ଅଟକ

ଦିଗପହଣ୍ଡି,୯।୧୧(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ପାଟପୁର ଥାନା ପୋଡ଼ାମାରି ଗ୍ରାମ ପୋଲିସ ଫାଣ୍ଡି ନିକଟରୁ ରବିବାର ସକାଳେ ଏକ ଗଞ୍ଜେଇ ବୋଝେଇ ଅଟୋକୁ ପୋଲିସ ଟିମ୍ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଗଜପତି ଜିଲା ଅଡବା ଥାନା ଡୁମଙ୍ଗପଦର ଗ୍ରାମର ଯମରାଜ ମାଝୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ପାଟପୁର ଥାନା ଏସଆଇ ସୁଲେମାନ ଭୂୟାଁ ସଦଳବଳେ ଗାଡ଼ି ଯାଞ୍ଚ କରୁଥିବା ବେଳେ ଗଜପତି ଜିଲା ମୋହନାରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଯାତ୍ରୀବାହୀ ଅଟୋକୁ ଅଟକାଇ ଖାନ ତଲାସି କରିବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏନେଇ ଏସ୍‌ଆଇ ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରାଙ୍କୁ ଜଣାଇଥିଲେ। ସାନଖେମୁଣ୍ଡି ଅତିରିକ୍ତ ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଦିଲ୍ଲୀପ କୁମାର ଜେନା ଏବଂ ସ୍ଥାନୀୟ ସାକ୍ଷ୍ୟମାନଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରିବାରୁ ତାହା ୧୦୬ କେଜି ୬ ଶହ ଗ୍ରାମ ହୋଇଥିଲା। ଏସଆଇ ଏନେଇ ଏତଲା ଦେବାପରେ ଥାନା ମାମଲା ନଂ.୪୯୪/୨୫ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଛି। ସୋମବାର ସକାଳେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସ୍ଥିତ ଜିଲା ଜଜ କୋର୍ଟକୁ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଆଇଆଇସି କହିଛନ୍ତି।

# କୋଣାର୍କର ପଞ୍ଚବଟ ମଧ୍ୟରୁ ଅର୍କବଟ ଥିଲା ସିଦ୍ଧିପ୍ରଦ

ଡ. ସୁରେନ୍ଦ୍ର କୁମାର ମିଶ୍ର

## ଶ୍ରୀପଦ୍ମକେଶର ମନ୍ଦିର ପାଇଁ ନିର୍ମାଣ ହୋଇଥିଲା ଆଦିତ୍ୟଙ୍କର ତିନୋଟି ବିଗ୍ରହ




ଗତ ସଂଖ୍ୟାରେ ବିଶୁ ମହାରଣାଙ୍କ ଗାଁ ନୂଆଗଡ଼ କଥା ଲେଖିଥିଲୁ। ନୂଆଗଡ଼ ଗାଁ ୧୬୨୬ରେ ହୋଇଥିବା ସୁନାମିରେ ମହୋଦଧିରେ ଲୀନ ହୋଇଯାଇଥିଲା। ଗଡ଼ ସହିତ ସାମିଲ ଥିଲା 'ଗୋ–ଧନପଡ଼ା'। ଆଶ୍ଚର୍ଯ୍ୟଜନକ ଭାବରେ ଏହି ପଡ଼ା ରହିଯାଇଥିଲା। ନୂଆଗଡ଼ର ଆରାଧ୍ୟା ଥିଲେ ଜାଗୁଳାଇ। ତାଙ୍କ ମନ୍ଦିରଟି ଦର୍ଶନୀବନ୍ତ ଯୋଗୁ ରକ୍ଷା ପାଇଯାଇଥିଲା। ଗଡ଼ ଓ ପଡ଼ାର ଅଧିବାସୀ ମିଳିତ ଭାବରେ ଦେବୀଙ୍କୁ ଉପାସନା କରୁଥିଲେ। ନୂଆଗଡ଼ରେ କିଛି ବାଲିବନ୍ତ ସୃଷ୍ଟି ହୋଇଥିଲା ସୁନାମି ସମୟରେ। ଆଶା କରାଯାଇପାରେ ଏହି ବନ୍ତ ତଳେ ଗଡ଼ର ସ୍ମୃତି ଏବଂ ଐତିହ୍ୟ ସ୍ମାରକୀ କିଛି ରହିଥାଇପାରେ। ଜାଗୁଳାଇ ଏକ ଅପଭ୍ରଂଶ ନାମ। ଯକ୍ଷରୁ ଉଦ୍ଭବ ଦେବୀ ଯକ୍ଷର ଈଶ୍ୱରୀ। ମନେହୁଏ ଗାଁଟି ବହୁ ପ୍ରାଚୀନ। ସେହି ପ୍ରାଚୀନ ଗାଁରେ ବିଶୁ ମହାରଣା ଜନ୍ମ ନେଇଥିଲେ। ବିଶୁ ମହାରଣାଙ୍କ ପ୍ରସଙ୍ଗ ପୂର୍ବ ସଂଖ୍ୟାରେ ଆମେ ଦେଇଥିଲୁ। ଧର୍ମପଦ ଥିଲେ ସଦାଶିବ ସାମନ୍ତରାୟ ମହାପାତ୍ରଙ୍କ ପୁତ୍ର। ବିଶୁ ମହାରଣାଙ୍କ ପୁତ୍ର ବୋଲି ଜାଣିଶୁଣି ଭ୍ରମାତ୍ମକ ଧାରଣା ପ୍ରଚାର କରାଯାଇଥିଲା। ପୂର୍ବରୁ ଶିଳ୍ପୀ ନାୟକ ଗଦାଧରଙ୍କ ଅବଦାନ ପ୍ରସଙ୍ଗ ଅବତାରଣା କରିବାର ଅଭିପ୍ରାୟ ସ୍ପଷ୍ଟ। ତାଙ୍କର କାର୍ଯ୍ୟ ତାଲିକା ଆମେ ପ୍ରସ୍ତୁତ କରିଛୁ। ପଚାଶରୁ ଊର୍ଦ୍ଧ୍ୱ କାର୍ଯ୍ୟ ସେ ନିର୍ବାହ କରିଛନ୍ତି। ଆମେ ଉଦାହରଣ ଦେଲୁ ଜଣଙ୍କର ଅବଦାନ, କିନ୍ତୁ ଅନ୍ୟମାନଙ୍କର ନାମ ଓ କାର୍ଯ୍ୟର ତାଲିକା ପ୍ରସ୍ତୁତ କରିଛୁ, ଯାହା 'ପରିଶିଷ୍ଟ' ଶୀର୍ଷକରେ ପାଠକଙ୍କ ଅବଗତି ପାଇଁ ଦେବୁ।

ପ୍ରଶ୍ନ ହୋଇପାରେ କାହିଁକି ଦେବେ! ଏଇଥିପାଇଁ ଦେଉଛୁ ଅତୀତରେ କୋଣାର୍କଠାରେ ନିର୍ମାଣ ହୋଇଥିବା ମନ୍ଦିରର ଇତିହାସରୁ ଓଡ଼ିଆଙ୍କୁ ଦୂରେଇ ଦିଆଯିବାର ପ୍ରବଳ ପ୍ରଚେଷ୍ଟା ହୋଇଛି। ଗୌରବମୟ ଭାବାବେଗରୁ ଉଦାସ ଭାବାବେଗ ଆଡ଼କୁ ରାସ୍ତା ଦେଖେଇ ଦିଆଯାଇଛି। ପ୍ରଭାବ ସ୍ୱାଭାବିକ। କିଛି ମାତ୍ରାରେ କେତେକ ଆନମନା ହୋଇଛନ୍ତି। ଏବେ ବି ସାମାଜିକ ଗଣମାଧ୍ୟମରେ ଯୁବକମାନଙ୍କ ଯୁକ୍ତି ଆମକୁ ଛୁଇଁଛି। ଯୁକ୍ତି ହେଲା– ବୌଦ୍ଧସ୍ତୂପ ଭାଙ୍ଗି ଲାଙ୍ଗୁଳା ନରସିଂହଦେବ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କରିଛନ୍ତି! ବାହାରିଆ ଲେଖକଙ୍କୁ ସେ ପଢ଼ିଛନ୍ତି। ତେଣୁ କହିବା ସ୍ୱାଭାବିକ।



ଅଶ୍ୱ ଉପରେ ବସିଥିବା ଶ୍ରୀ ଆଦିତ୍ୟ। ଅର୍ଦ୍ଧଭଗ୍ନ। (ଫଟୋ: କୁମାର ଅରଜ୍ୟୋତି, କୋଣାର୍କ)

ପୂର୍ବରୁ ପ୍ରମାଣିତ କରିଛୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ନିର୍ମାଣ କରିଥିବା ମନ୍ଦିର ଶ୍ରୀସୂର୍ଯ୍ୟଙ୍କର ତୃତୀୟ ମନ୍ଦିର। ପ୍ରଥମ ମନ୍ଦିର ନିର୍ମାଣ ପୂର୍ବରୁ କୋଣାଦିତ୍ୟ କ୍ଷେତ୍ର ଅଖଣ୍ଡ ଭାରତବର୍ଷରେ ମହାନ୍ ତୀର୍ଥ ରୂପେ ପ୍ରସିଦ୍ଧ ଥିଲା। ଦ୍ୱିତୀୟ ମନ୍ଦିରରେ ଶ୍ରୀମହାଭାସ୍କରଙ୍କ ଯେଉଁ ମୂର୍ତ୍ତି ପୂଜା ପାଉଥିଲା– ତାହା ଥିଲା ଦୁଇ ହାତ ଆଠ ଆଙ୍ଗୁଳ। ସେ ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲା। ନୂତନ ବିଗ୍ରହ ବାସ୍ତୁଶାସ୍ତ୍ର ଅନୁଯାୟୀ ୫ ହାତ ୪ ଆଙ୍ଗୁଳ ହୋଇଥିଲା। ସନାତନ ପରମ୍ପରା ଅନୁଯାୟୀ ଜୀର୍ଣ୍ଣଶୀର୍ଣ୍ଣ ପୁରାତନ ବିଗ୍ରହଙ୍କୁ ମହୋଦଧିରେ ବିସର୍ଜନ କରାଯାଇଥିଲା। ପଣ୍ଡିତ ନାରାୟଣ ମହାପାତ୍ର ବିସର୍ଜନ ଜନିତ ଅନୁଷ୍ଠାନ କରି ଦୁଇମାଢ଼ ସୁନା ଦକ୍ଷିଣା ସ୍ୱରୂପ ଦେଇଥିଲେ। ବୌଦ୍ଧସ୍ତୂପ ଥିଲା, ପୁରାତନ ବିଗ୍ରହ କେଉଁଠୁ ଆସିଲା।

ନୂତନ ମନ୍ଦିରରେ ଆଦିତ୍ୟଙ୍କର ତିନୋଟି ବିଗ୍ରହ ପ୍ରତିଷ୍ଠା ହୋଇଥିଲା। ସେତିକିବେଳେ ଗଙ୍ଗା ଓ ଯମୁନାଙ୍କର ଦୁଇଟି ବିଗ୍ରହ ହୋଇଥିଲା। ଏହି ଦୁଇ ବିଗ୍ରହଙ୍କୁ ମହାଗାୟତ୍ରୀଙ୍କ ମନ୍ଦିରର ସାମନା ଖମ୍ବରେ ସ୍ଥାନିତ କରାଯାଇଥିଲା। କେବଳ ସେତିକି ନୁହେଁ, ମନ୍ଦିରର ତିନି ପାର୍ଶ୍ୱରେ ପାର୍ଶ୍ୱଦେବତାଙ୍କ ନ୍ୟାସ ସେହି ସମୟରେ ହୋଇଥିଲା। ପ୍ରତ୍ୟେକ ଆନୁଷ୍ଠାନିକ କାମ ପାଇଁ ଅଲଗା ଅଲଗା ବ୍ରାହ୍ମଣ ଆଚାର୍ଯ୍ୟ ବରଣ ହୋଇଥିଲେ। ସମସ୍ତେ ବିଭିନ୍ନ ବ୍ରାହ୍ମଣ ଗ୍ରାମର ମହାଜନ ଥିଲେ। ନାରାୟଣ ମହାରଣା 'ଶ୍ୱେତ ବିରଞ୍ଚି' ବିଗ୍ରହ ନିର୍ମାଣ କରିଥିଲେ। ତାହା ମନ୍ଦିର କାନ୍ଥରେ ସ୍ଥାନିତ ହୋଇଥିଲା। ପ୍ରତିଷ୍ଠା କାର୍ଯ୍ୟର ପ୍ରଧାନ ପରିଚାଳକ ଥିଲେ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ନିର୍ଦ୍ଦେଶରେ ତାଙ୍କୁ ଭୂସମ୍ପତ୍ତି ଦାନ କରାଯିବା ସହିତ ଏକ 'କନକାସନ' ଦାନ କରାଯାଇଥିଲା।

ପୂର୍ବରୁ ଥରେ ଆମେ ଲେଖିଥିଲୁ ଶ୍ରୀକ୍ଷେତ୍ରରେ 'ସପ୍ତବଟ' ଯେପରି ପ୍ରସିଦ୍ଧ, କୋଣାର୍କରେ 'ପଞ୍ଚବଟ' ସେହିପରି ପ୍ରସିଦ୍ଧ ଥିଲା। ପାଞ୍ଚୋଟିଯାକ ବଟବୃକ୍ଷ ଶ୍ରୀସୂର୍ଯ୍ୟଙ୍କର ଉପାସନା ସହିତ ଯେପରି ଜଡ଼ିତ, ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସହିତ ସେହିପରି ସବୁଠାରୁ ସିଦ୍ଧିପ୍ରଦ ବଟବୃକ୍ଷ ଥିଲେ ଅର୍କବଟ। ଅର୍କବଟ ତଳେ ଆଚାର୍ଯ୍ୟମାନେ ଲକ୍ଷେ କୋଡ଼ିଏ ହଜାର ସୂର୍ଯ୍ୟମନ୍ତ୍ର ଜପ କରିଥିଲେ। ଏହା ସାମାନ୍ୟ କଥା ନୁହେଁ। ବାତାବରଣ ସନ୍ତୁଳନ ରଖିବା ପାଇଁ ବଟବୃକ୍ଷର ତ ଦକ୍ଷତା ଥିଲା, ଏବେ ଅଛି। ଦକ୍ଷତା ସହିତ ମନ୍ତ୍ରର ଅନୁରଣନ ମିଶିବା ପରେ ସମ୍ପୃକ୍ତ ମାନବବୋଧର ମାନସିକତା ଗୋଟିଏ ବିନ୍ଦୁରେ ମିଳିତ ହୋଇଥିବ। କିଛି ବୁଝୁ ନ ଥିବା ମନଟିଏ ମଧ୍ୟ ସେହି ବିନ୍ଦୁର ନିକଟତର ହୋଇଥିବ। ଏହା ହିଁ ଯଜ୍ଞ ଅନୁଷ୍ଠାନର 'ଅଧିବାସ' ଅବସ୍ଥା।

ବର୍ଣ୍ଣନା ମିଳୁଛି ମନ୍ଦିର ପରିସରରେ ଏହି ବଟବୃକ୍ଷ ଥିଲା, ଠିକ୍ ଶ୍ରୀମନ୍ଦିରରେ କଳ୍ପବଟ ପରି। ଏବେ ଅର୍କବଟ ଅଛନ୍ତି। ଏକାଧିକ ମଧ୍ୟରୁ କେଉଁଟି 'ଅର୍କବଟ', ଆମେ ଚିହ୍ନଟ କରିଛେ ଓ ଯାହା ମୂଳରେ ବସି ଘଡ଼ିଏ ଗୁରୁମନ୍ତ୍ର ଜପ କଲେ ମୁକ୍ତିର ମାର୍ଗ ଖୋଲିଯିବ! କରିପାରିନେ ଆମେ। ଯାହାକୁ ପଚାରିବେ– ସେ କହିବେ... ହେ... ସେଇଟା ହୋଇଥିବ। ବାହାରିଆ ଲେଖକ ଏହାକୁ ଭେଦ କରିପାରି ନ ଥିଲେ, ନ ହେଲେ ଲେଖିଥାନ୍ତେ– ବାହାର ସାମ୍ରାଜ୍ୟର ଲୋକେ ପରା ଏହି ବଟବୃକ୍ଷ ଲଗେଇଥିଲେ। ଓଡ଼ିଆ ତ ଖାଇବାକୁ ପାଉ ନ ଥିଲେ, ଗଛ ଲଗେଇବେ କ'ଣ ?

ଜଳାବନ୍ଧୁ ସେବା ପାଇଁ ସାତଜଣ ଆଚାର୍ଯ୍ୟ 'ସୂର୍ଯ୍ୟ ଗଙ୍ଗା' ତୀର୍ଥରୁ ଜଳ ଆଣିଥିଲେ, ତାହା ପ୍ରଥମେ ଅର୍କବଟ ତଳେ ରହିଥିଲା। ଶ୍ରୀରୁଦ୍ର ପୂଜା ସ୍ଥାନକୁ ଆସିବାବେଳେ ଶୁକ୍ଳ ଯଜୁର୍ବେଦର ଅଷ୍ଟାଧ୍ୟାୟୀ ପାଠ ହୋଇଥିଲା ଅର୍କବଟ ତଳେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅର୍ଣ୍ଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟ୍ରଲର ଜବତ, ୯ ମତ୍ସ୍ୟଜୀବୀ ଗିରଫ

**ରାଜନଗର, ୯।୧୧ ( ଭାସ୍କର ରାଉତରାୟ)**

ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବାବେଳେ ରବିବାର ବନ ବିଭାଗର ପାଟ୍ରୋଲିଂ ଟିମ୍ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ୍ ମାନସ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ବରୁଣେଇ ନିକଟରେ ଦୈସ୍ୟ ନାମକ ଟ୍ରଲରକୁ ଜବତ କରିଥିଲେ। ଜବତ ଟ୍ରଲରରୁ ୩୦ କେଜି ମାଛ, ୧ ଜିପିଏସ୍, ୨ ଭିଏଚ୍ଏଫ୍, ୧ ଫିଶ୍‌ଫାଇଣ୍ଡର, ଟ୍ରଲିଂ ନେଟ୍ ୧୦ଟି ଜବତ କରାଯାଇଛି। ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନେ ହେଲେ ନରେନ ମାଝୀ, ସୁରେଶ ମାଝୀ, ଯୁଧିଷ୍ଠିର ଖଟୁଆ, ସୁଦର୍ଶନ ମଲିକ, ମକରା ତରାଇ, ଅଜୟ ବେହେରା, ଗୟାଧର ଦାସ, ନିରଞ୍ଜନ ଖଟୁଆ, କମଳାକାନ୍ତ ମଲିକଙ୍କୁ ଗିରଫ କରାଯାଇଛି। ବନ୍ୟପ୍ରାଣୀ ଆଇନ ୧୯୭୨ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗିରଫ ସମସ୍ତ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲାର ବୋଲି ଜଣାପଡ଼ିଛି।





ଜବତ ଟ୍ରଲର ଓ ଗିରଫ ମତ୍ସ୍ୟଜୀବୀ।

# ଧର୍ମାନ୍ତରୀକରଣ ବେଳେ ଉତ୍ତେଜନା, ୮ ଅଟକ

**ଯାଜପୁରରୋଡ୍,୯।୧୧(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ସହରର ୪ନଂ. ୱାର୍ଡ ହୁଡ଼ିସାହିରେ ରବିବାର ଧର୍ମାନ୍ତରୀକରଣବେଳେ ଉତ୍ତେଜନା ସୃଷ୍ଟି ହୋଇଛି। ଧର୍ମନ୍ତରୀକରଣ ଖବର ପାଇ ଭାରତ ହିନ୍ଦୁରାଷ୍ଟ୍ର ସେନା କର୍ମୀ ପହଞ୍ଚି ପ୍ରତିବାଦ କରିବା ସହ ପୋଲିସକୁ ଖବର ଦେଇଥିଲେ। ଯାଜପୁରରୋଡ୍ ପୋଲିସ ପହଞ୍ଚି ୮ ଜଣଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ଧର୍ମ ପରିପର୍ତ୍ତନ କରାଉଥିବା ୮୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଫେରାର ହୋଇ ଯାଇଛନ୍ତି। କିଛି ମାସ ହେବ କେନ୍ଦୁଝର ସମେତ ଆସାମ, କର୍ଣ୍ଣାଟକ ଓ ବିହାରରୁ ମହିଳାପୁରୁଷ ଆସି ଶତାଧିକ ନିରୀହ ଆଦିବାସୀଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ଏକ ନିଛାଟିଆ ଘରେ ଧର୍ମାନ୍ତରୀକରଣ କରାଉଥିଲେ। ସ୍ଥାନୀୟ ଲୋକେ ଏସବୁ ଜାଣିବା ପରେ ତୀବ୍ର ବିରୋଧ କରିଥିଲେ ଏବଂ ଭାରତ ହିନ୍ଦୁରାଷ୍ଟ୍ର ସେନା କର୍ମୀଙ୍କୁ ଜଣାଇଥିଲେ। ସୂଚନା ପାଇ ଭାରତ ହିନ୍ଦୁରାଷ୍ଟ୍ର ସେନା କର୍ମୀ ପହଞ୍ଚି ଏଥିରେ ରୋକ ଲଗାଇଥିଲେ। ଅନ୍ୟପକ୍ଷରେ ବ୍ୟାସନଗର ସହରରେ ଏବେ ବିଭିନ୍ନ ସ୍ଥାନରେ ଧର୍ମାନ୍ତରୀକରଣ ହେଉଥିବା ଦେଖିବାକୁ ମିଳୁଛି। କିଛି ମାସ ତଳେ ମୁଣ୍ଡମାଳ ଅଞ୍ଚଳରେ ଦୁଇ ଥର ଏଭଳି ଘଟଣା ସାମ୍ନାକୁ ଆସିଥିଲା। ବ୍ୟାସନଗର ବଜରଙ୍ଗ ଦଳ ସହଯୋଗରେ ପୋଲିସ ଏଥିରେ ରୋକ ଲଗାଇଥିଲା।




## ୮୦୦ ଲିଟର ମଦ ଜବତ, ଜଣେ ଗିରଫ

**ଯାଜପୁରରୋଡ୍,୯।୧୧(ପବିତ୍ର ରଞ୍ଜନ ମହାନ୍ତି):** ଡୋଲିପୁର ଅବକାରୀ ବିଭାଗ ପକ୍ଷରୁ ଫାୟାର ଷ୍ଟେଶନ ଗୋଲେଇ ଛକରେ ରବିବାର ଚଢ଼ାଉ କରାଯାଇ ୮୦୦ଲିଟର ଚୋରା ଦେଶୀ ମଦ ଓ ଏକ ବୋଲେରୋ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଭଦ୍ରକ ଜିଲା ପୁରୁଣା ବଜାର ଅଞ୍ଚଳର ମାଜିଦ ସାହା(୩୦)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ଅଧିକାରୀ ସସ୍ମିତା ହୋତା, ବିଭୂପ୍ରସାଦ ସାହୁ, ରଶ୍ମିରେଖା ଜେନା, ଚଗଲା ମଲିକ ଓ ମାଳତୀ ମାଝୀ ସାମିଲ ହୋଇଥିଲେ।

# ଧର୍ମନିକିତିରେ ଓଜନ ହୁଅନ୍ତି ଶିଶୁ



ଶିଶୁଙ୍କୁ ନିକିତିରେ ଓଜନ ଅନୁସାରେ ସାମଗ୍ରୀ ଦିଆଯାଉଛି।



ମହାନଦୀ କୂଳ ପିତାପାଟ ଗାଁରେ ମା' ମନସା ଦେବୀ ରୂପେ ପୂଜା ପାଉଛନ୍ତି।

**ମହାକାଳପଡ଼ା, ୯।୧୧ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

- ପିତାପାଟ ଗାଁରେ ପୂଜା ପାଆନ୍ତି ସର୍ପ ଦେବୀ
- ୨୯ତମ ଅକାଳ ବୋଧନ ମା' ମନସା ପୂଜା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ପିତାପାଟ ଗାଁରେ ପୂଜା ପାଆନ୍ତି ଅକାଳ ବୋଧନ ସର୍ପ ଦେବୀ ମା' ମନସା। ୨୯ ବର୍ଷ ପୂର୍ବେ ଠିକ୍ ଆଜିର ଦିନରେ କାର୍ତ୍ତିକ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ୨ ପରିବାରରେ ଦିନେ ଦୁଇ ଦିନରେ ଆଗପଛ ହୋଇ ୭ ଜଣଙ୍କ ସର୍ପ ଦଂଶନରେ ଜୀବନ ଦୀପ ଲିଭି ଯାଇଥିଲା। ଅଞ୍ଚଳ ତଥା ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଦିନ ଦ୍ୱିପ୍ରହରରେ ଜନଶୂନ୍ୟ ସହ ଘରେ ତାଟି କବାଟ ପଡି ଯାଇଥିଲା। ପରେ ଗ୍ରାମବାସୀ କିଛି ଉପାୟ ନ ପାଇ କେତେଜଣ ମୁରବିଙ୍କ ପରାମର୍ଶକ୍ରମେ ପଣ୍ଡିତଙ୍କ ସହ ଆଲୋଚନା କରିଥିଲେ। ପଣ୍ଡିତଙ୍କ ପରାମର୍ଶକ୍ରମେ କାର୍ତ୍ତିକ ମାସ ଏହି ଦିନରେ ସର୍ପ ଦେବୀଙ୍କୁ ପୂଜାର୍ଚ୍ଚନା କଲେ ମା' ସନ୍ତୁଷ୍ଟ ହେବେ ବୋଲି କହିଥିଲେ। ସେହିଦିନଠାରୁ ପଣ୍ଡିତଙ୍କ ପରାମର୍ଶକ୍ରମେ ଗାଁ ମୁଣ୍ଡ ମହାନଦୀ କୂଳରେ ମା'ଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା କରି ଯଥା ରୀତିନୀତି ଅନୁସାରେ ମୃଣ୍ମୟୀ ପ୍ରତିମା ନିର୍ମାଣ କରି ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଗାଁରେ ସର୍ପଦେବୀ ରୂପେ ପୂଜା ପାଇ ଆସୁଛନ୍ତି ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ପ୍ରତିବର୍ଷ ମା'ଙ୍କ ପୂଜା ବଡ଼ଦାଣ୍ଡରେ ୫ ଦିନ ଧରି ଅନୁଷ୍ଠିତ ହୋଇଥାଏ। ମାନସିକଧାରୀମାନେ ମା'ଙ୍କ ଗଳାରେ ଟଙ୍କା, ଫୁଲ ମାଳ ଅର୍ପଣ କରିବା ଦେଖିବାକୁ ମିଳେ। ବିଶେଷକରି ମାନସିକଧାରୀମାନେ ମା'ଙ୍କ ବଡ଼ଦାଣ୍ଡରେ ଧର୍ମ ନିକିତିରେ ସମତୁଲ ଅନୁସାରେ ଶିଶୁଙ୍କ ଓଜନର ଫଳ, ନଡ଼ିଆ, କଦଳୀ ବାତଶା ଚିନିରେ ପ୍ରସ୍ତୁତ ଓ ଅନ୍ୟ ଭୋଗ ସାମଗ୍ରୀ ସମ ପରିମାଣ ଅନୁସାରେ ମା'ଙ୍କ ନିକଟରେ ସମର୍ପଣ ବିଧି ରହିଛି। ପରିବାର ଓ ଜଗତର ମଙ୍ଗଳ କାମନା କରିବା ପାଇଁ ମା'ଙ୍କଠାରେ ପୂଜା ଅନୁଷ୍ଠିତ ହୋଇଥାଏ।

ଅପରପକ୍ଷରେ ମା'ଙ୍କ ପୀଠରେ ଧର୍ମ ବା ଇନ୍ଦ୍ରସଭା, ବିଭିନ୍ନ ପ୍ରକାରର ମୃଣ୍ମୟୀ ମୂର୍ତ୍ତି ପୂଜା ପାଆନ୍ତି। ପ୍ରାୟତଃ ୧୦୮ରୁ ଅଧିକ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ସେହିପରି ଚଳିତବର୍ଷ ମା'ଙ୍କର ନୂଆ ଭବ୍ୟ ଓ ଦିବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ସରିଛି। ପୂଜା ଶେଷଦିନ ପୁରୁଣା ମନ୍ଦିରରୁ ନୂଆ ମନ୍ଦିରକୁ ବିଗ୍ରହ ପ୍ରତିମା ସ୍ଥାନାନ୍ତର ହେବା ପରେ ଯଜ୍ଞ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ମା'ଙ୍କ ମସ୍ତକରେ ଆଠ ଭାଇ ତଥା ଅନନ୍ତ, ବାସୁକି, ପଦ୍ମ, ମହାପଦ୍ମ , କୁଳୀର , ତକ୍ଷକ, କର୍କଟ, ଶଙ୍ଖ ଆଦି ବିରାଜିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି ବୋଲି ବିଶ୍ୱାସ ରହିଛି। ସେବେଠାରୁ ଗାଁରେ ସର୍ପ ଭୟ ନାହିଁ। ପୂଜା ମଣ୍ଡପରେ ଓଡ଼ିଶାର କୋଣ ଅନୁକୋଣ ମୟୂରଭଞ୍ଜଠାରୁ ମାଲକାନଗିରି, ବାଲେଶ୍ୱରଠାରୁ ବ୍ରହ୍ମପୁର, ପୁରୀ ଓ ପଶ୍ଚିମବଙ୍ଗ ଅଞ୍ଚଳରୁ ବଙ୍ଗୀୟ ଶ୍ରଦ୍ଧାଳୁମାନଙ୍କ ଆଗମନ ହେଉଛି। ପ୍ରତି ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଦୋକାନ, ବଜାର, ରାମଦୋଳି ସମେତ ଯାତ୍ରା ଅନୁଷ୍ଠିତ ହେଉଛି ବୋଲି କମିଟି ସଦସ୍ୟମାନେ କହିଛନ୍ତି। ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ ମା'ଙ୍କ ଦର୍ଶନ ଲାଭ ପାଇ ଆସୁଥିବା ଦେଖିବାକୁ ମିଳୁଛି।

# ନାରୀ ନିର୍ଯାତନା ବନ୍ଦ ହେଉ




ଏସ୍‌ୟୁସିଆଇ କର୍ମୀ ସଭାରେ ଯୋଗଦେଇଥିବା ନେତୃମଣ୍ଡଳୀ।

## ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ କର୍ମୀ ସଭା

**ଜଗତ୍‌ସିଂହପୁର, ୯।୧୧ (ପ୍ରମୋଦ କୁମାର ନାୟକ):**

ସମ୍ପ୍ରତି ନାରୀ ନିର୍ଯାତନା ଓ ମାଦକଦ୍ରବ୍ୟ କାରବାର ବଢ଼ିଚାଲିଛି। ଏହା ସମାଜ ଉପରେ କୁପ୍ରଭାବ ପକାଉଛି। ଇଣ୍ଟରନେଟ ଓ ବିଭିନ୍ନ ଗଣମାଧ୍ୟମରେ ଅପସଂସ୍କୃତିର ବ୍ୟାପକ ପ୍ରସାର ହେଉଛି. ଯାହା ଚିନ୍ତାଜନକ। ଏସବୁ ବନ୍ଦ ହେବା ଦରକାର। ରବିବାର ବିରିଡ଼ି ବ୍ଲକ ଅଲାଣ୍ଡୋଠାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଅନୁଷ୍ଠିତ କର୍ମୀ ସଭାରେ ଏହା କୁହାଯାଇଥିଲା। ଏଥିରେ ଏକଥା ମଧ୍ୟ କୁହାଯାଇଥିଲା, ଟିପିସିଓଡିଏଲ୍ ପକ୍ଷରୁ ଅନେକ ସ୍ଥାନରେ ବେଆଇନ ଭାବେ ସ୍ମାର୍ଟ ମିଟର ବସାଯାଇ ଉପଭୋକ୍ତାମାନଙ୍କଠାରୁ ଲୁଟ୍ କରାଯାଉଛି। ଯାହା ତୁରନ୍ତ ବନ୍ଦ ହେବା ଜରୁରୀ। ଏଥିସହ ମାଗଣାରେ ବିଶୁଦ୍ଧ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ବିଜୁଳି ଆଦି ଯୋଗାଯାଉ। ବନ୍ଦ ହୋଇ ରହିଥିବା ସରକାରୀ ଓଡ଼ିଆ ମାଧ୍ୟମ ବିଦ୍ୟାଳୟଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ ହେଉ। କୃଷିଜାତ ଦ୍ରବ୍ୟ ଉପରେ ଏମ୍‌ଏସ୍‌ପିକୁ ଆଇନସମ୍ମତ, ଶ୍ରମିକ, କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ କରାଯାଉ। ଏସ୍‌ଆଇଆର୍‌କୁ ବନ୍ଦ କରାଯାଉ। ଚାଷଜମି ଓ ଭିଟାମାଟିରୁ ଉଚ୍ଛେଦ ବନ୍ଦ ହେଉ। ଅନୁରୂପ ଭାବେ ଦରଦାମ ବୃଦ୍ଧି, ଦୁର୍ନୀତି, ବେକାରି ସମସ୍ୟା ଆଦି ବିରୋଧରେ ନଭେମ୍ବର ୨୫ରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଦଳର ଜିଲା ସମ୍ପାଦକ ସୁବାସ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଆଲୋଚକ ଭାବେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାଶଗୁପ୍ତ ଯୋଗ ଦେଇଥିବାବେଳେ ରାଜ୍ୟ କମିଟି ସଭ୍ୟ ବିଶ୍ୱାବସୁ ଦାସ, ଜିଲା କମିଟି ସଭ୍ୟ ପ୍ରଦୀପ୍ତ ରାମ, ମଙ୍ଗୁଳି ଦାସ, ରମେଶ ଭୋଇ ଓ ପ୍ରମୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦେବୀଦତ୍ତ



@ ଜ୍ୟୋତି



@ ପ୍ରଶାନ୍ତ



@ ସୁରେଶ୍ୱର



@ ମିହିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# Classified Everyday

**0674-2580101, 9692975378**



### REAL ESTATE SALE

Khordha Municipality ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

Apartment sale near Sum Hospital, Bhubaneswar @4500/- Sqft. - 9777433701. D-09

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି– 8327785834. D–06

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Arti Reddy, Resident of L/P-542, Prasanti Bihar, P.O.- KIIT, P.S.- Infocity, Bhubaneswar, Dist.- Khordha, PIN- 751024, Odisha declare that I have changed my name from Arati Reddy to Arti Reddy. Henceforth, I shall be known as ARTI REDDY for all purposes.
Arti Reddy
D-11

By virtue of an affidavit sworn before Executive Magistrate, kanika, Dated- 07.11.2025, I, Subesh Chandra Dash, At- Charapara, P.O.- Kandiahat,P.S.-Rajkanika, Dist.- Kendrapara, PIN- 755016, Odisha declare that I have changed my name from Subhesha Dash to Subesh Chandra Dash. Henceforth, I shall be knwon as Subesh Chandra Dash for all purposes.
Subesh Chandra Dash
D-2531


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଇଂ.ଶଚ୍ଚିନନ୍ଦନ ଦାସ**
ଜନ୍ମସ୍ଥାନ- ଦଇତା ପଡ଼ା ସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର
ଆବିର୍ଭାବ- ୩୧.୦୭.୧୯୩୫
ତିରୋଧାନ- ୨୧.୧୧.୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ–
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୨୫୨୬

### ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




**✓ଦିବ୍ୟନାରାୟଣ ବାବୁ**
(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୦୫.୧୨.୧୯୩୭
ତିରୋଧାନ- ୦୯.୧୧.୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ- ସଂଯୁକ୍ତା ବାବୁ, ପୁଅ- ସୌମିକ
ଧ-୨୫୨୭

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ କରୁଣାକର କର**
ଦୁମୁକାହାଟ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୩।୦୨।୧୯୬୦
ତିରୋଧାନ-୩୦।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ଥିତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦଧିବାମନଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର ବିଭୂତି ଭୂଷଣ କର, ମାନସରଞ୍ଜନ କର, ଦୁଇ ବୋହୂ, ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୫୨୫

### ତୁମ ସ୍ମୃତିରେ



**✓ ନିରଞ୍ଜନ ମିଶ୍ର**
ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ**
**ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ**
ଧ-୨୫୨୮

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅର୍ଣ୍ଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନିଖୋଜ ନାବାଳିକା ଉଦ୍ଧାର

**ଅପହରଣ ଅଭିଯୋଗରେ ଯୁବକ ଗିରଫ**

ଓଡ଼ଗାଁ,୯।୧୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ବାହାଡ଼ାଝୋଲା ଫାଣ୍ଡି ହରିପୁର ପଞ୍ଚାୟତ ଭାଟସାହି ଜୟପୁର ଗାଁର ତ୍ରିନାଥ ବେହେରା(୨୫)ଙ୍କୁ ଜଣେ ନାବାଳିକା ଅପହରଣ ମାମଲାରେ ଓଡ଼ଗାଁ ପୋଲିସ ଗିରଫ କରିଛି। ବାହାଡ଼ାଝୋଲା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଜୁଲାଇ ୨୬ରେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ। ଓଡ଼ଗାଁ ପୋଲିସ ନଂ.୨୧୯/୨୫ରେ ଅପହରଣ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ପୋଲିସ ଶନିବାର ରାତିରେ ଭୁବନେଶ୍ୱର ପଟିଆ ଅଞ୍ଚଳରୁ ତ୍ରିନାଥଙ୍କୁ ଗିରଫ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରି ଓଡ଼ଗାଁ ଥାନାକୁ ଆଣିଥିଲେ। ଡାକ୍ତରୀ ମାଇନା କରିବାକୁ ନାବାଳିକା ଅରାଜି ହେବାରୁ ହୋଇନଥିଲା। ଏପରିକି ନାବାଳିକା ମା' ବାପାଙ୍କ ସହିତ ଘରକୁ ଯିବାପାଇଁ ମନା କରିବାରୁ ଓଡ଼ଗାଁ ପୋଲିସ ହେପାଜତରେ ରବିବାର ତାଙ୍କୁ ନୟାଗଡ଼ ସୁଧାର ଗୃହକୁ ପଠାଇ ଦିଆଯାଇଛି।

# ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ

ନୟାଗଡ, ୯।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗ୍ରାମପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ ରବିବାର ସ୍ଥାନୀୟ ଭୈରବୀ ମନ୍ଦିରଠାରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଜିଲାର ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟରତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ। ଚତୁର୍ଥ ଶ୍ରେଣୀ କର୍ମଚାରୀମାନେ ବୈଠକରେ କହିଥିଲେ ୮ ଘଣ୍ଟା ଧରି ପଞ୍ଚାୟତର ବିଭିନ୍ନ କାମ କରୁଥିଲେ ମଧ୍ୟ ସର୍ବନିମ୍ନ ମଜୁରି ମିଳୁନି। ସେହିପରି ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁସମାନଦରମା, ୧୨୫,୧୨୩ ନିୟମକୁ ସଂଶୋଧନ ଆଦି ୧୦ ଟି ଦାବି ଆଲୋଚନା ହୋଇଥିଲା। ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘ ପକ୍ଷରୁ ବାରମ୍ବାର ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଉଥିବା ବେଳେ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଏଣୁ ଦାବି ହାସଲ ପାଇଁ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ସଭାପତି ବିଜୟ କୁମାର ବରାଡ, ସାଧରଣ ସମ୍ପାଦକ ସୁବ୍ରତ କୁମାର ରାଉଳ, ସଂଯୋଜକ ଲକ୍ଷ୍ମୀ ନାରାୟଣ ସାହୁ, ଜିଲା ସମ୍ପାଦକ ସନାତନ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକ ସଭାପତି ସମ୍ପାଦକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ଜିଲାରେ ୧୯୪ଟି ପଞ୍ଚାୟତ ରହିଛି।



ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚରୀ ସଂଘ ବୈଠକରେ ଏକାଠି ହୋଇଥିବା କର୍ମକର୍ତ୍ତା।






# ୩ ଦିନ ବିତିଲା ତଦନ୍ତ କି କାର୍ଯ୍ୟାନୁଷ୍ଠାନ ଶୂନ

**ଡ୍ରେସିଂ କରିବା ପାଇଁ ୨ ହଜାର ଲାଞ୍ଚ ଘଟଣା**

- ସିଡିଏମ୍‌ଓଙ୍କ ତଦନ୍ତ ନିର୍ଦ୍ଦେଶରେ ଅଟକିଛି ଫାଇଲ
- ଫୋନ ପେ'ରେ ଟଙ୍କା ପାଇବା ପରେ ମିଳିଥିଲା ସେବା

ନୟାଗଡ଼,୯।୧୧(ଲୋକନାଥ ମିଶ୍ର)

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଡ୍ରେସିଂ ରୁମ୍‌ରେ ଲାଞ୍ଚ କାରବାର ଅଭିଯୋଗ ହୋଇ ଆସୁଥିଲା। ତେବେ ଫୋନ ପେ'ରେ ୨ ହଜାର ଲାଞ୍ଚ ନେଇ ରୋଗୀଙ୍କୁ ଚିକିତ୍ସା ଘଟଣା ପଦାକୁ ଆସିବା ପରେ ସ୍ୱାସ୍ଥ୍ୟ ବିଭାଗର ଗୁମର ପଦାରେ ପଡ଼ିଯାଇଛି । ଗତ ୭ ତାରିଖ ଫୋନ ପେ'ରେ ଲାଞ୍ଚ ନେବା ଘଟଣା ଓ ଟଙ୍କା ପାଇବା ପରେ ସେବା ଯୋଗାଇବାକୁ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏଭଳି ଏକ ସ୍ପର୍ଶକାତର ଘଟଣାର ତଦନ୍ତରେ ଡେରି ହେବା, ପ୍ରମାଣ ଥାଇ ବି କାର୍ଯ୍ୟାନୁଷ୍ଠାନ ଶୂନ ଆଦି ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଉଥିବା କୁହାଯାଉଛି ।

ପ୍ରକାଶ ଯେ, ମହୀପୁର ମରେଇସାହିର ମାଟିଆ ନାୟକ(୭୦) ବାଇକ୍ ଦୁର୍ଘଟଣାରେ ଶୁକ୍ରବାର ଗୁରୁତର ହୋଇଥିଲେ। ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କୁ ଡ୍ରେସିଂ କରିବା ପାଇଁ ଅରୁଣ କୁମାର ସାହୁ ନାମକ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ୫ ହଜାର ଲାଞ୍ଚ ମାଗିଥିଲେ। ମାଟିଆଙ୍କ ପରିବାର ଲାଞ୍ଚ ଦେଇ ପାରିବେନି ବୋଲି କହିଥିଲେ। ସ୍ୱାସ୍ଥ୍ୟ କର୍ମଚାରୀ ଜଣକ ଟଙ୍କା ନ ପାଇଲେ ସେବା ଯୋଗାଇ ହେବନି ବୋଲି ମନା କରିଥିଲେ। ଏପରିକି ଭୁବନେଶ୍ୱର କିମ୍ବା କଟକ ରେଫର କରିଦେବେ ବୋଲି ଧମକ ଦେଇଥିଲେ। ପରିବାର ଲୋକେ ବାଧ ହୋଇ ଟଙ୍କା ଦେବାକୁ ରାଜି ହୋଇ ବେଙ୍ଗାଲୁରୁରେ ଥିବା ପୁତୁରା ଫୋନ ପେ'ରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ପଠାଇବା ପରେ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ମାଟିଆଙ୍କ ପୁତୁରା ନୂଆଗାଁ ବ୍ଲକ ମୁଦୁରାଙ୍ଗ ଗାଁର ରାଜା ନାୟକ ଘଟଣାର ତଦନ୍ତକରି ପଦକ୍ଷେପ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିଛନ୍ତି । ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ଲାଞ୍ଚ ନେଇ ପ୍ରମାଣ ମିଳୁ ନ ଥିଲା। ତେବେ ପ୍ରମାଣ ମିଳିବା ପରେ ବିଳମ୍ବ କରିବା ଠିକ୍ ନୁହେଁ। ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେଲେ ଲାଞ୍ଚ ନେବାକୁ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ମନରେ ଛନକା ପଶନ୍ତା ବୋଲି କହିଛନ୍ତି ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଶାନ୍ତ କୁମାର ଦାସ କୁହନ୍ତି, ଅଭିଯୋଗ ଡେରିରେ ହୋଇଛି। ପୁଣି ଛୁଟି ଥିଲା। ଲାଞ୍ଚ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆ ହୋଇଛି । ରିପୋର୍ଟ ମିଳିବା ପରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ମୁଦୁରାଙ୍ଗ ଗାଁର ରାଜା ନାୟକ କୁହନ୍ତି, ମୋର ମଉସା ଜଣେ ଗରିବ ଲୋକ। ସରକାରୀ ଚିକିତ୍ସାଳୟରେ ଲାଞ୍ଚ ନ ଦେଲେ ସେବା ମିଳୁ ନ ଥିବା କଥା ବିଶ୍ୱାସ ହେଉନି । ତେବେ ମୋ ମଉସାଙ୍କ କ୍ଷେତ୍ରରେ ଯେପରି ହୋଇଛି ଅନ୍ୟ କାହାରି ଠାରେ ସେପରି କରା ନ ଯାଉ । ନ୍ୟାୟ ନ ପାଇଲେ ଆମେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବୁ ବୋଲି କହିଛନ୍ତି ।

### ଦୁର୍ନୀତି ନିବାରଣ ଶପଥ ବାଟବଣା

କେବଳ ସ୍ୱାସ୍ଥ୍ୟ ବିଭାଗ ନୁହେଁ, ଜିଲାର ବିଭିନ୍ନ ବିଭାଗରେ ହାତଗୁଞ୍ଜା ନ ନେଲେ ଫାଇଲ ଘୁଞ୍ଚୁନି ବୋଲି ଅଭିଯୋଗ ହୋଇଆସୁଛି । ତେବେ ପ୍ରତିବର୍ଷ ଦୁର୍ନୀତି ନିବାରଣ ପାଇଁ ଶପଥ ପାଠ କରାଯାଉଛି। ଏପଟେ ଶପଥ ପାଠ ସେପଟେ ଲାଞ୍ଚ ନେବାକୁ ସରକାରୀ ଅଧିକାରୀ ଓ କର୍ମଚାରୀ ପଛଘୁଞ୍ଚା ଦେଉ ନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଝିଅ ପୁଅ ଜନ୍ମ ବେଳେ ବିନା ଲାଞ୍ଚରେ କୌଣସି କାମ ହେଉ ନ ଥିବା ଅଭିଯୋଗ ହୋଇଆସୁଛି। ଲାଞ୍ଚ ନ ଦେଲେ ଗର୍ଭବତୀଙ୍କୁ ରେଫରକରି ଦିଆଯାଉଛି ବୋଲି ଅଭିଯୋଗ ରହିଛି। ଯାହାକି ତଦନ୍ତ ସାପେକ୍ଷ ବୋଲି ମତ ପ୍ରକାଶ ପାଇଛି।

# କାଦୁଆ ଗ୍ରାମରେ ସ୍ୱାସ୍ଥ୍ୟସେବା ଶିବିର

ଖଣ୍ଡପଡ଼ା,୯।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ କାଦୁଆ ଗ୍ରାମରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କାଦୁଆ ଗ୍ରାମର ସାମନ୍ତ ଯୁବକ ସଂଘ ଆନୁକୂଲ୍ୟରେ ଶିବିର ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଏମ୍ସ ଅସ୍ଥିଶଲ୍ୟ ବିଭାଗ ବରିଷ୍ଠ ଡାକ୍ତର ସିଦ୍ଧାର୍ଥ ପ୍ରଧାନ ଶିବିରରେ ଉପସ୍ଥିତ ରହି ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। କାଦୁଆ ଓ ବେଣାଗାଡ଼ିଆ ସମେତ ଆଖପାଖ ଗ୍ରାମରୁ ୨୫୦ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ଶିବିର ଆୟୋଜକ ସଂଘ ସଭାପତି ଗୋପବନ୍ଧୁ ଦାଶ,ସମ୍ପାଦକ ବିଶ୍ୱରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସକାଳ ୧୦ଟାରୁ ସ୍ୱାସ୍ଥ୍ୟ ଶିବିର ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା।



ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିବା ରୋଗୀ।

# ନିଖୋଜ ଯୁବକ ଆହତ ହୋଇ ଘରକୁ ଫେରିଲେ

**ନିଜ ଶିକାର ଫାଶରେ ନିଜେ ଫସିଥିବା ସନ୍ଦେହ**

ଓଡ଼ଗାଁ,୯।୧୧(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ରୋହିବାଙ୍କ ଗ୍ରାମର ଗୋବିନ୍ଦ ନାୟକ (୩୬) ଶନିବାର ଅପରାହ୍ନ ୫ଟାରେ ନିଖୋଜ ହୋଇଥିଲେ। ରବିବାର ଭୋର ସମୟରେ ଗୁରୁତର ଭାବେ ଖଣ୍ଡିଆ ଖାବରା ହୋଇ ଘରେ ପହଞ୍ଚିଥିବା ଜଣାଯାଇଛି। ସୂଚନା ଅନୁସାରେ, ଗୋବିନ୍ଦ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ସ୍ତ୍ରୀ ପ୍ରତିମାଙ୍କ ସହ ମୋବାଇଲ ଯୋଗେ କଥାବାର୍ତ୍ତା କରିଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଏପରିକି ଗୋବିନ୍ଦଙ୍କ ଫୋନରୁ କୌଣସି ଉତ୍ତର ନ ମିଳିବାରୁ ସେ ସନ୍ଦେହରେ ରାତି ୧୧.୩୦ ବେଳେ ଓଡ଼ଗାଁ ଥାନାରେ ଅଭିଯୋଗ କରିଥିଲେ । ଓଡ଼ଗାଁ ଆଇଆଇସି ଅଭୟ କୁମାର ବେହେରା ଘଟଣା ଶୁଣିବା ପରେ ନିଖୋଜ ଗୋବିନ୍ଦଙ୍କ ମୋବାଇଲକୁ ଟ୍ରାକ୍ କରିଥିଲେ। ଗଞ୍ଜାମ ଜିଲା ବୁଗୁଡ଼ା ଥାନା କରସିଙ୍ଗ ନିକଟସ୍ଥ ଉଦିପୁର କାଜୁ ଜଙ୍ଗଲରେ ଫୋନ ଥିବା ଜଣାପଡିଥିଲା। ତଦନୁସାରେ ଗୋବିନ୍ଦଙ୍କ ସମ୍ପର୍କୀୟ ଲୋକେଶନ ଦେଖାଉଥିବା ସ୍ଥାନରେ ପହଞ୍ଚିବା ପରେ ସେଠାରେ ଶିକାର ନିମନ୍ତେ ମୁକୁଳା ଜିଆଇ ତାର ବିଛା ଯାଇଥିବା ଦେଖି ବୁଗୁଡ଼ା ଥାନାକୁ ସୂଚନା ଦେଇଥିଲେ । ବୁଗୁଡ଼ା ପୋଲିସ ପହଞ୍ଚି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପରେ ରାତି ସାରା ସନ୍ଦିଗ୍ଧ ସ୍ଥାନରେ ସକାଳ ୫ଟା ପର୍ଯ୍ୟନ୍ତ ଖୋଜୁଥିବା ବେଳେ ନିଖୋଜ ଗୋବିନ୍ଦ ଭୋର ସମୟରେ ଖଣ୍ଡିଆ ଖାବରା ହୋଇ ନିଜେ ବାଇକ୍ ଯୋଗେ ଘରେ ପହଞ୍ଚିଥିବା ଖବର ପାଇଥିଲେ। ବୁଗୁଡ଼ା ପୋଲିସ ଘଟଣାସ୍ଥଳରୁ ମୁକୁଳା ତାର ଜବତ କରି ଫେରି ଯାଇଥିଲା। ଗୋବିନ୍ଦ ଘରେ ପହଞ୍ଚିବା ବେଳକୁ ତାଙ୍କର ୨ ଗୋଡର ପାଦ ଉପର ଗଣ୍ଠି ଚିରିହୋଇ ଫଟା ହୋଇଯାଇଥିବା ବେଳେ ଶରୀରର ପେଟ ଓ ଛାତି ସହିତ ଅନ୍ୟ ସ୍ଥାନରେ ପୋଡାଦାଗ ରହିଥିଲା। ତାକୁ ସଙ୍ଗେସଙ୍ଗେ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ସଂଜ୍ଞାହୀନ ଥିବା ଗୋବିନ୍ଦ କିଛି କହିନାହାନ୍ତି। ପ୍ରାଥମିକ ଚିକିତ୍ସା ପରେ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା । ତେବେ ଘଟଣା ଅନୁସାରେ ଶିକାର କରିବାକୁ ଯାଇଥିବା ଗୋବିନ୍ଦ ନିଜେ ବିଛେଇଥିବା ଜାଲରେ ଫସିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାଯାଇଛି। କିନ୍ତୁ ଅନ୍ୟ କୌଣସି କାରଣରୁ ଗୋବିନ୍ଦଙ୍କୁ କେହି ମାରପିଟ କରି ଫୋପାଡି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ହେଲେ ଗୋବିନ୍ଦ ସୁସ୍ଥ ହେଲା ପରେ ପୋଲିସ ଉପଯୁକ୍ତ ତଦନ୍ତ କଲେ ଅସଲ କାରଣ ଜଣା ପଡିବ ବୋଲି ଅଞ୍ଚଳବାସୀ ଆଶାବାଦୀ ଅଛନ୍ତି।



ଆହତ ଗୋବିନ୍ଦ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଦେବୀଦତ୍ତ



@ ଜ୍ୟୋତି



@ ପ୍ରଶାନ୍ତ



@ ମିହିକା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# Classified Everyday

0674-2580101, 9692975378



**REAL ESTATE SALE**

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବ। ଧ-୦୮

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

Bhubaneswar Gothapatna 100ft ମେନ୍‌ରୋଡକୁ ଲାଗି ଘରବାରି ପ୍ଲଟ୍ ମିଳୁଛି। 9090963952. D- 07

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912. D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834. D-06

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated- 30.10.2025, I, Arti Reddy, Resident of L/P-542, Prasanti Bihar, P.O.- KIIT, P.S.- Infocity, Bhubaneswar, Dist.- Khordha, PIN- 751024, Odisha declare that I have changed my name from Arati Reddy to Arti Reddy. Henceforth, I shall be known as ARTI REDDY for all purposes.
Arti Reddy
D-11

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before Executive Magistrate, kanika, Dated- 07.11.2025, I, Subesh Chandra Dash, At- Charapara, P.O.- Kandiahat, P.S.-Rajkanika, Dist.- Kendrapara, PIN- 755016, Odisha declare that I have changed my name from Subhesha Dash to Subesh Chandra Dash. Henceforth, I shall be knwon as Subesh Chandra Dash for all purposes.
Subesh Chandra Dash
D-2531

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଇଂ.ଶଚ୍ଚିନନ୍ଦନ ଦାସ**

ଜନ୍ମସ୍ଥାନ- ଦଇତା ପଡ଼ା ସାହି, ପୁରୀ
ବାସସ୍ଥାନ- ଗୋଲାପଲ୍ଲୀ ସାହି, ବ୍ରହ୍ମପୁର
ଆବିର୍ଭାବ- ୩୧.୦୭.୧୯୩୫
ତିରୋଧାନ- ୨୧.୧୧.୨୦୦୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ। ଏହା ହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ।
ଧ-୨୫୨୬

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଦିବ୍ୟନାରାୟଣ ବାବୁ**

(ବରିଷ୍ଠ କଂଗ୍ରେସ ନେତା)
ବିନାଖଣ୍ଡି, ଜିଲ୍ଲା- ସମ୍ବଲପୁର
ଆବିର୍ଭାବ- ୦୫.୧୨.୧୯୩୭
ତିରୋଧାନ- ୦୯.୧୧.୨୦୧୫
ତୁମର ଆଦର୍ଶ, କର୍ତ୍ତବ୍ୟନିଷ୍ଠା, ଅନାବିଳ ସ୍ନେହ, ଶ୍ରଦ୍ଧା ଓ ଦୟାଭାବ ଆମର ଚିର ପାଥେୟ ହେଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମାଁ ସମଲେଇଙ୍କଠାରେ ପ୍ରାର୍ଥନା କରୁଛୁ।
-ଶୋକସନ୍ତପ୍ତ-
ସ୍ତ୍ରୀ- ସଂଯୁକ୍ତା ବାବୁ, ପୁଅ- ସୌମିକ
ଧ-୨୫୨୭


**ଦ୍ୱାଦଶାହ ଉପଲକ୍ଷେ**



**ସ୍ୱର୍ଗତ କରୁଣାକର କର**

ଡୁମୁକାହାଟ, ଡେରାବିଶ, କେନ୍ଦ୍ରାପଡ଼ା
ଆବିର୍ଭାବ- ୦୩।୦୨।୧୯୬୦
ତିରୋଧାନ-୩୦।୧୦।୨୦୨୫
ତୁମର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି ତାହା ଅପୂରଣୀୟ। ତୁମ ସ୍ମିତି ଆମ ହୃଦୟରେ ସଦା ବିଦ୍ୟମାନ। ତୁମ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ମହାପ୍ରଭୁ ଶ୍ରୀବଳଦେବଜୀଉ ଓ ଶ୍ରୀଦଧିବାମନଜୀଉଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର ବିଭୂତି ଭୂଷଣ କର, ମାନସରଞ୍ଜନ କର, ଦୁଇ ବୋହୂ, ନାତି ନାତୁଣୀ ଓ ବନ୍ଧୁ ପରିବାରବର୍ଗ।
ଧ-୨୫୨୫

**ତୁମ ସ୍ମୃତିରେ**



**୰ ନିରଞ୍ଜନ ମିଶ୍ର**

ଆବିର୍ଭାବ- ୨୭.୦୮.୧୯୩୩
ତିରୋଧାନ- ୧୦.୧୧.୨୦୧୯
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ଧର୍ମପତ୍ନୀ (ସୁରମା) ଓ ଆତ୍ମୀୟସ୍ୱଜନ
ଧ-୨୫୨୮

# ବିଭିନ୍ନ ପ୍ରକାର କ୍ଷୀର ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।''





ଆମେ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଖାଦ୍ୟପେୟ ପ୍ରତି ଗୁରୁତ୍ୱ ଦେଇଥାଉ। ପୃଥିବୀରେ ଯେଉଁସବୁ ଖାଦ୍ୟସାମଗ୍ରୀ ରହିଛି ସେହିସବୁ ମଧ୍ୟରେ କେତେକ ପ୍ରାକୃତିକ ଉପାୟରେ ମିଳିଥାଏ। ତନ୍ମଧ୍ୟରୁ କ୍ଷୀର ଅନ୍ୟତମ। ଏହା ସ୍ୱାସ୍ଥ୍ୟପ୍ରଦ ଭାବେ ଅନ୍ୟତମ ଶ୍ରେଷ୍ଠ ଖାଦ୍ୟ ବୋଲି ଆମରି ଭାରତୀୟ ମୌଳିକ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। କ୍ଷୀର ଅମୃତ ସମାନ ଅଟେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କ୍ଷୀର ସ୍ୱାସ୍ଥ୍ୟ ପାଇଁ ହିତକର। ପିଲା ଜନ୍ମ ହେବା ମାତ୍ରେ ମା' କ୍ଷୀର ନିତାନ୍ତ ଜରୁରୀ ଅଟେ। ପ୍ରାକୃତିକ ପ୍ରଣାଳୀରେ ଆମେ ପାଉଥିବା କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ବିଭିନ୍ନ ପ୍ରକାରର ଭିଟାମିନ, ଖଣିଜପଦାର୍ଥ, କ୍ୟାଲସିୟମ ଆଦି ଜୀବନୀୟ ଶକ୍ତି ସହ ରୋଗପ୍ରତିରୋଧକ ଶକ୍ତିର ମାତ୍ରା ଭରପୁର ରହିଥାଏ। ଏହାକୁ ପିଇବା ଦ୍ୱାରା ପିଲାକୁ ଓ ଆମ ଶରୀରରେ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇ ଦୀର୍ଘାୟୁ ରଖିବାରେ ସହାୟକ ହୋଇଥାଏ।

ପିଲା ଜନ୍ମ ହେବା କ୍ଷଣି ମା' କ୍ଷୀର ଆବଶ୍ୟକ। ଅନ୍ୟପକ୍ଷରେ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀସମୂହ ନିଜ ଛୁଆଙ୍କ ପାଇଁ ମା' କ୍ଷୀରର ଆବଶ୍ୟକତା ରହିଥାଏ। ମନୁଷ୍ୟ ପିଲା ଜନ୍ମଠାରୁ କିଛି ବର୍ଷ ମଧ୍ୟରେ ନିଜ ମା' କ୍ଷୀର ସେବନ ସହ ଗାଇ, ମଇଁଷି, ଛେଳି, ମେଣ୍ଢା, ଗଧ ଆଦି ପ୍ରାଣୀଙ୍କ କ୍ଷୀର ପାନ କରାଇବା ପାଇଁ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ବିଭିନ୍ନ ପ୍ରକାର କ୍ଷୀରରେ କିଛି ଭିନ୍ନ ଭିନ୍ନ ପ୍ରକାରର ତଥା ପ୍ରଚୁର ପରିମାଣରେ ଉପକାରୀ ତତ୍ତ୍ୱ ରହିଛି। ଶିଶୁଠାରୁ ବୟସ୍କ ବ୍ୟକ୍ତିମାନେ ଏହିସବୁ କ୍ଷୀର ସେବନ କରିବା ଦ୍ୱାରା ଶରୀରକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ, ସବଳ ଓ ସତେଜ ରଖିବା ସହ ମନୁଷ୍ୟ ଦୀର୍ଘ ଦିନ ବଞ୍ଚି ରହିବାରେ ସହାୟକ ହୋଇଥାଏ ବୋଲି ଆମ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବର୍ଣ୍ଣିତ ରହିଛି।

ସାମ୍ପ୍ରତିକ ପରିସ୍ଥିତିରେ ଆଧୁନିକ ଚିକିତ୍ସା ବିଜ୍ଞାନ ମା' କ୍ଷୀର ସହ ଗାଇ, ମଇଁଷି, ଛେଳି, ମେଣ୍ଢା ଓ ଗଧ ଆଦି ବିଭିନ୍ନ ପ୍ରାଣୀଙ୍କ କ୍ଷୀରକୁ ନେଇ ବହୁ ପରୀକ୍ଷା ନିରୀକ୍ଷା କରାଯାଇଛି। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ମା' କ୍ଷୀରରେ ଜଳୀୟ ଅଂଶ, ଶ୍ୱେତସାର, ସ୍ନେହସାର, ପୁଷ୍ଟିସାର, ଜୀବସାର, ଧାତବଲବଣ, ହରମୋନ, ଏନଜାଇମ ଓ ଜୀବନୀୟ ତନ୍ତୁ ରହିଛି। ଏଗୁଡିକର ସମ୍ମିଶ୍ରଣରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱ ସୃଷ୍ଟି ହୋଇଥାଏ। ତେଣୁ ମା' କ୍ଷୀର ପିଲା ପିଇଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହାବ୍ୟତୀତ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ମଧ୍ୟ ହୁଏ। ପିଲାମାନଙ୍କୁ ସୁସ୍ଥ ସବଳ ନୀରୋଗ ରଖିବାରେ ଏହା ସହାୟକ ହୋଇଥାଏ।

ଗାଈ କ୍ଷୀରକୁ ଜନ୍ମଠାରୁ ବୟସ୍କ ଓ ବିଭିନ୍ନ ରୋଗରେ ପୀଡିତ ବ୍ୟକ୍ତି ସେବନ ପାଇଁ ପରାମର୍ଶ ଦିଆଯାଇଥାଏ। ସ୍ତନ୍ୟପାନ ସମୟରେ ମା' କ୍ଷୀରର ଅଭାବ ପରିସ୍ଥିତିରେ ପିଲାକୁ ଗାଈ କ୍ଷୀର ଦିଆଯାଇଥାଏ। ଗାଈ କ୍ଷୀରରେ ଜଳୀୟ ଅଂଶ, ସ୍ନେହସାର, ପୁଷ୍ଟିସାର, ଲାକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ଏନଜାଇମ ସମେତ ଭିଟାମିନ ଏ, ଡି ଏବଂ ବି-୧୨ ଆଦି ପୋଷକ ତତ୍ତ୍ୱ ରହିଥିବାରୁ ଏହା ସ୍ୱାସ୍ଥ୍ୟପ୍ରଦ ଅଟେ। ଛେଳି ଏକ ସାକାହାରୀ ପ୍ରାଣୀ। ବିଭିନ୍ନ ବୃକ୍ଷ,ଲତା ଆଦିର ପତ୍ର ଡାଳକୁ ଖାଦ୍ୟଭାବେ ଖାଉଥିବା ହେତୁ ଏହାର କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁ ଉପଯୋଗୀ। ଛେଳି କ୍ଷୀରରେ ପୁଷ୍ଟିସାର, ସ୍ନେହସାର, ଲକ୍ଟୋସ, ଖଣିଜପଦାର୍ଥ, କ୍ୟାଲସିୟମ, ଫସଫରସ, ପୋଟାସିୟମ, ବିଭିନ୍ନ ପ୍ରକାର ଭିଟାମିନ ଏବଂ ଏନଜାଇମ ଆଦି ପୋଷକ ତତ୍ତ୍ୱ ରହିଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ହିତକର। ଛେଳି କ୍ଷୀର ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଛେଳି କ୍ଷୀର ଦୁର୍ବଳତା, ହାଲିଆପଣ ଆଦିକୁ ଦୂର କରିବା ସହ ଯକ୍ଷ୍ମା, କର୍କଟ ଭଳି ମାରାତ୍ମକ ତଥା ଦୀର୍ଘଦିନ ଧରି ଲାଗିରହିଥିବା ବିଭିନ୍ନ ଜଟିଳ ରୋଗକୁ ପ୍ରତିରୋଧ କରିବାରେ କେତେକାଂଶରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି। କେବଳ ସେତିକି ନୁହେଁ, ଆଧୁନିକ ଚିକିତ୍ସା ବିଜ୍ଞାନ ଏଥିରେ ସହମତି ପ୍ରକାଶ କରିଛନ୍ତି।

ମେଣ୍ଢା କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ନିମନ୍ତେ ଉପଯୋଗୀ ହୋଇଥାଏ। ଏଥିରେ ପ୍ରଚୁର ପରିମାଣରେ ଶ୍ୱେତସାର, ପୁଷ୍ଟିସାର, ଖଣିଜ ପଦାର୍ଥ, କ୍ୟାଲସିୟମ ସହ ଜୈବିକ ପଦାର୍ଥ ଭରି ରହିଛି। ଏହାକୁ ପିଇଲେ ତାହା ମନୁଷ୍ୟ ଶରୀରରେ ତନ୍ତୁ ଓ ଅସ୍ଥିକୁ ମଜଭୁତ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ରୋଗପ୍ରତିରୋଧକ କ୍ଷମତା ବୃଦ୍ଧି ପାଇ ଶରୀରରେ ହେଉଥିବା ମଧୁମେହ, କର୍କଟ ରୋଗ ବ୍ୟତୀତ ବହୁ ଜଟିଳ ରୋଗ ହେବାକୁ କେତେକାଂଶରେ ପ୍ରତିରୋଧ ମଧ୍ୟ କରିଥାଏ। ମଇଁଷି କ୍ଷୀର ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ ସାମାନ୍ୟ ବାୟୁ ବର୍ଦ୍ଧକ ହୋଇଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ପାଇଁ ହିତକର। ଏଥିରେ ଜଳୀୟ ଅଂଶ, ପୁଷ୍ଟିସାର, ଲାକ୍ଟୋସ, ଖଣିଜ ପଦାର୍ଥ, ଫସଫରସ ଆଦି ଥିବା ବେଳେ ପର୍ଯ୍ୟାପ୍ତ ପରିମାଣରେ ପୁଷ୍ଟିସାର, ସ୍ନେହସାର ଭିଟାମିନ ଏ, ବି-୧୨, ଥାୟାମିନ, ରିବୋଫ୍ଲେବିନ ଆଦି ରହିଛି। ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଗଧ କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ତତ୍ତ୍ୱ ସହ ରୋଗପ୍ରତିରୋଧକ କ୍ଷମତା ରହିଛି। ଗଧ କ୍ଷୀର ପିଲାମାନଙ୍କ ନିମନ୍ତେ ଅତ୍ୟନ୍ତ ଦରକାରୀ ବୋଲି ଆମର ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏଥିରେ ଲେକଟସ, ସ୍ନେହସାର, ଗାଈ କ୍ଷୀର ଅପେକ୍ଷା ପୁଷ୍ଟିସାର କମ ରହିବା ସହ କ୍ୟାଲସିୟମ, ଭିଟାମିନ- ସି ମଧ୍ୟ ରହିଛି।

ବର୍ତ୍ତମାନ ବଜାରରେ କୃତ୍ରିମ ଉପାୟରେ ମିଳୁଥିବା କ୍ଷୀର, ବିଭିନ୍ନ ରାସାୟନିକ ପଦାର୍ଥ ମିଶ୍ରଣରେ ପ୍ରସ୍ତୁତି ହୋଇଥିବା ହେତୁ ଏହା ସ୍ୱାସ୍ଥ୍ୟ ପାଇଁ ଅହିତକର ହୋଇଥାଏ। ଅମୃତଭଣ୍ଡା, ଅରଖ, କନିଅର ଆଦି କେତେକ ବୃକ୍ଷର ଡେମ୍ଫ ଓ ଫଳ ଛିଣ୍ଡେଇବା ବେଳେ କ୍ଷୀର ଭଳି ଏକ ତରଳ ପଦାର୍ଥ ବାହାରିଥାଏ। ଏଗୁଡିକ ସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ଏହାକୁ ସେବନ କରିବା ମନୁଷ୍ୟ ଶରୀର ପାଇଁ କ୍ଷତି କାରକ ଓ ବିଷ ତୁଲ୍ୟ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ଜୀବନ ହାନି ହେବାର ଆଶଙ୍କା ରହିଥିବା ହେତୁ ପୁରାତନ ଚିକିତ୍ସା ଶାସ୍ତ୍ର ଓ ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଏହାକୁ ସେବନ କରିବାପାଇଁ ସମ୍ପୂର୍ଣ୍ଣ ବାରଣ କରାଯାଇଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ସକାରାତ୍ମକ ମାନସିକତା ଅନ୍ତରାଳେ...



ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି କେତେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ କେବଳ ବ୍ୟାୟାମ ନୁହେଁ ଯୋଗ ଆଦି କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସୁସ୍ଥ ରହିବ କିଡ୍‌ନୀ



କିଡ୍‌ନୀକୁ ସୁସ୍ଥ ରଖିବା ଲାଗି କେତୋଟି ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସିତ ହୋଇଥାଏ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୮ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରାନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

## ସ୍କିଜୋଫ୍ରେନିଆ: କିଛି କଥା




ଯେତେପ୍ରକାର ମାନସିକ ରୋଗ ରହିଛି ସେଥିମଧ୍ୟରୁ ସ୍କିଜୋଫ୍ରେନିଆ ହେଉଛି ଏକ ଗମ୍ଭୀର ମାନସିକ ସମସ୍ୟା। ଏହା ମଣିଷର ଭାବନା ଆବେଗ, ବ୍ୟବହାର ଏବଂ କାର୍ଯ୍ୟଦକ୍ଷତାକୁ ବିଶେଷଭାବରେ ପ୍ରଭାବିତ କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ରୋଗୀ ଏକୁଟିଆ ରହିବାକୁ ପସନ୍ଦ କରେ। ଅନ୍ୟମାନଙ୍କ ସହ ମିଳାମିଶା କରେନାହିଁ। ନିଜର ଦୈନନ୍ଦିନ କାର୍ଯ୍ୟକୁ ଠିକ୍‌ଭାବରେ କରିପାରେ ନାହିଁ ଏବଂ ନିଦ କମିଯାଏ। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତି ଅନ୍ୟମାନଙ୍କ ଉପରେ ସନ୍ଦେହ କରିଥାଏ। ରୋଗୀ ମନରେ ସବୁବେଳେ ଡର ଓ ଭୟର ଭାବନା ଦେଖାଯାଇଥାଏ। ଏହି ରୋଗୀମାନେ କେତେକ କଥାକୁ ନିଜ ମନରେ ଗଣ୍ଠି ବାନ୍ଧି ଧରିବସନ୍ତି ଏବଂ ଯାହା ଅନ୍ୟମାନଙ୍କ ଦ୍ୱାରା ସହଜରେ ଗ୍ରହଣୀୟ ହୋଇ ନ ଥାଏ। ରୋଗର କାରଣ ମସ୍ତିଷ୍କରେ ମୁଖ୍ୟତଃ 'ଡୋପାମିନ' ନାମକ ଏକ ରାସାୟନିକ ତତ୍ତ୍ୱର ମାତ୍ରା ବୃଦ୍ଧି ଯୋଗୁ ଏହି ରୋଗ ହୋଇଥାଏ। ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୨.୫ କୋଟି ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇଥାନ୍ତି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ସ୍କିଜୋଫ୍ରେନିଆ ଏକ ଜଟିଳ ରୋଗ। ଏହାର ଚିକିତ୍ସା ବିଷୟରେ ମାନସିକ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଜରୁରୀ।

## ନିଶାଦ୍ରବ୍ୟ ବର୍ଜନର ସହଜ ଉପାୟ



ଧୂମପାନ ହେଉ ଅବା କୌଣସି ନିଶାଦ୍ରବ୍ୟ ସେବନ-ଜଣେ ଏହା ଦ୍ୱାରା କବଳିତ ହେବା ପରେ ସେଥିରୁ ମୁକୁଳିବା ସହଜ ହୋଇ ନ ଥାଏ। ବିଶେଷଭାବରେ ପରିବାର, ବନ୍ଧୁମାନଙ୍କର ଦିଗ୍‌ଦର୍ଶନ, ଅନୁରୋଧ, ସହଯୋଗ ଏବଂ ବାରମ୍ବାର ନିରୀକ୍ଷଣ ଧୂମପାନ ତ୍ୟାଗ କରିବା ଲାଗି ଉତ୍ସାହ ବଢ଼ାଇଥାଏ। ଗୋଟିଏ ଥରରେ ଧୂମପାନକୁ 'ନା' କରିବା ଉଚିତ। ଏଥିପାଇଁ ସୁଗାର ନ ଥିବା ଚୁଇଙ୍ଗମ ବ୍ୟବହାର କରିପାରନ୍ତି। ସ୍ଥଳବିଶେଷରେ ଚୁଇଙ୍ଗମ ସ୍ଥାନରେ ଲବଙ୍ଗ ଓ ଗୁଜୁରାତି ମଧ୍ୟ ବ୍ୟବହାର କରାଯାଇପାରେ। ଯେଉଁମାନେ ଚେନ୍ ସ୍ମୋକର ଏବଂ ଦୀଘଦିନ ଧରି ଧୂମପାୟୀ ସେମାନେ ଏଥିରେ ବୈଷୟିକ ଜ୍ଞାନ ଥିବା ବ୍ୟକ୍ତିମାନଙ୍କଠାରୁ ପରାମର୍ଶ ନେବା ଉଚିତ। ଏଥିପାଇଁ ମଧ୍ୟ 'କ୍ୱିଟ୍ ସ୍ମୋକ୍ ଥେରାପି' (ଧୂମପାନ ତ୍ୟାଗ ଚିକିତ୍ସା) ଉପଲବ୍ଧ। ଧୂମପାନ ତ୍ୟାଗର ମାତ୍ର କେଇଦିନ ମଧ୍ୟରେ ଶୁଙ୍ଘିବା ଶକ୍ତି ଏବଂ ଜିଭର ସ୍ୱାଦ ଅନୁଭବ କରିବା ଶକ୍ତିରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ସେହିପରି ମାତ୍ର କେଇ ସପ୍ତାହରେ କଫର ପରିମାଣ କମି ଯାଇଥାଏ ଏବଂ ଫୁସଫୁସର କାର୍ଯ୍ୟରେ ଉନ୍ନତି ଘଟିଥାଏ। ଧୂମପାନ ତ୍ୟାଗର ବର୍ଷେ ଭିତରେ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ପ୍ରାୟ ୫୦ ପ୍ରତିଶତ କମିଯାଏ। ଧୂମପାନ ତ୍ୟାଗ କରିବା ଦ୍ୱାରା ଜୀବନକାଳ ବଢ଼ିଥାଏ। ଏହାଦ୍ୱାରା ନିଜର ଉପକାର ହେବା ସହ ଅନ୍ୟମାନେ ମଧ୍ୟ ଲାଭବାନ ହୋଇଥାଆନ୍ତି। ନିଜକୁ ଅତ୍ୟଧିକ ପଜିଟିଭ ଏବଂ ସ୍ମାର୍ଟ ଲାଗେ। ନିଶାଦ୍ରବ୍ୟ ସେବନ ସହ ଜଡିତ ଥିଲେ ଏଥିରୁ ନିବୃତ୍ତ ରହିବା ଲାଗି ଅଭିଜ୍ଞ ନିଶା ନିବାରଣ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

## ଜାଣିରଖନ୍ତୁ



ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ସକାଳେ ଖାଲି ପେଟରେ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଅଳ୍ପ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ଗୁଣ ଶରୀରରେ ରକ୍ତ ସଞ୍ଚାଳନକୁ ଠିକ୍ ଭାବରେ କରିବାକୁ କେତେକାଂଶରେ ସହାୟକ ହୋଇଥାଏ। ଉଚ୍ଚ ରକ୍ତଚାପ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। ଶରୀରରେ ଶର୍କରାର ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ। ସାଧାରଣତଃ ଡାଇବେଟିସ ଥିବା ଲୋକଙ୍କୁ ମିଠାଜାତୀୟ ଖାଦ୍ୟ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ମହୁ ସେମାନଙ୍କ ପାଇଁ ବେଶ୍ ଉପଯୋଗୀ। ରକ୍ତହୀନତା ସହ ଜଡିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର।

## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

➢ ସବୁବେଳେ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ରାତିରେ ହାଲୁକା ଖାଦ୍ୟ ଖାଇଲେ ତାହା ସହଜରେ ହଜମ ହୋଇଥାଏ। ତେଲ,ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି କି? ଯଦି ହଁ, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ପ୍ରତିଦିନ ଦାନ୍ତକୁ ଭଲ ଭାବେ ଘଷନ୍ତୁ। ଦିନକୁ ଅତି କମ୍‌ରେ ଦୁଇ ଥର ଯଥା ସକାଳେ ରାତିରେ ଘଷନ୍ତୁ। ମନେରଖନ୍ତୁ ଘଷିବାର ଅବଧି ୨ମିନିଟ୍‌ରୁ କେବେ ବି କମ୍ କରନ୍ତୁ ନାହିଁ।

➢ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ଆଉ ଯଦି ଏଥିପ୍ରତି ଧ୍ୟାନ ନ ଦେବେ ତେବେ ପରୋକ୍ଷରେ ଆପଣ ଅନେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି।

➢ଯେ ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପୁରୁଣା ପ୍ରେସକ୍ରିପସନଗୁଡ଼ିକୁ ଏକ ଫାଇଲରେ ରଖନ୍ତୁ, ହୁଏତ ଆଗକୁ ଏହା ଦରକାରରେ ଆସିପାରେ।



## ସୌରଜଗତରେ ଅଜଣା ପରିବ୍ରାଜକ

(ଶେଷ ଭାଗ)

ଜେମ୍ସ ୱେବ ଦୂରବୀକ୍ଷଣ ଯନ୍ତ୍ର ଦ୍ୱାରା ଉତ୍ତୋଳିତ ପ୍ରତ୍ୟେକ ନୂତନ ଚିତ୍ର ସହିତ ରହସ୍ୟ ଆହୁରି ଗଭୀର ହେଉଛି। ୩ଇ/ ଆଟଲାସ ଆମକୁ ଭେଟିବାକୁ ଆସିଥିବା ପ୍ରଥମ ଅନ୍ତଃନକ୍ଷତ୍ରୀୟ ଭ୍ରମଣକାରୀ ନୁହେଁ। ୨୦୧୭ରେ ଜ୍ୟୋତିର୍ବିଜ୍ଞାନୀମାନେ ପ୍ରଥମ ଥର ପାଇଁ ଏହିପରି ଏକ ଅଜଣା ଅତିଥିକୁ ଦେଖିଥିଲେ। ତାହା ଥିଲା '୧ଇ/ ଓମୁଆମୁଆ'। ଏହା ଏକ ସିଗାର ଆକୃତିର ବସ୍ତୁ ଯାହା ଅଜବ ଭାବରେ ଗତି କରୁଥିଲା ଏବଂ ଏହାର କୌଣସି ଦୃଶ୍ୟମାନ ଲାଞ୍ଜ ନଥିଲା। ସେତେବେଳେ କେତେକ ବୈଜ୍ଞାନିକ ଅନୁମାନ ମଧ୍ୟ କରିଥିଲେ ଯେ ଏହା ଏକ ଏଲିଏନ ମହାକାଶ ଯାନ ହୋଇପାରେ! ତା'ପରେ ୨୦୧୯ରେ '୨ଇ/ ବୋରିଶୋଭ' ଆସିଥିଲା। ଏହା ଏକ ପ୍ରକୃତ ଅନ୍ତଃନକ୍ଷତ୍ରୀୟ ଧୂମକେତୁ, ଯାହାର ଏକ ଉଜ୍ଜ୍ୱଳ ଲାଞ୍ଜ ଏବଂ ଆମ ସୌରମଣ୍ଡଳରେ ଜନ୍ମିତ ଯେକୌଣସି ଧୂମକେତୁ ଠାରୁ ଭିନ୍ନ ଏକ ରାସାୟନିକ ଗଠନ ଥିଲା। ପ୍ରତ୍ୟେକ ପରିଦର୍ଶକ ଅନନ୍ୟ। ପ୍ରତ୍ୟେକ ଆମ ସୌରଜଗତ ବାହାର ବିଶ୍ୱର ବିବିଧତାର ଏକ କ୍ଷଣସ୍ଥାୟୀ ଝଲକ। ଆହୁରି ଅଧିକ ବ୍ରହ୍ମାଣ୍ଡର ରହସ୍ୟ ପ୍ରକାଶ କରିବାର ପ୍ରତିଶ୍ରୁତି ଦେଇ, ବର୍ତ୍ତମାନ ୩ଇ/ ଆଟଲାସ ଏହି ସମ୍ଭ୍ରାନ୍ତ ମହାଜଗତିକ ଶ୍ରେଣୀରେ ଯୋଗ ଦେଇଛି।

ଚଳିତ ବର୍ଷ ଗତ ମାସ ୩୦ ତାରିଖରେ ୩ଇ/ ଆଟଲାସ ମଙ୍ଗଳ ଗ୍ରହର କକ୍ଷ ପଥ ଭିତରେ ପ୍ରବେଶ କରି ସୂର୍ଯ୍ୟର ନିକଟତର ହୋଇସାରିଛି। ଏହି ସମୟ ଏହି ଅନ୍ତଃନକ୍ଷତ୍ରୀୟ ବସ୍ତୁକୁ ସବୁଠୁ ପାଖରୁ ଦେଖିବାର ଓ ଅଧ୍ୟୟନ କରିବାର ପ୍ରକୃଷ୍ଟ ସମୟ। ଏହା ଶୁଣି ଲୋପା ଟିକେ ଚିନ୍ତିତ ହୋଇ ପଚାରିଲେ, ଆମ ପୃଥିବୀ ପାଇଁ ଏହା କୌଣସି ବିପଦ ସୃଷ୍ଟି କରିବ ନାହିଁ ତ? ମୁଁ ଉତ୍ତର ଦେଲି ନା, ଚିନ୍ତା କର ନାହିଁ। ଏହା ପୃଥିବୀ ପାଇଁ କୌଣସି ବିପଦ ସୃଷ୍ଟି କରିବ ନାହିଁ କାରଣ ଏହା ପ୍ରାୟ ୨୭୦ ନିୟୁତ କିଲୋମିଟର ଦୂର ଦେଇ ପୃଥିବୀକୁ ଅତିକ୍ରମ କରିବ। ସାରା ବିଶ୍ୱରେ ଥିବା ବିଦ୍ୟାଳୟ ଦୂରବୀକ୍ଷଣ ଯନ୍ତ୍ରଠାରୁ ଆରମ୍ଭ କରି ମହାକାଶଭିତ୍ତିକ ଅତ୍ୟାଧୁନିକ ଉପକରଣ ପର୍ଯ୍ୟନ୍ତ ସମସ୍ତ ଦୂରବୀକ୍ଷଣ ଯନ୍ତ୍ର ଏହି ମହାଜାଗତିକ ଉଡ଼ାଣର ପ୍ରତ୍ୟେକ ମୁହୂର୍ତ୍ତକୁ ଅଭିଲିଖିତ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଶୁଣି ଲୋପା ପୁଣି ପଚାରିଲେ ମହାକାଶ ଦେଇ ଗତି କରୁଥିବା ଏକ ଛୋଟ ବରଫ ଏବଂ ପଥର ଖଣ୍ଡ ବିଷୟରେ ଆମେ ଏତେ କାହିଁକି ଚିନ୍ତା କରୁଛେ? ମୁଁ କହିଲି କାରଣ ୩ଇ/ ଆଟଲାସ ହେଉଛି ବ୍ରହ୍ମାଣ୍ଡର ଅନ୍ୟ କୋଣରେ ଥିବା ତାରାମାନଙ୍କର ଏକ ବାର୍ତ୍ତାବାହକ। ଏହାର ଧୂଳି ଏବଂ ଗ୍ୟାସ ବହୁ ପୂର୍ବରୁ ଅନ୍ୟ ଏକ ତାରା ମଣ୍ଡଳରେ ଗଠିତ ଅନ୍ୟ ଏକ ବିଶ୍ୱର ରାସାୟନିକ ପଦ ଚିହ୍ନ ବହନ କରେ। ଏହାକୁ ଅଧ୍ୟୟନ କରିବା ଦ୍ୱାରା ବୈଜ୍ଞାନିକମାନେ ବୁଝିପାରିବେ ଯେ ଅନ୍ୟାନ୍ୟ ନକ୍ଷତ୍ରପୁଞ୍ଜରେ ଗ୍ରହମାନେ କିପରି ସୃଷ୍ଟି ହୋଇଛନ୍ତି ଏବଂ ଜୀବନ ଅନ୍ୟାନ୍ୟ ଛାୟାପଥରେ ସୃଷ୍ଟି ହୋଇଛି କି ନାହିଁ। ଏହା ମଧ୍ୟ ଆମକୁ ସ୍ମରଣ କରାଇଦିଏ ଯେ ସୌରମଣ୍ଡଳ ଏକ ବିଚ୍ଛିନ୍ନ ଦ୍ୱୀପ ନୁହେଁ ବରଂ ଏହା ଏକ ବିଶାଳ, ଜୀବନ୍ତ ବ୍ରହ୍ମାଣ୍ଡର ଅଂଶ ଯେଉଁଠାରେ ଯାତ୍ରୀମାନେ ବେଳେ ବେଳେ ଆମକୁ ସଂକ୍ଷେପରେ ଭେଟିବା ପାଇଁ ଅକଳ୍ପନୀୟ ଦୂରତା ଅତିକ୍ରମ କରି ଆସନ୍ତି। ଲୋପା ଟିକେ ସ୍ମିତ ହାସ୍ୟ ଦେଇ କହିଲେ, ହୁଏତ ଏହା ଏଲିଏନ ଦ୍ୱାରା ନିର୍ମିତ ନହୋଇ ପାରେ କିନ୍ତୁ ଏହା ବ୍ରହ୍ମାଣ୍ଡ ଦାରା ନିର୍ମିତ ଏକ ପ୍ରକାରର ମହାକାଶ ଯାନ ଯେ ଆମକୁ ଜଣାଇବାକୁ ଆସିଛି ଯେ ଆମେ ବ୍ରହ୍ମାଣ୍ଡର ବହୁତ କମ ରହସ୍ୟ ଏଯାଏ ଜାଣିଛୁ ବୋଲି। ମୁଁ ହସି କହିଲି, ''ଠିକ୍, ଏବଂ ପ୍ରତ୍ୟେକ ଥର ଏହି ମହାକାଶୀୟ ପରିଦର୍ଶକମାନଙ୍କ ମଧ୍ୟରୁ ଜଣେ ଦେଖାଗଲେ, ଏହା ଏପରି ମନେ ହୁଏ ଯେପରି ବ୍ରହ୍ମାଣ୍ଡ ଚୁପ ଚୁପ କରି ଏହାର ରହସ୍ୟ ଆମକୁ ଜଣାଇବାକୁ ଚେଷ୍ଟା କରେ ଓ ଆମକୁ କୁହେ ଆବିଷ୍କୃତ ହେବା ପାଇଁ ସେଠାରେ ଆହୁରି ଅନେକ କିଛି ଅପେକ୍ଷା କରିଛି।''



**- ଦେବାଶିଷ ମହାନ୍ତି,** ବରିଷ୍ଠ ପ୍ରାଧ୍ୟାପକ
ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ,
ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର
ମୋ: ୯୮୬୧୩୯୧୧୯୦

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୦/୨୦୨୫ Bhubaneswar, Monday, November 10/ 2025




# ଓଡ଼ିଶାରେ ହେବ ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**


କଟକରେ ରବିବାର ଅନୁଷ୍ଠିତ ବୈଠକରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ)ର କାର୍ଯ୍ୟକାରିଣୀ ତଥା ବାର୍ଷିକ ସାଧାରଣ ବୈଠକ ରବିବାର କଟକସ୍ଥିତ ଓସିଏ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭଲିବଲର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ତନ୍ମଧ୍ୟରୁ ଓଡ଼ିଶାରେ ଏଫ୍‌ଆଇଭିବି (ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ) ବିଚ୍ ଭଲିବଲ ଚ୍ୟାଲେଞ୍ଜର ଟ୍ରଫି ଆୟୋଜନ ଅନ୍ୟତମ। ୨୦୨୬ ଫେବୃଆରୀ ଶେଷ ଭାଗରେ ଏହି ପ୍ରତିଯୋଗିତା ଆୟୋଜନ ହେବ ଏବଂ ଏହି ଗ୍ଲୋବାଲ ଇଭେଣ୍ଟରେ ୪୦ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହା ବ୍ୟତୀତ ଏକ ୪ ଦିନିଆ ମହିଳା କୋଚେସ ଟ୍ରେନିଂ ପ୍ରୋଗ୍ରାମ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। 'କନ୍ୟା କିରଣ' ନାମରେ ଏହି ପ୍ରୋଗ୍ରାମ ଡିସେମ୍ବର ୧୧ରୁ ୧୪ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବ। ଏଫ୍‌ଆଇଭିବି ଇନ୍‌ଷ୍ଟ୍ରକ୍ଟର ଜନ କେସେଲ ଓ ଜାନା କୁଲାନଙ୍କ ତତ୍ତ୍ୱାବଧାନରେ ହେବାକୁଥିବା ଏହି ପ୍ରୋଗ୍ରାମର ଲକ୍ଷ୍ୟ ହେଉଛି ବିଶ୍ୱସ୍ତରୀୟ ଟ୍ରେନିଂ ମାଧ୍ୟମରେ ମହିଳା କୋଚ୍‌ଙ୍କୁ ସଶକ୍ତ କରିବା।

୭୨ତମ ଜାତୀୟ ସିନିୟର ଭଲିବଲ ଚାମ୍ପିୟନଶିପ୍ ଉତ୍ତର ପ୍ରଦେଶର ବାରାଣସୀରେ ୨୦୨୬ ଜାନୁଆରୀ ୪ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାକୁ ରାଜ୍ୟ ଚାମ୍ପିୟନଶିପ୍ ପାରାଦୀପ ପୋର୍ଟରେ ଆୟୋଜନ ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଓଭିଏ ସଭାପତି ତଥା କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ ବୈଠକରେ ସଭାପତିତ୍ୱ କରିଥିଲେ। ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବୈଠକ ପୂର୍ବରୁ ଓଭିଏର ପୂର୍ବତନ ଉପସଭାପତି ଜନାର୍ଦ୍ଦନ ଦାଶଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ସ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ଓଭିଏ ଉପସଭାପତି ସୟଦ ଆକମଲ ଅଲୀ, ବିଜୟ କୁମାର ଧଳ, ଶିବ ପ୍ରସାଦ ତ୍ରିପାଠୀ, ରବୀନ୍ଦ୍ର କୁମାର ଦାସ, ଭବାନୀ ପ୍ରସାଦ ପଣ୍ଡା, ମନୋରଞ୍ଜନ ଜିଉ, ବ୍ରହ୍ମାନନ୍ଦ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ଆଦିତ୍ୟ କୁମାର ଆଚାର୍ଯ୍ୟ, ଜଗଦୀଶ ଚନ୍ଦ୍ର ବେହେରା ଓ କୋଷାଧ୍ୟକ୍ଷ ସୁଧାଂଶୁ ଭୂଷଣ ମିଶ୍ର ପ୍ରମୁଖ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ ଭଲିବଲ ଚାମ୍ପିୟନଶିପ୍‌କୁ ଜୋନାଲ ଫର୍ମାଟରେ ଆୟୋଜନ ପାଇଁ ପ୍ରସ୍ତାବ ଆସିଥିବାରୁ ଏହାକୁ ତର୍ଜମା କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା।

# ଓଡ଼ିଶାର ପୁଣି ବ୍ୟାଟିଂ ବିପର୍ଯ୍ୟୟ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

**ରଣଜୀ ଟ୍ରଫି**

**ଦ୍ୱିତୀୟ ଦିବସରେ ୧୧ ଉଇକେଟର ପତନ**

ଚଳିତ ରଣଜୀ ଟ୍ରଫି କ୍ରିକେଟ ସିଜନରେ ଓଡ଼ିଶା ଦଳର ଖରାପ ବ୍ୟାଟିଂ ଜାରି ରହିଛି। ନାଗପୁରରେ ଚାଲିଥିବା ବିଦର୍ଭ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ରବିବାର ଦ୍ୱିତୀୟ ଦିବସ ଶେଷ ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୧୨୨ ରନ ମଧ୍ୟରେ ୬ ଉଇକେଟ ହରାଇ ସାରିଛି। ଫଳରେ ବିଦର୍ଭର ପ୍ରଥମ ଇନିଂସ ସ୍କୋର (୨୮୬ ରନ)ଠାରୁ ଓଡ଼ିଶା ଆହୁରି ୧୬୪ ରନ ପଛରେ ରହିଛି। ସମସ୍ତ ସ୍ପେଶାଲିଷ୍ଟ ବ୍ୟାଟର ଆଉଟ ହୋଇ ସାରିଥିବାରୁ ଏହି ମ୍ୟାଚରେ ଓଡ଼ିଶା ପ୍ରଥମ ଇନିଂସ ପଛୁଆ ରହିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମୋଟ ୧୧ଟି ଉଇକେଟର ପତନ ଘଟିଛି। ପ୍ରକାଶଯୋଗ୍ୟ ଯେ, ଖରାପ ପ୍ରଦର୍ଶନ କାରଣରୁ ଓଡ଼ିଶା ଏହାର ପ୍ରଥମ ୩ ମ୍ୟାଚରୁ ୨ଟିରେ ପରାଜୟ ବରଣ କରିଥିବାବେଳେ ଅନ୍ୟ ମ୍ୟାଚଟି ଡ୍ର ରଖିଥିଲେ ହେଁ ପ୍ରଥମ ଇନିଂସ ପଛୁଆ ରହିବା କାରଣରୁ ମାତ୍ର ୧ ପଏଣ୍ଟ ପାଇଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୨୩୪/୫ରୁ ଖେଳ ଆରମ୍ଭ କରିଥିବା ବିଦର୍ଭ ଆଉ ୫୨ ରନ ଯୋଡ଼ି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ପୂର୍ବ ଦିନ ୧୨୮ ରନରେ ଅପରାଜିତ ରହିଥିବା ଧ୍ରୁବ ଶୋରେ ମୋଟ ୧୪୪ ରନକରି ଆଉଟ ହୋଇଥିଲେ। ଶେଷଭାଗ ବ୍ୟାଟରଙ୍କୁ ଅଧିକ ସମୟ ତିଷ୍ଠିବାକୁ ଦେଇ ନ ଥିଲେ ଓଡ଼ିଶା ବୋଲର। ଭ୍ରମଣକାରୀ ଦଳ ପକ୍ଷରୁ ସମ୍ବିତ ବରାଳ ସର୍ବାଧିକ ୩ଟି, ବାଦଲ ବିଶ୍ୱାଳ, ରାଜେଶ ମହାନ୍ତି ଓ ତାପସ ଦାସ ୨ଟି ଲେଖାଏ ଏବଂ ଜାମଲା ମହାପାତ୍ର ଗୋଟିଏ ଉଇକେଟ ନେଇଥିଲେ।

ଘରୋଇ ପିଚ୍‌ରୁ ଫାଇଦା ଉଠାଇ ବିଦର୍ଭ ବୋଲରମାନେ ଓଡ଼ିଶାକୁ ଭଲ ଆରମ୍ଭ ହେବାକୁ ଦେଇ ନ ଥିଲେ। ୩୩ ରନ ମଧ୍ୟରେ ୨ଟି ଉଇକେଟ ହରାଇ ଓଡ଼ିଶା ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ୨୪ ଓ ସ୍ୱସ୍ତିକ ସାମଲ ୯ ରନ କରିବାକୁ ସକ୍ଷମ ହୋଇଥିଲେ। ସନ୍ଦୀପ ପଟ୍ଟନାୟକ ମଧ୍ୟ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ରାଜେଶ ଧୂପର(୮)ଙ୍କୁ ପ୍ୟାଭିଲିୟନ ପଠାଇ ଯଶ କଦମ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଆଉଟ କରି ଗୌରବ ଫର୍ଦେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟରରେ ନିଜ ନିଜର ପ୍ରଥମ ଉଇକେଟ ହାସଲ କରିଥିଲେ। ଆତ୍ମବିଶ୍ୱାସରେ ଥିବାପରି ଲାଗୁଥିବା ଶୁଭ୍ରାଂଶୁ ୧୧୨ ବଲ୍‌ରୁ ୪୧ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ୫ ଉଇକେଟ ପତନ ହୋଇଯିବାରୁ ଅଭିଜ୍ଞ ଗୋବିନ୍ଦ ପୋଦ୍ଦାରଙ୍କ ନିକଟରୁ ଦଳ ଅନେକ କିଛି ଆଶା କରୁଥିଲା। ମାତ୍ର ସେ ୧୭ ରନ କରିଥିବାବେଳେ ଫର୍ଦେଙ୍କ ବଲ୍‌ରେ ଉଇକେଟ କିପର ଅକ୍ଷୟ ୱାଡକରଙ୍କୁ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ଫଳରେ ଓଡ଼ିଶା ସ୍କୋର ୧୨୨/୬ ହୋଇଯିବା ସହ ଅମ୍ପାୟର ଷ୍ଟମ୍ପ ନିଷ୍ପତ୍ତି ନେଇଥିଲେ। ସେତେବେଳେ ସମ୍ବିତ ବରାଳ ୨ ରନରେ ଅପରାଜିତ ରହିଥିଲେ। ବିଦର୍ଭ ବୋଲରଙ୍କ ମଧ୍ୟରୁ ଗୌରବ ଫର୍ଦେ ୨ଟି ଏବଂ ପାର୍ଥ ରେଖାଦେ, ନଚିକେତ ଭୁତେ, ପ୍ରଫୁଲ୍ଲ ହିଙ୍ଗେ ଓ ଯଶ କଦମ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୬/ଅଲଆଉଟ (ଧ୍ରୁବ ଶୋରେ-୧୪୪, ରବିକୁମାର ସମର୍ଥ-୪୯, ସମ୍ବିତ ବରାଳ-୩/୬୯, ରାଜେଶ ମହାନ୍ତି-୨/୫୭, ତାପସ ଦାସ-୨/୩୩, ବାଦଲ ବିଶ୍ୱାଳ-୨/୭୭, ଜାମଲା ମହାପାତ୍ର-୧/୪୪)। ଓଡ଼ିଶା ପ୍ରଥମ ଇନିଂସ: ୧୨୨/୬ (ଶୁଭ୍ରାଂଶୁ ସେନାପତି-୪୧, ଗୌରବ ଫର୍ଦେ-୨/୨୦, ପାର୍ଥ ରେଖାଦେ-୧/୨୯, ନଚିକେତ ଭୁତେ-୧/୨୮, ପ୍ରଫୁଲ୍ଲ ହିଙ୍ଗେ-୧/୨୫, ଯଶ କଦମ-୧/୧୫)।

# ପ୍ରଥମଶ୍ରେଣୀ କ୍ରିକେଟରେ ଦ୍ରୁତତମ ଅର୍ଦ୍ଧଶତକ


ଆକାଶ କୁମାର ଚୌଧାରୀ

**ସୁରଟ, ୯।୧୧ (ପି.ଟି.)**

**୮ କ୍ରମାଗତ ଛକା, ୧୧ ବଲ୍‌ରେ ଅର୍ଦ୍ଧଶତକ**

ମେଘାଳୟର ଆକାଶ କୁମାର ଚୌଧାରୀ କ୍ରମାଗତ ୮ ଛକା ମାରି ପ୍ରଥମ ଶ୍ରେଣୀ କ୍ରିକେଟରେ ଏକ ନୂଆ ରେକର୍ଡ କରିଥିବା ବେଳେ ମାତ୍ର ୧୧ ବଲ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରି ଏହି ଫର୍ମାଟରେ ଅନ୍ୟ ଏକ ନୂଆ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଏଠାରେ ଅରୁଣାଚଳ ପ୍ରଦେଶ ବିପକ୍ଷରେ ଏକ ରଣଜୀ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମ୍ୟାଚରେ ସେ ଏହି କୀର୍ତ୍ତିମାନ ଅର୍ଜନ କରିଛନ୍ତି। ସ୍ଥାନୀୟ ସି.କେ. ପିଠାୱାଲା ଗ୍ରାଉଣ୍ଡଠାରେ ମ୍ୟାଚର ଦ୍ୱିତୀୟ ଦିବସରେ ୮ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ୨୫ବର୍ଷୀୟ ଚୌଧାରୀ ଏହି ଚମକପ୍ରଦ ସଫଳତା ହାସଲ କରିଛନ୍ତି। ସେ ୧୪ବଲ୍‌ରେ ୫୦ ରନ କରି ଅପରାଜିତ ରହିଥିଲେ। ତାଙ୍କର ଏହି ଅର୍ଦ୍ଧଶତକ ସହାୟତାରେ ମେଘାଳୟ ଏହାର ପ୍ରଥମ ଇନିଂସ ୬୨୮/୬ରେ ଘୋଷଣା କରିଥିଲା। ଚୌଧାରୀ ପ୍ରଥମ ଶ୍ରେଣୀରେ ଦ୍ରୁତତମ ଅର୍ଦ୍ଧଶତକ ହାସଲରେ ରହିଥିବା ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ପୂର୍ବରୁ ଏହି ରେକର୍ଡ ଲିସେଷ୍ଟରଶାୟାର ୱେନ୍ ହ୍ୱାଇଟ୍‌ଙ୍କ ନାମରେ ରହିଥିଲା। ସେ ୨୦୧୨ରେ ଏସେକ୍ସ ବିପକ୍ଷ ମ୍ୟାଚରେ ମାତ୍ର ୧୨ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ଆହୁରି ମଧ୍ୟ ପ୍ରଥମ ଶ୍ରେଣୀ କ୍ରିକେଟର କ୍ରମାଗତ ୬ ଛକା ଲଗାଇବାରେ ତୃତୀୟ ଖେଳାଳି। ଅନ୍ୟ ଦୁଇ ଜଣ ହେଲେ କିମ୍ବଦନ୍ତୀ ସାର୍ ଗାର୍‌ଫିଲ୍ଡ ସୋବର୍ସ ଏବଂ ଭାରତର ରବି ଶାସ୍ତ୍ରୀ।

# ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ; ଅସିତ, ଲକ୍ଷ୍ମୀ ଚାମ୍ପିୟନ


ମହିଳା ବର୍ଗ ଚାମ୍ପିୟନ ଲକ୍ଷ୍ମୀ ସ୍ୱାଇଁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଗଲ୍ଫ କ୍ଲବ ଆନୁକୂଲ୍ୟରେ ଏଠାରେ ପ୍ରେସିଡେଣ୍ଟ୍ସ ଟ୍ରଫି ଗଲ୍ଫ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାର ୦-୧୬ ହାଣ୍ଡିକାପ ବର୍ଗରେ ଅସିତ ତ୍ରିପାଠୀ ଚାମ୍ପିୟନ ଓ ଦିଗ୍‌ବିଜୟ ସିଂ ରନରଅପ୍ ହୋଇଛନ୍ତି। ବେଷ୍ଟ ଗ୍ରସ୍ ବିବେଚିତ ହୋଇଛନ୍ତି କ୍ୟାପ୍‌ଟେନ ସୁଭାଷ ଦାସ। ସେହିପରି ୧୭-୨୪ ହାଣ୍ଡିକାପ ବିଭାଗରେ ଧନଞ୍ଜୟ ବୋଷ ଓ ପି.ଭି. ମୋହନ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ମହିଳା ବର୍ଗରେ ଲକ୍ଷ୍ମୀ ସ୍ୱାଇଁ ଓ ସୁପର୍ଣ୍ଣା ପଣ୍ଡା ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ଟ୍ରଫି ହାସଲ କରିଛନ୍ତି। ସିନିୟର ବିଭାଗରେ ବ୍ରିଗେଡିୟର କେ.ସି. ବେହେରା ଚାମ୍ପିୟନ ଓ ସୂର୍ଯ୍ୟକାନ୍ତ ମିଶ୍ର ରନରଅପ୍ ହୋଇଛନ୍ତି।

# ଓଡ଼ିଶା ଓପନ ଟେନିସ ଉଦ୍‌ଯାପିତ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଟେନିସ ଆସୋସିଏଶନ (କେଡିଟିଏ) ଆନୁକୂଲ୍ୟରେ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଓଡ଼ିଶା ଓପନ ଟେନିସ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ୮ ଓ ୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ସିନିୟର ପୁରୁଷ ୪୫+ ଡବଲ୍ସ, ୫୫+ ଡବଲ୍ସ ଓ ୬୫+ ଡବଲ୍ସ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ୪୫+ ଡବଲ୍ସରେ ବିବେକ ତିବରୱାଲ-ଶାଶ୍ୱତ ଜେନା ଯୋଡ଼ି ଚାମ୍ପିୟନ ଓ ଗୁଲିଭର ଲୋଇ-ଅରୁଣ କୁମାର ନାୟକ ରନରଅପ୍ ହୋଇଛନ୍ତି। ୫୫+ ଡବଲ୍ସ ଫାଇନାଲରେ ପି.କେ. ମିଶ୍ର-ମନୋଜ ଭଟ୍ଟାଚାର୍ଜୀ ପ୍ରତିପକ୍ଷ ଏସ୍.ଏସ୍. ରଥ ଓ ଅଜୟ ସାହୁଙ୍କୁ ପରାସ୍ତ କରିଛନ୍ତି। ସେହିପରି ୬୫+ ଡବଲ୍ସ ଫାଇନାଲରେ ସୁଶୀଲ କୁମାର ମିଶ୍ର ଓ ପ୍ରଭାତ କୁମାର ବକ୍ସି ଯୋଡ଼ିଙ୍କୁ ହାଇ ଏସ୍.ଏସ୍. ରଥ ଓ ବି.ଏନ୍. ମହାନ୍ତି ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଓଡ଼ିଶା ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି ଚେୟାରମ୍ୟାନ ଅସିତ ମହାପାତ୍ର ମୁଖ୍ୟ ଅତିଥି ଏବଂ ଲଳିତ ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କେଡିଟିଏ ସଭାପତି ମଧୁସୂଦନ ପାଢ଼ୀ, ସମ୍ପାଦକ ଅସିତ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦାମୋଦର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୋଦଙ୍କୁ ୩ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**


ପଦକ ସହ ପ୍ରମୋଦ ଭଗତ।

**ଜାପାନ ପାରା ବ୍ୟାଡ୍‌ମିଣ୍ଟନ**

ଜାପାନର ଟୋକିଓରେ ଅନୁଷ୍ଠିତ ହୁଲିକ୍ ଦାଇହାତସୁ ଜାପାନ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଓଡ଼ିଶାର ପ୍ରମୋଦ ଭଗତ ୩ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ୫ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରମୋଦ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଏହି ସଫଳତା ପାଇଛନ୍ତି। ଏସ୍‌ଏଲ୍‌୩ ସିଙ୍ଗଲ୍ସ ଫାଇନାଲରେ ସେ ଜାପାନର ଦାଇସୁକେ ଫୁଜିହାରାଙ୍କୁ ୧୭-୨୧, ୨୧-୧୯, ୨୧-୧୦ରେ ହରାଇଥିଲେ। ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ପୁରୁଷ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମଙ୍କୁ ଯୋଡ଼ି ଅନ୍ୟତମ ଭାରତୀୟ ଯୋଡ଼ି ଜଗଦୀଶ ଦେଲ୍ଲି ଓ ନବୀନ ଶିବକୁମାରଙ୍କୁ ୨୧-୧୭, ୧୮-୨୧, ୨୧-୧୬ରେ ପରାସ୍ତ କରିଥିଲେ। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏସ୍‌ଏଲ୍‌୩-ଏସ୍‌ୟୁ୫ ମିକ୍ସଡ ଡବଲ୍ସ ଫାଇନାଲରେ ପ୍ରମୋଦ ଓ ମନୀଷା ରାମଦାସଙ୍କ ଯୋଡ଼ି ଭାରତୀୟ ଯୋଡ଼ି ନୀତେଶ କୁମାର ଓ ଥୁଲସିମଥି ମୁରୁଗେଶନଙ୍କୁ ୨୧-୧୯, ୨୧-୧୯ରେ ହରାଇ ଦେଇଥିଲେ। ତେଣୁ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ହିଁ ପ୍ରାଧାନ୍ୟ ବିସ୍ତାର କରିଥିବା ପରିଲକ୍ଷିତ ହୋଇଥିଲା। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ପ୍ରମୋଦଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ସ୍କୁଲ୍ସ ଓପନ ଚେସ୍: ଦିବ୍ୟାଂଶ ଚାମ୍ପିୟନ

**ଭୁବନେଶ୍ୱର, ୯।୧୧ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ସନ୍ତୋଷ କୁମାର ସିଂ ସ୍ମାରକୀ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଦିବ୍ୟାଂଶ ନାୟକ ଓ ସାଇ କ୍ରିଷ୍ଣା ସାମଲ ୪.୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଚାମ୍ପିୟନ ଓ ରନରଅପ୍ ହୋଇଛନ୍ତି। ଓମ୍ ଶତପଥୀ, ମନୀଷ କୁମାର ଦାସ ଓ ସ୍ଥିତପ୍ରଜ୍ଞ ପଟ୍ଟନାୟକ ୪ ପଏଣ୍ଟ ସହିତ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ଭାଇସ୍ ପ୍ରିନ୍ସିପାଲ ପାରମିତା ସାହୁ ଓ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।


ସ୍କୁଲ୍ସ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଏଟିପି ଫାଇନାଲ୍ସରୁ ଓହରିଲେ ଜୋକୋଭିଚ୍

**ଏଥେନ୍ସ, ୯।୧୧ (ଏପି)**

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ କ୍ରମାଗତ ଦ୍ୱିତୀୟ ବର୍ଷ ଏଟିପି ଫାଇନାଲ୍ସରୁ ଓହରି ଯାଇଛନ୍ତି। ଜୋକୋଭିଚ୍ କହିଛନ୍ତି, କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ସେ ଶ୍ରେଷ୍ଠ ପୁରୁଷ ଟେନିସ ୮ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇ ଆସୁଥିବା ସିଜନ ଶେଷ ଇଭେଣ୍ଟରୁ ଓହରିଯାଇଛନ୍ତି। ଟୁର୍ନାମେଣ୍ଟ ଇଟାଲୀର ତୁରିନଠାରେ ରବିବାର ଆରମ୍ଭ ହୋଇଛି। ଏହି ନିଷ୍ପତ୍ତି ଯୋଗୁ ଜୋକୋଭିଚ୍‌ଙ୍କ ସ୍ଥାନ ମୁସେଟିଙ୍କୁ ମିଳିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ